# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୬/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, March 26/2019 | ★★★★★★

୪୫ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନୂଆ ଲୁକ୍‌ରେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ଅପ୍‌କମିଂ ଫିଲ୍ମ 'ଛପାକ'ର ଫାଷ୍ଟ ଲୁକ୍ ସୋମବାର ରିଲିଜ୍ ହୋଇଛି।

୦୮

୧୮

**ବକ୍ସିଂ ରିଙ୍ଗ୍‌କୁ ଫେରିବେ ଫ୍ୟୁରି**

ବ୍ରିଟିଶ ହେଭିୱେଟ୍ ଟାଇସନ ଫ୍ୟୁରି ବକ୍ସିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ ଅବସରରେ ଜର୍ମାନୀର ଟମ୍ ସ୍ୱାର୍ଜଙ୍କ ସହିତ ମୁକାବିଲା କରିବେ।



# ଟିକେଟ୍ ଯୋଗାଡ଼ରେ ପିତା

## ପୁତ୍ର ପାଇଁ ଆସନ ଛାଡ଼ିବାକୁ ପ୍ରସ୍ତୁତ

**ଭୁବନେଶ୍ୱର,୨୫ା୩(ବ୍ୟୁରୋ)**

ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିସାରିଛନ୍ତି। ଆଉ ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ମାର୍ଚ୍ଚ ୨୮ ଏବଂ ଏପ୍ରିଲ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶିତ ହେବ। ତେବେ ଚଳିତ ନିର୍ବାଚନ ପାଇଁ କେତେକ ଏମ୍‌ପି, ପୂର୍ବତନ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକ ବାପାମାନେ ନିଜ ପୁଅମାନଙ୍କ ପାଇଁ ଟିକେଟ୍ ଖଣ୍ଡେ ଯୋଗାଡ କରିବାକୁ ବ୍ୟାକୁଳ ହେଉଛନ୍ତି। ନିଜେ ରାଜନୀତିରୁ ସନ୍ନ୍ୟାସ ନେବେ ଅଥବା କୌଣସି କାରଣରୁ ଦଳ ସେମାନଙ୍କୁ ଟିକେଟ୍ ନ ଦେଇ ପାରେ ବୋଲି ଚିନ୍ତା କରି ପୁତ୍ରମାନଙ୍କୁ ରାଜସିଂହାସନରେ ବସାଇବାକୁ ଦଳର ମୁଖିଆଙ୍କୁ ଗୁହାରି କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ କଂଗ୍ରେସରେ ଥିବା ବରିଷ୍ଠ ବାପାମାନେ ସନ୍ତାନ ପାଇଁ ସବୁ ସୀମାସରହଦ ଡେଇଁଯିବାକୁ ପ୍ରସ୍ତୁତ ଅଛନ୍ତି। ଦୁଇଟି ପର୍ଯ୍ୟାୟ ପାଇଁ ରାଜନୈତିକ ଦଳଗୁଡ଼ିକରେ ପୁଅ କିମ୍ବା ନିଜ ସମ୍ପର୍କୀୟଙ୍କୁ ଟିକେଟ୍ ଦେବା ଦୌଡରେ କେତେଜଣ ବାପା ସଫଳ ହୋଇଥିବା ବେଳେ ଅନ୍ୟ କେତେଜଣ ବିଫଳ ହୋଇଛନ୍ତି। ଏପରିକି ଜଣେ ଜଣେ ବାପା ନିଜର ଦୁଇ ଜଣ ସନ୍ତାନ ପାଇଁ ମଧ୍ୟ ଟିକେଟ୍ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ଚିଟ୍‌ଫଣ୍ଡ କଳଙ୍କ ଯୋଗୁ ଆଗାମୀ ନିର୍ବାଚନରେ ଦଳରୁ ଟିକେଟ୍ ହରାଇବା ଆଶଙ୍କା କରି କେତେକ ବିଧାୟକ ନିଜ ବଦଳରେ ପୁତ୍ରମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ବିଧାୟକ ଭାବେ ଛିଡା କରିବାକୁ ଆଶା ବାନ୍ଧିଛନ୍ତି। ଏପରିକି ଟିକେଟ୍ ନ ମିଳିଲେ ଆସନ୍ତା ନିର୍ବାଚନରେ ପରିଣତି ଭୟଙ୍କର ହେବ ବୋଲି ପରୋକ୍ଷ ଚେତାବନୀ ମଧ୍ୟ ଦେବା ଆରମ୍ଭ କରିଛନ୍ତି। ବିଜେଡି ଓ କଂଗ୍ରେସରେ ବାପ-ପୁଅ ଓ ପରିବାର ବାଦ ଏବେ ରୋଚକ ମୋଡ଼ ନେଇଛି।

ବିଜେଡି ଇତିମଧ୍ୟରେ ଦୁଇଟି ପର୍ଯ୍ୟାୟ ସକାଶେ ଲୋକ ସଭା ଓ ବିଧାନସଭା ପାଇଁ ଟିକେଟ୍ ବାଣ୍ଟି ସାରିଲାଣି। ବିଜେଡି ଘୋଷଣା କରିଥିବା ଲୋକ ସଭା ଓ ବିଧାନସଭା ଆସନ ମଧ୍ୟରେ ଅନଙ୍ଗ ଉଦୟ ସିଂହଦେଓ ନିଜ ଲକ୍ଷ୍ୟ ପୂରଣ କରିସାରିଛନ୍ତି। ସେ ନିଜେ ରାଜ୍ୟ ସଭା ସଦସ୍ୟ ଥିବାବେଳେ ତାଙ୍କର ଦୁଇ ପୁଅଙ୍କୁ ଆସନ୍ତା ନିର୍ବାଚନ ପାଇଁ ବିଜେଡି ଟିକେଟ୍ ଧରାଇବାରେ ସଫଳ ହୋଇଛନ୍ତି। ବଲାଙ୍ଗୀର ଏମ୍‌ପି ଥିବା କଳିକେଶ ନାରାୟଣ ସିଂହଦେଓ ପୁଣି ଥରେ ଏମ୍‌ପି ଟିକେଟ୍ ପାଇଥିବା ବେଳେ ତାଙ୍କ ସାନ ଭାଇ ଅର୍କ ନାରାୟଣ ସିଂହଦେଓ ବଲାଙ୍ଗୀର ବିଧାନସଭାରୁ ଟିକେଟ୍ ପାଇବାରେ ସଫଳ ହୋଇଛନ୍ତି।

☞ପୃଷ୍ଠା-୪

■ ନବୀନଙ୍କ ବିରୋଧରେ କୋଇଲା ଆବଣ୍ଟନ ମାମଲା

## ସିବିଆଇ ତଦନ୍ତ ଶୀଘ୍ର ସାରିବାକୁ ସୁପ୍ରିମକୋର୍ଟରେ ଆବେଦନ






**ନୂଆଦିଲ୍ଲୀ,୨୫ା୩**

କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଚାଲିଥିବା ତଦନ୍ତ ଶୀଘ୍ର ସାରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେବା ଲାଗି ସୋମବାର ସୁପ୍ରିମକୋର୍ଟରେ ଏକ ମାମଲା ଦାଏର ହୋଇଛି। ଆଜକୁ ୫ ବର୍ଷ ପୂର୍ବେ ୨୦୧୪ ମାର୍ଚ୍ଚ ୨୬ରେ ମାମଲା ଦାଏର ହୋଇଥିବା ବେଳେ କେଉଁ କାରଣରୁ ତଦନ୍ତ ବିଳମ୍ବିତ ହୋଇଛି ସେ ସଂକ୍ରାନ୍ତରେ ଜାଣିବା ଲାଗି ଏ ସମ୍ପର୍କିତ ସମସ୍ତ ଫାଇଲ ନୋଟିଂ ଅଦାଲତରେ ଉପସ୍ଥାପନ କରିବାକୁ ଆବେଦନରେ ନିବେଦନ କରାଯାଇଛି।

ଆବେଦନକାରୀ ବୈଭବ ବର୍ମା ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ସିବିଆଇ କୋଇଲା ଆବଣ୍ଟନ ମାମଲାରେ ଜେରା କରିସାରିଛି। ଆର୍‌ସି/୨୦୧୪ ଇ ୦୦୦୭ ସମ୍ପର୍କିତ ମେସର୍ସ ସେଣ୍ଟ୍ରାଲ କୋଲିଆରିଜ କୋ.ଲିମିଟେଡ ଏବଂ ଅନ୍ୟମାନଙ୍କ(ନାଗପୁର)

☞ପୃଷ୍ଠା-୪




### କଂଗ୍ରେସର ୪ ବିଧାନସଭା ପ୍ରାର୍ଥୀ ତାଲିକା

**ରାଉରକେଲା**
ବୀରେନ ସେନାପତି
(ପୂର୍ବରୁ ଘୋଷିତ: ମୁକ୍ତିକାନ୍ତ ବିଶ୍ୱାଳ)

**ହିଞ୍ଜିଳି**
ଶମ୍ଭୁନାଥ ପାଣିଗ୍ରାହୀ
(ପୂର୍ବରୁ ଘୋଷିତ: ରାମକୃଷ୍ଣ ପଣ୍ଡା)

**ଜି ଉଦୟଗିରି**
ଶ୍ୟାମଘନ ପ୍ରଧାନ

**ପାଟଣାଗଡ଼**
ରମେଶ ପୁରୋହିତ

### ଆଜିର ସମ୍ପାଦକୀୟ

**ଅସ୍ୱାସ୍ଥ୍ୟ ସେବା**

### ଆଜିର ମନ୍ତବ୍ୟ

"ବାଲାକୋଟରେ ବାୟୁସେନା କାର୍ଯ୍ୟାନୁଷ୍ଠାନର ରାଜନୀତିକରଣ କରିବା କିମ୍ବା ଏଥିପାଇଁ କେହି ଶ୍ରେୟ ନେବା ଉଚିତ ନୁହେଁ।

-ନୀତୀନ ଗଡକରୀ, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ମାର୍ଚ୍ଚ ୧୫ ସୁଦ୍ଧା ଦେଶରେ ଚିନି ଉତ୍ପାଦନ ୬% ବୃଦ୍ଧି ଘଟି ୨୭୩.୪୭ ଲକ୍ଷ ଟନ୍ ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୨୫୮.୨୦ ଲକ୍ଷ ଟନ୍ ଥିଲା।

– ଆଇଏସ୍ଏମ୍ଏ

■ ୨ ଲୋକ ସଭା ପାଇଁ ଭାଜପାର ପ୍ରାର୍ଥୀ ଘୋଷଣା

# କନ୍ଧମାଳରୁ ଖାରବେଳ, କଟକରୁ ପ୍ରକାଶ

**ଭୁବନେଶ୍ୱର,୨୫ା୩ (ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସବୁ ଦଳ ପ୍ରାର୍ଥୀ ଘୋଷଣା ପରମ୍ପରା ଜାରି ରଖିଛନ୍ତି। ଭାଜପା ପକ୍ଷରୁ ଶନିବାର ସୁଦ୍ଧା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଲୋକ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ବାକି ୬ ଲୋକ ସଭା ଆସନ ମଧ୍ୟରୁ ସୋମବାର ଦଳ ଆଉ ୨ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା


ଖାରବେଳ ସ୍ୱାଇଁ


ପ୍ରକାଶ ମିଶ୍ର

କରିଛି। ବିଗତ ଦିନରେ ଭାଜପା ଛାଡି ଉତ୍କଳ ଭାରତ ଦଳ କରିଥିବା ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ପୁନର୍ବାର ଘର ଲେଉଟା ହୋଇଛନ୍ତି। ସୋମବାର ଖାରବେଳ ବିଧିବଦ୍ଧ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେବା ପରେ ଦଳ ତାଙ୍କୁ କନ୍ଧମାଳ ଲୋକ ସଭା ଆସନ ପାଇଁ ଟିକେଟ ଦେଇଛି। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ବିଜେଡି ଏଥର ଟିକେଟ

☞ପୃଷ୍ଠା-୪

■ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହେଲେ ପୀତାମ୍ବର ଆଚାର୍ଯ୍ୟ, ସନତ ଗଡ଼ତିଆ

■ ବିଳମ୍ବିତ ରାତିରେ ବିଜେପୁର ପ୍ରାର୍ଥୀ ଘୋଷଣା

■ ପ୍ରଶାନ୍ତଙ୍କ ପୁଅଙ୍କୁ ମିଳିଲା ବେଗୁନିଆ ଟିକେଟ

### ଭାଜପାର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

**ଲୋକ ସଭା**

| | |
|---|---|
| କନ୍ଧମାଳ | ମହାମେଘବାହନ ଐର ଖାରବେଳ ସ୍ୱାଇଁ |
| କଟକ | ପ୍ରକାଶ ମିଶ୍ର |

**ବିଧାନସଭା**

| | |
|---|---|
| ଝାରସୁଗୁଡ଼ା | ଦିନେଶ ଜୈନ |
| ରେଢ଼ାଖୋଲ | ଦେବେନ୍ଦ୍ର ମହାପାତ୍ର |
| ଭଣ୍ଡାରିପୋଖରୀ | ବଦ୍ରିନାରାୟଣ ଧଳ |
| ଭଦ୍ରକ | ଡ. ପ୍ରଦୀପ ନାୟକ |
| ଫୁଲବାଣୀ | ଦେବନାରାୟଣ ପ୍ରଧାନ |
| ପାରାଦୀପ | ସମ୍ପଦ ସ୍ୱାଇଁ |
| ଜୟଦେବ | ନରେନ୍ଦ୍ର ନାୟକ |
| ଜଟଣୀ | ବିଶ୍ୱରଞ୍ଜନ ବଡ଼ଜେନା |
| ବେଗୁନିଆ | ଋଷଭ ନନ୍ଦ |
| ହିଞ୍ଜିଳି | ପୀତାମ୍ବର ଆଚାର୍ଯ୍ୟ |
| ବିଜେପୁର | ସନତ ଗଡ଼ତିଆ |

■ ରାହୁଲଙ୍କ ନିର୍ବାଚନୀ ପ୍ରତିଶ୍ରୁତି

# ଅତି ଗରିବଙ୍କୁ ୭୨ ହଜାର ଟଙ୍କା

**ନୂଆଦିଲ୍ଲୀ,୨୫ା୩(ପି.ଟି.)**

ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ ସ୍ୱରୂପ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସୋମବାର ବଡ଼ ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଛନ୍ତି। କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ୨୦ ପ୍ରତିଶତ ଅତି ଗରିବ ପରିବାରଙ୍କୁ ବର୍ଷକୁ ୭୨ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ଯୋଜନାରେ ଦେଶର

### ଉପକୃତ ହେବେ ୨୫ କୋଟି

୫ କୋଟି ଗରିବ ପରିବାରର ୨୫ କୋଟି ଲୋକ ସିଧାସଳଖ ଉପକୃତ ହୋଇପାରିବେ। ଦାରିଦ୍ର୍ୟ ବିରୋଧରେ ଏହା ଶେଷ ଆକ୍ରମଣ ବୋଲି ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଗରିବଙ୍କୁ ନ୍ୟାୟ ପ୍ରଦାନ ଲାଗି କଂଗ୍ରେସ ପ୍ରତିଶ୍ରୁତିବଦ୍ଧ।


ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା।

ଦେଶରୁ ଦାରିଦ୍ର୍ୟ ଦୂର କରିବାକୁ ଦଳ ଏହାର ଶେଷ ଲଢ଼େଇ ଆରମ୍ଭ କରିଥିବାରୁ ଏହା ଏକ ଐତିହାସିକ ଦିନ ବୋଲି ରାହୁଲ କହିଛନ୍ତି। ଦଳର ନିର୍ବାଚନ ଇସ୍ତାହାରକୁ ଚୂଡାନ୍ତ ରୂପ ଦେବା ଲାଗି ଏଆଇସିସି ମୁଖ୍ୟାଳୟରେ ସୋମବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ବସିଥିଲା। ଉକ୍ତ ବୈଠକରେ ଗରିବଙ୍କ ଲାଗି ସର୍ବନିମ୍ନ ଆୟ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକ ଶେଷ ହେବା ପରେ ରାହୁଲ ଉପରୋକ୍ତ ଘୋଷଣା କରିଛନ୍ତି।

☞ପୃଷ୍ଠା-୪





NATIONAL EGG CO-ORDINATION COMMITTEE | 25.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ମାର୍ଚ୍ଚ, ୨୦୧୯



"ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ତାଙ୍କର ଜଣେ ସମ୍ପର୍କୀୟ ମହିଳାଙ୍କ ଲଗେଜ ଯାଞ୍ଚ କରିବାକୁ ଚାହିଁବାରୁ ସୀମାଶୁଳ୍କ ଅଧିକାରୀଙ୍କୁ ରାଜ୍ୟ ପୋଲିସ ଭୟଭୀତ କରାଇଛି ।

- ଶାହନୱାଜ ହୁସେନ, ଭାଜପା ମୁଖପାତ୍ର



## ସଂକ୍ଷେପରେ

### ଆଜମ୍‌ଙ୍କୁ ଟକ୍କର ଦେବେ ଜୟାପ୍ରଦା

ଲକ୍ଷ୍ନୌ,୨୫।୩-ବଲିଉଡ୍ ଅଭିନେତ୍ରୀ ଜୟାପ୍ରଦା ଶେଷରେ ପଦ୍ମ ପୋଖରୀକୁ ଲମ୍ଫ ଦେଇଛନ୍ତି। ପୂର୍ବରୁ ଏଥିପାଇଁ ଚର୍ଚ୍ଚା



ଜୋର୍ ଧରିଥିବା ବେଳେ ଏବେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି। ସୋମବାର ସେ ଭାଜପା ହାତ ଧରିଛନ୍ତି। ତେବେ ଭାଜପା ପକ୍ଷରୁ ସେ ରାମପୁର ଆସନରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ ଆଜମ୍ ଖାଁଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ସମ୍ଭାବନା ଅଛି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ସ୍ପଷ୍ଟ ସୂଚନା ମିଳିବ।

### ମିଲିନ୍ଦ ଦେଓରା ମୁମ୍ବାଇ କଂଗ୍ରେସ ମୁଖ୍ୟ ନିଯୁକ୍ତ

ନୂଆଦିଲ୍ଲୀ,୨୫।୩(ପି.ଟି.)-ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିଲିନ୍ଦ ଦେଓରା ମୁମ୍ବାଇ ଆଞ୍ଚଳିକ କଂଗ୍ରେସ କମିଟି ସଭାପତି ନିଯୁକ୍ତ ହୋଇଛନ୍ତି। ମୁମ୍ବାଇ କଂଗ୍ରେସରେ ଅନ୍ତର୍କନ୍ଦଳ ତେଜିବା ପରେ ଦଳ ହାଇକମାଣ୍ଡ ସଞ୍ଜୟ ନିରୁପମଙ୍କ



ସ୍ଥାନରେ ମିଲିନ୍ଦଙ୍କୁ ଉପରୋକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ନିରୁପମଙ୍କ ମୁମ୍ବାଇ ଉତ୍ତରପଶ୍ଚିମ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ମିଲିନ୍ଦ ହେଉଛନ୍ତି ପୂର୍ବତନ ପେଟ୍ରୋଲିୟମ ମନ୍ତ୍ରୀ ମୁରଲୀ ଦେଓରାଙ୍କ ପୁଅ।

### ନିର୍ବାଚନ ପ୍ରଚାର ପାଇଁ ଟ୍ରେନ୍‌ଯାତ୍ରା କରିବେ ପ୍ରିୟଙ୍କା

ନୂଆଦିଲ୍ଲୀ,୨୫।୩(ପି.ଟି)-କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏବେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଜନତାଙ୍କ ନିକଟତର ହେବାକୁ ସେ ଆପଣାଇଛନ୍ତି ନୂଆ ତରିକା। ନିକଟରେ ନୌକା ଯାତ୍ରା କରି ଜନତାଙ୍କ ନିକଟତର ହୋଇଥିବା ପ୍ରିୟଙ୍କା ଏବେ ଟ୍ରେନ୍‌ରେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ଆସନ୍ତା ୨୭ ତାରିଖରେ ସେ ଦିଲ୍ଲୀରୁ ଫୈଜାବାଦ ମଧ୍ୟରେ ଟ୍ରେନ୍‌ରେ ଯାତ୍ରା କରି ନିର୍ବାଚନ ପ୍ରଚାର କରିବେ। ଏହି ସମୟରେ ସେ ଅଯୋଧ୍ୟାରେ ଏକ ରାଲି କରିବେ ବୋଲି ସୂଚନା ମିଳୁଛି।

# ରାଜସ୍ଥାନ ରାଜ୍ୟପାଳ ଭାଜପା କର୍ମୀ

ନୂଆଦିଲ୍ଲୀ,୨୫।୩

- ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇ ବିବାଦରେ
- ଇସ୍ତଫା ଦାବି କଲା କଂଗ୍ରେସ
- ସାମ୍ବିଧାନିକ ପଦ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଛି



କଲ୍ୟାଣ ସିଂ

କେନ୍ଦ୍ରରେ କ୍ଷମତାସୀନ ଦଳ ବରିଷ୍ଠ ନେତାଙ୍କୁ ରାଜ୍ୟପାଳ ନିଯୁକ୍ତ କରିଥାଏ। ତେବେ ଥରେ ଜଣେ ରାଜ୍ୟପାଳ ହେବା ପରେ ସେ ରାଜନୀତିରୁ ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ରହିବା କଥା। ସେ କୌଣସି ଦଳକୁ ସମର୍ଥନ କରିବା କିମ୍ବା ଉକ୍ତ ଦଳ ପାଇଁ କାର୍ଯ୍ୟ କରିବା ଉଚିତ ନୁହେଁ। ସାମ୍ବିଧାନିକ ପଦମର୍ଯ୍ୟାଦା ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ। କିନ୍ତୁ ଅନେକ ସମୟରେ ରାଜ୍ୟପାଳମାନେ ନୀତି ନୈତିକତା ଭୁଲିଯାଇ ଶାସକ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରିଥାନ୍ତି। ଏହାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଇଛି। ଏବେ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ ଭାଜପା ସପକ୍ଷରେ ନିର୍ବାଚନ ପ୍ରଚାର କରି ବିବାଦରେ ସମସ୍ତଙ୍କୁ ଚପିଯାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଗାମୀ ଲୋକ ସଭା ନିର୍ବାଚନରେ ଜିତାଇବା ଆବଶ୍ୟକ ବୋଲି କହି ରାଜସ୍ଥାନ ରାଜ୍ୟପାଳ ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଏପରି କି ସେ ନିଜକୁ ଭାଜପା କର୍ମୀ ବୋଲି କହିବାକୁ ପଛାଇ ନାହାନ୍ତି। ଆମେ ସମସ୍ତେ ଭାଜପା କର୍ମୀ ଏବଂ ଗୈରିକ ଦଳ ବିଜୟୀ ହେବା ଚାହୁଁ। ମୋଦିଜୀ ପୁଣିଥରେ ପ୍ରଧାନମନ୍ତ୍ରୀ ହେବା ଉଚିତ। ଏହା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲିଗଡଠାରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ କଲ୍ୟାଣ ସିଂ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି। ସାମ୍ବିଧାନିକ ପଦ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା କଲ୍ୟାଣ ରାଜ୍ୟପାଳ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ଭାଜପା ପାଇଁ ପ୍ରଚାର କରି ରାଜସ୍ଥାନ ରାଜ୍ୟପାଳ ନିଜ ପଦ ମର୍ଯ୍ୟାଦା କ୍ଷୁଣ୍ଣ କରିଛନ୍ତି। ଏଥିପାଇଁ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ରାଷ୍ଟ୍ରପତି ବରଖାସ୍ତ କରନ୍ତୁ ବୋଲି ସୁର୍ଜେୱାଲା ଦାବି କରିଛନ୍ତି।

ରାଜ୍ୟପାଳ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ କଲ୍ୟାଣଙ୍କ ଏଭଳି ମନ୍ତବ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏହା ଆଶା କରାଯାଇ ନ ପାରେ। ୧୯୯୧-୯୨ରେ କଲ୍ୟାଣ ସିଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଥିବାବେଳେ ହିନ୍ଦୁ କରସେବକମାନେ ବିବାଦୀୟ ବାବ୍ରୀ ମସ୍‌ଜିଦ ଭାଙ୍ଗିଥିଲେ। ୨୦୦୯ରେ ସେ ଇଟାହ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ଲୋକ ସଭା ନିର୍ବାଚନ ଜିତି ସରକାର ଗଢ଼ିବା ପରେ ତାଙ୍କୁ ରାଜସ୍ଥାନ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ଗତବର୍ଷ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିଲା। କଂଗ୍ରେସ-ଜେଡିଏସ୍ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ସରକାର ଗଢ଼ିବାକୁ ଆବଶ୍ୟକ ବିଧାୟକଙ୍କ ତାଲିକା ଦେବା ସତ୍ତ୍ୱେ ରାଜ୍ୟପାଳ ବଜୁଭାଇ ଭାଲା ଭାଜପା ନେତା ବି.ଏସ୍.ୟେଦୁରପ୍ପାଙ୍କୁ ସରକାର ଗଢ଼ିବାକୁ ଡାକି ବିବାଦ ମଧ୍ୟକୁ ଆସିଥିଲେ। ସେହିପରି ୨୦୧୮ରେ ମେଘାଳୟ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ଏକକ ସଂଖ୍ୟାଗରିଷ୍ଠତା ମିଳିବା ସତ୍ତ୍ୱେ ରାଜ୍ୟପାଳ ଗଙ୍ଗାପ୍ରସାଦ ଏନ୍‌ପିପି ନେତା କନ୍‌ରାଡ ସାଙ୍ଗମାଙ୍କୁ ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ପାଇଁ ସୁଯୋଗ ଦେଇଥିଲେ। ସାଙ୍ଗମା ଭାଜପା ଓ ଅନ୍ୟ ଦଳଗୁଡିକର ସମର୍ଥନରେ ସରକାର ଗଢ଼ିଥିଲେ। ୨୦୧୭ରେ ବିହାରରେ ନୀତୀଶ କୁମାର ନେତୃତ୍ୱାଧୀନ ଜେଡିୟୁ କଂଗ୍ରେସ ଏବଂ ଆରଜେଡି ସହ ସମ୍ପର୍କ ଛିନ୍ନ କରି ଭାଜପା ସମର୍ଥନରେ ସରକାର ଗଢ଼ିବାକୁ ଦାବି ଜଣାଇଥିଲା। ସେତେବେଳେ ଏକକ ସଂଖ୍ୟାଗରିଷ୍ଠ ଦଳ ଆରଜେଡିର ଦାବିକୁ ଅଣଦେଖା କରି ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ସେହିପରି ୨୦୧୭ରେ ଗୋଆ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିବାବେଳେ ଏକକ ସଂଖ୍ୟାଗରିଷ୍ଠ ଦଳ କଂଗ୍ରେସକୁ ସୁଯୋଗ ନ ଦେଇ ରାଜ୍ୟପାଳ ମୃଦୁଳା ସିହ୍ନା ଭାଜପାକୁ ସରକାର ଗଢ଼ିବା ଲାଗି ଆମନ୍ତ୍ରଣ କରି ବିବାଦ ଘେରକୁ ଆସିଥିଲେ।

## ■ ଭାରତରେ ଆକ୍ରମଣ କରିପାରନ୍ତି ଅଲ୍-କାଏଦା, ଆଇଏସ୍
# ଦିଲ୍ଲୀ, ମୁମ୍ବାଇ, ଗୋଆରେ ଆଲର୍ଟ

ନୂଆଦିଲ୍ଲୀ,୨୫।୩(ପି.ଟି.)

ଅଲ-କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ (ଆଇଏସ୍) ଆତଙ୍କବାଦୀମାନେ ଭାରତରେ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଦିଲ୍ଲୀ, ମୁମ୍ବାଇ ଏବଂ ଗୋଆ ପୋଲିସକୁ ସତର୍କ କରିଦିଆଯାଇଛି। ନ୍ୟୁଜିଲାଣ୍ଡ ଘଟଣାର ପ୍ରତିଶୋଧ ନେବାକୁ ଉକ୍ତ ଆତଙ୍କବାଦୀ ସଂଗଠନ ଯୋଜନା କରିଥିବାର ଦୁଇଟି ସୂଚନା ୪ ଦିନ ମଧ୍ୟରେ ମିଳିଛି। ଉକ୍ତ ସୂଚନା ଅନୁଯାୟୀ ଆତଙ୍କବାଦୀମାନେ ଆକ୍ରମଣରେ ବାଇକ୍ କିମ୍ବା ଛୁରି ବ୍ୟବହାର କରିପାରନ୍ତି। ତେଣୁ ଦିଲ୍ଲୀ ଓ ମୁମ୍ବାଇରେ ଥିବା ଇସ୍ରାଏଲ ଦୂତାବାସ ଓ ବାଣିଜ୍ୟିକ ଦୂତାବାସ, ଇହୁଦୀ ଉପାସନା ସ୍ଥଳ ଏବଂ ପ୍ରତିଷ୍ଠାନ ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ସୁରକ୍ଷା ଏଜେନ୍ସିଗୁଡିକୁ ପରାମର୍ଶ ଦିଆଯାଇଛି।

ଗତ ୨୦ ତାରିଖରେ ମିଳିଥିବା ପ୍ରଥମ ସତର୍କ ସୂଚନା ଅନୁଯାୟୀ, ନ୍ୟୁଜିଲାଣ୍ଡ ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣ ଘଟଣାର ପ୍ରତିଶୋଧ ଲାଗି ଆଇଏସ୍ ଯୋଜନା କରିଥିବା ଏକ ଅଡିଓ ଟେପ୍‌ରୁ ଜଣାପଡିଛି। ଆଇଏସ୍ ମୁଖପାତ୍ର ଅବୁ ହାସନ ଅଲମୁହାଜିର ଅଡିଓ ବାର୍ତ୍ତାରେ ତା'ଙ୍କ ସମର୍ଥକମାନଙ୍କୁ ପ୍ରତିଶୋଧ ନେବାକୁ ଆହ୍ୱାନ ଦେଇଛି। ଏହା ଜଣାପଡିବା ପରେ ଦିଲ୍ଲୀ ପୋଲିସ ପକ୍ଷରୁ ଇହୁଦୀ ଉପାସନା ସ୍ଥଳଗୁଡିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ମାର୍ଚ୍ଚ ୨୩ରେ ମିଳିଥିବା ଅନ୍ୟ ସୂଚନା ଅନୁଯାୟୀ ଭାରତରେ ଥିବା ଇହୁଦୀଙ୍କ ଆବାସିକ ପ୍ରତିଷ୍ଠାନ ଏବଂ ଉପାସନା ସ୍ଥଳଗୁଡିକରେ ଅଲ୍-କାଏଦା ଆକ୍ରମଣ କରିବା ସମ୍ଭାବନା ରହିଛି। ଏଥିରେ ଆତଙ୍କବାଦୀ ଅଣପାରମ୍ପରିକ ଅସ୍ତ୍ର ବ୍ୟବହାର କରିପାରନ୍ତି। ଉକ୍ତ ଅଡିଓ ଟେପ୍‌ରେ ଗୋଆର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳ ଉଲ୍ଲେଖ ଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ଇସ୍ରାଏଲ ଦୂତାବାସ ବାହାରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ପାଟ୍ରୋଲିଂ ବଢ଼ାଯିବା ସହ ବିଭିନ୍ନ ସ୍ଥାନରେ ପୋଲିସ ପିକେଟିଂ କରି ସନ୍ଦିଗ୍ଧ ଯାନଗୁଡିକୁ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ୨୦୧୨ରେ ଇସ୍ରାଏଲ ଦୂତାବାସ କର୍ମଚାରୀଙ୍କୁ ଆକ୍ରମଣ କରିବା ଲାଗି ଆତଙ୍କବାଦୀ କାରରେ ବୋମା ଖଞ୍ଜିଥିଲେ।

## ■ ଭିଭିପିଏଟି ଯାଞ୍ଚ ଆବେଦନ
# ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫।୩(ପି.ଟି.)






ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗୋଟିଏ ଲେଖାଏ ଭୋଟର ଭେରିଫିଏବ୍ଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି)ର ନମୁନା ସର୍ଭେ କରାଯିବାକୁ ନିର୍ବାଚନ କମିଶନ (ଇସି) ବ୍ୟବସ୍ଥା କରିଛନ୍ତି। ଏହାଠାରୁ ଅଧିକ ଭିଭିପିଏଟିର ଯାଞ୍ଚ କରାଯାଇପାରିବ କି ନାହିଁ ଆସନ୍ତା ୨୮ ତାରିଖ ସୁଦ୍ଧା ଜଣାଇବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟରଙ୍କୁ ସନ୍ତୁଷ୍ଟ କରିବା ଲାଗି ଭିଭିପିଏଟି ଯାଞ୍ଚ ସଂଖ୍ୟା ବଢ଼ିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧କୁ ଧାର୍ଯ୍ୟ ହୋଇଛି। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଦାବି କରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ଟି ବିରୋଧୀ ଦଳର ନେତା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

# ନିର୍ବାଚନ ବେଳେ ରୋଡ୍ ଶୋ, ବାଇକ୍ ରାଲି ବନ୍ଦ ଆବେଦନ ଖାରଜ

ନୂଆଦିଲ୍ଲୀ,୨୫।୩(ପି.ଟି.)



ନିର୍ବାଚନ ବେଳେ ବାଇକ ରାଲି ଏବଂ ରୋଡ ଶୋ' ନିଷିଦ୍ଧ କରିବା ଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉତ୍ତରପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିକ୍ରମ ସିଂ ଏବଂ ପରିବେଶବିତ୍ ଶୈବିକା ଅଗ୍ରୱାଲଙ୍କ ପକ୍ଷରୁ ଏନେଇ ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ବାଇକ ରାଲି ଓ ରୋଡ ଶୋ' ନିର୍ବାଚନ କମିଶନଙ୍କ ନିୟମାବଳୀର ଉଲ୍ଲଂଘନ କରୁଛି। ଏହା ଶବ୍ଦ ଓ ବାୟୁ ପ୍ରଦୂଷଣ କରିବା ସହ ଟ୍ରାଫିକ ଜାମ୍‌ର କାରଣ ହେଉଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ରାଜନୈତିକ ଶୋଭାଯାତ୍ରା ଓ ରୋଡ ଶୋ'ରେ ୧୦ରୁ ଅଧିକ ଗାଡି ବ୍ୟବହାର କରାଯାଇପାରିବ ନାହିଁ ଏବଂ ଦୁଇଟି ଶୋଭାଯାତ୍ରା ମଧ୍ୟରେ ଅନ୍ୟୂନ ୨୦୦ ମିଟର ଦୂରତା ବଜାୟ ରଖିବା ନିୟମ ଥିବାବେଳେ ଏହାର ଉଲ୍ଲଂଘନ ହେଉଥିବା ପିଟିଶନ୍‌ରେ ଉଲ୍ଲେଖ କରାଯାଇଥିଲା।

### ଚିନୁକ ହେଲିକପ୍ଟର ବାୟୁସେନାରେ ସାମିଲ

ଚଣ୍ଡିଗଡ,୨୫।୩

ବାୟୁସେନାର ଆଧୁନିକୀକରଣ ସ୍ୱରୂପ ସୋମବାର ଏଥିରେ ଆମେରିକା ନିର୍ମିତ ୪ଟି ଚିନୁକ ହେଲିକପ୍ଟର ସାମିଲ ହୋଇଛି। ଏହି ଧରଣର ମୋଟ ୧୫ଟି ପାଇଁ ଅର୍ଡର କରାଯାଇଥିଲା। ଏହି ହେଲିକପ୍ଟର ରାତିରେ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ କରିପାରିବ। ଏହା ସେନାବାହିନୀ ପାଇଁ ଗେମ୍‌ଚେଞ୍ଜର ହେବ ବୋଲି ବାୟୁସେନା ମୁଖ୍ୟ ମାର୍ଶାଲ ବିଏସ୍ ଧନୋଆ କହିଛନ୍ତି।





# କଂଗ୍ରେସରେ ଯୋଗଦେଲେ ସୁଖରାମ

ନୂଆଦିଲ୍ଲୀ,୨୫।୩

ପିଭି ନରସିଂହ ରାଓଙ୍କ ସରକାରରେ ଟେଲିକମ୍ ମନ୍ତ୍ରୀ ଥିବା ବରିଷ୍ଠ ନେତା ସୁଖରାମ ପୁଣି ଥରେ କଂଗ୍ରେସରେ ଯୋଗ ଦେଇଛନ୍ତି। ବ୍ୟାପକ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ୯୧ ବର୍ଷୀୟ ସୁଖରାମ ସୋମବାର ନାତି ଆଶ୍ରୟ ଶର୍ମାଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା ଏବଂ ହିମାଚଳପ୍ରଦେଶ ଦାୟିତ୍ୱରେ ଥିବା ରାଜିନି ପାଟିଲ ଉପସ୍ଥିତ ଥିଲେ। ସୁଖରାମ ଟେଲିକମ୍ ମନ୍ତ୍ରୀ ଥିବାବେଳେ ତାଙ୍କ ବାସଭବନରୁ ସିବିଆଇ ୩.୬ କୋଟି ଟଙ୍କା ଜବତ କରିଥିଲା। ଟେଲିକମ୍ ହାର୍ଡୱେର କିଣାରେ ଦୁର୍ନୀତି ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇଥିଲେ। ଏହି ରାୟ ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ, ଯାହା ଏବେ ବି ବିଚାରାଧୀନ ରହିଛି।

### ଏୟାରଷ୍ଟ୍ରାଇକରେ ୧୩ ନିହତ

କାବୁଲ,୨୫।୩(ଏଏଫ୍‌ପି)-ଉତ୍ତର ଆଫଗାନ ନଗରୀ କୁନ୍ଦୁଜରେ ଆକାଶମାର୍ଗରୁ ଆକ୍ରମଣ ଯୋଗୁ ୧୦ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ତାଲିବାନ ବିରୋଧରେ ଲଢ଼େଇ କରୁଥିବା ସରକାର ସପକ୍ଷବାଦୀ ଅନ୍ତର୍ଜାତୀୟ ବାହିନୀ ପକ୍ଷରୁ ଗ୍ରାଉଣ୍ଡ ଅପରେଶନ୍ କରାଯାଇଥିଲା। ଅପରପକ୍ଷରେ ସଦର୍ନ ହେଲ୍‌ମାଣ୍ଡ ପ୍ରଭିନ୍ସରେ ଥିବା ସେନା ଆଉଟପୋଷ୍ଟ ଉପରେ ତାଲିବାନ୍ ଗୋଷ୍ଠୀ ପକ୍ଷରୁ ଆକ୍ରମଣ ଯୋଗୁ ୨୬ ସୈନ୍ୟ ଓ ୭ ପୋଲିସଙ୍କ ମୃତ୍ୟୁ ଘଟିଛି।

# ଶେଷ ଦିନରେ ନାମାଙ୍କନ ଦାଖଲ

ନୂଆଦିଲ୍ଲୀ,୨୫।୩(ପି.ଟି.)



ନୀତୀନ ଗଡ଼କରୀ



ପୱନ କୁମାର ଚାମ୍‌ଲିଙ୍ଗ



କାର୍ତ୍ତି ଚିଦାମ୍ବରମ



ଫାରୁକ୍ ଅବଦୁଲ୍ଲା



ଏଚ୍.ଡି. ଦେବେଗୌଡ଼ା



ଚୌଧରୀ ଅଜିତ୍ ସିଂ

ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ସୋମବାର ଥିଲା ଶେଷ ଦିନ। ଏଥିସହ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ପତ୍ର ଦାଖଲ ସମୟସୀମା ଆଉ ଗୋଟିଏ ଦିନ ରହିଥିବାରୁ ବିଭିନ୍ନ ଦଳରେ ତତ୍ପରତା ଦେଖାଯାଇଥିଲା। ସୋମବାର ନାମାଙ୍କନ ପତ୍ର ଦାଖଲ କରିଥିବା ନେତାଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ଅଶୋକ ଚଭନ, ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା, ଆର୍‌ଏଲ୍‌ଡି ଅଧ୍ୟକ୍ଷ ଚୌଧରୀ ଅଜିତ୍ ସିଂ ପ୍ରମୁଖ।

କେନ୍ଦ୍ର ସଡକ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତୀନ ଗଡ଼କରୀ ନାଗପୁର ଲୋକ ସଭା ଆସନରୁ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ, ଶକ୍ତିମନ୍ତ୍ରୀ ଚନ୍ଦ୍ରଶେଖର ବୱାନକୁଲେ, ପରିବାର ସଦସ୍ୟ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ୨୦୧୪ରେ ଗଡ଼କରୀ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ବିଳାସ ମୁତ୍ତେମ୍ୱାରଙ୍କୁ ୨.୮୪ ଲକ୍ଷ ଭୋଟରେ ପରାଜିତ କରିଥିଲେ। ଏଥର ମଧ୍ୟ ସେ ବହୁ ବ୍ୟବଧାନରେ ବିଜୟୀ ହେବେ ବୋଲି ଫଡ଼ନବିସ କହିଛନ୍ତି। ଗଡକରୀଙ୍କ ବିରୋଧରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନାନା ପାଟୋଲେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଶିବସେନାରୁ କୃପାଳ ତୁମାନେ ରାମଟେକ୍ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ର କଂଗ୍ରେସ କମିଟି ସଭାପତି ଅଶୋକ ଚଭନ ନାଣ୍ଡେଡ ଆସନରୁ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଏନ୍‌ସିପି ନେତା କମଲ କିଶୋର କାଡାମ ଉପସ୍ଥିତ ଥିଲେ। ଭାଜପା ନେତୃତ୍ୱାଧୀନ ସରକାର ଉପରେ ଲୋକେ ଅତିଷ୍ଠ ହୋଇପଡିଲେଣି। ତେଣୁ ଏଥର ଦେଶରେ କଂଗ୍ରେସ ବିପୁଳ ଆସନରେ ବିଜୟୀ ହେବ ବୋଲି ଚଭନ କହିଛନ୍ତି। ତାଙ୍କ ବିରୋଧରେ ଶିବସେନା ପ୍ରତାପ ଚିଖ୍‌ଲିକରଙ୍କୁ ପ୍ରାର୍ଥୀ କରିଛି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ମାନିକରାଓ ଥାକ୍‌ରେ ମଧ୍ୟ ଶେଷ ଦିନରେ ୟାଭାତମାଲ ନିର୍ବାଚନ ମଣ୍ଡଳୀରୁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।

ତାମିଲନାଡୁର ଶିବଗଙ୍ଗା ଆସନରୁ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ କାର୍ତ୍ତି ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କେନ୍ଦ୍ରରେ ଫାସୀବାଦୀ ଭାଜପା ନେତୃତ୍ୱାଧୀନ ସରକାରକୁ ଲୋକେ କ୍ଷମତାଚ୍ୟୁତ କରିବେ ବୋଲି ସେ କହିଛନ୍ତି।

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ ଅବଦୁଲା ସୋମବାର ଶ୍ରୀନଗର ଲୋକ ସଭା ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଠାରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ। ଅବଦୁଲ୍ଲାଙ୍କ ସହ ତାଙ୍କ ପୁଅ ତଥା ଏନ୍‌ସି ଉପାଧ୍ୟକ୍ଷ ଓମାର ଉପସ୍ଥିତ ଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଅଧ୍ୟକ୍ଷ ଏଚ୍.ଡି. ଦେବେଗୌଡ଼ା ସୋମବାର ଟୁମକୁର ଆସନରୁ ଶାସକ ମେଣ୍ଟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ସହଯୋଗୀ କଂଗ୍ରେସ ଦଳରୁ ଜଣେ ବିଦ୍ରୋହୀ ନେତା ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ଦେବେଗୌଡାଙ୍କ ସହ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

ସିକ୍କିମ ଗଣତାନ୍ତ୍ରିକ ସାମୁଖ୍ୟ (ଏସ୍‌ଡିଏଫ) ଅଧ୍ୟକ୍ଷ ପୱନ କୁମାର ଚାମ୍‌ଲିଙ୍ଗ ଦୁଇଟି ବିଧାନସଭା ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୧୯୯୪ରୁ କ୍ଷମତାରେ ଥିବା ଚାମ୍‌ଲିଙ୍ଗ ଏଥର ଅଷ୍ଟମ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ସେ ନାମଚି-ସିଙ୍ଗିଥାଙ୍ଗ ଏବଂ ପୋକ୍‌ଲୋକ-କମ୍ରାଙ୍ଗ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏପ୍ରିଲ ୧୧ରେ ସିକ୍କିମରେ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

ସେହିପରି ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଚୌଧରୀ ଅଜିତ ସିଂ ସୋମବାର ମୁଜାଫରନଗର ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଏସ୍‌ପି-ବିଏସ୍‌ପି-ଆର୍‌ଏଲଡି ମେଣ୍ଟରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ଭାଜପା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଞ୍ଜୀବ ବଲ୍ୟାନଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ଦେଇନାହିଁ। ଶିବପାଲ ଯାଦବଙ୍କ ପ୍ରଗତିଶୀଳ ସମାଜବାଦୀ ପାର୍ଟି-ଲୋହିଆ (ପିଏସ୍‌ପି-ଏଲ୍) ଉକ୍ତ ଆସନରେ ଓମ୍‌ବୀର ସିଂଙ୍କୁ ପ୍ରାର୍ଥୀ ଦେଇଛି।







## ପୂରଣ ହେଲାନି ବିଜେଡିର ୨୦୧୪ ନିର୍ବାଚନୀ ପ୍ରତିଶ୍ରୁତି

# ସ୍ୱପ୍ନରେ ରହିଗଲା ସବୁ ଗାଁକୁ ପକ୍କା ରାସ୍ତା

**ଭୁବନେଶ୍ୱର, ୨୫।୩**

ରାଜ୍ୟର ସବୁ ଗାଁକୁ ପକ୍କା ରାସ୍ତା ସଂଯୋଗ କରିବାକୁ ୨୦୧୪ ନିର୍ବାଚନୀ ଇସ୍ତାହାରରେ ବିଜୁ ଜନତା ଦଳ (ବିଜେଡି) ପ୍ରତିଶ୍ରୁତି ଦେଇଥିଲା। ଶାସନର ଚତୁର୍ଥ ପାଳି ଶେଷ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବ ବୋଲି କୁହାଯାଇଥିଲେ ହେଁ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ।

ରାଜ୍ୟର ଉପାନ୍ତ ଅଞ୍ଚଳରେ ଗମନାଗମନର ଅସୁବିଧା ତଥା ପକ୍କା ରାସ୍ତା ନ ଥିବାରୁ ଗତ ୫ ବର୍ଷ ମଧ୍ୟରେ ଅନେକ ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଖଟିଆ ଓ ଭେଳାରେ ବୋହି ହସ୍ପିଟାଲକୁ ନେବା ଘଟଣା ଚର୍ଚ୍ଚାରେ ରହିଆସିଛି। ବିଶେଷକରି ନବରଙ୍ଗପୁର ଓ କଳାହାଣ୍ଡି ଜିଲାରେ ଏଭଳି ଘଟଣା ନିତିଦିନିଆ ହୋଇଯାଇଛି। ଏହା କେବଳ ଉପାନ୍ତ ଅଞ୍ଚଳ ନୁହେଁ, ରାଜ୍ୟ ରାଜଧାନୀ ନିକଟସ୍ଥ ଜିଲାରେ ମଧ୍ୟ ଦେଖିବାକୁ ମିଳୁଛି। ଏଠାରେ ଲୋକେ ପକ୍କା ରାସ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜଧାନୀଠାରୁ ମାତ୍ର ୧୦୦ କିମି ଦୂରତା ମଧ୍ୟରେ ଥିବା ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ଡେଙ୍ଗାଝରି ଆଦିବାସୀ ଗ୍ରାମକୁ ଅଦ୍ୟାବଧି ପକ୍କା


ନୂଆପଡ଼ା ଜିଲା ଖୋଲିବିଥାର ଗାଁକୁ ଯାଇଥିବା କଚା ରାସ୍ତା।

ରାସ୍ତା ସଂଯୋଗ ହୋଇପାରି ନାହିଁ। ସ୍ଥାନୀୟ ବାସିନ୍ଦା ଭାଗ୍ୟଲକ୍ଷ୍ମୀଙ୍କ କହିବା ମୁତାବକ, ରାଜଧାନୀ ଠାରୁ ଅଳ୍ପ ଦୂରରେ ହୋଇଥିଲେ ହେଁ ଗ୍ରାମରେ ପକ୍କା ରାସ୍ତା ନାହିଁ। ଯେଉଁ କଚ୍ଚା ରାସ୍ତା ଅଛି ତା'ର ଅବସ୍ଥା ବର୍ଷାଦିନେ ଅତି ଶୋଚନୀୟ ହୋଇପଡ଼େ। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗ କରନ୍ତି। ସେହିପରି ନୂଆପଡ଼ା ଜିଲା ବୋଡେନ ବ୍ଲକ ଅଧୀନ ଖୋଲିବିଥାର ଗ୍ରାମର ସମାନ ଅବସ୍ଥା। ଗ୍ରାମର ରୀନା ଚିଣ୍ଡା କୁହନ୍ତି, ଗାଁକୁ ଯିବା ପାଇଁ ଏକ ଅଣଓସାରିଆ ରାସ୍ତା ରହିଛି। ଏହାଛଡ଼ା ପାଦରେ ଚାଲିଚାଲି ଏକ ଝରଣା ପାର ହୋଇ ମଧ୍ୟ ଯିବାକୁ ପଡ଼ିଥାଏ। ବର୍ଷାଦିନେ ଝରଣାରେ ଜଳସ୍ତର ବୃଦ୍ଧି ପାଇବାରୁ ନୂଆପଡ଼ା ସହ ଗାଁର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ।

ବିଜେଡିର ୨୦୧୪ ନିର୍ବାଚନୀ ଇସ୍ତାହାରରେ କୁହାଯାଇଥିଲା ଯେ, ଗ୍ରାମାଞ୍ଚଳ ଯୋଗାଯୋଗ ଉପରେ ଅଧିକ ଧ୍ୟାନ ଦିଆଯିବ। ଆସନ୍ତା ୫ବର୍ଷ ମଧ୍ୟରେ ସବୁ ଗାଁକୁ କଂକ୍ରିଟ ପକ୍କା କିମ୍ବା ପିଚୁ ରାସ୍ତା ସହ ସଂଯୋଗ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଆରମ୍ଭ କରାଯିବ। ୧୦୦ କିମ୍ବା ଏହାଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଗାଁକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସଡ଼କ ସଂଯୋଗ କରାଯିବ। ମାତ୍ର ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଛି।

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା (ପିଏମଜିଏସୱାଇ) ସହ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୬୦:୪୦ ସହଭାଗିତା ଅନୁପାତରେ କାର୍ଯ୍ୟ କରୁଥିଲେ ହେଁ ଅନେକ ଗାଁ ଏହି ସୁବିଧା ପାଇବାରୁ ବଞ୍ଚିତ ରହିଛି। ଗତ ଫେବୃୟାରୀ ୯ରେ କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପାର୍ଲାମେଣ୍ଟରେ ଦିଆଯାଇଥିବା ଉତ୍ତର ଅନୁଯାୟୀ, ପିଏମଜିଏସୱାଇ ଅଧୀନରେ ଥିବା ଓଡ଼ିଶାର ୭,୬୮୭.୫୬ କିମି ଗ୍ରାମାଞ୍ଚଳ ରାସ୍ତା ଅଦ୍ୟାବଧି ଶେଷ ହୋଇପାରି ନାହିଁ। ଅପରପକ୍ଷରେ ଗତ ୧ ବର୍ଷ ଧରି ୩୨୫୧ କିମି ରାସ୍ତା ନିର୍ମାଣ ଝୁଲି ରହିଛି। ମନ୍ତ୍ରଣାଳୟ ତଥ୍ୟରେ ଆହୁରି ମଧ୍ୟ ଦାବି କରାଯାଇଛି ଯେ, ୨୦୧୪ରେ ପିଏମଜିଏସୱାଇରେ ମଞ୍ଜୁର ହୋଇଥିବା ୨୮୭୨ କିମି ରାସ୍ତା ମଧ୍ୟ ଶେଷ ହୋଇପାରି ନାହିଁ। ୨୦୧୮ ଡିସେମ୍ବରରେ ଅନ୍ୟ ଏକ ଉତ୍ତରରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୨୦୧୮ ନଭେମ୍ବର ସୁଦ୍ଧା ପଛୁଆ ଅଞ୍ଚଳ ପାଇଁ ପିଏମଜିଏସୱାଇରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲା ଲାଗି ୧୯୭୮ଟି ରାସ୍ତା ମଞ୍ଜୁର ହୋଇଥିବାବେଳେ ସେଥିମଧ୍ୟରୁ ୭୬୮ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ।

ଅପରପକ୍ଷରେ ଏହି ପ୍ରୋଜେକ୍ଟରେ କାର୍ଯ୍ୟରତ ଅଧିକାରୀଙ୍କ କହିବା ମୁତାବକ, ବିଳମ୍ବିତ ଟେଣ୍ଡର ପ୍ରକ୍ରିୟା, ଜଙ୍ଗଲ ଅଞ୍ଚଳରେ ଥିବା ରାସ୍ତା ପାଇଁ ଜଙ୍ଗଲ ଓ ପରିବେଶ ଅନୁମତିରେ ବିଳମ୍ବ, ଠିକାଦାରଙ୍କ ଉଦାସୀନତା ଓ ଅନ୍ୟାନ୍ୟ ବିବାଦ ପାଇଁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ˙As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଳେଶ୍ୱର:** ସାଇ ହୀରୋ - 7799766407. **କଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍‌ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍‌ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍‌ସ - 248001, 248002. **ରାଇରଙ୍ଗପୁର:** ମା ସାକନରୀ ମୋଟର୍ସ - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.

## ପୂର୍ବତନ ବିଧାୟକ ପ୍ରାର୍ଥୀଙ୍କୁ ହତ୍ୟା

ଆନନ୍ଦପୁର, ୨୫।୩ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ସୋମବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ସେ ତାଙ୍କ ଧକୋଠାସ୍ଥିତ ବାସଭବନରେ ଥିବାବେଳେ ତାଙ୍କୁ କେତେଜଣ ଲୋକ ଘରୁ ଡାକି ନେଇ ହାତଗୋଡ଼ ବାନ୍ଧି ହାଣିଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ରାଜନୈତିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ



ଅନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100. D-11548

TATA ACE super mint sale. Contact: Sarat Kumar Malu. 9337100223. D-11817

**PURCHASE**

Swarz, Mahindra, Sonalika, eicher tractor ଯେଉଁମାନେ ବିକ୍ରି କରିବାକୁ ଚାହୁଁଛନ୍ତି: 9437619903. D-66301

### real estate

**SALE**

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର ପିତାପଲ୍ଲିଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ। 9937819395.** D-65397

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଜାରିଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5km. ବାସୋପଯୋଗୀ plot 1200 sqft. 4,80,000/- immediate registration/ possession. 9937032327, 9583328312. D-66303

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65306

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-66307

**ପିତାପଲ୍ଲିଛକ NH-5ରୁ 100ft. ଦୂରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

BBSR Forest park duplex, Nayapalli house for rent (Nursing house), Company provide all type of structural work. 8480465439. D-11822

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

Now Matrimonial ads. only on Wednesday & Sunday
Book 1 Get 1 FREE

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

### to-let

Rent for family, 1st floor 2BHK 1500 sqft., 408 Paika Nagar, Delta Colony BBSR. 8249219060, 2560320 Rs.11000 (Negotiable). D-11824

House at Nayapalli near DAV/ Stewart School for family. 9438490107. D-65866

### healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 0674259782 2, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Ayurvedic full body massage ladies/ gents smart experts therapist. 9114697517. D-65859

Sampark ayurvedic massage club fully relaxed by smart lady, home service available. 8280102993. D-65855

## ୧୫ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ସୋମେଶ ଦାସ (କାହ୍ନା)**
କେନ୍ଦ୍ରାପଡା, ମାର୍ଶାଘାଇ, ଶିଳିପୁର।
ଆଜି ତୁମର ପବିତ୍ର ୧୫ତମ ଜନ୍ମଦିବସରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା, ତୁମର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଶୀର୍ବାଦର ସହ- ମାଁ, କେକେ, ଆଈ ଅଜା, ବୋଉ ବାପା, ମାମା ପାପା, ପିଉସୀ ପିଇସା, ଦିଦି, ମାଉସୀ ମଉସା, ମାଇଁ ମାମୁଁ, ସୁଜିତ୍ ଦାଦା ଓ ପରିବାରବର୍ଗ। ଧ-୧୧୮୧୬

## ନିରୁଦ୍ଦିଷ୍ଟ



**ଜୟନ୍ତ୍ୟୁଧର ବେହେରା (ବାପ୍ପୁ)**
୨୩ବର୍ଷ
ବଙ୍ଗୁଆରୀ, ଥାନା-ବାଲିଅନ୍ତା

ଗତ ଡିସେମ୍ବର ୨୨ ତାରିଖ ଶନିବାର ସନ୍ଧ୍ୟା ୭ଟା ସମୟରେ ପାହାଳ ବଜାରଠାରୁ ବାଇକ ନଂ- OR02Z-8633 ଯୋଗେ କେଉଁଆଡେ ପଳାଇଛନ୍ତି। ତାଙ୍କ ସନ୍ଧାନ ପାଇଲେ ଯୋଗାଯୋଗ ପାଇଁ ଅନୁରୋଧ। 8658812581, 9777844615. D-46261


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅତି ଗରିବଙ୍କୁ ...

ଯୋଜନା ବୃତ୍ତାନ୍ତ କରିବା ପୂର୍ବରୁ ଏହାର ଆର୍ଥିକ ଦିଗ ସମ୍ପର୍କରେ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇଛି। ଏଭଳି ଐତିହାସିକ ଯୋଜନା ବିଶ୍ୱର ଅନ୍ୟ କେଉଁଠି କାର୍ଯ୍ୟକାରୀ ହୋଇ ନ ଥିବା ରାହୁଲ କହିଛନ୍ତି। ଏହା ଏକ ଆର୍ଥିକ ଦୂରଦର୍ଶୀ ଯୋଜନା। କଂଗ୍ରେସ କ୍ଷମତାକୁ ଆସିଲେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପରିବାରଗୁଡିକୁ ଚିହ୍ନଟ କରାଯିବ। ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବନିମ୍ନ ଆୟ ସୁନିଶ୍ଚିତ କରାଇବା ଯୋଜନାର ଏହା ଅଂଶବିଶେଷ ବୋଲି କଂଗ୍ରେସ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବଙ୍କୁ ନୁହେଁ ଧନୀଙ୍କୁ ଟଙ୍କା ଯୋଗାଉଥିବା ଅଭିଯୋଗ କରି ରାହୁଲ କହିଛନ୍ତି, ଗତ ୫ ବର୍ଷ ହେଲା ଦୁର୍ଦ୍ଦିନରେ ଥିବା ଗରିବଙ୍କୁ କଂଗ୍ରେସ ନ୍ୟାୟ ଦେବାକୁ ଯାଉଛି। ମୋଦି ଦେଶକୁ ଦୁଇଟି ଭାରତରେ ବିଭକ୍ତ କରିଛନ୍ତି, ଯାହା ଆମେ ହେବାକୁ ଦେବୁନି ବୋଲି ସେ କହିଛନ୍ତି।



# ମନେ ପଡ଼ନ୍ତି

## In Loving Memory



**Late Raghupati Jagan Mohan Patnaik**
15.09.1937-13.03.2012
SOUL IS ETERNAL THERE IS NO BEGINING NO ENDING
Fondly Remembered By
**PATNAIK FAMILY**
BOMIKHAL,RASULGARH, BHUBANESWAR
ଧ-୧୧୮୧୫

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଉତ୍ତମ ନନ୍ଦ**
ବରିଷ୍ଠ ପଣ୍ଡିତ ତଥା ବରଗଡ଼ ଜିଲ୍ଲାର ରାଜନେତା
ଗ୍ରାମ: ଛିନ୍ଦ୍ରାପଲି (ଟୁର୍ଜ୍ଜା)
ଜନ୍ମସ୍ଥାନ: ଗାଇସିଲାଟ, ରାଇସଲପଦର

ସ୍ୱର୍ଗତ ଉତ୍ତମ ନନ୍ଦ (ଟୁର୍ଜ୍ଜା), ଗତ ୨୦।୦୩।୧୯ରେ ଇହଧାମ ତ୍ୟାଗ କଲେ। ସେ ଜଣେ ପ୍ରବୀଣ ଜ୍ୟୋତିଷ ଶାସ୍ତ୍ରଜ୍ଞ ବିଖ୍ୟାତ ପଣ୍ଡିତ, କଠଉମାଲ ଗ୍ରା.ପ.ର ୩ଥର ସରପଞ୍ଚ, ସେବାସମବାୟ ସମିତି ସଭାପତି, ବ୍ଲକ ଉପାଧ୍ୟକ୍ଷ ଥିଲେ। ୮୮ବର୍ଷ-ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତଙ୍କ ସମେତ ଅନେକ ଗଣ୍ୟମାନ୍ୟ ଲୋକ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୬ ପୁଅ, ବୋହୂ, ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ। ବଡ଼ପୁଅ: ଜିତେନ୍ଦ୍ରିୟ ନନ୍ଦ ମୁଖାଗ୍ନି ଦେଇଥିଲେ। ୨୯।୩ ଦଶାହ ଓ ୩୧।୩ ଶୁଦ୍ଧିକ୍ରିୟା। ଧ-୧୧୮୨୬

## ପ୍ରଥମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ପ୍ରତିଭା ପାଣିଗ୍ରାହୀ**
ଶାନ୍ତି ବିହାର, ସୁନାବେଡା
ଆବିର୍ଭାବ: ୦୫।୦୪।୧୯୫୦
ତିରୋଧାନ: ୦୭।୦୩।୨୦୧୮
**ସ୍ୱାମୀ: ପ୍ରଭାତ ସୁନ୍ଦର ପାଣିଗ୍ରାହୀ**

ଜ୍ୟେଷ୍ଠ ପୁତ୍ର: ଜିତେନ ପାଣିଗ୍ରାହୀ, କନିଷ୍ଠପୁତ୍ର: ରୋଷନ ପାଣିଗ୍ରାହୀ, କନ୍ୟା: ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ: ଶୁଭଯାନୀ, ରଶ୍ମିପ୍ରଭା, ଜ୍ୱାଇଁ: ସୀମାଞ୍ଚଳ ପଣ୍ଡା, ପୌତ୍ରାଦି: ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ: କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ: ଦୁର୍ଗା ପ୍ରସନ୍ନ ସାହୁ, ଭାଉଜ: ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୬୩୭୬୮


ପ୍ରଥମ ପୃଷ୍ଠାରୁ...

## ଟିକେଟ୍ ଯୋଗାଡ଼ରେ...

ଅନ୍ୟ ପକ୍ଷରେ ଲୋଇସିଙ୍ଗା ବିଧାୟକ ଯୋଗେନ୍ଦ୍ର ବେହେରା ପୂର୍ବରୁ ନିର୍ବାଚନ ନ ଲଢ଼ିବାକୁ ଘୋଷଣା କରିଥିଲେ। ତାଙ୍କ ପୁତ୍ରକୁ ଟିକେଟ୍ ନ ମିଳିବାରୁ ଯୋଗେନ୍ଦ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଚିଟଫଣ୍ଡ ଦୁର୍ନୀତିରେ ଅଭିଯୁକ୍ତ ଥିବା ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଏବଂ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ବିଶ୍ୱାଳ ଚଳିତ ନିର୍ବାଚନରେ ବିଜେଡିରୁ ଟିକେଟ ପାଇବା ଆଶା କ୍ଷୀଣ। ଏହି ସୁରାକ ପାଇବା ପରେ ଉଭୟ ନିଜ ବିଧାନସଭା ନିର୍ବାଚନମଣ୍ଡଳୀରେ ବୈଠକ ଡାକି ନିଜ ପୁତ୍ରମାନଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଭାତ ତ୍ରିପାଠୀ ପୁତ୍ର ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ବାଙ୍କୀ ବିଧାନସଭା ଆସନ ପାଇଁ ଟିକେଟ ଦେବାକୁ ବିଜେଡି ସଭାପତିଙ୍କ ନିକଟରେ ଗୁହାରି କରିଥିବା ଜଣାପଡଛି। ସେହିପରି ପ୍ରଭାତ ବିଶ୍ୱାଳ ତାଙ୍କ ପୁତ୍ରଙ୍କୁ ଚୌଦ୍ୱାର କଟକ ଆସନରୁ ପ୍ରାର୍ଥୀ କରିବାକୁ ଜୋରସୋର ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ବିଜୟଶ୍ରୀ ରାଉତରାୟ ମଧ୍ୟ ଆସନ୍ତା ନିର୍ବାଚନରେ ବିଧାନସଭା ଆସନ ନିଜ ପୁଅକୁ ଛାଡିବେ ବୋଲି ଚର୍ଚ୍ଚା ହେଉଛି। ବିଜେଡିରୁ ବିଦା ହୋଇଥିବା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଭାଜପାରେ ଯୋଗ ଦେଇ ବାଲିକୁଦା-ଏରସମା ବିଧାନସଭା ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କୁ ବିଜେଡି ପାରାଦୀପରୁ ପ୍ରାର୍ଥୀ କରିବ ବୋଲି ଆଲୋଚନା ହେଉଛି। ବିଜେଡିରୁ ଗତ କିଛି ବର୍ଷ ଧରି ବିଦା ହୋଇଥିବା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇଙ୍କ ପୁତ୍ର ପ୍ରୀତିରଞ୍ଜନ ଘଡାଇଙ୍କୁ ସୁକିନ୍ଦାରୁ ୨୦୧୪ରେ ପ୍ରାର୍ଥୀ କରାଯାଇଥିଲା। ବାପା ପ୍ରଫୁଲ୍ଲ ବିଜେଡିକୁ ଫେରି ଆସିଥିଲେ ମଧ୍ୟ ଚଳିତ ନିର୍ବାଚନ ଲଢିବେ ନାହିଁ ବୋଲି ଘୋଷଣା କରିବା ପରେ ପରେ ପୁତ୍ରକୁ ପୁଣି ଟିକେଟ ମିଳିବା ସମ୍ଭାବନା ଦେଖାଦେଇଛି। ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କଲା ବେଳେ କେଉଁ ଅଶାୟୀଙ୍କ ପୁତ୍ରକୁ ଟିକେଟ ମିଳିବ ତାହା ସ୍ପଷ୍ଟ ହୋଇଯିବ।

କେବଳ ବିଜେଡି ନୁହେଁ କଂଗ୍ରେସରେ ମଧ୍ୟ ପିତା-ପୁତ୍ର ଓ ପରିବାରବାଦ କିଛି କମ୍ ନୁହେଁ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ପୂର୍ବରୁ ନିର୍ବାଚନ ଲଢିବାକୁ ମନା କରିଥିଲେ । ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ସେ ନିଜର ନିଷ୍ପତ୍ତି ବଦଳାଇବାରୁ କଂଗ୍ରେସ ତାଙ୍କୁ ପୁଣି ବଲାଙ୍ଗୀର ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ତେବେ ସେ ତାଙ୍କ ପୁଅକୁ ବଲାଙ୍ଗୀର ଏମ୍‌ପି ସିଟ୍‌ରେ ଛିଡା କରାଇବାରେ ସଫଳ ହୋଇଛନ୍ତି। ସେହିପରି କଳାହାଣ୍ଡିର ପୂର୍ବତନ ଏମ୍‌ପି ଭକ୍ତ ଚରଣ ଦାସ ନିଜ ପୁତ୍ର ସାଗର ଦାସଙ୍କୁ ଭବାନୀପାଟଣା ବିଧାନସଭା ପାଇଁ ଟିକେଟ ଦେବାରେ ସଫଳ ହୋଇଛନ୍ତି। ସେହିପରି ସୁନ୍ଦରଗଡରୁ ଏମ୍‌ପି ଟିକେଟ ପାଇଥିବା ଜର୍ଜ ତିର୍କୀ ତାଙ୍କ ପୁତ୍ର ରୋହିତ ଯୋଶେଫ ତିର୍କୀଙ୍କୁ ବୀରମିତ୍ରପୁର ବିଧାନସଭା ଆସନରୁ ଟିକେଟ ଦେବାରେ ସଫଳ ହୋଇଛନ୍ତି। କଂଗ୍ରେସ ଯଦି ଏହି ଧାରାକୁ ବଜାୟ ରଖିବ ତେବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ପୁତ୍ର ନବଜ୍ୟୋତି ପଟ୍ଟନାୟକ, ଜୟଦେବ ଜେନା ତାଙ୍କ ପୁତ୍ର ସଂଗ୍ରାମ ଜେନା, ଅନନ୍ତ ସେଠୀ ତାଙ୍କ ପୁତ୍ର ଶ୍ରୀ ଚିରଞ୍ଜୀବୀଙ୍କୁ ମଧ୍ୟ କଂଗ୍ରେସ ଟିକେଟ ମିଳିବା ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଭାଜପାରେ ପିତା-ପୁତ୍ର ଯୋଡି କମ ରହିଥିବା ବେଳେ ପତ୍ନୀ-ପତି ଯୋଡି ନିର୍ବାଚନ ମଇଦାନକୁ ଓହ୍ଲାଉଛନ୍ତି। ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ପାଟନାଗଡରୁ ବିଧାନସଭା ଟିକେଟ ପାଇଥିବା ବେଳେ ତାଙ୍କ ପତ୍ନୀ ସଙ୍ଗୀତା ସିଂଦେଓଙ୍କୁ ଦଳ ବଲାଙ୍ଗୀର ଏମପି ଟିକେଟ ଦେଇଛି। ତେବେ ପିତା-ପୁତ୍ରଙ୍କ ଦଳବଦଳ ମଧ୍ୟ ରାଜନୈତିକ ପାଣିପାଗକୁ ଆହୁରି ଉଷ୍ମ କରିଛି। କେତେକ ପିତା ନିଜ ପୁତ୍ର ପାଇଁ ନିଜ ଦଳରୁ ଟିକେଟ ସାଉଁଟିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ଅନ୍ୟ କେତେକ ଝିଅ, ପୁଅ ନିଜ ପିତାଙ୍କ ଦକ୍ଷତା ଉପରେ ଭରସା କରି ନ ପାରି ଅନ୍ୟ ଦଳକୁ ଡିଆଁ ମାରିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ନନ୍ଦ ଭାଜପାରେ ଯୋଗ ଦେଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ ବିଜେଡିରେ ଯୋଗ ଦେଇ ସୁନ୍ଦରଗଡ ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି।

## କନ୍ଧମାଳରୁ ଖାରବେଳ, ...

ନ ଦେବାରୁ ସେ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ଦଳ ପ୍ରାୟତଃ ପ୍ରତ୍ୟୁଷାଙ୍କୁ ଟିକେଟ ଦେଇପାରେ ବୋଲି ରାଜନୈତିକ ମହଲରେ ଅନୁମାନ କରାଯାଉଥିଲା। ମାତ୍ର ସେ ଏଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ବରିଷ୍ଠ ପୋଲିସ୍ ଅଧିକାରୀ ପ୍ରକାଶ ମିଶ୍ର ରବିବାର ଭାଜପାରେ ଯୋଗଦେଇଥିବା ବେଳେ ଦଳ ତାଙ୍କୁ କଟକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛି। ତେବେ ଜଗତ୍‌ସିଂହପୁର, ଯାଜପୁର, ମୟୂରଭଞ୍ଜ ଏବଂ ଭଦ୍ରକ ପାଇଁ ଦଳ ଏ ପର୍ଯ୍ୟନ୍ତ କାହାକୁ ଟିକେଟ ଦେଇନାହିଁ।

ସେହିପରି ଦଳ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୧୨୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦିଆଯାଇ ସାରିଥିବା ବେଳେ ସୋମବାର ଆଉ ୧୧ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଦଳ ପକ୍ଷରୁ ହିଞ୍ଜିଳି ଆସନ ପାଇଁ ପୀତାମ୍ବର ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରାଯାଇଛି। ଏଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ଏଥର ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପୀତାମ୍ବର ପ୍ରାର୍ଥୀ ହେବେ। ବିଜେଡିରୁ ରାଜ୍ୟ ସଭା ଯାଇଥିବା ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ନନ୍ଦଙ୍କୁ ଭାଜପା ବେଗୁନିଆରୁ ପ୍ରାର୍ଥୀ କରିଛି। ରିଷଭ ଗତ ଗୁରୁବାର ନିଜ ସମର୍ଥକଙ୍କ ସହ ଆସି ଭାଜପାରେ ଯୋଗ ଦେଇଥିଲେ। ବହୁଦିନ ହେବ ବେଗୁନିଆ ଆସନରୁ ବିଜେଡି ଟିକେଟରେ ନିର୍ବାଚନ ଲଢିବା ପାଇଁ ରିଷଭ କାର୍ଯ୍ୟକ୍ରମ ଜାରି ରଖିଥିଲେ। ଏପରିକି ରିଷଭ ବେଗୁନିଆରେ ଆଶାୟୀ ଥିବା ଚର୍ଚ୍ଚା ହେଉଥିଲା। ହେଲେ ଟିକେଟ ମିଳିବନି ବୋଲି ଜାଣିବାପରେ ସେ ଭାଜପାରେ ଯୋଗଦେଇଥିଲେ। ଅନ୍ୟପଟେ ଭାଜପା ପକ୍ଷରୁ ଝାରସୁଗୁଡା, ରେଢାଖୋଲ, ଭଣ୍ଡାରିପୋଖରୀ, ଭଦ୍ରକ, ଫୁଲବାଣୀ, ପାରାଦୀପ, ଜୟଦେବ, ଜଟଣୀ ଆସନ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା କରାଯାଇଛି। ସେହିପରି ବିଳମ୍ବିତ ରାତିରେ ବରଗଡ଼ ଜିଲାର ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ସନତ ଗଡ଼ତିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏହି ଆସନରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ସିବିଆଇ ତଦନ୍ତ ଶୀଘ୍ର ...

ବିରୋଧରେ ଆଜକୁ ୫ ବର୍ଷ ପୂର୍ବେ ମାମଲା ଦାଏର ହୋଇଥିବା ବେଳେ ଏହାର ତଦନ୍ତ ତ୍ୱରାନ୍ୱିତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେବା ଲାଗି ଆବେଦନରେ ନିବେଦନ କରାଯାଇଛି। ସେଣ୍ଟ୍ରାଲ କୋଲିଆରିଜ ମାମଲାରେ ଜାଲିଆତି, ଆପରାଧିକ ଆସ୍ଥା ତୁଟିବା ଏବଂ କୋଇଲା ଖଣିର କ୍ୟାପ୍ଟିଭ ବଣ୍ଟନ ନୀତି ବଦଳରେ ଖୋଲା ବଜାରରେ କୋଇଲା ବିକ୍ରି ଅଭିଯୋଗ ହୋଇଛି। ଆବେଦନରେ ଦର୍ଶାଯାଇଛି ଯେ, ୧୯୯୮ରେ ପଞ୍ଜୀକୃତ ହେବା ପୂର୍ବରୁ ସେଣ୍ଟ୍ରାଲ କୋଲିଆରିଜକୁ ମହାରାଷ୍ଟ୍ରର ଟକଲି ଜେନା ବେଲ୍ଲୋରା କୋଇଲା ଖଣି ବଣ୍ଟନ କରାଯାଇଥିଲା। ସେହି ସମୟରେ ପଟ୍ଟନାୟକ କେନ୍ଦ୍ର ସରକାରରେ ଖଣି ମନ୍ତ୍ରୀ ଥିଲେ। ଏଥିରେ କୁହାଯାଇଛି ଯେ, ନବୀନ ପଟ୍ଟନାୟକଙ୍କ ବିରୋଧରେ ଯାଞ୍ଚ ନ ଆଗେଇବାରୁ ଏହି ମାମଲାର ତଦନ୍ତ ଅହେତୁକ ଭାବେ ବିଳମ୍ବ ହୋଇଛି, ଯାହା ଆଦୌ ଗ୍ରହଣୀୟ ନୁହେଁ କି କ୍ଷମାଯୋଗ୍ୟ ନୁହେଁ। ତେବେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ୨୦୧୭ ନଭେମ୍ବର ୨୫ରେ ଜେରା କରାଯାଇଥିବା ଜଣାପଡିଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ତେବେ ନବୀନଙ୍କୁ ଜେରା ପରେ ତଦନ୍ତରେ ବିଳମ୍ବ କରିବାର କୌଣସି କାରଣ ନାହିଁ। ଜେରାର ୨ ବର୍ଷ ବିତିଯିବା ପରେ ମଧ୍ୟ ତଦନ୍ତର ଚୂଡ଼ାନ୍ତ ପରିଣାମ ଆଜିଯାଏ ମିଳିପାରିନାହିଁ ବୋଲି ଆବେଦନକାରୀ ବର୍ମା କହିଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିବିଆଇ ୧୯୯୩ରୁ ୨୦୧୦ ମଧ୍ୟରେ କ୍ୟାପ୍ଟିଭ କୋଇଲା ବ୍ଲକ ବଣ୍ଟନର ତଦନ୍ତ ଜାରି ରଖିଛି।

## ଖୁମକୁଟ୍‌ଠାରେ ହାତୀଛୁଆ ମୃତ

ସଜନାଗଡ଼/ନୀଳଗିରି, ୨୫।୩(ଡି.ଏନ୍.ଏ.)



ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟର ଖୁମକୁଟ୍‌ଠାରେ ଏକ ଛୁଆହାତୀର ମୃତ୍ୟୁ ଘଟିଛି। ଏହା ଏକ ଅଣ୍ଡିରା ହାତୀ ଛୁଆ ଏବଂ ବୟସ ୧୦ ବର୍ଷ। ଛୁଆହାତୀର ମୃତ୍ୟୁ ରକ୍ତହୀନତା କାରଣରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଗତ ୩ ଦିନ ତଳେ ଉକ୍ତ ହାତୀଛୁଆ ଘୋଷାଡ଼ି ହୋଇ ଚାଲୁଥିବା ବନ କର୍ମଚାରୀ ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କୁଲଡିହା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନଙ୍କ ନିର୍ଦ୍ଦେଶରେ ତା'ର ଗତିବିଧି ଉପରେ ନଜର ରଖାଯାଇ ଏକ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଥିଲା। ସୋମବାର ଭୋର୍ ସମୟରେ ଉକ୍ତ ହାତୀଛୁଆ ତଳେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବିଶେଷ କାରଣ ଜଣାପଡ଼ିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ମନକାରକ ଗ୍ରହ ଶନିଙ୍କ ନକ୍ଷତ୍ରସ୍ଥ ହେତୁ ବାହ୍ୟିକ ଦୃଷ୍ଟିରେ ଠିକ୍‌ଜଣାପଡୁଥିଲେ ମଧ୍ୟ ମାନସିକ ସ୍ଥିତିଠିକ୍ ଓଲଟା ରହିବ। କାର୍ଯ୍ୟହାନି ଓ ସାଧାରଣ କଥାକୁ ନେଇ କଳହ ଏହାର ପୃଷ୍ଠଭୂମି ହୋଇପାରେ। ତଥାପି ଆକସ୍ମିକ ଭାବେ ସକାଳୁ ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ପାଦରେ ଆଘାତ ସହ ଅର୍ଥହାନି ସୂଚନା ମଧ୍ୟ ରହିଛି।

**ବୃଷ** ପରିବାରକୁ ନିର୍ଦ୍ଦେଶ କରୁଥିବା ଗ୍ରହ ନିଜ ସ୍ଥାନରୁ ଦୁଃସ୍ଥାନସ୍ଥ ହେତୁ ପାରିବାରିକ ସୌଖ୍ୟ ରହି ନ ପାରେ। ଲୋକ ସମ୍ପର୍କ,ରାଜନୀତି କ୍ଷେତ୍ର ସମସ୍ୟାବହୁଳ ରହିବ, କିନ୍ତୁ ଅସୁବିଧା ହେବନି। ରାଶିରେ ମଙ୍ଗଳ ଯେକୌଣସି ପରିସ୍ଥିତିରେ ସାମ୍ନା କରି ଲକ୍ଷ୍ୟହାସଲ ଦିଗରେ ଅଗ୍ରସର କରାଇପାରନ୍ତି। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିପାରେ।

**ମିଥୁନ** ଗୁରୁ ନକ୍ଷତ୍ରସ୍ଥ ବୁଧ ନିଜର ପୂର୍ବ ସଂକଳ୍ପିତ କାର୍ଯ୍ୟ କରିବା ଦିଗରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବ ନାହିଁ। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମ ନେଇ ଉଚ୍ଚବାଚ ଘଟିବା ସମ୍ୟକ୍ ସୂଚନା ମଧ୍ୟ ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ଘରେ ହେଉ କିମ୍ବା ଅଫିସ୍‌ରେ ମତାନ୍ତର ଘଟିବ। ସର୍ବୋପରି ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଖୁସି ରହିବେ।

**କର୍କଟ** ଆଜି ରବି ଓ ଚନ୍ଦ୍ରଙ୍କ ସ୍ଥିତି ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ସହିତ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରାଇବ। ପଦସ୍ଥବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି କର୍ମକ୍ଷେତ୍ରରେ ସୁଯୋଗର ସଦ୍‌ବ୍ୟବହାରକରି ଖୁସି ରହିପାରନ୍ତି। ଦୂରଯାତ୍ରା,ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ସଙ୍ଗଠନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ବଢ଼ିଆ।

**ସିଂହ** ତୃତୀୟାଧିପ ବୁଧ ସାଙ୍ଗରେ ରହି ରାଶିକୁ ଦେଖୁଥିବାରୁ ବନ୍ଧୁଙ୍କ ପରାମର୍ଶରେ ଅଯାଚିତ ସାହାଯ୍ୟ ପାଇବେ। କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତାକରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ବ୍ୟସ୍ତତା ବଢ଼ିବା ସାଙ୍ଗକୁ କୌଣସି ଜିନିଷ ଘରେ ରହିଯାଇପାରେ । ପରିବାରର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା** ଭାଗ୍ୟସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦେବେ ତାହା ନିଶ୍ଚିତ ପୂରଣ ହୋଇଯିବ। ପରିବାର ସ୍ଥାନରେ ଶନି ଭିତରେ ଭିତରେ ଅଶାନ୍ତିର ମାତ୍ରା ବଢ଼ାଇପାରନ୍ତି। କୋଣଭାବରେ ଶୁକ୍ର ଥିବାରୁ ବହୁଦିନରୁ ବାକିରଖିଥିବା ଲୋକଟି ହଠାତ୍ ଆସି ଟଙ୍କା ଦେଇଯିବେ। ପ୍ରଶାସନ, ରାଜନୀତିରେ ସମସ୍ୟା ସମାଧାନ ରାସ୍ତା ଖୋଜିବାହାର କରିପାରିବେ।

**ତୁଳା** ଚନ୍ଦ୍ର ଓ ବୃହସ୍ପତି ମୁଖଭାବ ମଣ୍ଡନ କରିଥିବାରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ିନେବାରେ କୌଣସି ଅସୁବିଧା ହେବନାହିଁ। ଲୋକସମ୍ପର୍କ ଭଲ ରହିଥିବାରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ନେବାର ପରିକଳ୍ପନା କରିବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା** ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ କ୍ରମଶଃ ଦୂରେଇଯାଉଥିବା ଅନୁଭବ କରିବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମକଲେ ଉପକୃତ ହେବେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ସନ୍ତାନଙ୍କ ଶିକ୍ଷା ସକାଶେ ସଫଳତା ପାଇବେ। ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ସହକର୍ମୀଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜିବାହାର କରିବାରେ ସମର୍ଥ ହେବେ। ମହିଳାମାନଙ୍କୁ ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** ଘରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟମାନଙ୍କ ସହ ତର୍କବିତର୍କ ଓ ବିବାଦ ବଢ଼ିପାରେ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଧାର କରଜ,ଭଡ଼ାସୂତ୍ରରୁ କିମ୍ବା ବକେୟା ଟଙ୍କା ଆଦି ପାଇବେ।

**ମୀନ** ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିବେ। ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହେବା ଦେଖାଯାଏ ଓ ବିଦେଶଯାତ୍ରା ଯୋଗ ରହିଛି। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ମହିଳାମାନେ ନିଜର ପ୍ରାଧାନ୍ୟ ବିସ୍ତାର କରିବେ।

ଆଜି ଚୈତ୍ର କୃଷ୍ଣପକ୍ଷର ସ୍କନ୍ଦଷଷ୍ଠୀ ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା ପ୍ରଥମପାଳି, ତାରାତାରିଣୀ ଯାତ୍ରା,ମାର୍ଚ୍ଚ ୨୬ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା,ମକର ରାଶିର ଘାତବାର,ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୮ ।୪୯ମି. ଗତେ ଘ୧୦ ।୧୯ମି. ମଧ୍ୟେ, ଘ୧୧ ।୪୯ମି. ଗତେ ଘ୧ ।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୯ମି. ଗତେ ଘ୧୧ ।୪୯ମି. ମଧ୍ୟେ, ଘ୨ ।୫୭ମି. ଗତେ ଘ୪ ।୨୮ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ନ ଘ୨ ।୫୪ମି. ଗତେ ଘ୪ ।୨୫ମି. ମଧ୍ୟେ ରାହୁକାଳ।

୧. ସଂକଳ୍ପ ମୁଖ୍ୟାଂଶ
୧ ଓଡ଼ିଶାକୁ ବିଶେଷ ରାଜ୍ୟର ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରାଯିବ ଓ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ।

୨୦୧୪ରେ ଓଡ଼ିଶାବାସୀଙ୍କୁ ଏ ପ୍ରତିଶ୍ରୁତି ଦେଇ କେନ୍ଦ୍ରରେ ଗଢିଲ ସରକାର
କୁଆଡେ ଗଲା ସେ ପ୍ରତିଶ୍ରୁତି ତମର ?
ବିକାଶ ପାଇଁ ମିଳିଥାନ୍ତା ଅଧିକ ଟଙ୍କା । ବହୁ ଯୁବକଯୁବତୀଙ୍କୁ ମିଳିଥାନ୍ତା ରୋଜଗାର ।
୨ଗୁଣ ହୋଇଥାନ୍ତା ଓଡ଼ିଶାରେ ପୁଞ୍ଜିନିବେଶ ।
ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନ ଦିଆଯାଇ ଓଡ଼ିଶା ପ୍ରତି କରାଯାଇଛି ଘୋର ଅବହେଳା ।
ବିଜୁ ଜନତା ଦଳ
ଆଜି ଆସିଛି ଆମପାଇଁ ସୁବର୍ଣ୍ଣ ସୁଯୋଗ ॥ ଏ ଅବହେଳାର ଦେବା ଦୃଢ଼ ଜବାବ ।
୨୧ ରୁ ୨୧ ଆସନରେ ଶଙ୍ଖକୁ ଜିତାଇ ଆଣିବା ॥ ଓଡ଼ିଶାର ହକ୍ ପାଇଁ ଲଢ଼ିବା ।

■ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ସମ୍ବିତ୍

# ଆରମ୍ଭ କଲେ ପ୍ରଚାର ଅଭିଯାନ

**ପୁରୀ ଅଫିସ,୨୫।୩**

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ବିଭିନ୍ନ ଦଳ ପକ୍ଷରୁ ରାଜନୀତି ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ଆରମ୍ଭ କରିଦେଲେଣି ପ୍ରସ୍ତୁତି। କିପରି ଭୋଟରଙ୍କୁ ମନାଇବେ ତାହା ଉପରେ ରଖିଛନ୍ତି ଫୋକସ। ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ମଧ ଏହି ଦୌଡରେ ନିଜକୁ ସାମିଲ କରି ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ବିଧିବଦ୍ଧ ଭାବେ ଆରମ୍ଭ କରିଛନ୍ତି ତାଙ୍କ ପ୍ରଚାର ଅଭିଯାନ। ପୁରୀରେ ପଦ୍ମ ଫୁଟିବ ବୋଲି ଦମ୍ଭୋକ୍ତି ରଖିଥିବା ଭାଜପାର ଏହି ଯୁବ ଚେହେରାଙ୍କୁ ନେଇ ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଜଣେ ଜାତୀୟସ୍ତରୀୟ ନେତା ପୁରୀରୁ ପ୍ରାର୍ଥୀ ହେବା ସେମାନଙ୍କ ପାଇଁ ଗୌରବର କଥା ବୋଲି କହିଛନ୍ତି।

ସୋମବାର ସନ୍ଧ୍ୟାରେ ସମ୍ବିତ୍ ପୁରୀରେ ପହଞ୍ଚିଥିଲେ। ବୀରହରେକୃଷ୍ଣପୁରଠାରୁ ତାଙ୍କୁ ବହୁ ସଂଖ୍ୟାରେ ଦଳୀୟ କର୍ମୀ ବାଇକ୍ ଶୋଭାଯାତ୍ରାରେ ଆଣିଥିଲେ। ବଡ଼ଦାଣ୍ଡ ମାର୍କେଟ ଛକଠାରୁ ଚାଲି ଚାଲି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ସେବାୟତ ମଧୁସୂଦନ ସିଂହାରୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ କରିଥିଲେ। ଅରୁଣ ସ୍ତମ୍ଭ ନିକଟରେ ଆଳତି କରିବା ପରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ପୁରୀ ହେଉଛି ପବିତ୍ର ମାଟି। ଏଠାରୁ ଦଳ ପ୍ରାର୍ଥୀ କରିବା ନିଶ୍ଚିତ ମୋ ପାଇଁ ଗୌରବର ବିଷୟ। ଏବେ ଏହି ମାଟିର ସେବା କରିବାର ସୁଯୋଗ ମିଳିଛି। ଏହା ମହାପ୍ରଭୁଙ୍କ ଇଚ୍ଛା। ଜଗନ୍ନାଥ ମହାପ୍ରଭୁଙ୍କ ଆଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ପଠାଇଛନ୍ତି। ପୁରୀ ଏକ ସାଧାରଣ ସହର ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସହର। ଆଜି ଭାରତ ବର୍ଷରେ ବାରାଣସି ସମେତ ଅନ୍ୟାନ୍ୟ ତୀର୍ଥସ୍ଥଳର ଚର୍ଚ୍ଚା ହେଉଛି। କିନ୍ତୁ ପୁରୀ ବିଷୟରେ ଚର୍ଚ୍ଚା ନ ହେବା ନିଶ୍ଚିତ ଆମ ପାଇଁ ଦୁର୍ଭାଗ୍ୟର ବିଷୟ। ଏବେ ପୁରୀର ସାମଗ୍ରିକ ବିକାଶ ହେବା ଦରକାର। ଏଠାକାର ବେଳାଭୂମି ପ୍ରତି ପର୍ଯ୍ୟଟକଙ୍କ ଆକର୍ଷଣ ଥିଲେ ମଧ ଏହା ଅବହେଳିତ ଅବସ୍ଥାରେ ପଡିଛି। ଏହାର ବିକାଶ କରାଗଲେ ପର୍ଯ୍ୟଟକଙ୍କ ଆଗମନ ଆହୁରି ବୃଦ୍ଧି ପାଇବ। ଫଳରେ ରାଜ୍ୟର ଆର୍ଥିକ ସ୍ଥିତି ମଧ ସୁଦୃଢ ହୋଇପାରିବ। ଶ୍ରୀମନ୍ଦିରରେ କେଉଁ ଆବହମାନ କାଳରୁ ରହି ଆସିଥିବା ପରମ୍ପରା, ରୀତିନୀତି ଭାଙ୍ଗିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଐତିହ୍ୟ ସମ୍ପନ୍ନ ପୁରୀ ସହରର ଯେଉଁଭଳି ବିକାଶ ହେବା କଥା ତାହା ହୋଇନାହିଁ। ଏଠାରେ ଭଲ ଖେଳ ପଡିଆଟିଏ ନାହିଁ କି ଭଲ ହସ୍ପିଟାଲଟିଏ ନାହିଁ। ଅଧିକାଂଶ ରୋଗୀଙ୍କୁ ଏସ୍‌ସିବି ମେଡିକାଲ ଯିବାକୁ ପଡୁଛି। ସିଦ୍ଧମହାବୀର ରେଳ ଫାଟକରେ ଓଭରବ୍ରିଜ୍ ନିର୍ମାଣ ଲାଗି ପୁରୀବାସୀଙ୍କ ଦୀର୍ଘଦିନର ଦାବି ଏ ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ତେଣୁ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀବାସୀଙ୍କ ପାଇଁ ଦୂତ ଭାବେ କାମ କରିବି। ପ୍ରଧାନମନ୍ତ୍ରୀଙ୍କୁ ଜନସାଧାରଣଙ୍କ ଦାବି ଏବଂ ସମସ୍ୟା ଅବଗତ କରାଇବି। ପ୍ରଧାନମନ୍ତ୍ରୀ ଯାହା ସମାଧାନର ପନ୍ଥା ବାହାର କରିବେ ତାହା ଆଣି ପହଞ୍ଚାଇ ଦେବି ବୋଲି କହିଥିଲେ ସମ୍ବିତ୍।

ପୁରୀ ଆସିବା ବାଟରେ ସାକ୍ଷୀଗୋପାଳ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ ସମ୍ବିତ୍। ସାକ୍ଷୀଗୋପାଳସ୍ଥିତ ଭାଜପା କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ସାକ୍ଷୀଗୋପାଳ ମନ୍ଦିରକୁ ପାଛୋଟି ନେଇଥିଲେ।



ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ଅରୁଣ ସ୍ତମ୍ଭ ନିକଟରେ ଆଳତି କରୁଛନ୍ତି।

■ ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ ମାମଲା

# ପୁଞ୍ଜିଲାଲଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୨୫।୩**

ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନ ସୋମବାର ହାଇକୋର୍ଟରେ ଖାରଜ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଥିବା ପ୍ରାଥମିକ ପ୍ରମାଣ ଓ ମାମଲାର ସମ୍ବେଦନଶୀଳତାକୁ ଆଧାର କରି ହାଇକୋର୍ଟ ୧୯ ପୃଷ୍ଠା ସମ୍ବଳିତ ଏହି ରାୟ ଦେଇଛନ୍ତି। ସୂଚନାଥାଉ କି, ପୁଞ୍ଜିଲାଲଙ୍କ ଜାମିନ ଆବେଦନର ଶୁଣାଣି ଗତ ୧୩ ତାରିଖରେ ହାଇକୋର୍ଟରେ ହୋଇଥିଲା। ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ।

ସୂଚନାଯୋଗ୍ୟ, ବଲାଙ୍ଗୀର ପାଟଣାଗଡ଼ ଅଞ୍ଚଳର ସୌମ୍ୟଶେଖର ସାହୁ ୨୦୧୮ ଫେବୃୟାରୀ ୧୮ ତାରିଖରେ ରୀମାରାଣୀଙ୍କୁ ବିବାହ କରିଥିଲେ। ଫେବୃୟାରୀ ୨୩ ତାରିଖରେ ଏହି ନବଦମ୍ପତିଙ୍କ ନିକଟକୁ ଏକ ପାର୍ସଲ ଆସିଥିଲା। ଉକ୍ତ ପାର୍ସଲକୁ ବିବାହ ଗିଫ୍ଟ ଭାବି ଖୋଲିବା ସମୟରେ ତାହା ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସୌମ୍ୟଶେଖର ଓ ତାଙ୍କ ଜେଜେମା' ଜେମାମଣିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିରେ ରୀମାରାଣୀ ଗୁରୁତର ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଇ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ୨୦୧୮ ଏପ୍ରିଲ ୨୫ ତାରିଖରେ ଗିରଫ କରାଯାଇଥିଲା।



ପୁଞ୍ଜିଲାଲ ମେହେର

# ଭାଜପାରୁ ଭରତ ପାଇକଙ୍କ ଇସ୍ତଫା

**ପାରଳାଖେମୁଣ୍ଡି, ୨୫।୩(ସ୍ୱ.ପ୍ର.)**

ଗଜପତି ଜିଲାର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଭରତ ପାଇକ ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାଜପାରେ ରହିଥିଲେ। ତେବେ ଚଳିତ ବିଧାନସଭା ନିର୍ବାଚନରେ ତାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରା ନ ଯିବା ପ୍ରତିବାଦରେ ସେ ଦଳ ଛାଡ଼ିଛନ୍ତି। ସେ ମୋହନା ବିଧାନସଭା ଆସନରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ପାଇଁ ସୋମବାର ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି।

INDIAN STATISTICAL INSTITUTE
203, B. T. ROAD, Kolkata 700 108
ADMISSION NOTICE (2019-2020)
ANNOUNCEMENT
Due to Parliament Elections, ISI Admission Test 2019 has been rescheduled on 5th May 2019.
For details, please refer to the website http://www.isical.ac.in/~admission.
This is in partial modification of the announcement dated 20th January 2019 & 3rd February 2019 on this newspaper.

CCTV CAMERA
ସବୁ ଦେଖୁଛି
For Installation Contact:-UTILITY SERVICES
8984063442

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ଆଡଭାନ୍ସ ଡିପ୍ଲୋମା
ହେୟାର • ବିୟୁଟି ମେକ୍‌ଅପ୍
and work anywhere in the world
80+ Schools | 13 States | 45,000+ Students
Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneshwar

CRAC EDUCATION
(An ISO 9001:2015 Institution)
CELEBRATING 30th ANNIVERSARY
Scholarship - Rs.4500/-
FOR FOLLOWING COURSES
ADCA - PGDCA - PGDSE - PGDTT
Computer Research & Application Centre Pvt. Ltd.
Head Office : N1/282, I.R.C. Village, Bhubaneswar - 751015
E-mail : cracindia@gmail.com, URL : crac.org.in
Mob : 0674-2557552, 9337110960, 8328991033
For New Centres may Contact our Whatsapp No 7008253189

SPOKEN ENGLISH
veta
ଆସନ୍ତୁ ଭଲ ଇଂଲିସ୍ କହିବା
Experts in spoken English
Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

ଭାତୁଡି କିଲଏଡ୍ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି.
ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS
(PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.F.o.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ପରିଦର୍ଶନ କରନ୍ତୁ! ପରିଦର୍ଶନ କରନ୍ତୁ!
ଉତ୍କଳିକା ୧୯୫୯
୬୦ ବର୍ଷର ଉତ୍କର୍ଷ
ଅନୁଗୁଳ ନୂଆ ସୋରୁମ୍
ବସ୍ ଷ୍ଟାଣ୍ଡ ପାଖ
ଉଚ୍ଚ ବାଳିକା ବିଦ୍ୟାଳୟ ନିକଟ
ବିଶେଷ ରିହାତି
୧୦% ହସ୍ତଶିଳ୍ପ ସାମଗ୍ରୀ ଉପରେ
୧୦% + ୨୦% ହସ୍ତତନ୍ତ ସାମଗ୍ରୀ ଉପରେ
ଏବଂ
କର୍ପୋରେଟ୍ ଫେୟାର
ଭୁବନେଶ୍ୱର
ରେଡ଼କ୍ରସ ଭବନ ନିକଟ | ଦୁର୍ଗା ମଣ୍ଡପ ନିକଟ, ସହିଦ ନଗର
ତା.୩୧/୦୩/୧୯ ପର୍ଯ୍ୟନ୍ତ, ସମୟ : ସକାଳ ୧୦ ଘଟିକା ଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ
SALE SALE
ବାର୍ଷିକ କ୍ଲିୟରାନ୍ସ ସେଲ୍
ହସ୍ତତନ୍ତ ସାମଗ୍ରୀ ଉପରେ
୬୦% ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି
ଆଉ ମାତ୍ର ଛଅ ଦିନ
-: ସ୍ଥାନ :-
ଇଣ୍ଡିଆନ ଅଏଲ୍ ଅଫିସ ନିକଟ, ଚନ୍ଦ୍ରଶେଖରପୁର

# ଅସ୍ୱାସ୍ଥ୍ୟ ସେବା

ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରୁଥିବା ନେଇ ଅନେକ ଥର ରିପୋର୍ଟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ହିସାବରେ ଦେଶରେ ଏକନମ୍ବର ସ୍ଥାନ ଅକ୍ତିଆର କରିଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ରହିଥିବା କୁହାଯାଉଛି। ହେଲେ ବାସ୍ତବତା ଦେଖିଲେ ଭିନ୍ନ ଚିତ୍ର ଦିଶୁଛି। ସ୍ୱାସ୍ଥ୍ୟ କ୍ଷେତ୍ରକୁ ଉଦାହରଣ ଭାବେ ନିଆଯାଇପାରେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଆଧାରରେ ପ୍ରସ୍ତୁତ 'ହେଲ୍‌ଥ ଇନ୍‌ଇକ୍ୱାଲିଟି ଆଣ୍ଡ୍ ଇକ୍ୟୁଟି ଇନ୍ ଓଡ଼ିଶା' ରିପୋର୍ଟରୁ ଜଣାପଡ଼ିଛି ଯେ, ରାଜ୍ୟର ମାତ୍ର ୧୩ ପ୍ରତିଶତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ରେ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ଭାରତୀୟ ଜନସ୍ୱାସ୍ଥ୍ୟ ମାନକ (ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ) ତଥ୍ୟ ଅନୁସାରେ ଓଡ଼ିଶାର ପ୍ରତି ପିଏଚ୍‌ସି ୪ରୁ ୬ ଶଯ୍ୟାବିଶିଷ୍ଟ ହେବାକୁ ଧାର୍ଯ୍ୟ କରାଯାଇଛି। ହେଲେ ରାଜ୍ୟରେ ମୋଟ ୧୩୦୫ ପିଏଚ୍‌ସିରେ ମାତ୍ର ୧୦୨୬ ଶଯ୍ୟା ରହିଛି। ସେହିଭଳି ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ୩୦ ଶଯ୍ୟା ବିଶିଷ୍ଟ ହେବାର ନିୟମ ଥିଲେ ହେଁ ୩୭୭ ସିଏଚ୍‌ସିରେ ମାତ୍ର ୫୮୧୭ ଶଯ୍ୟା ରହିଛି, ଅର୍ଥାତ୍ ଲକ୍ଷ୍ୟଠାରୁ ଅଧା କମ୍।

କୁହାଯାଉଛି, ରାଜ୍ୟରେ କର୍ପୋରେଟ୍ ଓ ଘରୋଇ ହସ୍ପିଟାଲ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ସ୍ୱାସ୍ଥ୍ୟ ସୁବିଧା ପାଇପାରୁଛନ୍ତି। ଦେଖିବାକୁ ଗଲେ ପଇସାବାଲା ଲୋକ ଏହିସବୁ ହସ୍ପିଟାଲରୁ ସୁବିଧା ପାଇଥାଆନ୍ତି। କର୍ପୋରେଟ୍ ହସ୍ପିଟାଲଗୁଡ଼ିକର ପ୍ରମୁଖ ଲକ୍ଷ୍ୟ ଲାଭ ହୋଇଥିବାରୁ ଜନସାଧାରଣଙ୍କ କଲ୍ୟାଣ ଦିଗରେ ଏମାନେ କାର୍ଯ୍ୟ କରି ନ ଥାନ୍ତି। ଅନ୍ୟପକ୍ଷରେ ପିଏଚ୍‌ସି ଓ ସିଏଚ୍‌ସିକୁ ଯାଉଥିବା ଲୋକ ସାଧାରଣତଃ ଗ୍ରାମାଞ୍ଚଳର ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର। ସେମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ସକାଶେ ସରକାରଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ। ହେଲେ ଉପକୂଳବର୍ତ୍ତୀ ଅଞ୍ଚଳରେ ନଗଡ଼ା ଭଳି ଚିତ୍ର ଦେଖିବାକୁ ମିଳିଛି। ବାଲେଶ୍ୱର, ଭଦ୍ରକ, ବରଗଡ଼, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂପୁର, କନ୍ଧମାଳ, କେନ୍ଦୁଝର, କୋରାପୁଟ, ସୋନପୁର, ରାୟଗଡ଼ା, ନବରଙ୍ଗପୁର ଆଦି ୧୩ ଜିଲାର କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦୌ ଶଯ୍ୟା ନ ଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଏହି ସମସ୍ୟାକୁ ଆହୁରି ଜଟିଳ କରିଦେଉଛି ଡାକ୍ତରଙ୍କ ଅଭାବ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ପ୍ରତ୍ୟେକ ସ୍ଥାନରେ ପ୍ରତିଟି ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ଦରକାର। ଏଥିପାଇଁ କେହି ଯେଭଳି ଆର୍ଥିକ କଷ୍ଟ ନ ପାଆନ୍ତି, ସେହି ଦିଗରେ ଗୁରୁତ୍ୱ ଦିଆଯିବା ଉଚିତ। ମାତ୍ର ଦେଖାଯାଉଛି, ସାଧାରଣ ଲୋକ ଏହାର ସୁଫଳ ପାଇପାରୁ ନାହାନ୍ତି। ଓଡ଼ିଶାବାସୀଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ଲାଗି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ରାଜ୍ୟର ୭୦ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିଲାଗି ରାଜ୍ୟ ସରକାର ୨୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବା 'ଆୟୁଷ୍ମାନ୍ ଭାରତ' ଯୋଜନାରେ ୧୦ କୋଟି ଗରିବ ଓ ଅସହାୟ ପରିବାରକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। ବାର୍ଷିକ ପ୍ରତି ପରିବାର ପିଛା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ଦେବାର ବ୍ୟବସ୍ଥା ରହିଛି। ବାସ୍ତବରେ ଏହିସବୁ ବୃହତ୍ ଯୋଜନା ମୁଖ୍ୟତଃ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିବା ଭଳି ମନେହୁଏ। କାରଣ ମୌଳିକ ସ୍ୱାସ୍ଥ୍ୟ ସେବା ଗ୍ରାମାଞ୍ଚଳ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀକୁ ଏଯାଏ ମିଳିପାରୁ ନାହିଁ। ଏଥିଲାଗି ତଳୁ ଉପରଯାଏ ଥିବା ବ୍ୟବସ୍ଥା ଦାୟୀ। ସରକାରୀ ସ୍ତରରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଉନ୍ନତ କରାଯିବା ଲାଗି ବ୍ୟୟ ହେଉଥିବା ଅର୍ଥର ପ୍ରତିଟି ହିସାବ ରହିପାରୁ ନ ଥିବାରୁ ଗରିବ ଓ ଅସହାୟ ଏହାର ସୁଫଳ ପାଇପାରୁ ନାହାନ୍ତି। ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବାର ମାନ କିଭଳି ରହୁଛି, ତାହାର ଠିକ୍ ତଦାରଖ କରାଯାଉ ନାହିଁ। ସରକାରୀ ବ୍ୟବସ୍ଥା କର୍ପୋରେଟ୍ ଓ ଘରୋଇ ହସ୍ପିଟାଲକୁ ଗୁରୁତ୍ୱ ଦେଇ ପିଏଚ୍‌ସି ଓ ସିଏଚ୍‌ସିଗୁଡ଼ିକୁ ଅଣଦେଖା କରୁଛି। ଫଳରେ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' କେବଳ ସ୍ଲୋଗାନ୍ ଭିତରେ ରହିଯାଉଛି।

# ଇସ୍ତାହାର ଯଦି ଟେଣ୍ଡର ହୁଅନ୍ତା



ସହଦେବ ସାହୁ

ନିର୍ବାଚନ ମାନିଫେଷ୍ଟୋକୁ ଟେଣ୍ଡର ରୂପେ ଧରିବା କଥାଟା ଅଜବ ଲାଗୁଥିଲେ ବି ଅସମ୍ଭବ ନୁହେଁ। ରାଜନୀତିର ମୂଳଦୁଆ ଅର୍ଥନୀତି। ତାହା ନ ହୋଇଥିଲେ ନେତାମାନେ ଭୋଟରମାନଙ୍କୁ ଏତେ ଟଙ୍କା, ଉପହାର ଓ ମାଗଣା ଭୋଜନ ବାଣ୍ଟନ୍ତେ ନାହିଁ। ଶାନ୍ତିଶୃଙ୍ଖଳା ବଜାୟ ରଖି ଲୋକଙ୍କୁ ନିଜ ନିଜ ମାର୍ଗରେ ବିକଶିତ ହେବାର ସୁବିଧା ଯୋଗାଇବା ଏବଂ ରାଷ୍ଟ୍ରଶକ୍ତିକୁ ସାମୂହିକ ବିକାଶରେ ଲଗାଇବା ହେଉଛି ରାଜନୀତିର ଲକ୍ଷ୍ୟ। କାର୍ଲମାର୍କ୍ସ କହିଥିଲେ, ସମସ୍ତେ ସମାନ ଭାବରେ ବିକଶିତ ହେଲେ ଅର୍ଥାତ୍ ସାମ୍ୟବାଦ ସଫଳ ହେଲେ ରାଷ୍ଟ୍ର ମଉଳିଯିବ, ଷ୍ଟେଟ୍ ୱିଲ୍ ୱିଦର୍ ଆୱେ, ସରକାର ଦରକାର ହେବ ନାହିଁ; ଲୋକେ ସମାନ ସୁବିଧା ପାଉଥିବାରୁ କଳିତକରାଳ ରହିବ ନାହିଁ। ସେହି ଭାଷା, ସେହି ଯୁକ୍ତି, ସେହି ଲକ୍ଷ୍ୟ ଘରୋଇକରଣର ପ୍ରବକ୍ତାମାନେ ବ୍ୟବହାର କରୁଛନ୍ତି। ଏବେ କମ୍ୟୁନିଜମ୍ ବଦଳରେ ଆସିଛି ଲିବରାଲ୍ ଡେମୋକ୍ରାସି ବା ଉଦାର ଗଣତନ୍ତ୍ର। ଉଦାର-ଗଣତନ୍ତ୍ରବାଦୀମାନେ କହନ୍ତି, କାଳକ୍ରମେ ଲୋକେ ନିଜେ ହିଁ ସରକାର ହେବେ, ବଜାର ହିଁ ସେମାନଙ୍କ ଆଚରଣକୁ ନିୟନ୍ତ୍ରିତ କରିବ। ଏବେ ନେତାଏ ଦେଶକୁ ପରିବାର ଏବଂ ରାଜନୀତିକୁ ବ୍ୟବସାୟ ରୂପେ ଦେଖୁଛନ୍ତି। ତାକୁ ନିୟମାନୁମୋଦିତ ବ୍ୟବସ୍ଥା କରିଦେଲେ କ୍ଷତି କ'ଣ?

୧୯୧୭ରୁ ୧୯୯୦, ୭୩ ବର୍ଷ ଭିତରେ କମ୍ୟୁନିଜମ୍ ଯୁଗ ସରିଗଲା। ବିଫଳ ହେଲା ବୋଲି କହିବା ନାହିଁ, କି ଅକାଳ ମୃତ୍ୟୁ କହିବା ନାହିଁ। ୧୯୬୦ ଦଶକରେ ଆରମ୍ଭ ହୋଇଥିବା ଘରୋଇକରଣ ପ୍ରକ୍ରିୟାର ୭୦ ବର୍ଷ ପୂରିଲା ବେଳକୁ, ୨୦୩୦ ସୁଦ୍ଧା ଯଦି ଘରୋଇକରଣର ଅକାଳ ମୃତ୍ୟୁ ହୋଇ ନ ଥାଏ, ତେବେ ରାଜନୀତି ସ୍ଥାନରେ ଅର୍ଥନୀତି କାମ କରିବ। ପଲିଟିକ୍ସ ୱିଲ୍ ୱିଦର୍ ଆୱେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ବିଶୃଙ୍ଖଳାକୁ ଆୟତ୍ତ କରିବା ଲକ୍ଷ୍ୟରେ ବିଲାତ ସରକାର ଦେଶର ଅର୍ଥନୀତିକୁ ନିୟନ୍ତ୍ରଣ କଲା ଭଳି ଶୀର୍ଷରେ ଥିବା ଶିଳ୍ପ ବା ସେବାଗୁଡ଼ିକୁ ରାଷ୍ଟ୍ରାୟତ୍ତ କରିନେଲା। ଆମ ଦେଶର ସରକାର ବି ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ସେୟା କଲା। ରେଳବିଭାଗ, ଇସ୍ପାତ ଶିଳ୍ପ, କୋଇଲା ଉତ୍ତୋଳନ, ଜାହାଜ ନିର୍ମାଣ, ପରିବହନ ତଥା ଜନସାଧାରଣଙ୍କ ସେବାକାରୀ ସଂସ୍ଥା (ପବ୍ଲିକ୍ ୟୁଟିଲିଟିଜ୍)କୁ ରାଷ୍ଟ୍ରାୟତ୍ତ କରିନେଲା। କିନ୍ତୁ ନାଗରିକର ମଙ୍ଗଳ ଆଳରେ ସେଗୁଡ଼ିକ ଶ୍ରମିକ ସଂଗଠନର ସ୍ୱାର୍ଥକୁ ବେଶି ଜଗିଲା, ଗ୍ରାହକର ସେବା ଉପେକ୍ଷିତ ହୋଇପଡ଼ିଲା। କାଳକ୍ରମେ ସେଗୁଡ଼ିକରେ କ୍ଷତି ବଢ଼ିଲା। କର୍ମଜୀବୀ ତଥା ଅଧିକାରୀମାନେ ଭଲ କାମ କରିବା ଲାଗି ପ୍ରେରଣା ପାଇଲେ ନାହିଁ, କାମିକା ଲୋକ ଭିତରେ ନୂଆ କିଛି କରି ଦେଖାଇବାର ଇଚ୍ଛା ବା ସାମର୍ଥ୍ୟ ମଉଳିଗଲା। କାମ କରିବାର ଇଚ୍ଛା ନୁହେଁ, ମଜୁରି ନେବାର ନିଶା ଘାରିଲା, ଲେବର୍ ୟୁନିୟନ ତାକୁ ସମର୍ଥନ କଲା। ଲୋକେ କହିଲେ, ବିଶେଷତଃ ମାର୍କିନ୍ ଲୋକେ କହିଲେ, ଯଦି କୌଣସି ଶିଳ୍ପ ବା ସେବାକୁ ନଷ୍ଟ କରିବାକୁ ଚାହଁ ତ ତାକୁ ସରକାରୀ କରିଦିଅ। ସମାଲୋଚକମାନେ କହିଲେ, ଅସ୍ତ୍ରଶସ୍ତ୍ରରେ ୱାଶିଂଟନ ହାନୋଇଠାରୁ ହଜାରେ ଗୁଣ ଖର୍ଚ୍ଚ କରି ମଧ୍ୟ ଶକ୍ତିଶାଳୀ ଯୁକ୍ତରାଷ୍ଟ୍ର ଦରିଦ୍ର ଭିଏତ୍‌ନାମଠାରୁ ହାରିବାର କାରଣ ସୈନିକମାନଙ୍କ ଚାକିରିଆ ମନୋବୃତ୍ତି। ନିଜ ମାଲିକାନାରେ କ୍ଷତି ହେଲେ ଲୋକ ଦୋକାନ ବନ୍ଦ କରିଦିଏ, ସରକାରୀ ଉଦ୍ୟୋଗ କ୍ଷତିରେ ଚାଲିଲେ ଆହୁରି ବେଶି ପଇସା ଖର୍ଚ୍ଚ କରାଯାଏ। କର୍ମବିମୁଖମାନେ ତଡା ଖାଆନ୍ତି ନାହିଁ, ସେମାନେ ଷ୍ଟ୍ରାଇକ୍ କଲେ ସରକାର ମୁଣ୍ଡ ନୁଆନ୍ତି, ସରକାରୀ ସଂସ୍ଥାମାନ ଉତ୍ପାଦନର କାରଖାନା ନ ହୋଇ କର୍ମଯୋଗାଣର କେନ୍ଦ୍ର ହୋଇଯାଏ। କେବଳ ଉତ୍ପାଦନକାରୀ ଶିଳ୍ପ ନୁହେଁ, ସେବାପ୍ରଦାନକାରୀ ସଂସ୍ଥାମାନେ ବି ଯଥାଯଥ ସୁବିଧା ଯୋଗାନ୍ତି ନାହିଁ। ଶେଷରେ ରାଜକୋଷ କର୍ମଚାରୀଙ୍କ ଦରମା ପାଇଁ ଯଥେଷ୍ଟ ହୁଏ ନାହିଁ, ଯେପରି ଓଡ଼ିଶାରେ ଅତୀତରେ ଘଟିଥିଲା।

ଏହାର ଉତ୍ତରରେ ଆମେରିକାର ଚିନ୍ତାଜୀବୀମାନେ, ବିଶେଷତଃ ନିର୍ବାଚନ ଖର୍ଚ୍ଚ ଉଠାଇବାର ଉପାୟ ଖୋଜୁଥିବା ନେତାମାନେ ପୁଞ୍ଜିବାଦର ନୂଆ ରୂପ ବାଢ଼ିଲେ- ବଜାରର ନିୟମ ହିଁ ଶାସନକୁ ଚଳାଇବ। ସେ ଦେଶର ଜେଲ ବ୍ୟବସ୍ଥାର ଉଦାହରଣ ଦେଖନ୍ତୁ, ପ୍ରତି ବନ୍ଦୀ ପିଛା ବର୍ଷକୁ ପ୍ରାୟ ୨୦,୦୦୦ ଡଲାର ଖର୍ଚ୍ଚ ହେଉଛି, କିନ୍ତୁ ବନ୍ଦୀ କେବେ ସୁଧୁରୁ ନାହିଁ, ଜେଲରୁ ଫେରି ପୁଣି ଅପରାଧ କରୁଛି। ବିଂଶ ବୟସ୍କଟିଏ ଜେଲ ଗଲେ ଜୀବଦ୍ଦଶାରେ ଘରକୁ ଫେରିବାର ସମ୍ଭାବନା ଖୁବ୍ କମ୍। ଅନ୍ୟପକ୍ଷରେ ଶାସକ ଦଳର ନେତା ସହ ସମ୍ପର୍କ ରଖିଥିଲେ, ଜେଲ ଅଧିକାରୀ ଖୁସି ହେଲେ, ଜେଲ ତ ଡାକବଙ୍ଗଳା ବା ସର୍କିଟ୍ ହାଉସ୍ ହୋଇପଡୁଛି। ତେଣୁ ଆମେରିକାରେ ଜେଲ ବ୍ୟବସ୍ଥା ବଦଳିଲାଣି।

ଆଉ ଗୋଟିଏ ଉଦାହରଣ ପୌରପାଳିକାର ପରିମଳ ପରିଚାଳନା। ସହରର ସ୍ୱାସ୍ଥ୍ୟରକ୍ଷା ଦାୟିତ୍ୱ ବେସରକାରୀ ଉଦ୍ୟୋଗୀଙ୍କୁ ଦିଆଯାଉଛି। ଏକ ପକ୍ଷରେ ସହର ଆଗ ଭଳି ଅପରିଷ୍କାର ରହୁନାହିଁ କି ପ୍ରଦୂଷଣ ବଢୁନାହିଁ, ଅନ୍ୟପକ୍ଷରେ ଆବର୍ଜନା ସଫା ଆଳରେ ଗଢ଼ିଉଠିଥିବା ମାଫିଆରାଜ କମି କମି ଯାଉଛି। ପୌର ନିର୍ବାଚନରେ ଟେଣ୍ଡର ହେଲେ ଯେଉଁ ବ୍ୟକ୍ତି ବା ସଂସ୍ଥା ତା'ର ନିର୍ବାଚନୀ ଟେଣ୍ଡରରେ ଅନ୍ୟ ପ୍ରତିଯୋଗୀ ତୁଳନାରେ ଶତକଡା ହିସାବରେ ବେଶି ଭାଗ ଆବର୍ଜନା ଓ ନର୍ଦ୍ଦମା ସଫା କରିବ, ସମ୍ପତ୍ତି ଟିକସ ଓ ଅନ୍ୟ ପ୍ରକାରର ମ୍ୟୁନିସିପାଲ୍ ଟିକସ ଆଦିରେ ବେଶି ଶତାଂଶ କମାଇବ, ସାହି ସାହି ଗଣ୍ଡଗୋଳକୁ ଅଧିକ କମାଇବ, ରାସ୍ତାଘାଟରେ ଅପରାଧ ପରିମାଣ ବେଶି କମାଇବ, ତାକୁ କମିଶନ ବାଛିବେ। ଏକ ସ୍ୱାଧୀନ ଅଡିଟ୍ ସଂସ୍ଥା ସବୁ କାମର ସମୀକ୍ଷା କରିବ, ଯଦି ପ୍ରତିଶ୍ରୁତି ଅନୁଯାୟୀ କାମ ହେଉ ନ ଥାଏ ଉକ୍ତ ଉଦ୍ୟୋଗୀଠାରୁ ସେ ନେଇଥିବା ଅର୍ଥ ସରକାରୀ ଭଣ୍ଡାରକୁ ଫେରିଆସିବ ଏବଂ ସେ ଜାଲିଆତି ଦୋଷରେ ଦଣ୍ଡିତ ହେବ। ଏପରି ହେଲେ ମ୍ୟୁନିସିପାଲ ନିର୍ବାଚନରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭାଗ ନେବେ।

ସବୁ ଦେଶର ପୋଲିସବାହିନୀ କମ୍ପ୍ୟୁଟରରେ ସଜ୍ଜିତ ହେଲେଣି, ତଥାପି କାହିଁକି ପୋଲିସ କାଗଜପତ୍ର ଗୋପନୀୟ ରଖାଯାଉଛି? କମ୍ପ୍ୟୁଟରରୁ ଚୋରି କରୁଥିବା ଲୋକେ (ହ୍ୟାକର୍‌ମାନେ) ସବୁ ଜାଣୁଛନ୍ତି ତ ଲୋକେ ଅପରାଧୀମାନଙ୍କ ବିବରଣୀ ଜାଣିଲେ କ୍ଷତି କ'ଣ? ଆମ ନିର୍ବାଚନରେ ପ୍ରାର୍ଥୀମାନେ ତ ଶପଥପାଠ ଓ ମିଡିଆ ବିଜ୍ଞାପନରେ ନିଜର ଅପରାଧପ୍ରବଣତାର ତଥ୍ୟ ଯୋଗାଉଛନ୍ତି! ବରଂ ସାମାଜିକ ବାସନ୍ଦ ଭୟ ଅପରାଧ କରିବାର ଇଚ୍ଛାକୁ ରୋକିବ। ବ୍ୟକ୍ତି ସ୍ୱାଧୀନତା ପ୍ରବର୍ତ୍ତକମାନେ ସମାଲୋଚନା କରିବେ, କହିବେ କେତେଗୁଡ଼ିଏ ଅପରାଧ ଲୋକେ ଜାଣିବା ଉଚିତ ନୁହେଁ। ଆଜି ନ ହେଲେ କାଲି ତ ଲୋକେ ଜାଣିବେ, 'ଲୋକେ ଜାଣିବେ' ଏ ଭୟ ଅପରାଧପ୍ରବଣ ଲୋକଙ୍କୁ ଅପରାଧ କରିବାରୁ କ୍ଷାନ୍ତ କରିବ, ଅପରାଧୀକୁ ପ୍ରଶ୍ରୟ ଦେଉଥିବା ଦଳର ନେତା ବି ବଦନାମ ହେବେ।

ମଧ୍ୟସ୍ଥ ବା ଓକିଲ ବ୍ୟବସ୍ଥା ଉଠିଯିବ- ଦେବାଳୟରେ ଓ ବିଚାରାଳୟରେ। ପଇସା ଥିବା ମାନେ ଧର୍ମ ଅଛି ଓ ନ୍ୟାୟ ଅଛି - ଏ ଧାରଣା ଉଠିଯିବ। ଦେଶର ଆଇନର ତର୍ଜମା କମ୍ପ୍ୟୁଟରରୁ ମିଳିବ, ନିଜ କମ୍ପ୍ୟୁଟରରୁ ଦେଖି ଆସାମୀ ବା ପ୍ରତିପକ୍ଷ ନିଜେ ମକଦ୍ଦମା ଲଢ଼ିବ, କମ୍ପ୍ୟୁଟର ପ୍ରତ୍ୟେକ ସନ୍ଦେହର ଓ ପ୍ରଶ୍ନର ଉତ୍ତର ଦେବ, କମ୍ପ୍ୟୁଟରକୁ ସମସ୍ତ ପ୍ରମାଣ ଯୋଗାଇ ଅପରାଧୀ ଜାଣିପାରିବ ସେ ଦେଉଥିବା ସଫେଇ କୋର୍ଟରେ ଚଳିବ କି ନାହିଁ। ନ ଚଳିବ ଜାଣିଲେ ସିଏ ଆରମ୍ଭରୁ ଦୋଷ ସ୍ୱୀକାର କରିନେବ; ତେଣୁ ତାକୁ କମ୍ ଦଣ୍ଡ ମିଳିବ, କୋର୍ଟ କଚେରିର ସମୟ ବଞ୍ଚିବ, ଦେଶର ତହବିଲରୁ ଖର୍ଚ୍ଚ କମିବ।

ରାଜନୀତିର ପାରିବାରିକୀକରଣ ବଦଳରେ ଠିକାଦାରୀକରଣ ବରଂ ଭଲ। ତା' ହେଲେ ୨୦୩୦ ବେଳକୁ ରାଜନୈତିକ ଦଳଗୁଡ଼ିକ ଇସ୍ତାହାର ବଦଳରେ ଟେଣ୍ଡର ପକାଇବେ ନିର୍ବାଚନ କମିଶନଙ୍କ ଅଫିସରେ। ସବୁଠାରୁ କମ୍ ଟିକସ, ସବୁଠାରୁ ବେଶି ପରିମାଣର ନିଶ୍ଚିତ ରୋଜଗାର, ଅଶାନ୍ତି ଓ ବିଶୃଙ୍ଖଳାକୁ ଶୂନ ଶତାଂଶକୁ ହ୍ରାସ ଭଳି ନିବିଦା ବା ଟେଣ୍ଡର ଦେଇଥିବା ଦଳର ସୁପ୍ରିମୋଙ୍କୁ କମିଶନ ବାଛିବେ। ବିଭିନ୍ନ ଶ୍ରେଣୀର ନାଗରିକଙ୍କୁ ଆବଶ୍ୟକତା ଅନୁସାରେ ସର୍ବାଧିକ ସେବା ଦେବ କିନ୍ତୁ ସର୍ବନିମ୍ନ ଟିକସ ବସାଇବ- ତାହାର ପରିମାଣ ଟେଣ୍ଡରରେ ସୂଚାଯାଇଥିବ। ସର୍ତ୍ତ ରକ୍ଷାକରି ନ ପାରିଲେ, ଯାହାକୁ ଏକ ନିରପେକ୍ଷ ଅଡିଟ୍ ସଂସ୍ଥା ଯାଞ୍ଚ କରିବ, ରାଜନୈତିକ ଦଳ ରାଷ୍ଟ୍ରକୁ କ୍ଷତିପୂରଣ ଦେବ। ଏବେ ରାଜନୀତିକୁ ପରିବାରର ବ୍ୟବସାୟ ବୋଲି ଭାବିଥିବା ନେତାଏ ସେତେବେଳେ ରାଷ୍ଟ୍ରର ଲାଭକ୍ଷତି ଦୃଷ୍ଟିରୁ ସରକାର ଚଳାଇବେ, କଣ୍ଟ୍ରାକ୍ଟ ପଲିଟିସିଆନ୍ ଚୁକ୍ତିର ଖିଲାପ କଲେ କ୍ଷତିପୂରଣ ଦେବା ସହ ଜେଲ ଯିବେ, ଜେଲ ପରିଚାଳନାରେ ବେଶ୍ ସଫଳ ହୋଇଥିବା ଠିକାଦାର ପାଖରେ ରାଷ୍ଟ୍ର ଚଳାଇବାର କାଇଦା ବା ସ୍କିଲ୍ ଶିଖିବେ।

ଇ-ମେଲ୍: sahadevas@yahoo.com

# ସମର କୋର୍ସ



ସୁଧୀରାଜ ରାଉତ

ଛୋଟିଆ ସହରରେ ମାଟ୍ରିକ ପରୀକ୍ଷା ସରି ନ ଥାଏ। ତିନୋଟି ସ୍ଥାନରେ ସମର କୋର୍ସ ପାଇଁ ବଡ଼ ବଡ଼ ପୋଷ୍ଟର ଲଗାହୋଇଥିବା ଓ କାନ୍ଥ ବାଡ଼ରେ ପାମ୍ପଲେଟ ଛାଇ ହୋଇଯାଇଥିବା ଦେଖିଲି। ଏଇ ସମର କୋର୍ସ କ'ଣ? ଏହା ଆମ ପିଲାଙ୍କ ଜୀବନ ଓ ସମାଜକୁ ପ୍ରଭାବିତ କରୁଛି। ଆମେ କେତେ ଭାବରେ ପିଲାଙ୍କୁ ବୁଝାଇଛୁ- ଦେଖ ଏ ବର୍ଷ ମାଟ୍ରିକ ପରୀକ୍ଷା ଜୀବନ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପିଲା ତା' ଇଚ୍ଛାରେ ହେଉ ଅବା ଆମ ଇଚ୍ଛାରେ ନିଜ ଆବେଗ ଆନନ୍ଦ ସବୁକୁ ରଖିଦେଇ, ଖେଳ, ସାଙ୍ଗସାଥୀ ସବୁ ଛାଡ଼ି ବର୍ଷତମାମ ପରୀକ୍ଷା ପାଇଁ ଲାଗିପଡ଼ିଲା। ପରୀକ୍ଷା ସରିବାର ସପ୍ତାହେ ହୋଇନାହିଁ, ତାକୁ ଏବେ ସମର କୋର୍ସ କରିବାକୁ ପଠାଇବା ପାଇଁ ଘରେ ଘରେ ଯୋଜନା ହେଉଛି। ପାଠ ନାମରେ ଦୋକାନ ଖୋଲିଥିବା ଅନୁଷ୍ଠାନଗୁଡ଼ିକ ମାଛ ଧରିବା ଭଳି ଜାଲମାନ ପାତି ବସିଛନ୍ତି। ଏହାର ପରିଣାମ କେତେ ଯେ ନକାରାତ୍ମକ ତାହା ହୁଏ ତ ଆମେ ଦେଖିପାରୁନୁ ଅବା ନ ଦେଖିବାର ଅଭିନୟ କରୁଛୁ କେଉଁ ରଙ୍ଗିନ ଭବିଷ୍ୟତର ସପ୍ନରେ।

ପିଲାଙ୍କ ମନୋବିଜ୍ଞାନକୁ ନ ବୁଝି ଆଜି ଆମେ ତାଙ୍କୁ ତଥ୍ୟଘୋଷା ଶୁଆରେ ପରିଣତ କରୁଛୁ। ଆମର ଏହି ବର୍ବରତା ପାଇଁ ପିଲାଙ୍କ ଅବଚେତନରେ ଠୁଳ ହେଉଥିବା ଅସନ୍ତୋଷର ପ୍ରତିକ୍ରିୟା ହେଉଛି- ପିଲାଟି ବଡ଼ ହେବା ପରେ, ନିଜେ ସ୍ୱାଧୀନ ଭାବେ ବଞ୍ଚି ଶିଖିବା ପରେ ମାଆବାପାଙ୍କୁ ହତାଦର କରୁଛି। ଆଜି ବହୁପିଲା ଟିକେ ବଡ଼ ହେବା, ସ୍ୱାଧୀନତା ପାଇବା ପରେ ନିଶାଗ୍ରସ୍ତ ହେଉଛନ୍ତି କାହିଁକି? ଉତ୍ତର ସହଜ- ଯେଉଁ ଆନନ୍ଦରୂପୀ ଜୀବନ ଆଧାରରୁ ପିଲାଟିକୁ ବଞ୍ଚିତ କରିଥିଲୁ ତାହା ସେ ମଦନିଶାରେ ଖୋଜୁଛି। ପ୍ରକୃତ ଆନନ୍ଦ, ସ୍ୱାଭାବିକ ଜୀବନ ଛନ୍ଦ ସହ ଯଦି ପିଲାଟି ଯୁକ୍ତ ହୋଇ ନ ପାରେ ଏହିଭଳି କୃତ୍ରିମ ଆନନ୍ଦ ମଧ୍ୟରେ ନିଜକୁ ନଷ୍ଟ କରିଦିଏ। ଆନନ୍ଦ ଏକ ବ୍ୟାପକ, ଗଭୀର ଶବ୍ଦ। ଯାହାର ସହଜ ଅର୍ଥ- ଯେଉଁଠି ଜୀବନ ମୋଟେ ବୋଝ ହୋଇ ନ ଥାଏ, ସମୟ ଚାପ ହୋଇ ନ ଥାଏ। ମନେକର ମୁଁ ଚିତ୍ର କରୁଛି, ଚିତ୍ର ଅଙ୍କାରେ ଏଭଳି ହଜିଯାଇଛି ଯେ ମୋ ଅସ୍ତିତ୍ୱ ଭୁଲିଛି, ଭୁଲିଛି ସମୟର ଚାପ। ଏହିଭଳି ମୁହୂର୍ତ୍ତ ସବୁ ଶ୍ରେଷ୍ଠ ଚିତ୍ର, ଶ୍ରେଷ୍ଠ ଦର୍ଶନ, ନୂତନ ବିଜ୍ଞାନ ଓ କାଳଜୟୀ କାବ୍ୟକୁ ଜନ୍ମଦେଇଛି। ଆଜି ଆମେ ପିଲାଙ୍କୁ ପାଠ ନାମରେ ପିଲାଙ୍କ ଉପରେ ଅସହ୍ୟ ଚାପ ଓ ବୋଝ ଲଦିଦେଉଛୁ। ସମର କୋର୍ସ ଏହାର ସର୍ବୋତ୍ତମ ଉଦାହରଣ।

ମୁଁ ଯେଉଁଠି ରହେ ସେଇଠୁ ସ୍କୁଲ ଖୁବ୍ ନିକଟ। ସ୍କୁଲର ଘଣ୍ଟାଶବ୍ଦ ମୋତେ ଶୁଭେ। କିନ୍ତୁ ଯେଉଁ ସମୟରେ ଛୁଟିଘଣ୍ଟା ବାଜେ, ଏକ ଆନନ୍ଦ ଉଲ୍ଲାସର ବହଳିଆ ତରଙ୍ଗକୁ ମୁଁ ମୋ ଘରେ ବସି ଛୁଇଁପାରେ। ସମର କୋର୍ସକୁ ପିଲାଙ୍କୁ ପଠାଉଥିବା ବେଳେ ଆମେ ଏଇ କଥାଟିକୁ ମନେପକାଇବା ସ୍କୁଲ ଛୁଟି ହେଲେ ପିଲାର ଖୁସି, ଆନନ୍ଦ ଆମକୁ କ'ଣ କହୁଛି? ସେ ଏବେ ସାଙ୍ଗ ସହ ଖେଳିବ, ବାୟାଚଢ଼େଇ କେମିତି ବସା ବାନ୍ଧୁଛି ଦେଖିବ, ଗୁଡ଼ି ଉଡ଼ାଇ ନିଜେ ଗୁଡ଼ି ହୋଇଉଡ଼ିବ, ସନ୍ଧ୍ୟାରେ ନୀଡ଼କୁ ଫେରୁଥିବା ପକ୍ଷୀଙ୍କୁ ଦେଖି ଆତ୍ମହରା ହେବ... ଏହା ହିଁ ତ ଆନନ୍ଦ। ଯେଉଁଠି ନିଜର ଅସ୍ତିତ୍ୱ ପିଲାଟି ଭୁଲିଥାଏ ଏବଂ ସମୟର ଚାପ...। ବହୁ ଗବେଷଣାରୁ ଏହା ପ୍ରମାଣିତ ଯେ, ଏହିଭଳି ଜୀବନ ପିଲାଟିକୁ ଏକ ସୁସ୍ଥ, ଦାୟିତ୍ୱବାନ୍ ପ୍ରେମପୂର୍ଣ୍ଣ ଜୀବନ ଦେଇଥାଏ। ମାନବତାର ମହାନ୍ ଶିକ୍ଷକ ଲିଓ ଟଲଷ୍ଟୟଙ୍କର ବହୁ ମୂଲ୍ୟ ପ୍ରଶ୍ନଟିଏ ମନେ ପଡୁଛି- ପିଲାଟି ଶ୍ରେଣୀଗୃହର ବ୍ଲାକ୍‌ବୋର୍ଡରୁ ବେଶି ଶିଖେ ନା ଶ୍ରେଣୀଗୃହ ଝରକା ବାହାରେ ଯେଉଁ ପୃଥିବୀ ତାକୁ ଡାକୁଛି ସେଠୁ ବେଶି ଶିଖେ? ପିଲାଟିକୁ ସମର କୋର୍ସକୁ ପଠାଇବା ପୂର୍ବରୁ ପ୍ରତିଟି ମା' ବାପା ଏଇ ପ୍ରଶ୍ନ ନିଜକୁ ଅନେକ ଥର ପଚାରିବା ଆବଶ୍ୟକ।

ଆଉ ଏକ ଗବେଷଣା ଆପଣମାନଙ୍କ ନିଦ ଭାଙ୍ଗିବାକୁ କହୁଛି- ଅତିରିକ୍ତ ପାଠ ବୋଝ ପିଲାମାନଙ୍କ ଉପରେ କିଭଳି ପ୍ରଭାବ ପକାଏ ତାହା ଜାଣିବା ପାଇଁ କିଛି ପିଲାଙ୍କୁ ବଛାଗଲା, ଯେଉଁମାନଙ୍କୁ ପାଠ-ଟ୍ୟୁଶନ-ପାଠ ଛଡ଼ା ଆଉ କୌଣସିଥିରେ ସୁଯୋଗ ଦିଆଯାଏ ନାହିଁ। ଖେଳିବା, ଅନ୍ୟ ପିଲାଙ୍କ ସହ ସାଥିହେବା, ପ୍ରକୃତି ସହ ମିଶିବା ସେମାନଙ୍କ ଜୀବନରେ ମୋଟେ ଜୁଟେ ନାହିଁ। ଏହି ପିଲାଙ୍କୁ ମେଳିକରି ସେମାନଙ୍କ ଗହଣରେ ଦୁଇଟି କୁକୁରଛୁଆ ଛଡ଼ାଗଲା, ଦେଖାଗଲା କେଉଁ ପିଲା କୁକୁର ଛୁଆଟିର କାନକୁ ମୋଡ଼ିଦେଉଛି, ଆଉ କିଏ ଲାଞ୍ଜକୁ ଟାଣିଦେଇ ଖୁସି ହେଉଛି। ଛୁଆକୁକୁର ଦୁଇଟି କେଁ କେଁ ହେଲେ ପିଲାମାନେ ହସି ଉଠୁଛନ୍ତି। ପୁଣି କିଏ ମୁଠାଏ ଧୂଳି ସେମାନଙ୍କ ଉପରେ ପିଙ୍ଗିଦେଉଛି ଆଉ କିଏ କହୁଛି- ଛିଛି କୁକୁର ଛୁଆକୁ ଛୁଅଁନାହିଁ। ଏଇ ପରୀକ୍ଷା ପାଇଁ ପୁନଶ୍ଚ ଆଉ କିଛି ପିଲାଙ୍କୁ ବଛାଗଲା ଯେଉଁମାନେ ପାଠ ସହ ଖେଳକୁଦ ପାଇଁ ଓ ପ୍ରକୃତି ସହ ମିଶିବାକୁ ସୁଯୋଗ ପାଆନ୍ତି। ସେହି ପିଲାଙ୍କ ମେଳିରେ ଉକ୍ତ କୁକୁରଛୁଆ ଦୁଇଟିକୁ ଛଡ଼ାଗଲା, ଦେଖାଗଲା- ପିଲାଙ୍କ ଭିତରେ କି ଅପୂର୍ବ ଖୁସି, କିଏ ଆଉଁଷି ଦେଉଛି, କିଏ ନିଜ ବ୍ୟାଗ୍‌ରୁ ବିସ୍କୁଟ କାଢ଼ି ଖୁଆଉଛି, କିଏ କହୁଛି ଏ ଦୁହିଁଙ୍କ ମା' କୁଆଡ଼େ ଗଲା, ଏମାନେ ଖାଇବେ କ'ଣ? ଏହି ଗବେଷଣାର ପରିଣାମକୁ ପଢ଼ିବା ପରେ ମଧ କ'ଣ ଆପଣଙ୍କ ପିଲାକୁ ଏହି ଛୁଟି ଦୁଇମାସ ତା'ର ଇଚ୍ଛାରେ ଜୀବନ ବଞ୍ଚିବାକୁ ନ ଦେଇ ଦୋକାନ ଖୋଲିଥିବା ଶିକ୍ଷା ବେପାରୀଙ୍କ ପଞ୍ଝାରେ ଛାଡ଼ିବାକୁ ବିଚାର କରିବେ? ପିଲାଟି ଛୁଟିରେ ତା' ଇଚ୍ଛାରେ ବଞ୍ଚୁ, ମାମୁଘର, ମାଉସୀଘର ଯାଉ, ସାଙ୍ଗସାଥୀଙ୍କ ମେଳରେ ସମୟ କାଟୁ, ପ୍ରକୃତି ସହ ମିଶୁ। ଏଥିରେ ସଭିଙ୍କର ମଙ୍ଗଳ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ- ୯୪୩୭୬୪୧୪୧୩

## ଏଇ ଭାରତରେ

ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ଜଣେ ସ୍ୱଳ୍ପ ପାଠ ପଢ଼ି ମଧ ଫେଶନ୍ ଶିଳ୍ପରେ ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି। ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଛବିଶ ବର୍ଷୀୟା ନିଶାର ବାନୋ। ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ନିଶାର ବାପା ଓ ଭାଇଙ୍କୁ ମନାଇ ଦିଲ୍ଲୀରେ ଥିବା ଏକ ଲୁଗା କାରଖାନାରେ ତାଲିମ ନେଇଥିଲେ। ଡିଜାଇନର ଗାୟତ୍ରୀ ଜୋଲିଙ୍କ ଦ୍ୱାରା ଏକବର୍ଷିଆ ବସ୍ତ୍ର ଡିଜାଇନ୍ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସେ ତାଲିମ ଗ୍ରହଣ କରିଥିଲେ। ସେ ପ୍ରଥମେ ତାଙ୍କ ବାପା ଓ ଭାଇଙ୍କ ନିମନ୍ତେ ଷ୍ଟାଇଲିଶ୍ ଜ୍ୟାକେଟ୍ ଓ ଟ୍ରାଉଜର ସିଲେଇ କରିଥିଲେ। ଏଥିରୁ ତାଙ୍କର ଦକ୍ଷତା ପ୍ରମାଣିତ ହୋଇଯାଇଥିଲା। ଏହାପରେ ନିଶାର ଲୁଗା କାରଖାନାରେ ଚାକିରି ପାଇବା ସହିତ ମାସିକ ୧୬,୦୦୦ ଟଙ୍କା ଆୟ କରିପାରୁଛନ୍ତି। ସେ ଭାରତର ଫ୍ୟାଶନ ଇଣ୍ଡଷ୍ଟ୍ରିରେ ଅଳ୍ପ କେତେକ ମହିଳା ପ୍ୟାଟର୍ନ-ମେକର ବା ଡିଜାଇନ ପ୍ରସ୍ତୁତକାରୀଙ୍କ ମଧ୍ୟରୁ ଜଣେ ହେବାର ଗୌରବ ଅର୍ଜନ କରିଛନ୍ତି। ବାସ୍ତବରେ ନିଶାରଙ୍କ ଆତ୍ମନିର୍ଭରଶୀଳତା ଅନ୍ୟମାନଙ୍କ ପାଇଁ ଆଦର୍ଶ ଓ ଅନୁକରଣୀୟ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୯୪

- ସାମରିକ ବିଦ୍ରୋହ ଉଦ୍ୟମରେ ସଂପୃକ୍ତ ଥିବା ସବୁ କମ୍ୟୁନିଷ୍ଟ ଓ ମୁସଲିମ ବିଚ୍ଛିନ୍ନତାବାଦୀ ବିଦ୍ରୋହୀଙ୍କୁ ସର୍ବକ୍ଷମା ଦେବା ସଂକ୍ରାନ୍ତ ଘୋଷଣାନାମାରେ ଫିଲିପାଇନ୍ସର ରାଷ୍ଟ୍ରପତି ଫିଡେଲ ରାମୋସଙ୍କ ସ୍ୱାକ୍ଷର।
- କାମ୍ବୋଡିଆ ସରକାରୀ ସୈନ୍ୟ ଏବଂ ଖେମର ଗେରିଲାମାନଙ୍କ ମଧ୍ୟରେ ହିଂସାକାଣ୍ଡ ଘଟି ୮୫ ଜଣଙ୍କ ମୃତ୍ୟୁ।
- ଅକାଳୀଦଳ (ମାନ)ର ସଭାପତି ସିମରନଜିତ ସିଂ ମାନଙ୍କୁ ତିହାର ସେଣ୍ଟ୍ରାଲ ଜେଲରୁ ଖଲାସ କରାଗଲା।
- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ହ୍ୱାଇଟୱାଟର ବ୍ୟବସାୟ କାରବାର ସଂକ୍ରାନ୍ତରେ ତାଙ୍କର ସମସ୍ତ ଟିକସ ରେକର୍ଡ ସର୍ବସାଧାରଣରେ ପ୍ରକାଶ କରିବା ନେଇ ଘୋଷଣା କଲେ।

## ଚିରନ୍ତନୀ

କ୍ଷୁଦ୍ରତାର ଶୂନ୍ୟତାର
ବାଧା କାଟି ପୁଣି ସମୟର
ଲେଖିବି କାଳବକ୍ଷେ
ମୋର ଏକ ଜୀବନ୍ତ ସ୍ୱାକ୍ଷର।
ଯେଉଁ ଶୂନ୍ୟତାକୁ ଭେଦି
ରବିରଶ୍ମି ନ ପାରଇ ପଶି
କରିବ ଉଜ୍ଜ୍ୱଳ ତାହା ପରେ
ସଦା ଝରି ମୋର ମସୀ।
ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 9 | | 3 | | | | 7 | | | | | 6 |
| | | | A | 8 | 0 | | | | 5 | E | | 4 | | |
| 8 | | | | | | | 1 | E | B | 3 | | | | C |
| 4 | | | | 6 | 1 | 2 | | | | | | | 7 | |
| | | | | | 5 | 9 | D | | | | | A | | 2 |
| A | 3 | | | 2 | | 5 | | | | C | 4 | | | E |
| | | 1 | | | | | E | | 0 | | 7 | 9 | | |
| | | | | | | 6 | 3 | | | 5 | 1 | D | 0 | B |
| 2 | D | | | | | 0 | 9 | | | | A | 7 | | |
| 7 | | 6 | | | | | | D | 8 | | 9 | | 5 | |
| 9 | | | | E | 8 | | 6 | | | 4 | | | 2 | |
| | | | | | 7 | | | | | 0 | | | | |
| | 6 | | | | | | | 8 | | | B | | 3 | |
| | 2 | E | 5 | | | | | | 9 | D | C | | B | |
| D | | | | | | | B | 4 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | A | 5 | 3 | 0 | 2 | 9 | 7 | E | D | C | 4 | 8 | 1 |
| 1 | 8 | D | 2 | C | 6 | 4 | 5 | E | 7 | 0 | 3 | 9 | B | A |
| E | 0 | 2 | 9 | B | 1 | C | 6 | 8 | A | 5 | 4 | 3 | 7 | D |
| 7 | 3 | 5 | E | 8 | 4 | 1 | A | D | 9 | 6 | B | 2 | 0 | C |
| 9 | 4 | C | D | A | 7 | 3 | B | 0 | 2 | 1 | 8 | E | 6 | 5 |
| 5 | B | 3 | 4 | 1 | 9 | A | 0 | 6 | C | 2 | 7 | 8 | D | E |
| D | 9 | E | 6 | 0 | 2 | 7 | 4 | C | 8 | 3 | 1 | 5 | A | B |
| C | 7 | 8 | B | 5 | A | 9 | D | 2 | 6 | 4 | E | 0 | 1 | 3 |
| A | 2 | 0 | 3 | 7 | D | 8 | E | 1 | 5 | B | 9 | C | 4 | 6 |
| 6 | 1 | 4 | 8 | E | C | B | 3 | 5 | 0 | A | D | 7 | 9 | 2 |
| 8 | D | 6 | C | 2 | E | 5 | 7 | 4 | B | 9 | A | 1 | 3 | 0 |
| 2 | A | 1 | 0 | 4 | B | 6 | 8 | 9 | 3 | C | 5 | D | E | 7 |
| 3 | 5 | 9 | 7 | 6 | 8 | D | 2 | A | 1 | E | 0 | B | C | 4 |
| 0 | C | 7 | A | D | 3 | E | 1 | B | 4 | 8 | 2 | 6 | 5 | 9 |
| 4 | E | B | 1 | 9 | 5 | 0 | C | 3 | D | 7 | 6 | A | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ମାଣ ଶ୍ରମିକ ଏଜେଣ୍ଟ ବ୍ୟବସ୍ଥା ଉଠାଯାଉ

ମହାଶୟ,

ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ ଏଜେଣ୍ଟମାନେ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି। ଦଲାଲ ଓ ଏଜେଣ୍ଟମାନେ ବିଭିନ୍ନ ଆଳ ଦେଖାଇ ନାମ ପଞ୍ଜୀକରଣ ପାଇଁ ୧୦୦୦ ଟଙ୍କା ନେଇଯାଉଛନ୍ତି। ଶ୍ରମିକଙ୍କୁ ମାଗଣାରେ ବିଭିନ୍ନ ସାମଗ୍ରୀ ଓ ସାଇକେଲ ବଣ୍ଟନ ବ୍ୟବସ୍ଥା ଥିବା ସତ୍ତ୍ୱେ ସେମାନଙ୍କଠାରୁ ଆଗତୁରା ୧୦୦୦ ଟଙ୍କା ନେଉଛନ୍ତି। ପୁଅଝିଅଙ୍କ ଶିକ୍ଷା ସହାୟତା ବାବଦକୁ ମଧ ୧୦୦୦ ଟଙ୍କା ନେଇଯାଉଛନ୍ତି। ଏହାଛଡା ତାଙ୍କ ଝିଅ ବାହାଘର ପାଇଁ ମିଳୁଥିବା ୨୫୦୦୦ ଟଙ୍କାରୁ ଏଜେଣ୍ଟମାନେ ଆଗତୁରା ୫୦୦୦ ଟଙ୍କା ନେଉଛନ୍ତି। ଆଗରୁ ଟଙ୍କା ନ ଦେଲେ ଅଫିସରେ ଶ୍ରମିକଙ୍କ କୌଣସି କାମ କରାଇ ଦେଉନାହାନ୍ତି। କର୍ମଚାରୀମାନେ ମଧ ଏଜେଣ୍ଟଙ୍କ ସହ ସମ୍ପୃକ୍ତ ଥିବାରୁ ଶ୍ରମିକଙ୍କ ପଞ୍ଜୀକରଣ ମଧ କରାଉ ନାହାନ୍ତି। ଏହାଛଡ଼ା ଶ୍ରମିକଙ୍କ ବର୍ଷିକିଆ ରିନ୍ୟୁଆଲ ପାଇଁ ୨୦୦ରୁ ୩୦୦ଟଙ୍କା ନେଉଛନ୍ତି। ବର୍ଷ ବର୍ଷ ବିତିଯାଉଥିଲେ ମଧ କେବଳ କମିଶନି ପାଇଁ ଉଭୟ କର୍ମଚାରୀ ଓ ଏଜେଣ୍ଟମାନେ ସାଇକେଲ ବଣ୍ଟନ କରୁନାହାନ୍ତି। ଏଣୁ ଏହାର ତଦନ୍ତ କରି ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ ଉଚ୍ଚାଧିକାରୀ ଏବଂ ଲେବର କମିଶନ ଏ ଏଜେଣ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରି ଅନଲାଇନ ବ୍ୟବସ୍ଥା କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଇବାକୁ ଅନୁରୋଧ।

-ସଂଗ୍ରାମ ସେନାପତି, ଭିଆଇପି ରୋଡ୍, ପୁରୀ

### ପ୍ରଦୂଷଣର ଭୟାବହତା

ନିକଟରେ ବାୟୁ ପ୍ରଦୂଷଣର ଭୟାବହତା ବିଷୟରେ ଏକ ଖବର ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ବାୟୁ ପ୍ରଦୂଷଣ ଯୋଗୁ ପ୍ରତି ଘଣ୍ଟାରେ ୮ଶହ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ହିସାବ ଅନୁସାରେ ଦିନକୁ ମୃତ୍ୟୁସଂଖ୍ୟା ହେଉଛି ଊଣେଇଶ ହଜାର ତିନିଶହ କୋଡ଼ିଏ। ପ୍ରଦୂଷଣଜନିତ ମୃତ୍ୟୁସଂଖ୍ୟା ଭାରତରେ ସର୍ବାଧିକ। ଏହି ପ୍ରଦୂଷଣ ଯୋଗୁ ଫୁସ୍‌ଫୁସ୍‌ଜନିତ ରୋଗ ବେଶି। ବୟସ୍କ ଲୋକଙ୍କ ଅପେକ୍ଷା ଶିଶୁମାନେ ବେଶି ଆକ୍ରାନ୍ତ ହୋଇଥାନ୍ତି। ଏହି ବାୟୁ ପ୍ରଦୂଷଣ ଏବେ ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ହୋଇଛି। ଜଙ୍ଗଲ କ୍ଷୟ, କଳକାରଖାନାର ଧୂଆଁ, ଅତ୍ୟଧିକ ବାଣମରା, ରାବଣପୋଡ଼ି, ଟାୟାର ଜାଳିବା ଆଦି ଏହାର ମୁଖ୍ୟ କାରଣ। ଏଥିପ୍ରତି ଧ୍ୟାନ ନ ଦେଲେ ବିଶ୍ୱରେ ବହୁ ଲୋକଙ୍କ ପ୍ରାଣହାନି ଘଟିବ।

-ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜି ଓଡ଼ିଶା ଆସୁଛନ୍ତି ୨ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୫।୩ (ବ୍ୟୁରୋ):** ଆସନ୍ତା ୨୯ ଏବଂ ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଥର ନିର୍ବାଚନୀ ପ୍ରଚାର ପାଇଁ ଓଡିଶା ଆସିବାକୁ ଥିବାବେଳେ ମଙ୍ଗଳବାର ୨କେନ୍ଦ୍ରମନ୍ତ୍ରୀ ରାଜ୍ୟ ଗସ୍ତରେ ଆସିବେ। ଭାଜପା କରୁଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗଦେବା ଲାଗି ଏହି ନେତାମାନେ ଓଡିଶା ଆସୁଛନ୍ତି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ମଙ୍ଗଳବାର ନିମାପଡ଼ାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଯାଜପୁରଠାରେ ଆୟୋଜିତ ସମାବେଶରେ ଯୋଗଦେବା ଲାଗି କେନ୍ଦ୍ର ରାଷ୍ଟ୍ର ଶକ୍ତିମନ୍ତ୍ରୀ ରାଜକୁମାର ସିଂ ଓଡ଼ିଶା ଆସୁଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ବାଲେଶ୍ୱରଠାରେ ଆୟୋଜିତ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୪୦ ଡିଗ୍ରୀ ଟପିଲା ପାରଦ

#### ୧୪ ଜିଲାକୁ ଝଡ଼ବର୍ଷା ସତର୍କ ସୂଚନା

**ଭୁବନେଶ୍ୱର, ୨୫।୩(ବ୍ୟୁରୋ):** ରାଜ୍ୟରେ ପାରଦ ୪୦ ଡିଗ୍ରୀ ଉପରକୁ ଉଠିଗଲାଣି। ୯ଟି ସହରର ପାରଦ ୩୭ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୩୭.୮, ଭୁବନେଶ୍ୱର ୩୮.୪, ଅନୁଗୋଳ ୩୭.୭, ବଲାଙ୍ଗୀର ୩୭.୫, ହୀରାକୁଦ ୩୭.୮, ଭବାନୀପାଟଣା ୩୭ ଏବଂ ସୋନପୁରରେ ସର୍ବାଧିକ ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତାତି ବଢୁଥିଲେ ମଧ କାଳବୈଶାଖୀ ଜନିତ ଝଡବର୍ଷା ଏଥିରେ ବିରାମ ଲଗାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, କନ୍ଧମାଳ ଏବଂ ଗଞ୍ଜାମ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୭ ତାରିଖରେ ମଧ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ନୟାଗଡ, ଖୋର୍ଦ୍ଧା, ପୁରୀ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

### ଫୁଲବାଣୀ, ବୀରମିତ୍ରପୁର ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଝୁଲି ରହିଥିବା ଦୁଇଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଫୁଲବାଣୀ ବିଧାୟକ ଡୁଗୁନି କଅଁରଙ୍କ ଟିକେଟ କାଟି ଏହି ବିଧାନସଭା ଆସନ ଲାଗି ଅଙ୍ଗଦ କଅଁରଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ସୁନ୍ଦରଗଡ଼ ଲୋକ ସଭା ଅଧୀନରେ ଥିବା ବୀରମିତ୍ରପୁର ବିଧାନସଭା ଆସନ ପାଇଁ ମଖଲୁ ଏକ୍କାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ବିଜେଡି ଏ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟ ସକାଶେ ୯ଟି ଲୋକ ସଭା ଓ ୬୩ଟି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି।

■ ସିଇଓଙ୍କ ନିକଟରେ ବିଜେଡିର ଅଭିଯୋଗ

# ନିର୍ବାଚନ କଟକଣା ମାନୁନି ଭାଜପା

■ ଉଜ୍ଜ୍ୱଳା ସଂଯୋଗ ମିଳୁଛି
■ ବିଏସ୍‌ଏନ୍‌ଏଲ୍ କଲର ଟ୍ୟୁନ୍‌ରେ ବାଜୁଛି ଭାଜପା ସ୍ଲୋଗାନ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଭୋଟରଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରୀ କଳକୁ ଲଗାଇ ଭାଜପା ନିର୍ବାଚନ ଆଚରଣବିଧିର ଖୋଲା ଉଲ୍ଲଂଘନ କରୁଛି। ଏ ନେଇ ବିଜୁ ଜନତା ଦଳ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ଅଭିଯୋଗ କରିଛି ଯେ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଦ୍ୱାରା ପ୍ରଣୀତ ଉଜ୍ଜ୍ୱଳା ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରି ଗ୍ୟାସ୍ ସଂଯୋଗ ଦେବାକୁ ବିତରକ ସଂସ୍ଥା ଇଣ୍ଡେନ୍‌କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ଆଚରଣବିଧି ଲାଗୁ ସତ୍ତ୍ୱେ ଡିଲରମାନଙ୍କୁ ବେଆଇନ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି। ପ୍ରତି ନୂଆ ସଂଯୋଗ ବେଳେ ଗ୍ୟାସ୍ ଷ୍ଟୋଭର୍ ପ୍ଲାଷ୍ଟିକ୍ କଭର୍‌ରେ କେନ୍ଦ୍ରୀୟ ଭାଜପା ନେତାଙ୍କ ଫଟୋ ମାରି ହିତାଧିକାରୀଙ୍କୁ ଦେବାକୁ ବାଧ୍ୟ କରାଯାଉଛି।

ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭାଜପାର ଏହି ଉଦ୍ୟମକୁ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) କାର୍ଯ୍ୟକାରୀ କରୁଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ଏହା ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଥିବାରୁ ନିଗମର ଅଧ୍ୟକ୍ଷ ଏବଂ ଓଡ଼ିଶା ଦାୟିତ୍ୱରେ ଥିବା ଜେନେରାଲ୍ ମ୍ୟାନେଜର୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରେ ବିଜେଡି ଦାବି କରିଛି।

ଅନ୍ୟ ଏକ ପୃଥକ୍ ପିଟିଶନ୍‌ରେ ଭାରତ ସରକାରଙ୍କ ବିଏସ୍‌ଏନ୍‌ଏଲ୍ ସଂସ୍ଥା ବିରୋଧରେ ଗୁରୁତର ଅଭିଯୋଗ ଆଣିଛି ବିଜେଡି। ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରି ଉକ୍ତ ସଂସ୍ଥା କେନ୍ଦ୍ର ସରକାର ଓ ଭାଜପା ପ୍ରଚାରରେ ନିୟୋଜିତ ହୋଇଛି। ଟେଲି ସେବା ଦେଉଥିବା ବିଏସ୍‌ଏନ୍‌ଏଲ୍ ନେଟୱର୍କକୁ ମୋବାଇଲ୍ କଲ୍ କଲେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସ୍ଲୋଗାନ୍ 'ଦେଶ ବଦଲ୍ ରହା ହେଁ' କଲର୍ ଟ୍ୟୁନ୍ ବାଜୁଛି। ଭଜପା ପ୍ରତି ଆକୃଷ୍ଟ କରାଇବାକୁ ଉଦ୍ଦିଷ୍ଟ ଏହି ସ୍ଲୋଗାନ୍ ବିଏସ୍‌ଏନ୍‌ଏଲ୍ କଲର ଟ୍ୟୁନ୍‌ରେ ବାଜିବା ଅତ୍ୟନ୍ତ ସାଂଘାତିକ । କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ବିଏସ୍‌ଏନ୍‌ଏଲ୍ ଏଭଳି ପ୍ରଚାର କରୁଛି । ନିର୍ବାଚନ କମିଶନ ଏଥିରେ ହସ୍ତକ୍ଷେପ କରି ବିଏସ୍‌ଏନ୍‌ଏଲ୍‌କୁ ସେଥିରୁ ନିବୃତ୍ତ କରାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ପ୍ରତିନିଧି ଦଳରେ ମୁଖପାତ୍ର ସୁଲତା ଦେଓ, ଲେଲିନ୍ ମହାନ୍ତି ଏବଂ ସସ୍ମିତ୍ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ଏକ ପ୍ରତିନିଧିଦଳ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# ପ୍ରଚାର ଭ୍ୟାନ୍‌ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦଳୀୟ ପ୍ରଚାର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ନବୀନ ନିବାସଠାରେ ଏଲ୍‌ଇଡି ଭିଡିଓ ଭ୍ୟାନ୍ ପ୍ରଚାର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାରରେ ୩୧୪ଟି ଛୋଟ ଏବଂ ୩୦ଟି ବଡ଼ ଏଲ୍‌ଇଡି ଭ୍ୟାନ୍‌ଗୁଡିକୁ ସାମିଲ କରାଯାଇଛି। କେନ୍ଦ୍ର ଦ୍ୱାରା ଓଡ଼ିଶା କିପରି ଅବହେଳା ହେଉଛି ସେ ସମ୍ପର୍କରେ ଏହି ଭ୍ୟାନ୍‌ଗୁଡିକ ଓଡ଼ିଶାର ପ୍ରତ୍ୟେକ ନାଗରିକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବ। ୩୧୪ଟି ଛୋଟ ଭ୍ୟାନ୍ ପ୍ରତ୍ୟେକ ବ୍ଲକର ସମସ୍ତ ପଞ୍ଚାୟତଗୁଡିକରେ ଏବଂ ୩୦ଟି ବଡ଼ ଭ୍ୟାନ୍ ପ୍ରତି ସହରାଞ୍ଚଳଗୁଡିକରେ ବୁଲି ଜନସଚେତନତା ସୃଷ୍ଟି କରିବ।

# ଖୁବ୍‌ଶୀଘ୍ର କଂଗ୍ରେସ ପ୍ରକାଶ କରିବ ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା

■ ମହିଳା କଂଗ୍ରେସ ସଭାପତି ତାଲିକାରୁ ବାଦ୍

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**

ଆସନ୍ତା ନିର୍ବାଚନ ପାଇଁ ବିଜେଡି ଓ ଭାଜପା ନିଜର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଛନ୍ତି। ହେଲେ କଂଗ୍ରେସ ଏଥିରେ ସାମାନ୍ୟ ପଛରେ ପଡିଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏକ ତାଲିକା ପ୍ରସ୍ତୁତ କରି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)କୁ ପଠାଇ ଦିଆଯାଇଛି। ମାତ୍ର ସେହି ତାଲିକା ଉପରେ ଏ ପର୍ଯ୍ୟନ୍ତ ମୋହର ବାଜି ପାରିନାହିଁ। ଆସନ୍ତା ୨ଦିନ ମଧ୍ୟରେ ଏହା ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ରାଜ୍ୟ କଂଗ୍ରେସ ପଠାଇଥିବା ତାଲିକାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପ୍ରିୟଙ୍କା ଗାନ୍ଧୀ, ସୋନିଆ ଗାନ୍ଧୀ, ଟି.ଏସ୍. ସିଂଦେଓ, ଜିତେନ୍ଦ୍ର ସିଂହ, ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର, କମଳ ନାଥ, ଭୁପେଶ ବାଘେଲ, ଭକ୍ତଚରଣ ଦାଶ, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ରାମ ଚନ୍ଦ୍ର ଖୁଣ୍ଟିଆ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଜି. ରୁଦ୍ର ରାଜୁ, ଅନିଲ ଚୌଧୁରୀ, ସେକ୍ ମସ୍ତାନ ଅଲ୍ଲୀଙ୍କ ନାମ ରହିଛି। ସେହିପରି ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ସୁସ୍ମିତା ଦେବ, ନବଜ୍ୟୋତ ସିଂ ସିଦ୍ଧୁ, ରଞ୍ଜୀବ ବିଶ୍ୱାଳ, ରାଗିଣୀ ନାୟକ, ମହମ୍ମଦ ଆଜାରୁଦ୍ଦିନ, ପଞ୍ଚାନନ କାନୁନ୍‌ଗୋ, ଗୁଲାମ ନବି ଆଜାଦ, ଶରତ ରାଉତ, ବିଶ୍ୱରଞ୍ଜନ ମହାନ୍ତି, ବିଜୟା ଶାନ୍ତି ଆଦିଙ୍କ ନାମ ରହିଛି। ଏହି ତାଲିକାରେ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନାଙ୍କ ନାମ ରଖାଯାଇ ନାହିଁ। ଟିକେଟ ବଣ୍ଟନକୁ ନେଇ ସୁମିତ୍ରା ଏବଂ ନିରଞ୍ଜନଙ୍କ ମଧ୍ୟରେ ତିକ୍ତତା ଥିବା ଏବେ ସ୍ପଷ୍ଟଭାବେ ସାମ୍ନାକୁ ଆସିଛି। ସୁମିତ୍ରା କିଛିଦିନ ହେବ ନିରଞ୍ଜନଙ୍କ ଟିକେଟ ବଣ୍ଟନ ପ୍ରକ୍ରିୟାକୁ ବିରୋଧ କରି ଆସୁଥିବାରୁ ତାଙ୍କୁ ତାଲିକାରୁ ଜାଣିଶୁଣି ବାଦ୍ ଦିଆଯାଇଥିବା ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# 'କାଳିଆ'କୁ ନା 'କିଷାନ'କୁ ହଁ

■ ସିଇଓଙ୍କ ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବ ବିଜେଡି
■ ଯୋଜନା ପାଇଁ ଅର୍ଥ ନ ଥିବାରୁ ଟଙ୍କା ବଣ୍ଟା ବନ୍ଦ ହୋଇଛି:ଭାଜପା

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଭାଜପା ଦ୍ୱାରା ପ୍ରଭାବିତ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ ଆଣିଛି । କାଳିଆ ଯୋଜନା ଅର୍ଥ ବଣ୍ଟନକୁ ବନ୍ଦ କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ଚାଲୁ ରଖାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ 'କାଳିଆ' ଯୋଜନାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ବନ୍ଦ କରିଦେଇଛନ୍ତି। ସିଇଓ ଚାପରେ ପଡ଼ି ଏଭଳି କରିଛନ୍ତି। ଲକ୍ଷ ଲକ୍ଷ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରିବା ଭାଜପାର ହୀନ ରାଜନୀତି ବୋଲି ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି। ଏ ସମ୍ପର୍କରେ ବିଜେଡି ଭାରତର ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହେବ ବୋଲି ସେ କହିଛନ୍ତି। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବାର ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର 'କାଳିଆ' ଯୋଜନା ଆରମ୍ଭ କରିଥିଲେ। ସେଥିପାଇଁ ଆବଶ୍ୟକ ଆର୍ଥିକ ଓ ପ୍ରଶାସନିକ ଅନୁମୋଦନ ନିଆଯାଇଥିଲା। ହିତାଧିକାରୀଙ୍କ ତାଲିକା ବି ପ୍ରସ୍ତୁତ ସରିଥିଲା। ଏବେ ହଠାତ୍ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଦର୍ଶ ଆଚରଣ ବିଧି କଥା ଉଠାଇ 'କାଳିଆ'ଯୋଜନା ସହାୟତାକୁ ବନ୍ଦ କରିବା ଆଦୌ ଗ୍ରହଣୀୟ ନୁହେଁ। 'କାଳିଆ' ଯୋଜନା ପରେ ଆସିଥିବା କେନ୍ଦ୍ର ଭାଜପା ପରିଚାଳିତ ଏନ୍‌ଡିଏ ସରକାରଙ୍କ 'ପ୍ରଧାନମନ୍ତ୍ରୀ କିଷାନ ଯୋଜନା' କାର୍ଯ୍ୟଶୈଳୀ ଏକାଭଳି ହୋଇଥିଲେ ମଧ୍ୟ ତାହାକୁ ବନ୍ଦ କରାଯାଇନାହିଁ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି। ଭାଜପା ଚାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏଭଳି କରିଥିବା ବିଜେଡି ଅଭିଯୋଗ କରିଛି। ଭାଜପା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ଏହା ପ୍ରମାଣିତ ହୋଇଛି । କ୍ଷତିଗ୍ରସ୍ତ ହେବାକୁ ଥିବା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ସେମାନଙ୍କୁ କ୍ଷମା ଦେବେ ନାହିଁ। ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ଭାଜପା ସଂକୀର୍ଣ୍ଣ ରାଜନୀତି କରି ନିଜ ସପକ୍ଷରେ ସମର୍ଥନ ଗୋଟାଇବାକୁ ଚାହୁଁଛି। ମାତ୍ର ରାଜ୍ୟର ଚାଷୀକୁଳ ଏବଂ ସେମାନଙ୍କ ପରିବାର ଭାଜପାକୁ କ୍ଷମା ଦେବେ ନାହିଁ ବୋଲି ପାତ୍ର କହିଛନ୍ତି। ଏ ପ୍ରସଙ୍ଗରେ ବିଜେଡି ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହେବ ବୋଲି ପାତ୍ର ଜଣାଇବା ସହ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ କାହା ଚାପରେ ନ ପଡ଼ିବା ପାଇଁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ କାଳିଆ ଯୋଜନାରେ ଭାଜପା ଚାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଟଙ୍କା ବାଣ୍ଟିବା ବନ୍ଦ କରିଥିବା ବୋଲି କହିବା ବିଜୁ ଜନତା ଦଳର ନିର୍ବୋଧତାକୁ ପରିପ୍ରକାଶ କରୁଛି ବୋଲି ଭାଜପା କହିଛି। ଏହା ଏକ ସରକାରୀ ଯୋଜନା। ଏହା କୌଣସି ଦଳର ଅର୍ଥ ନୁହେଁ। ସରକାରୀ ସଚିବ କି ମନ୍ତ୍ରୀ କିଛି କହୁ ନ ଥିବା ବେଳେ ବିଜୁ ଜନତା ଦଳର ପ୍ରବକ୍ତା ଏ ବିଷୟରେ ମୁହଁ ଖୋଲୁଛନ୍ତି। ସେହିପରି କାଳିଆ ଯୋଜନା ପାଣ୍ଠିରେ ଆଉ ଅର୍ଥ ନାହିଁ। ସେଥିପାଇଁ କାଳିଆ ଯୋଜନାରେ ଟଙ୍କା ବାଣ୍ଟିବା ପାଇଁ ସରକାର ପଛାଉଛନ୍ତି। ଏପରି ସ୍ଥିତିରେ କାଳେ ରାଜ୍ୟରେ ଚାଷୀମାନେ ନିର୍ବାଚନ ଆଗରୁ ଏହାକୁ ଏକ ପ୍ରସଙ୍ଗ କରିବେ ସେହି ଭୟରେ ବିଜୁ ଜନତା ଦଳ ଏପରି ମିଥ୍ୟା ବୟାନ ଦେଉଛି ବୋଲି ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

# ନୟାଗଡ଼ ମହାସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ବିରୋଧ

**ସିଇଓଙ୍କ ନିକଟରେ ଭାଜପା ଆଣିଲା ଅଭିଯୋଗ**

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୟାଗଡ଼ଠାରେ ମହାସମାବେଶ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କୁ ପ୍ରଭାବିତ କରି ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି । ସମାବେଶକୁ ସଫଳ କରିବା ପାଇଁ ସରକାରୀ ଅଧିକାରୀ ମାନେ ମଞ୍ଚ ପରିଚାଳନାଠୁ ଆରମ୍ଭ କରି ସଭାକୁ ଲୋକ ଆଣିବା ଆଦି କାର୍ଯ୍ୟ କରୁଥିଲେ । ଏହା ଆପରାଧିକ, ନିନ୍ଦନୀୟ, ଅଗଣତାନ୍ତ୍ରିକ ଏବଂ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଭାଜପା ତରଫରୁ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପାଖରେ ଦାବି କରାଯାଇଛି । ଭାଜପା ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ତଥ୍ୟ ପ୍ରମାଣ ସହ ଅଭିଯୋଗ କରିଛି । ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି । ୩୦ଲକ୍ଷ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଏବଂ କେନ୍ଦ୍ର ସରକାର ରେଳୱେରୁ ୨୦ହଜାର କୋଟି ଟଙ୍କା ନେଇ ୧ହଜାର କୋଟି ରେଲୱେ ଉନ୍ନତୀକରଣ ପାଇଁ ଖର୍ଚ୍ଚ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ସମ୍ପୂର୍ଣ୍ଣ ଆଇନ ବିରୋଧ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ଅଫିସରମାନେ ନିର୍ବାଚନ ପ୍ରଚାର କରିପାରିବେ ନାହିଁ । ଏହା ସତ୍ତ୍ୱେ ନୟାଗଡ ସଭାରେ ସରକାରୀ ଅଫିସରମାନେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ନୟାଗଡରେ ବିଜେଡିର ପ୍ରାର୍ଥୀ ଘୋଷଣା ହୋଇ ନ ଥିବାବେଳେ ରବିବାର ସମାବେଶରେ ହୋଇଥିବା ସମସ୍ତ ଖର୍ଚ୍ଚ ପ୍ରାର୍ଥୀ, ଦଳ କି ମୁଖ୍ୟମନ୍ତ୍ରୀଙ୍କ ଉପରେ ପଡିବ, ତାହା ସ୍ପଷ୍ଟ ହେବା ଦରକାର ବୋଲି ମହାନ୍ତି କହିଛନ୍ତି । ଏହା ପୂର୍ବରୁ ୧୩ ମାର୍ଚ୍ଚରେ କାଳିଆ ଅର୍ଥ ବିଜେଡି କର୍ମୀ ଏବଂ ବିଜୁ ଯୁବ ବାହିନୀଙ୍କୁ ବାଣ୍ଟିବା, ୧୪ ମାର୍ଚ୍ଚରେ ମନ୍ତ୍ରୀ ପ୍ରତାପ ଜେନା ଓ ରେଙ୍ଗାଲିଗୁଣ୍ଡା ବିଡିଓଙ୍କ ବିରୋଧରେ, ୧୯ ମାର୍ଚ୍ଚରେ ସଞ୍ଜୟ ଦାସବର୍ମାଙ୍କ ବିରୋଧରେ,୨୧ ମାର୍ଚ୍ଚରେ ରାଜେନ୍ଦ୍ର ଢୋଲକିଆଙ୍କ ବିରୋଧରେ ତଥ୍ୟ ପ୍ରମାଣ ଦେବା ପରେ ମଧ ନିର୍ବାଚନ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଆଇନଜୀବୀ ଜୟନ୍ତ ଜେନା, ଯୁବମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖ ସାମିଲ ଥିଲେ।



ସିଇଓଙ୍କ ନିକଟରେ ଭାଜପା ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି।

# ଆଇଏନ୍‌ଏସ ଚିଲିକାର ନୌସେନା ଅଧିକାରୀ ହେଲେ ଋତୁରାଜ

**ବ୍ରହ୍ମପୁର ଅଫିସ,୨୫।୩**

ଚିଲିକାସ୍ଥିତ ଭାରତୀୟ ନୌସେନାର ପ୍ରାରମ୍ଭିକ ନାବିକ ପ୍ରଶିକ୍ଷଣ କେନ୍ଦ୍ର (ଆଇଏନ୍‌ଏସ୍)ର ନୌସେନା ଅଧିକାରୀ ତଥା ଓଡିଶା ପ୍ରଭାରୀ ଭାବେ କମୋଡର ଋତୁରାଜ ସାହୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । କେନ୍ଦ୍ର ପୂର୍ବତନ ଅଧିକାରୀ କମୋଡର ମନୀଶ ମିଶ୍ର କମୋଡର ଋତୁରାଜଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ପୂର୍ବତନ ଅଧିକାରୀ କମୋଡର ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ଭାବେ ଦାୟିତ୍ୱ ନେଇଥିବା ଋତୁରାଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୯୦ ଜୁଲାଇ ପହିଲାରୁ ଭାରତୀୟ ନୌସେନାରେ କାର୍ଯ୍ୟ ଆରମ୍ଭ କରିଥିବା ଛତ୍ରପୁର ଅଞ୍ଚଳର ଋତୁରାଜ ସାହୁ ଭାରତୀୟ ନୌସେନାରେ କମିଶନ, ନୌଯାତ୍ରା ଓ ଦିଗ ବିଭାଗ ପ୍ରମୁଖ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଜାତୀୟ ସାମରିକ ଏକାଡେମୀରୁ ସ୍ନାତକ କରିବା ସହ ସାମରିକ କଲେଜ ୱେଲିଙ୍ଗଟନରୁ ଷ୍ଟାଫ ଶିକ୍ଷା ଓ ଉଚ୍ଚ ଶିକ୍ଷା, ବାୟୁଯୁଦ୍ଧ କଲେଜ ସିକନ୍ଦରାବାଦରୁ ସାମରିକ ଏବଂ ଷ୍ଟ୍ରେଟାଜିକରେ ଏମ୍‌ଫିଲ ଶିକ୍ଷା ଲାଭ କରିଛନ୍ତି । ୨୦୧୮ ଡିସେମ୍ବର ୨୧ରେ ବାଂଲାଦେଶ ଢାକାର ଜାତୀୟ ସାମରିକ କଲେଜରୁ ସାମୁଦ୍ରିକ ଶିକ୍ଷା ହାସଲ କରିଛନ୍ତି । ଏହାବ୍ୟତୀତ ବାଂଲାଦେଶ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଦୀର୍ଘ ୨୯ ବର୍ଷ ଧରି ସେ ଉଭୟ ନୌସେନା ଓ ସ୍ଥଳ ସେନାର ବିଭିନ୍ନ ବିଭାଗରେ କାର୍ଯ୍ୟ କରିଛନ୍ତି। ଭାରତୀୟ ନୌ ଜାହାଜର କୁଡାଲର, କାରବାର, ଫ୍ରିଗେଟ ଜାହାଜ ଆଦିର କମାଣ୍ଡ ଅଧିକାରୀ ଭାବେ କାର୍ଯ୍ୟ କରିବା ସହ ଆଇଏନ୍‌ଏସ୍ ବିରାଟର ପ୍ରଶାସନିକ ଅଧିକାରୀ ଭାବେ ମଧ ଦାୟିତ୍ୱ ତୁଲାଇଛନ୍ତି। ରକ୍ଷା ବିଭାଗ, ଷ୍ଟାଫ ଦରକାରୀ ବିଭାଗରେ ଏବଂ ଯୁଦ୍ଧ ବିମାନ ବାହକ ବିଭାଗରେ କାର୍ଯ୍ୟ କରିସାରିଛନ୍ତି ।

■ ନାଟମଣ୍ଡପ ମରାମତି ମାମଲା

# ଆମିକସ୍ କ୍ୟୁରି ଦେବେ ସତ୍ୟପାଠ

**କଟକ ଅଫିସ, ୨୫।୩**

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ନାଟମଣ୍ଡପ ମରାମତି ଉପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଉକ୍ତ ସତ୍ୟପାଠକୁ ମରାମତି କାର୍ଯ୍ୟ ତଦାରଖ ନିମନ୍ତେ ନିଯୁକ୍ତ ହୋଇଥିବା ଆମିକସ୍ କ୍ୟୁରି ଏନ୍.କେ. ମହାନ୍ତି ବିରୋଧ କରିଥିଲେ। ଆମିକସ୍ କ୍ୟୁରି ଯୁକ୍ତିରେ ଦର୍ଶାଇଥିଲେ ଯେ, ଏଏସ୍‌ଆଇ ଯେଉଁ ସତ୍ୟପାଠ ଦାଖଲ କରିଛି ତାହା ଅସତ୍ୟ। କାରଣ ନାଟମଣ୍ଡପର ମରାମତି କାର୍ଯ୍ୟ ଆଦୌ କରାଯାଉନାହିଁ। ଆମିକସ୍ କ୍ୟୁରୀଙ୍କ ଯୁକ୍ତି ଶୁଣିବା ପରେ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆମିକସ୍ କ୍ୟୁରିଙ୍କୁ ସତ୍ୟପାଠ ଦାଖଲ କରିବା ନିମନ୍ତେ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିରର ନାଟମଣ୍ଡପ ସ୍ଥିତି କିଭଳି ଅଛି ଏବଂ ସେଥିରେ କାହିଁକି ଫାଟ ସୃଷ୍ଟି ହେଉଛି ତାହା ଜାଣିବା ନିମନ୍ତେ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ସେନ୍‌ସର ଲଗାଯାଇଥିଲା। ଏହି ସେନ୍‌ସର ମାଧ୍ୟମରେ ନାଟମଣ୍ଡପର ସ୍ଥିତି ସମ୍ପର୍କରେ ରିପୋର୍ଟ ମିଳିଥାନ୍ତା। ମାତ୍ର ନାଟମଣ୍ଡପ ମରାମତି ନେଇ କୌଣସି କାର୍ଯ୍ୟ କରାଯାଉ ନ ଥିବା ଆମିକସ୍ କ୍ୟୁରି କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୧୫

**ଦଖଲ ବିଜ୍ଞପ୍ତି**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର[ରୁଲ୍-୮(୧)]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ କଥିତ ଆକ୍ଟର ଧାରା ୧୩(୧୨)ର ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ଜାମିନ୍‌ଦାର ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନ୍‌ର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲକୁ** ନିଆଯାଇଛି । ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଜଗଡ଼ ପଞ୍ଚାୟତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତତ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ରାଜଗଡ଼ ପଞ୍ଚାୟତ ଶାଖା<br>ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ କ୍ରିଷ୍ଣା ଜୁଏଲାରୀ, ସ୍ୱତ୍ୱାଧିକାରୀ: ଶ୍ରୀ ହାଡ଼ିବନ୍ଧୁ ସିଂହ, ପିତା: ୰ ଶ୍ରୀ କୃଷ୍ଣ ଚନ୍ଦ୍ର ସିଂହ/ ଜାମିନ୍‌ଦାର: ଶ୍ରୀମତୀ ଅନ୍ନପୂର୍ଣ୍ଣା ସିଂହ, ସ୍ୱାମୀ: ୰ ଶ୍ରୀ କୃଷ୍ଣ ଚନ୍ଦ୍ର ସିଂହ, ଉଭୟଙ୍କ ଠିକଣା ସା: ପ୍ଲଟ୍ ନଂ.: ୧୦୪/୩୮୧, କାକଟଛକ, ପୋ./ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍ - ୭୫୪୨୧୧ | ଟ.୬,୮୮,୯୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୩.୦୫.୨୦୧୬ / ୨୧.୦୩.୨୦୧୯ | ୰ ଶ୍ରୀ କୃଷ୍ଣ ଚନ୍ଦ୍ର ସିଂହ, ପିତା: ପର୍ଶୁରାମ ସିଂହଙ୍କ ନାମରେ ଥିବା ଜମି / ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦିଲାରପୁର, ତହସିଲ: କେନ୍ଦ୍ରାପଡ଼ା (୨୪୩), ଥାନା: କେନ୍ଦ୍ରାପଡ଼ା, ଏସ୍‌ଆରଓ / ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୩୧, ପ୍ଲଟ୍ ନଂ.: ୨୪୭, କ୍ଷେତ୍ର: ଏକର୦.୦୧ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ଉତ୍ତର: ରାସ୍ତା, ଦକ୍ଷିଣ: ବସନ୍ତ ସାହୁ, ପୂର୍ବ: କୈଳାଶ ସେନାପତି, ପଶ୍ଚିମ: ପ୍ରଫୁଲ୍ଲ ସାହୁ |

ତାରିଖ : ୨୫.୦୩.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

ଇତିହାସର ଆଇନାରେ

## ମାର୍ଚ୍ଚ ୨୬ର ପ୍ରମୁଖ ଘଟଣା

୧୯୮୧ ମାର୍ଚ୍ଚ ୨୬ରେ ବ୍ରିଟେନ୍‌ରେ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ପ୍ରତିଷ୍ଠା ହୋଇଥିଲା। ଉକ୍ତ ପାର୍ଟି ଜର୍ମାନ ସୋସିଆଲ୍ ମାର୍କେଟ ଅର୍ଥନୀତି (ମିଶ୍ରିତ ଅର୍ଥନୀତି), ନିର୍ବାଚନ ସଂସ୍କାର, ୟୁରୋପର ସଂହତି ଏବଂ ରାଷ୍ଟ୍ରର ବିକେନ୍ଦ୍ରୀକରଣକୁ ସମର୍ଥନ କରୁଥିଲା।

୧୯୯୭ ମାର୍ଚ୍ଚ ୨୬ରେ କାଲିଫର୍ନିଆର ସାନ୍ ଡିଏଗୋ ନିକଟବର୍ତ୍ତୀ ହେଭେନ୍‌ସ ଗେଟ୍ ଠାରେ ଏକ ଗଣ ଆତ୍ମହତ୍ୟା ଦେଖିବାକୁ ମିଳିଥିଲା। ସେଠାରେ ସମୁଦାୟ ୩୯ଜଣ ଆତ୍ମହତ୍ୟା କରିଥିଲେ। ଉକ୍ତ ଗେଟ୍ ୧୯୭୪ରେ ମାର୍ସାଲ ଆପ୍ଲେହ୍ୱାଇଟ୍ ଏବଂ ବୋନି ନେଟଲ୍ସଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଏକ ଅପାର୍ଥିବ ଜଗତରେ ପହଞ୍ଚିବା କାମନା କରି ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ସମୂହ ଆତ୍ମହତ୍ୟା କରିଥିଲେ।

# ଏମିସାଟ୍ ସମେତ ୨୮ ବିଦେଶୀ ଉପଗ୍ରହ ଲଞ୍ଚ୍ କରିବ ଇସ୍ରୋ

**ବେଙ୍ଗାଲୁରୁ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏପ୍ରିଲ୍ ୧ରେ ଏମିସାଟ୍ ସମେତ ୨୮ଟି ବିଦେଶୀ ଉପଗ୍ରହ ଲଞ୍ଚ୍ କରିବ। ୪୩୬ କିଲୋଗ୍ରାମ୍ ବିଶିଷ୍ଟ ଏମିସାଟ୍ ଏବଂ ଅନ୍ୟ ସାଟେଲାଇଟ୍‌ଗୁଡ଼ିକୁ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ସ୍ପେସ୍ ସେଣ୍ଟରରୁ ଉତ୍କ୍ଷେପଣ କରାଯିବ। ଚେନ୍ନାଇଠାରୁ ୧୦୦ କିଲୋମିଟର ଉତ୍ତରରେ ଅବସ୍ଥିତ ଉତ୍କ୍ଷେପଣ ସ୍ଥଳରୁ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍ (ପିଏସ୍‌ଏଲ୍‌ଭି) ରକେଟ୍ ଯୋଗେ ସାଟେଲାଇଟ୍‌ଗୁଡ଼ିକୁ ଲଞ୍ଚ କରାଯିବ ବୋଲି



ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଏହା ଅନୁକୂଳ ପାଗ ଉପରେ ନିର୍ଭର କରୁଛି। ସାଟେଲାଇଟ୍ ଲଞ୍ଚ୍ ପାଇଁ ପୂର୍ବରୁ ମାର୍ଚ୍ଚ ୨୧ ଧାର୍ଯ୍ୟ ହୋଇଥିଲେ ହେଁ ଏପ୍ରିଲ ୨୧କୁ ଏହା ଘୁଞ୍ଚାଇ ଦିଆଯାଇଛି। ଇଣ୍ଡିଆନ୍ ମିନି ସାଟେଲାଇଟ୍-୨ (ଆଇଏମ୍‌ଏସ୍-୨) ଭିତ୍ତିକ ଏମିସାଟ୍ ବିଦ୍ୟୁତ୍ ଚୁମ୍ବକୀୟ ସ୍ପେକ୍ଟ୍ରମ୍ ମାପ କରିବାରେ ସହାୟକ ହେବ। ଇସ୍ରୋ ଅଧିକାରୀମାନେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ ମନା କରିଦେଇଛନ୍ତି। ବ୍ୟବସାୟିକ ଭାବେ ଲିଥୁଆନିଆ, ସ୍ପେନ୍, ସୁଇଜରଲାଣ୍ଡ ଏବଂ ଆମେରିକାର ୨୮ ଉପଗ୍ରହକୁ ଲଞ୍ଚ୍ କରାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଜଳ ତ ଜଳ ଇନ୍ଦ୍ର ଜଳ**
**ବଳ ତ ବଳ ବୁଦ୍ଧି ବଳ ।**

ବର୍ଷା ପାଣି ଜଳର ମୁଖ୍ୟ ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଇନ୍ଦ୍ର କୃପା କଲେ ଭଲ ବର୍ଷାହୁଏ। ବର୍ଷାଜଳ ପ୍ରାଣୀଙ୍କର ବହୁତ ଉପକାରରେ ଲାଗିଥାଏ। ସେହିପରି ଶାରୀରିକ ସାମର୍ଥ୍ୟ ବା ବଳଠାରୁ ବୁଦ୍ଧିର ବଳ ବଡ଼ ହୋଇଥାଏ। ଯାହାପାଖରେ ବୁଦ୍ଧି ଥାଏ ସେ କୌଣସି ପରିସ୍ଥିତିରେ ହାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଜଗତ ଯାକରେ ଭଗତି ମିଠା**
**ଶାହାସ୍ତ୍ର ମିଠା ଗୀତା**
**କୁଟୁମ୍ବ ଯାକରେ ଜନନୀ ମିଠା**
**ବାନ୍ଧବ ମିଠା ପିତା ।**

ଭକ୍ତି ଭାବରେ ବନ୍ଧା ଭଗବାନ। ମନରେ ଭକ୍ତିଭାବ ଥିଲେ ଈଶ୍ୱରଙ୍କୁ ପାଇବା ସହଜ ହୋଇଯାଏ। ଗୀତା ପଠନରେ ଶାନ୍ତି ମିଳିଥାଏ। ଗୀତାକୁ ଅତି ପବିତ୍ର ବୋଲି ମନେ କରାଯାଏ। ଘର ପରିବାର ମଧ୍ୟରେ ଜନ୍ମଦାତ୍ରୀ ମା' ହିଁ ସବୁଠାରୁ ବଳି ଆପଣାର ହୋଇଥାଏ। ସେହିପରି ପିତା ହିଁ ଶ୍ରେଷ୍ଠ ବାନ୍ଧବ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୯ | ୧୯.୦ |
| ଚାନ୍ଦବାଲି | ୩୭.୨ | ୨୨.୦ |
| କଟକ | ୩୭.୮ | ୨୨.୮ |
| ପାରାଦ୍ୱୀପ | ୩୧.୯ | ୨୪.୧ |
| ଭୁବନେଶ୍ୱର | ୩୮.୪ | ୨୪.୮ |
| ଗୋପାଳପୁର | ୩୩.୫ | ୨୩.୬ |
| ପୁରୀ | ୩୨.୮ | ୨୫.୬ |
| ଅନୁଗୋଳ | ୩୭.୭ | ୧୭.୬ |
| ବାରିପଦା | ୩୬.୫ | ୧୯.୪ |
| ଝାରସୁଗୁଡ଼ା | ୩୭.୬ | ୧୮.୫ |
| କେନ୍ଦୁଝର | ୩୪.୫ | ୧୬.୮ |
| ସମ୍ବଲପୁର | ୩୭.୫ | ୧୮.୧ |
| ସୁନ୍ଦରଗଡ଼ | ୩୬.୦ | ୧୮.୦ |
| ହୀରାକୁଦ | ୩୭.୮ | ୧୮.୬ |
| ତାଳଚେର | --- | ୨୦.୫ |
| ଭବାନୀପାଟଣା | ୩୭.୦ | ୨୦.୦ |
| ବଲାଙ୍ଗୀର | ୩୭.୫ | ୧୯.୦ |
| କୋରାପୁଟ | ୩୫.୪ | ୧୮.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୪୧.୦ | ୧୯.୨ |
| ସୋନପୁର | ୩୭.୦ | ୧୭.୦ |
| ଦାରିଙ୍ଗିବାଡ଼ି | ୩୩.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ନୂଆ ଲୁକ୍‌ରେ ଦୀପିକା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ 'ପଦ୍ମାବତ୍' ପରେ ପୁନର୍ବାର ଦର୍ଶକଙ୍କ ହୃଦୟରେ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ। ତାଙ୍କର ଅପ୍‌କମିଂ ଫିଲ୍ମ 'ଛପାକ'ର ଫାଷ୍ଟ ଲୁକ୍ ସୋମବାର ରିଲିଜ୍ ହୋଇଛି। ଏସିଡ୍ ଆଟାକ୍ ସର୍ଭାଇଭର ଭୂମିକାରେ ସେ ଏଥିରେ ଅଭିନୟ କରୁଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନ କାହାଣୀକୁ ଭିତ୍ତିକରି ଏହା ନିର୍ମାଣ ହୋଇଛି। ଏହାର ଫାଷ୍ଟ ଲୁକ୍ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ କରିବା ପରେ ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଲାଣି। ଏଥିରେ 'ମାଲତି' ଭୂମିକାରେ ଦୀପିକା ଦୃଶ୍ୟମାନ ହେବେ। ମେଘନା ଗୁଲଜାର ନିର୍ଦ୍ଦେଶିତ ଏବଂ ଲୀନା ଯାଦବଙ୍କ ପ୍ରଯୋଜିତ ଉକ୍ତ ଫିଲ୍ମରେ ଅଭିନୟ କରିଛନ୍ତି ବିକ୍ରାନ୍ତ ମାସି। ଦୀପିକାଙ୍କ ନୂଆ ଚାହାଣି ବଲିଉଡ୍ ଷ୍ଟାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ତେବେ ଫିଲ୍ମର ଫାଷ୍ଟ ଲୁକ୍ ଦେଖିବା ପରେ ଏବେ ଉତ୍ସୁକତାର ସହ ଦର୍ଶକେ ଅପେକ୍ଷା ରଖିଛନ୍ତି ଏହାର ରିଲିଜ୍‌କୁ। ଏହା ଆସନ୍ତାବର୍ଷ ଜାନୁୟାରୀ ୧୦ରେ ରିଲିଜ୍ ହେବାର ଅଛି।

## ନୟନତାରାଙ୍କୁ ଅଶାଳୀନ ମନ୍ତବ୍ୟ: ଅଡୁଆରେ ରାଧାରବି



**ଚେନ୍ନାଇ:** ଲୋକପ୍ରିୟ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନୟନତାରାଙ୍କ ସମ୍ପର୍କରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଡିଏମ୍‌କେର ବରିଷ୍ଠ ନେତା ତଥା ସୁପରିଚିତ ଅଭିନେତା ରାଧାରବିଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏକ କାର୍ଯ୍ୟକ୍ରମରେ ରାଧାରବିଙ୍କ ଏପରି ମନ୍ତବ୍ୟ ପାଇଁ ଅଭିନେତ୍ରୀ ତାପସୀ ପନ୍ନୁ ଏବଂ ନିର୍ଦ୍ଦେଶକ ବିଗ୍ନେଶ ଶିବନ୍ କ୍ଷୁବ୍ଧ ହୋଇଛନ୍ତି। ରାଧାରବି ଦେଇଥିବା ମନ୍ତବ୍ୟର ଭିଡିଓ ଭାଇରାଲ୍ ହୋଇଛି। ଡିଏମ୍‌କେ ସଭାପତି ଏମ୍.କେ. ଷ୍ଟାଲିନ୍ କହିଛନ୍ତି, ଦଳ ମହିଳାଙ୍କ ଅଧିକାର ସୁରକ୍ଷିତ ରଖିବ ଏବଂ ଅଭିନେତାଙ୍କ ମନ୍ତବ୍ୟ ଆଦୌ ସହ୍ୟ କରାଯିବ ନାହିଁ। ଡିଏମ୍‌କେକୁ ଦୁର୍ନାମ କରିଥିବା ଯୋଗୁ ଦଳର ଜେନେରାଲ ସେକ୍ରେଟାରୀ କେ. ଆମ୍ବାଝାଗନ୍ ରାଧାରବିଙ୍କୁ ନିଲମ୍ବନ କରିଥିବା ବିଷୟ ଷ୍ଟାଲିନ୍ ଟୁଇଟ୍ କରିଛନ୍ତି। ଡିଏମ୍‌କେ ମୁଖପାତ୍ର 'ମୁରାସୋଲି'ରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଦଳକୁ ଦୁର୍ନାମ କରିବା ସହିତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବାରୁ ସବୁ ପଦପଦବୀରୁ ରାଧାରବିଙ୍କୁ ନିଲମ୍ବନ କରାଗଲା।

## ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଶେଷ
# ବିଧାନସଭା ପାଇଁ ୨୪୫, ଲୋକ ସଭା ପାଇଁ ୩୦ ଜଣ ନାମାଙ୍କନ ପତ୍ର ଦାଖଲ କଲେ

ଭୁବନେଶ୍ୱର,୨୫।୩(ବ୍ୟୁରୋ)- ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି । ସୋମବାର ଏହି ପର୍ଯ୍ୟାୟରେ ବିଧାନସଭା ପାଇଁ ୨୦୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ପାଇଁ ୨୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ପ୍ରଥମ ପର୍ଯ୍ୟାୟରେ ବିଧାନସଭା ପାଇଁ ମୋଟ ୨୪୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୪ଟି ଲୋକ ସଭା ପାଇଁ ମୋଟ ୩୦ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ବିଧାନସଭା ଲାଗି ସୋମବାର ୮୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ଆସନ ପାଇଁ ୧୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ନିର୍ବାଚନ ପାଇଁ ୨୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# କଲେଜରୁ ଅଧ୍ୟକ୍ଷଙ୍କୁ ଅପହରଣ
## ୨ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ

**ନୟାଗଡ଼ ଅଫିସ/ରଣପୁର(ସ୍ୱ.ପ୍ର.),୨୫।୩**

ନୟାଗଡ଼ ଜିଲା କେନ୍ଦୁଡ଼ିପି ଦର୍ପନାରାୟଣପୁରସ୍ଥିତ ନବଚୌଧୁରୀ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ପଣ୍ଡାଙ୍କୁ ସୋମବାର ପୂର୍ବାହ୍ନରେ ଅପହରଣ କରିନିଆଯାଇଥିଲା। ତାଙ୍କୁ ୩୦ ଜଣ ବ୍ୟକ୍ତି ଅପହରଣ କରି ନେଇଯାଇଥିଲେ। ୨ଘଣ୍ଟା ପରେ ପୋଲିସ ଅଧକ୍ଷଙ୍କୁ ଶଙ୍ଖେଇ ଗ୍ରାମରୁ ଉଦ୍ଧାର କରିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଲାଠିପଡ଼ା ଓ ଶଙ୍ଖେଇ ଗ୍ରାମ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଲାଗିଥାଏ। ଶୁକ୍ରବାର ହୋଲି ଦିନ ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ସୋମବାର ଏହି ଘଟଣାର ସମାଧାନ କରାଯିବାକୁ ଇଟାମାଟି ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ରବିବାର ଶଙ୍ଖେଇ ଗ୍ରାମର ଜଣେ ଯୁବକଙ୍କୁ ଲାଠିପଡ଼ା ଗ୍ରାମର ଲୋକମାନେ ଅପହରଣ କରିନେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଶଙ୍ଖେଇ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲାଠିପଡ଼ା ସମିତିସଭ୍ୟଙ୍କ ଭାଇ ତଥା କଲେଜ ଅଧକ୍ଷ ରାଜକିଶୋର ପଣ୍ଡାକୁ ଅପହରଣ କରି ନେଇ ଯାଇଥିଲେ। ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୁଖା ପିନ୍ଧି ପୂର୍ବାହ୍ନ ୧୦ଟା ୩୦ରେ କଲେଜ ପାଚେରି ଡେଇଁ ମହାବିଦ୍ୟାଳୟ ଭିତରେ ପଶିଥିଲେ। ଯୁକ୍ତ ୨ ପରୀକ୍ଷା ଚାଲୁଥିବାରୁ ମୁତୟନ ହୋଇଥିବା ପରୀକ୍ଷା ନିୟନ୍ତ୍ରକଙ୍କୁ ସେମାନେ ଧମକାଇଥିଲେ। ଏହାପରେ ଅଧକ୍ଷଙ୍କ ଚାମ୍ବରକୁ ଯାଇ ଅଧକ୍ଷ ପଣ୍ଡାଙ୍କୁ ଉଠାଇ ନେଇ ଆସିଥିଲେ। ଖବର ପାଇ ଇଟାମାଟି ଓ ରଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ପୋଲିସ ଅଧକ୍ଷ ପଣ୍ଡାଙ୍କୁ ଶଙ୍ଖେଇ ଗ୍ରାମରୁ ଉଦ୍ଧାର କରିଥିଲା। ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଅଧକ୍ଷଙ୍କୁ ଉଦ୍ଧାର କରାଯାଇଛି। ଘଟଣାର ସମାଧାନ ବୁଧବାର ହେବ ବୋଲି କହିଛନ୍ତି।

## ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ : କଂଗ୍ରେସରୁ ୩ ବହିଷ୍କୃତ

**ମାଲକାନଗିରି,୨୫।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ ସୋମବାର ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ୩ଜଣ କର୍ମୀଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ସେମାନେ ହେଲେ ମାଥିଲି ପିସିସି ସଭ୍ୟ ସ୍ମୃତିରଞ୍ଜନ, ମାଥିଲି ବ୍ଲକ ଜିଲା ପରିଷଦ ସଭ୍ୟ ବାଲାରାଜୁ କପେ ଏବଂ ଜିଲା କଂଗ୍ରେସ ସମ୍ପାଦକ ଇନ୍ଦ୍ର ନାୟକଙ୍କୁ ଦଳରୁ ବହିଷ୍କାର କରି ଅନୁମୋଦନ ପାଇଁ ରାଜ୍ୟ ସଭାପତିଙ୍କ ନିକଟରୁ ପଠାଇଛନ୍ତି। କପେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ସୋମବାର ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତାଙ୍କୁ ଅନ୍ୟମାନେ ଉତ୍ସାହିତ କରିଥିବାରୁ ଦଳ ବାଧ ହୋଇ ଏପରି ପଦକ୍ଷେପ ନେଇଛି। ଦଳରେ ଥାଇ ଯଦି କୌଣସି କର୍ମୀ କିମ୍ବା କର୍ମକର୍ତ୍ତା ଆଗାମୀ ଦିନରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ସେମାନଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଭାପତି ପାତ୍ର କହିଛନ୍ତି।

## ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ
# କଂଗ୍ରେସ ପ୍ରାର୍ଥୀ ହେଲେ ଶ୍ୟାମଘନ

**ଦାରିଙ୍ଗବାଡ଼ି,୨୫।୩(ଡି.ଏନ.ଏ)**



ଶ୍ୟାମଘନ ପ୍ରଧାନ ।

କନ୍ଧମାଳ ଜିଲା ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କଂଗ୍ରେସ ପକ୍ଷରୁ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ସେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ସୋମବାର ବାଲିଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରମାଣପତ୍ର ଯୋଗାଡ଼ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଜି. ଉଦୟଗିରି ବିଧାୟକ ଥିବା କଂଗ୍ରେସର ଜାକବ ପ୍ରଧାନଙ୍କୁ ଦଳ ଟିକେଟ ଦେଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜାକବ ଭୁବନେଶ୍ୱର ଯାଇ ଟିକେଟ ପାଇଁ ଜୋରଦାର ଲବି ଚଳାଇଥିଲେ । ହେଲେ ଶେଷ ମୁହୂର୍ତ୍ତରେ ତାଙ୍କୁ ବାଦଦେଇ ଶ୍ୟାମଘନଙ୍କୁ ଦଳ ପ୍ରାର୍ଥୀ କରିଛି। ଶ୍ୟାମଘନ ବର୍ତ୍ତମାନ ଦାରିଙ୍ଗବାଡ଼ି ବ୍ଲକ ସିର୍କାବର୍ଗ ସରପଞ୍ଚ ଅଛନ୍ତି। ଏହା ପୂର୍ବରୁ ୨୦୦୨ରେ ସିର୍କାବର୍ଗରୁ ନିଦ୍ୱନ୍ଦ୍ୱରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୭ରେ

**ଜାକବଙ୍କ ସମର୍ଥକ ନିରାଶ**

ସମିତିସଭ୍ୟ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ଜଣେ ସାମାଜିକ କର୍ମୀ। କଂଗ୍ରେସ ବିଧାୟକ ପ୍ରାର୍ଥୀ ହେବା ପରେ ବିଜେଡି ଏବଂ ଭାଜପା ମଧ୍ୟରେ ତାଙ୍କର କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ସେପଟେ ଜାକବ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିପାରନ୍ତି ବୋଲି ତାଙ୍କ ସମର୍ଥକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି । ଜାକବ କହିଛନ୍ତି, ସମର୍ଥକମାନେ ଯେଭଳି ଚାହିଁବେ ସେ ଅନୁଯାୟୀ ପଦକ୍ଷେପ ନିଆଯିବ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଜଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

B.Ed.
B.Ed. (Gen/Hindi/Sans)
CT/DEd/BPEd/MPEd
Any ଗ୍ରାଜୁଏଟ୍ /+2 Pass-35%
Exam Centre : ଭୁବନେଶ୍ୱର
Admn.Fee
Rs.20,000/- Per Sem.
RN B.Ed. College, BBSR
9438743439/9438146430

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି
ପର୍ସନାଲ, ବ୍ୟବସାୟ
ରାଶନ କାର୍ଡ, ଆଧାର କାର୍ଡ
ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସନରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରମୁଖ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ


ବିଜେପୁର ଆସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ନାମାଙ୍କନ ଦାଖଲ କରୁଛନ୍ତି।


ବରଗଡ଼ ଲୋକ ସଭା ଆସନ ପାଇଁ ସୁରେଶ ପୂଜାରୀଙ୍କ ନାମାଙ୍କନ ଦାଖଲ।


ଲୋକ ସଭା ଆସନ ପାଇଁ ପୁଷ୍ପେନ୍ଦ୍ର ସିଂ ଦେଓ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ପାଟଣାଗଡ଼ ବିଧାନସଭା ଆସନ ପାଇଁ କନକବର୍ଦ୍ଧନ ସିଂଦେଓଙ୍କ ନାମାଙ୍କନ ଦାଖଲ।


ଅତାବିରା ଆସନ ପାଇଁ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ଦାଖଲ କରୁଛନ୍ତି ।


ବଲାଙ୍ଗୀର ବିଧାନସଭା ଆସନ ପାଇଁ ନରସିଂହ ମିଶ୍ର ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।


ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ନାମାଙ୍କନପତ୍ର ଦାଖଲ କରୁଛନ୍ତି।


ଭକ୍ତଚରଣ ଦାସ ଓ ତାଙ୍କ ପୁତ୍ର ସାଗର ଚରଣ ଦାସ ନାମାଙ୍କନପତ୍ର ଦାଖଲ ପୂର୍ବରୁ ମାଣିକେଶ୍ୱରୀ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଛନ୍ତି।


ବସନ୍ତ ପଣ୍ଡା ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

## ନବୀନ ନିବାସରେ ଭିଡ଼



ନବୀନ ନିବାସରେ ସୋମବାର ଟିକେଟ୍ ଆଶାୟୀ ଓ ନେତାମାନଙ୍କ ଭିଡ଼।

# ନାମାଙ୍କନ ଭରିଲେ ମୁଖ୍ୟମନ୍ତ୍ରୀ

**ପଦ୍ମପୁର,୨୫।୩(ଡି.ଏନ.ଏ) :** ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପଦ୍ମପୁର ଉପଜିଲାପାଳ ଅଫିସ୍‌କୁ ଯାଇ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ତନ୍ମୟ କୁମାର ଦରୱାନଙ୍କ ପାଖରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ହେଲିକପ୍ଟର ଯୋଗେ ସତୀଭଟା ଉଡାଜାହାଜ ପଡିଆରେ ପହଞ୍ଚି ପ୍ରଥମେ ସତୀଭଟା ଛକରେ ଏକ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ। ପରେ ସେ ଅପରାହ୍ନ ପ୍ରାୟ ୨ଟା ୩୪ମିନିଟ୍‌ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ । ତାଙ୍କ ପ୍ରସ୍ତାବକ ଓ ସମର୍ଥକ ଭାବେ ବିଜେପୁର ବିଧାୟିକା ରୀତା ସାହୁ, ନାରାୟଣ ସାହୁ, ସନ୍ତୋଷ ଦେହୁରୀ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବରଗଡ଼ ଲୋକସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଓ ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହାବ୍ୟତୀତ ଅତାବିରା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ଭାଜପା ସହ ୪୦ ବର୍ଷର ସମ୍ପର୍କ କାଟିଲେ ରାଜକିଶୋର

**ବାରିପଦା ଅଫିସ,୨୫।୩**



■ନବୀନ ନିବାସ ଯାଇ ବିଜେଡିରେ ମିଶିଲେ

■ବିଜେଡି ଟିକେଟ ନ ମିଳିଲେ ରାଜ୍ୟ ସଭାକୁ ଯିବା ନେଇ ଚର୍ଚ୍ଚା

ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ରାଜକିଶୋର ଦାସ ଦଳର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେବାର ଦିନକ ପରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ନିଜର ଶତାଧିକ ସମର୍ଥକଙ୍କ ସହ ସେ ଭୁବନେଶ୍ୱର ଯାଇ ସୋମବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦଳର ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଜେଡିରେ ମିଶିଛନ୍ତି। ଭାଜପା ସହ ଦୀର୍ଘ ୪୦ ବର୍ଷର ସମ୍ପର୍କ କାଟିବା ଘଟଣା ନେଇ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଦଳର ଜିଲା କର୍ମକର୍ତ୍ତାଙ୍କୁ ଦାୟୀ କରିଛନ୍ତି।

ନବୀନ ନିବାସରେ ଆୟୋଜିତ ମିଶ୍ରଣ ପର୍ବରେ ମୟୂରଭଞ୍ଜ ଜିଲା ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ସମେତ ଏହି ଜିଲା ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର ଅଧୀନ ମୋରଡା ବିଧାନସଭା ଆସନ ଲାଗି ରାଜକିଶୋର ଭାଜପାରୁ ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ। ଦଳ ତାଙ୍କୁ ଟିକେଟ ଦେବା ନେଇ କିଛି ସ୍ପଷ୍ଟ କରି ନ ଥିଲା। ଭାଜପା ଏହି ଲୋକ ସଭା କ୍ଷେତ୍ର ଅଧୀନ ୭ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମୋରଡା ଓ ରାଇରଙ୍ଗପୁର ଆସନ ପାଇଁ ଟିକେଟ ଝୁଲାଇ ରଖିଛି। ଏହି ଦୁଇ ଆସନରେ ରାଜକିଶୋରଙ୍କ ସଂଗଠନ ଦୃଢ଼ ଥିବାରୁ ତାଙ୍କୁ କେତେକ ନେତା ଜାଣିଶୁଣି ପଛକୁ ଠେଲିବାକୁ ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି।

ରାଜକିଶୋର ୮ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ସାମିଲ ହୋଇ କାର୍ଯ୍ୟ କରିଆସିଥିଲେ। ଗତ ୪ ବର୍ଷ ହେବ ସେ ଦଳରେ ଏକପ୍ରକାର କୋଣଠେସା ହୋଇ ରହିଥିଲେ। ଏପରି କି ଭାଜପା ଜିଲା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଅଣଦେଖା କରାଯାଉଥିଲା। ଏଥିପାଇଁ ସେ ଦଳ ଛାଡିଥିବା କହିଛନ୍ତି। ବିଜେଡିରେ ସାମିଲ ହେବା ପରେ ରାଜକିଶୋରଙ୍କୁ ରାଜ୍ୟ ସଭା କିମ୍ବା ମୋରଡା ବିଧାନସଭା ଆସନ ଲାଗି ଟିକେଟ ମିଳିପାରେ ବୋଲି ତାଙ୍କ ସମର୍ଥକମାନେ ଆଲୋଚନା କରୁଛନ୍ତି। ବର୍ତ୍ତମାନ ମୋରଡ଼ା ନିର୍ବାଚନ ମଣ୍ଡଳୀ ଲାଗି ଶାସକ ବିଜେଡିର ବିଧାୟକ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତ ଓ ଅନ୍ୟ ୫ ଜଣ ଏଠାରୁ ପ୍ରାର୍ଥୀ ହେବାକୁ ଆଶାୟୀ ରହିଛନ୍ତି। ଏଠାରୁ ବିଜେଡି ରାଜକିଶୋରଙ୍କୁ ଯଦି ପ୍ରାର୍ଥୀ କରେ ଆଶାୟୀମାନେ ଏହାକୁ ବିରୋଧ କରିବା ଆଶଙ୍କା ରହିଛି। ଏ ନେଇ ରାଜକିଶୋରଙ୍କୁ ପଚାରିବାରୁ ସେ ନିର୍ବାଚନ ଲଢ଼ନ୍ତୁ ବୋଲି ତାଙ୍କ ସମର୍ଥକମାନେ ଚାହୁଁଥିବା କହିଛନ୍ତି। ଅନ୍ୟପକ୍ଷେ ରାଜକିଶୋର ଦଳ ଛାଡିବା ମୟୂରଭଞ୍ଜ ଭାଜପା ସଙ୍ଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଜିଲା ଭାଜପା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

# ପ୍ରସନ୍ନ, ସୁରେଶ କୋଳାକୋଳି

**ବରଗଡ଼ ଅଫିସ୍,୨୫।୩**


ପ୍ରସନ୍ନ ଓ ସୁରେଶ ପରସ୍ପର କୋଳାକୋଳି ହେଉଛନ୍ତି।

ବରଗଡ଼ ଲୋକସଭା ଆସନ ପାଇଁ ସୋମବାର ଉଭୟ ବିଜେଡ଼ି ଓ ଭାଜପା ପ୍ରାର୍ଥୀ ଜିଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଆସନରୁ ବିଜେଡ଼ି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲ ସାରି ପ୍ରସନ୍ନ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ କାର୍ଯ୍ୟାଳୟରୁ ବାହାରୁ ଥିବାବେଳେ ସେହି ସମୟରେ ସୁରେଶ ନାମାଙ୍କନପତ୍ର ଦାଖଲ କରିବା ପାଇଁ ସେଠାରେ ପହଞ୍ଚିଥିଲେ। ବରଗଡ଼ ବିଜେଡ଼ି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କୁ ଦେଖି ପ୍ରଥମେ ସୁରେଶ ତାଙ୍କୁ ଆଲିଙ୍ଗନ କରିଥିଲେ। ଏହାପରେ ସେ ପ୍ରସନ୍ନଙ୍କ ପାଖକୁ ଯାଇ ମଧ୍ୟ ତାଙ୍କୁ କୋଳାଇ ଧରିଥିଲେ। ଦୁଇ ବିଜେଡ଼ି ପ୍ରାର୍ଥୀ ତଥା କାକା, ପୁତୁରାଙ୍କୁ ଭାଜପା ପ୍ରାର୍ଥୀ ସୁରେଶଙ୍କ ଏଭଳି କୋଳାକୋଳି ଜିଲାପାଳ ଅଫିସ ପରିସରରେ ବେଶ୍ ରୋଚକ ହୋଇ ପଡ଼ିଥିଲା।

# ଘର ବାହୁଡ଼ିଲେ ଖାରବେଳ

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳରେ ଯୋଗଦେବା ଅବସରରେ ଖାରବେଳ ସ୍ୱାଇଁ।

ପୂର୍ବତନ ଏମ୍‌ପି ତଥା ଉତ୍କଳ ଭାରତ ଦଳର ସଭାପତି ଖାରବେଳ ସ୍ୱାଇଁ ସୋମବାର ପୁଣିଥରେ ଭାଜପା ଫେରିଛନ୍ତି। ଭାଜପା ଟିକେଟରେ ସେ ସେ ୨୦୦୦ ଓ ୨୦୦୪ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପା ଛାଡି ଏକ ଦଳ ଗଠନ କରିଥିଲେ। ତେବେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଖାରବେଳ ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ଦଳୀୟ ଟୋପି, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଧର୍ମେନ୍ଦ୍ର ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଖାରବେଳ ସ୍ୱାଇଁ ହେଉଛନ୍ତି ଓଡ଼ିଶା ରାଜନୀତିର ଜଣେ ଅମୂଲ୍ୟ ରତ୍ନ ଏବଂ ତାଙ୍କ ବ୍ୟକ୍ତିତ୍ୱ ଖୁବ୍ ପ୍ରଶଂସନୀୟ। ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ କେବେହେଲେ ଅନ୍ୟ କୌଣସି ରାଜନୈତିକ ଦଳର ନେତା ଭାବେ ଗଣିନାହାନ୍ତି। ବିଚାର ଦୃଷ୍ଟିରୁ ରାଷ୍ଟ୍ରବାଦୀ ଆନ୍ଦୋଳନରେ ଥିବା ଖାରବେଳ ବିଗତ ୫ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପାଇଁ ଭାରତ ବର୍ତ୍ତମାନ ସାରା ବିଶ୍ୱରେ ଏକ ଶକ୍ତିଭାବେ ନିଜକୁ ପ୍ରତିଷ୍ଠା କରିପାରିଛି, ଏହି କଥା ଓଡ଼ିଶାବାସୀଙ୍କ ଆଗରେ କହି ସେ ଆସୁଥିଲେ। ଓଡ଼ିଶାବାସୀଙ୍କର ମଧ ଇଚ୍ଛା ଥିଲା ଖାରବେଳ ଭାଜପାରେ ସାମିଲ ହୁଅନ୍ତୁ। ଖାରବେଳ ଦଳରେ ସାମିଲ ହେବା ଓଡ଼ିଶାରେ ଏକ ବଡ ରାଜନୈତିକ ପରିବର୍ତ୍ତନର ପ୍ରତିଧ୍ୱନିକୁ ଧୀରେ ଧୀରେ ସ୍ପଷ୍ଟ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ ଖାରବେଳ କହିଛନ୍ତି ଯେ, ଗତ ୧୦ବର୍ଷ ହେବ ଉତ୍କଳ ଭାରତ ଦଳକୁ ଚଳାଇଛୁ। ବିଜେଡି ସରକାର ସମୟରେ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ମୁଖ୍ୟମନ୍ତ୍ରୀଙ୍କର ଅପାରଗତା ବିରୋଧରେ ଆନ୍ଦୋଳନ କରିବା ସହ ଏହି ସରକାରର ପତନ ପାଇଁ ଆପ୍ରାଣ ଉଦମ୍ୟ କରିଆସିଛୁ। କିନ୍ତୁ ଉତ୍କଳ ଭାରତ ଏକ ଛୋଟିଆ ଦଳ ହୋଇଥିବାରୁ ବିଜେଡିକୁ ପରାଜୟ କରିବା ଆମ ପକ୍ଷରେ ସମ୍ଭବ ନ ଥିଲା। ଭାଜପା ଭଳି ଏକ ରାଷ୍ଟ୍ରୀୟ ଦଳ ବିଜେଡିକୁ ହଟାଇବା ପାଇଁ ନେତୃତ୍ୱ ନେଇଥିବାରୁ ନିଜ ତରଫରୁ ଭାଜପାରେ ମିଶିବାର ଆଗ୍ରହ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର ଶୀର୍ଷସ୍ତରରୁ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଲୋପ କରିଛି। ଏହି ୫ବର୍ଷରେ ପ୍ରଧାନମନ୍ତ୍ରୀ ଭାରତ ବର୍ଷକୁ ଏକ ବିଶ୍ୱଶକ୍ତିରେ ପରିଣତ କରିପାରିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ବର୍ଷ ନିରଙ୍କୁଶ କ୍ଷମତାରେ ଥାଇ ମଧ ରାଜ୍ୟକୁ ସମୃଦ୍ଧ କରିପାରିନାହାନ୍ତି। ରାଜ୍ୟରେ ଗରିବଙ୍କ ଦୁଃଖ ଦୂର କରିପାରିନାହାନ୍ତି। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ଓଡ଼ିଶା ସମୃଦ୍ଧ ହେବା ସହ ଗରିବ ଏବଂ ମଧ୍ୟବିତ୍ତ ମାନଙ୍କର ବିକାଶ ହେବ ବୋଲି ଖାରବେଳ କହିଛନ୍ତି। ଖାରବେଳଙ୍କ ସହ ତାଙ୍କ ଦଳର ବହୁ କାର୍ଯ୍ୟକର୍ତ୍ତା ମଧ ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।




# ଶିକ୍ଷା, ନିଯୁକ୍ତିକୁ ନୂଆ ଭୋଟରଙ୍କ ଗୁରୁତ୍ୱ

ଓଡ଼ିଶାରେ ଏପ୍ରିଲ ୧୧ରୁ ୨୯ ମଧ୍ୟରେ ୪ ପର୍ଯ୍ୟାୟରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବ। ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭିନ୍ନ ଭିନ୍ନ ପ୍ରସଙ୍ଗ ଆପଣାଇବେ। ହେଲେ ଏଥର ପ୍ରଥମ କରି ମତଦାନ କରିବାର ସୁଯୋଗ ପାଇଥିବା ଭୋଟରଙ୍କ ପାଇଁ ଆସନ୍ତା ନିର୍ବାଚନରେ କେଉଁ ପ୍ରସଙ୍ଗ ଗୁରୁତ୍ୱବହନ କରିବ ସେନେଇ ଲୋଡ଼ାଯାଇଥିବା ମତ।

## ଅଧିକରୁ ଅଧିକ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉ



ପ୍ରଥମଥର ପାଇଁ ଭୋଟ ଦେବାକୁ ଯାଉଥିବାରୁ ଖୁସି ଲାଗୁଛି। ମୁଁ ଜଣେ ଛାତ୍ରୀ ହିସାବରେ କହିବି, ପ୍ରଥମେ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଯେଉଁ ଦେଶ ଶିକ୍ଷା କ୍ଷେତ୍ରରେ ଆଗୁଆ, ସେ ଦେଶ ସେତେ ସମୃଦ୍ଧ। ଭାରତ ଏକ ଯୁବଗୋଷ୍ଠୀର ଦେଶ। ତେଣୁ ଯୁବବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ବିକାଶ ଆବଶ୍ୟକ। ଶିକ୍ଷା ପାଇଁ ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି, ଛାତ୍ରୀଛାତ୍ରଙ୍କ ପାଠ୍ୟ ଉପକରଣ ଯୋଗାଣ ଉପରେ ପ୍ରାଥମିକତା ଦିଆଯିବା ଦରକାର। ସେହିପରି ବେକାରି ସମସ୍ୟା ସମାଧାନ ହେବା ଉଚିତ। କିପରି ଅଧିକରୁ ଅଧିକ ନିଯୁକ୍ତି ମିଳିପାରିବ, ତାହା ନିର୍ବାଚନ ପ୍ରସଙ୍ଗ ହେଲେ ଆମ ଦେଶ ତଥା ରାଜ୍ୟ ପାଇଁ ଭଲ ହେବ। ନିଯୁକ୍ତି ସୁଯୋଗ ବଢ଼ିଲେ ପ୍ରତ୍ୟେକ ସ୍ୱାବଲମ୍ବୀ ହୋଇପାରିବେ ଏବଂ ଦେଶ ଆଗକୁ ବଢ଼ିବ।

- ବର୍ଷା ସାହୁ, ମାର୍କଣ୍ଡେଶ୍ୱର ସାହି, ପୁରୀ

## ଶିକ୍ଷାର ବିକାଶ ପ୍ରମୁଖ ପ୍ରସଙ୍ଗ ହେବା ଦରକାର



ଗତ ସାଧାରଣ ନିର୍ବାଚନ କଥା ଏତେଟା ମନେ ନାହିଁ। ମା'ବାପା ଭୋଟ ଦେଉଥିଲେ, ଏବେ ମୁଁ ଭୋଟ ଦେବାର ଅଧିକାର ପାଇଛି। ଏହା ମୋତେ ନିଶ୍ଚିତ ଖୁସି ଦେଉଛି। ତେବେ ଶିକ୍ଷା ହିଁ ଏକ ସମୃଦ୍ଧ ତଥା ଆଦର୍ଶ ରାଷ୍ଟ୍ରର ମୂଳଦୁଆ। ତେଣୁ ଶିକ୍ଷାର ବିକାଶ ପ୍ରମୁଖ ନିର୍ବାଚନ ପ୍ରସଙ୍ଗ ହେବା ଦରକାର। କେବଳ ପ୍ରସଙ୍ଗ ହୋଇଗଲେ ହେବ ନାହିଁ, ଏହାକୁ ସଦୁପଯୋଗ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଭାରତରେ ଶିକ୍ଷାର ବିକାଶ ହୋଇପାରିବ। କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଉପରେ ବି ସମସ୍ତଙ୍କ ଫୋକସ ରହିଲେ ରାଜ୍ୟ ତଥା ଦେଶର ପ୍ରଗତି ହୋଇପାରିବ।

- ରବିନାରାୟଣ ନାୟକ, ଦୋଳମଣ୍ଡପ ସାହି, ପୁରୀ

## ବିକାଶ ମୁଖ୍ୟ ପ୍ରସଙ୍ଗ ହେଉ



ତାଳଚେରରେ ଅନେକ ସମସ୍ୟା ଓ ପ୍ରସଙ୍ଗ ରହିଛି। ତେବେ ବିକାଶ ମୁଖ୍ୟ ପ୍ରସଙ୍ଗ ହେବା ଦରକାର। ବିଶେଷକରି ଯୁବ ସମାଜ ପାଇଁ କିଛି କରିବା ଉପରେ ଦଳ ବା ପ୍ରାର୍ଥୀମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଏପରି ପ୍ରସଙ୍ଗ ରଖିଥିବା ପ୍ରାର୍ଥୀଙ୍କୁ ଭୋଟ ଦେବୁ।

-ଆଶୁତୋଷ ମହାପାତ୍ର, ତାଳଚେର

## ପ୍ରଦୂଷଣ ହ୍ରାସକୁ ଗୁରୁତ୍ୱ ଦିଆଯାଉ



ତାଳଚେରରେ ବଡ଼ ସମସ୍ୟା ହେଉଛି ପ୍ରଦୂଷଣ। ଏହାର ନିରାକରଣ ପାଇଁ ଏଯାଏ କେହି ସେପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଲେ ନାହିଁ। ସେହିପରି ପାଣି, ବିଦ୍ୟୁତ୍ ସମସ୍ୟା ବି ରହିଛି। ୨୦୧୯ରେ ଆମେ ପରିବର୍ତ୍ତନ ଚାହୁଁଛୁ। ତେଣୁ ଆମ ସମସ୍ୟାର ସମାଧାନ ବିଶେଷକରି ପ୍ରଦୂଷଣ ହ୍ରାସକୁ ଏଠାରେ ଦଳଗୁଡ଼ିକ ପ୍ରସଙ୍ଗ କରିବା ଉଚିତ। ଏପରି ପ୍ରତିଶ୍ରୁତି ରଖୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବି ବୋଲି ଭାବୁଛି।

-ଶିବାନୀ ମହାପାତ୍ର, ତାଳଚେର

## ଶିକ୍ଷା, ଚାକିରିରେ ଅଗ୍ରାଧିକାର ମିଳୁ



ଶିକ୍ଷା ଓ ଚାକିରି କ୍ଷେତ୍ରରେ ମଧ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବା ଦରକାର। ଏବେ ବି ବହୁ ଯୁବତୀ ବେକାର ହୋଇ ରହିଛନ୍ତି, ଯାହାର ସମାଧାନ ପାଇଁ ଚେଷ୍ଟା କରାଯିବା ଉଚିତ। ଏପରି ପ୍ରସଙ୍ଗକୁ ଆଧାର କରିଥିବା ପ୍ରାର୍ଥୀଙ୍କୁ ପ୍ରଥମ ଥର ପାଇଁ ଭୋଟ ଦେବି।

-ସୁଚିତ୍ରା ଜେନା, ଅନୁଗୋଳ

## ବେକାରି ସମସ୍ୟା ସମାଧାନ ହେଉ ପ୍ରସଙ୍ଗ



ସମାଜରେ ବେକାରୀ ସମସ୍ୟା ବଢ଼ି ଚାଲିଛି। ଏହାକୁ ଦୂର କରାଯିବା ଉପରେ କୌଣସି ସରକାର ଯଥେଷ୍ଟ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଚଳିତ ନିର୍ବାଚନରେ ବେକାରି ସମସ୍ୟାର ସମାଧାନକୁ ପ୍ରସଙ୍ଗ କରାଯିବା ଉଚିତ। ଯେଉଁମାନେ ଯୁବପିଢ଼ିଙ୍କ ପାଇଁ ଏପରି କାର୍ଯ୍ୟ କରିବେ ସେହିପରି ଉପଯୁକ୍ତ ପ୍ରାର୍ଥୀ ଦେଖି ପ୍ରଥମ ଭୋଟ ଦେବି।

- ସୁବ୍ରତ କୁମାର ଜେନା, ଅନୁଗୋଳ

## ଉନ୍ନୟନକୁ ଗୁରୁତ୍ୱ ଦିଆଯାଉ



ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ଲୋକେ ନାନା ଅସୁବିଧାରେ ଥିବାରୁ ଏଠାରେ କିପରି ଉନ୍ନତୀକରଣ କାର୍ଯ୍ୟ କରାଯିବ ତାହା ଉପରେ ଦଳ ବା ପ୍ରାର୍ଥୀମାନେ ଗୁରୁତ୍ୱ ଦେବା କଥା। ଏପରି ପ୍ରତିଶ୍ରୁତି ରଖୁଥିବା ବ୍ୟକ୍ତିଙ୍କୁ ଭୋଟ ଦେବି। ଏଥିସହ ଯୁବପିଢ଼ିଙ୍କୁ ପ୍ରାଧାନ୍ୟ ଦେଉଥିବା ଠିକ୍ ନେତା ଦେଖି ବାଛିବି।

- ନିଲେଶ ସାହୁ, ଛେଣ୍ଡିପଦା

## ଅଞ୍ଚଳର ବିକାଶକୁ ପ୍ରସଙ୍ଗ କରାଯାଉ



ଭୋଟର ପରିଚୟପତ୍ର ମିଳିଥିବାରୁ ଯୋଗ୍ୟ ନେତାଙ୍କୁ ଦେଖି ମୋର ପ୍ରଥମ ମତ ସାବ୍ୟସ୍ତ କରିବି। ହେଲେ କେଉଁ ନେତା କେତେ ଯୋଗ୍ୟ ଓ ଅଞ୍ଚଳର ବିକାଶ ଦିଗରେ ସେ କିପରି ଧ୍ୟାନ ଦେବାକୁ ପ୍ରସଙ୍ଗ କରୁଛନ୍ତି ତାହାକୁ ନିଶ୍ଚିତ ଦେଖିବି। ଏଥିସହ ଯୁବପିଢ଼ିଙ୍କୁ ପ୍ରାଧାନ୍ୟ ଦେଉଥିବା ପ୍ରାର୍ଥୀଙ୍କୁ ଚଳିତ ସାଧାରଣ ନିର୍ବାଚନରେ ବାଛିବି।

- ବଳଭଦ୍ର ସାହୁ, ଛେଣ୍ଡିପଦା

## ରାଜ୍ୟ ଭିତରେ ନିଯୁକ୍ତି ପ୍ରସଙ୍ଗ ହେଉ



ଯୋଗ୍ୟତା ଭିତ୍ତିରେ ଓ ରାଜ୍ୟ ଭିତରେ ସ୍ଥାୟୀ ନିଯୁକ୍ତି ମିଳିପାରିଲେ ଯୁବଗୋଷ୍ଠୀଙ୍କ ସଶକ୍ତୀକରଣ ହୋଇପାରିବ। ନିର୍ବାଚନରେ ଭାଗ ନେଉଥିବା ରାଜନୈତିକ ଦଳଗୁଡ଼ିକ ଏହାକୁ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ଆମ ରାଜ୍ୟରେ ଚାକିରି ଅଭାବରୁ ବହୁ ଦକ୍ଷ ଯୁବତୀଯୁବକ ବାହାର ରାଜ୍ୟକୁ ଯାଇ ରୋଜଗାର କରୁଛନ୍ତି। ଅଧିକ ପାଠ ପଢ଼ିଥିଲେ ମଧ ଅନେକଙ୍କୁ ସଂରକ୍ଷଣ ବ୍ୟବସ୍ଥାର ଶିକାର ହେବାକୁ ପଡୁଛି। ତେଣୁ ବାହାରକୁ ନ ଯାଇ ସେମାନଙ୍କୁ ରାଜ୍ୟ ଭିତରେ କିପରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବ ତାହାକୁ ନିର୍ବାଚନୀ ପ୍ରସଙ୍ଗ କରାଯିବା ଜରୁରୀ।

- ମଧୁସ୍ମିତା ସାହୁ, ଢେଙ୍କାନାଳ

## ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଆଯାଉ



ମେଧାବୀ ଯୁବତୀ ଯୁବକମାନଙ୍କୁ ଦକ୍ଷତା ଅନୁଯାୟୀ ନିଯୁକ୍ତି ମିଳୁ। ଏହାକୁ ରାଜନୈତିକ ଦଳମାନେ ପ୍ରସଙ୍ଗ କରିବା ଆବଶ୍ୟକ। ସେହିପରି ଅଞ୍ଚଳର ବିକାଶ କରିପାରୁଥିବା ଏବଂ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଭଲଭାବେ ଦାବି ଉପସ୍ଥାପନ କରିପାରୁଥିବା ଭଳି ପ୍ରାର୍ଥୀଙ୍କୁ ଭୋଟରମାନେ ବାଛିବା ଉଚିତ।

- ଶିବାଜୀ ରାଉତ, କାମାକ୍ଷାନଗର


## ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉ



ମୁଁ ଚଳିତ ସାଧାରଣ ନିର୍ବାଚନରେ ପ୍ରଥମ ଥର ମତଦାନ ସାବ୍ୟସ୍ତ କରିବାକୁ ଯାଉଛି। ଆମ କୋରାପୁଟ ଜିଲାର ଯେ କୌଣସି ପ୍ରାର୍ଥୀ ଏମ୍‌ପି ଓ ବିଧାୟକ ଭାବେ ନିର୍ବାଚିତ ହେବେ, ସେ ପ୍ରଥମେ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ଲକ୍ଷ୍ୟ ରଖିବା ଆବଶ୍ୟକ। ବିଶେଷକରି କୋରାପୁଟ ଜିଲାରେ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମିର ବିକାଶ ଏବଂ ପର୍ଯ୍ୟଟନ ଶିଳ୍ପରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ କର୍ମସଂସ୍ଥାନ ବ୍ୟବସ୍ଥା କରାଯିବା ଜରୁରୀ। ବିଭିନ୍ନ ନିଯୁକ୍ତି ଜିଲାଭିତ୍ତିକ କରିବା କିମ୍ବା ଜିଲାର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ।

- ଗୌତମୀ ବାଈ, ବାଣିଜ୍ୟ ଛାତ୍ରୀ, କୋରାପୁଟ ସରକାରୀ କଲେଜ

## ଆଞ୍ଚଳିକ ସମସ୍ୟା ପ୍ରସଙ୍ଗ ହେବା ଉଚିତ



ଆସନ୍ତା ନିର୍ବାଚନରେ ମୁଁ ପ୍ରଥମ ଥର ପାଇଁ ଭୋଟ ଦେବି, ସେଥିପାଇଁ ଉତ୍ସାହିତ ଅଛି। ରାଜନୈତିକ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇ ନିଜ ସପକ୍ଷରେ ପ୍ରଚାର କରିଥାନ୍ତି। ନିର୍ବାଚିତ ହେବା ପରେ ସେମାନେ ଏସବୁ ଭୁଲିଯାନ୍ତି। ମୋ ମତରେ ଗରିବ ଲୋକଙ୍କ ସେବା ସହ ସ୍ଥାନୀୟ ଅଞ୍ଚଳର ସମସ୍ୟା ସେମାନଙ୍କ ନିର୍ବାଚନୀ ପ୍ରସଙ୍ଗ ହେବା ଉଚିତ।

- ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ଚିଦାନନ୍ଦ ସାହି, ମାଲକାନଗିରି

## ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉ



ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭୋଟ ଦେବି। ଲୋକପ୍ରତିନିଧିମାନେ ଜିଲାରେ ଶିଳ୍ପ ପ୍ରତିଷ୍ଠା ସହ ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ରହିଛି। ସେଭଳି ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଜଳସେଚନ, ବଜାର ବ୍ୟବସ୍ଥା, ଜିଲାରେ ସରକାରୀ ମହାବିଦ୍ୟାଳୟ ସ୍ଥାପନ, ମହାବିଦ୍ୟାଳୟରେ ନୂଆ ଟେକ୍ନୋଲୋଜି ପାଠ୍ୟକ୍ରମ ବ୍ୟବସ୍ଥା, ମହିଳାଙ୍କ ସଂରକ୍ଷଣ କ୍ଷେତ୍ରରେ ଗୁରୁତ୍ୱ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ। ବେକାରି ଭତ୍ତା ଓ ପ୍ରତି ପରିବାର ଶିକ୍ଷିତ ହୋଇ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ, ସେହି ବ୍ୟବସ୍ଥା ଉପରେ ନିର୍ବାଚନ ପ୍ରସଙ୍ଗ ହେବା ଆବଶ୍ୟକତା ରହିଛି।

- ରଞ୍ଜିତା ନାୟକ, ମିଶନ କମ୍ପାଉଣ୍ଡ, ନବରଙ୍ଗପୁର

## ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ



ଜଗତ୍‌ସିଂହପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର, ବିଶେଷଜ୍ଞ ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ଅନେକ ସମୟରେ ରୋଗୀଙ୍କୁ ବେସରକାରୀ ନର୍ସିଂହୋମ୍ ଯିବାକୁ ପ୍ରଭାବିତ କରାଯାଉଛି। ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ ଥାଇ ବାହାରୁ କିଣିବାକୁ କୁହାଯାଉଛି। ଡାକ୍ତରମାନେ ଇଚ୍ଛା ଅନୁସାରେ ଡାକ୍ତରଖାନା ଯିବାଆସିବା କରୁଥିଲେ ସୁଦ୍ଧା ସେମାନଙ୍କ ଉପରେ ଅଙ୍କୁଶ ରହୁନି। ଜିଲାରେ ରାସ୍ତା, ପାନୀୟଜଳ ସମେତ ଅନେକ ସମସ୍ୟା ଚିନ୍ତାର କାରଣ ହୋଇଛି। ତେବେ ଆଗାମୀ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାରେ ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ପ୍ରମୁଖ ପ୍ରସଙ୍ଗ ହେବା ଉଚିତ।

- କୃଷ୍ଣ ପ୍ରଧାନ, ଅତାମଲା, ଜଗତ୍‌ସିଂହପୁର

## ଗୁଣାତ୍ମକ ଶିକ୍ଷା ହେଉ ମୁଖ୍ୟ ପ୍ରସଙ୍ଗ



ସରକାରୀ ଭାବେ ଜଗତ୍‌ସିଂହପୁର ଜିଲା ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ। ବାସ୍ତବତା କିନ୍ତୁ ତାହା ନୁହେଁ। ଏଠାରେ ଥିବା ସରକାରୀ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ଦିଆଯାଉନାହିଁ। ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଆନ୍ତରିକତା ଅଭାବରୁ ଗୁଣାତ୍ମକ ଶିକ୍ଷାଦାନ ହେଉନାହିଁ। ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ବେଆଇନ ଭାବେ ଚାଲିଥିଲେ ସୁଦ୍ଧା ସେଗୁଡ଼ିକ ଉପରେ ଅଙ୍କୁଶ ରହୁନି। ଜିଲାରେ ୨୦୦ରୁ ଅଧିକ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଖୋଲିଛି। କିନ୍ତୁ ଏହି ବିଦ୍ୟାଳୟଗୁଡ଼ିକରେ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ରହୁଛନ୍ତି। କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ଯିଏ ଯେଉଁଠି ପାରିଲେ ନୂଆ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଖୋଲି ଚାଲିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ଗୁଣାତ୍ମକ ଶିକ୍ଷାକୁ ନିର୍ବାଚନୀ ପ୍ରସଙ୍ଗ କରାଯିବା ଦରକାର। ଏହାବାଦ୍ ଅନ୍ୟାନ୍ୟ ପ୍ରସଙ୍ଗ ରହିବା ଉଚିତ।

- ଶାନ୍ତନୁ ମଲ୍ଲିକ, ଗାଲୁପଡ଼ା, ଜଗତ୍‌ସିଂହପୁର

## ସ୍ୱାସ୍ଥ୍ୟକ୍ଷେତ୍ର ପ୍ରତି ଦୃଷ୍ଟି ଦିଆଯିବା ଦରକାର



୫ ବର୍ଷକୁ ଥରେ ନିର୍ବାଚନ ଆସୁଛି, ନେତାମାନେ ବହୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଏହାକୁ କେହି ପାଳନ କରୁନାହାନ୍ତି। ଚଳିତ ନିର୍ବାଚନରେ ସ୍ୱାସ୍ଥ୍ୟସେବା ମୁଖ୍ୟ ପ୍ରସଙ୍ଗ ହେବା ଦରକାର। ଆମ ଗ୍ରାମରେ କୌଣସି ମେଡିକାଲ ନାହିଁ। ଯାହାର ଦେହ ଖରାପ ହେଉଛି ୮ କିଲୋମିଟର ଦୂର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ସେଠାରେ ମଧ ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟାନ୍ୟ ଅବ୍ୟବସ୍ଥା ଦେଖାଦେଉଛି। ଫଳରେ ଜଣେ ରୋଗୀ ଉଚିତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛି। ତେଣୁ ମୋ ମତରେ ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଦୃଷ୍ଟି ଦିଆଯିବା ଦରକାର।

- ଦୀନେଶ କୁମାର ବିଶ୍ୱାଳ, ମଧୁବନ, ଢେଙ୍କେଣା, ନୟାଗଡ଼

## ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ସହିତ କୃଷିକ୍ଷେତ୍ରକୁ ଗୁରୁତ୍ୱ



ମୋ ମତରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ସହିତ କୃଷିକ୍ଷେତ୍ର ପ୍ରତି ଗୁରୁତ୍ୱ ଦେବା ମୁଖ୍ୟ ନିର୍ବାଚନ ପ୍ରସଙ୍ଗ ହେବା ଦରକାର। ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଅନୁସୂଚିତ ଜାତି ଓ ଜନଜାତି ଯୁବକମାନେ କମ୍ ମାର୍କ ରଖି ନିଯୁକ୍ତି ପାଉଥିବା ବେଳେ ସାଧାରଣ ବର୍ଗର ପିଲାଟିଏ ତାହାଠାରୁ ଅଧିକ ମାର୍କ ରଖି ନିଯୁକ୍ତି ପାଉନାହିଁ। ଫଳରେ ସାଧାରଣ ବର୍ଗର ପିଲା ନିଯୁକ୍ତି ପାଇବାର ସୁଯୋଗ ହରାଉଛନ୍ତି, ତେଣୁ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରି ଦିଆଯିବା ଉଚିତ। ସେହିପରି ଦେଶର ମେରୁଦଣ୍ଡ କୁହାଯାଉଥିବା କୃଷକମାନେ ଆଜି ଅବହେଳିତ। ବିଭିନ୍ନ ଯୋଜନା ହେଉଥିଲେ ମଧ ସେ ସବୁ ବାଟମାରଣା ହେଉଛି। ପ୍ରକୃତ ଚାଷୀଟିଏ ଏଥରୁ ବଞ୍ଚିତ ହେଉଛି।

- ଶୁଭ୍ରାଂଶୁ ବିଶ୍ୱାଳ, ମଧୁବନ, ଗୋଳଗୋଳା, ନୟାଗଡ଼

## ସ୍ଥାନୀୟ ସମସ୍ୟା ମୁଖ୍ୟ ପ୍ରସଙ୍ଗ



ଏହିଥର ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଥମ ଥର ନିଜର ବହୁମୂଲ୍ୟ ମତ ଦେବି। ସହରରେ ବିଭିନ୍ନ ସମସ୍ୟା ଲାଗିରହିଛି, ଯେପରି କି ଟ୍ରାଫିକ, ପାନୀୟ ଜଳ, ରାସ୍ତାଘାଟ ଆଦିର ବିପର୍ଯ୍ୟସ୍ତ ସ୍ଥିତିର ସମାଧାନ ଏପର୍ଯ୍ୟନ୍ତ ହେଉପାରୁନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟାକୁ ଯେଉଁ ପ୍ରାର୍ଥୀ ଦୂର କରିପାରିବ ସେହିଭଳି ଉପଯୁକ୍ତ ପ୍ରାର୍ଥୀକୁ ଭୋଟଦେବୁ। ଯିଏକି ଭୋଟ ପରେ ମଧ ଆମ ସୁଖ ଦୁଃଖରେ ଆମ ସହିତ ଛିଡ଼ା ହୋଇପାରୁଥିବ, ସେପରି ବ୍ୟକ୍ତିକୁ ଭୋଟ ଦେବୁ।

- ପ୍ରଶାନ୍ତ କୁମାର ପଣ୍ଡା, ବେହେରା ସାହି, କଟକ

## ବ୍ୟକ୍ତିତ୍ୱ ଦେଖିବି



ଦେଶର ନାଗରିକ ଅଧିକାର ପାଇଥିବାରୁ ମୁଁ ନିଶ୍ଚିତ ଖୁସି ଅଛି। ଦଳ ନୁହେଁ କି ଚିହ୍ନ ନୁହେଁ, ବ୍ୟକ୍ତିତ୍ୱକୁ ଦେଖି ମୁଁ ଭୋଟ ଦେବି ବୋଲି ସ୍ଥିର କରିଛି। ଅନେକ ନେତା ଆସିବେ, ମନଲୋଭା ପ୍ରତିଶ୍ରୁତି ମଧ ଦେବେ। ହେଲେ ସେଥିରେ ଭାସିଯିବାର ନାହିଁ। ଦେଶ ଓ ରାଜ୍ୟରେ ଅନେକ ସମସ୍ୟା ରହିଛି। ଏହି ସମସ୍ୟା ଦୂର କରିବା ପାଇଁ ପ୍ରତ୍ୟେକ ନିର୍ବାଚନରେ ପ୍ରତିଶ୍ରୁତି ମିଳେ। କିନ୍ତୁ ଅବସ୍ଥାରେ ପରିବର୍ତ୍ତନ ହୁଏନା। ସେଥିପାଇଁ ଦଳ ଏବଂ ଚିହ୍ନ ଅପେକ୍ଷା ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ।

- ସୌମ୍ୟାଶ୍ରୀ ଛୋଟରାୟ, ଚୌଦ୍ୱାର

## ନିଯୁକ୍ତି ମୁଖ୍ୟ ପ୍ରସଙ୍ଗ



ବେରୋଜଗାର ପ୍ରସଙ୍ଗ ଦେଶ ଓ ରାଜ୍ୟରେ ଉଗ୍ରରୂପ ନେଇଛି। କୌଣସି ସରକାର ବେରୋଜଗାରି ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେଉନାହିଁ। ନିର୍ବାଚନ ସମୟରେ ଫମ୍ପା ପ୍ରତିଶ୍ରୁତିର କିଛି ମୂଲ୍ୟ ନାହିଁ। ତେଣୁ ବେରୋଜଗାର ଦୂର କରିବା ଦିଗରେ କେଉଁ ଦଳ ନିଜ ଇସ୍ତାହାରରେ ଗୁରୁତ୍ୱ ଦେଉଛି ତାହାକୁ ଅନୁଧ୍ୟାନ କରିବି। ତାହା ପରେ ଇସ୍ତାହାର ପାଳନ କରିବାରେ ଏହି ଦଳର ଆନ୍ତରିକତା କେତେ ଅଛି, ତାକୁ ମଧ ଯାଞ୍ଚ କରିବି। ସେହିପରି ଭୋଟ ସମୟରେ ନୁହେଁ, ଭୋଟ ପରେ ମଧ ଲୋକଙ୍କ ସହ ରହି କେଉଁମାନେ କାମ କରିବେ ସେହିପରି ପ୍ରାର୍ଥୀଙ୍କୁ ଭୋଟ ଦେବି। ପ୍ରଥମ କରି ଭୋଟ ଦେବାକୁ ଯାଉଥିବାରୁ ବହୁତ ଆନନ୍ଦ ଲାଗୁଛି।

- ବିକାଶ ରାଜ, ଝାଞ୍ଜିରିମଙ୍ଗଳା, କଟକ

## ବେକାରି ଏବେ ବଡ଼ ସମସ୍ୟା



ବର୍ତ୍ତମାନ ଦେଶ ଓ ରାଜ୍ୟରେ ଯଦିଓ ପ୍ରକୃତ ସମସ୍ୟାକୁ ଉପସ୍ଥାପନ କରାଯାଉଛି, ତାହା ଉପରେ କାର୍ଯ୍ୟ ହେଉନି। ବେକାରି ଏବେ ବଡ଼ ସମସ୍ୟା। ଏହାକୁ କୌଣସି ସରକାର ପ୍ରାଧାନ୍ୟ ନ ଦେଇ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଉପରେ ଯୋଜନା ଖାଲି ଭୋଟ ଭେଳିକି। ମୋ ମତରେ ନିଯୁକ୍ତି ହିଁ ନିର୍ବାଚନ ପ୍ରସଙ୍ଗ ହେବା ଉଚିତ।

- ସୌମ୍ୟରଞ୍ଜନ ପ୍ରଧାନ, ଛାତ୍ର, ଫୁଲବାଣୀ ସ୍ୱୟଂଶାସିତ କଲେଜ

## ବନ୍ୟା ସମସ୍ୟା ଦୂର ହେବା ଦରକାର



ମୁଁ ଚଳିତବର୍ଷ ପ୍ରଥମ କରି ଭୋଟ୍ ଦେଉଥିବାରୁ ଉତ୍ସାହିତ ଅଛି। ଦଳ ଅପେକ୍ଷା ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଗୁରୁତ୍ୱ ଦେଇ ମୋର ମତଦାନ ସାବ୍ୟସ୍ତ କରିବି। ଆମ ଅଞ୍ଚଳର ସମସ୍ୟା କହିଲେ ଅନେକ। ମୁଖ୍ୟତଃ ବନ୍ୟାର ଦାଉ। ପ୍ରତିବର୍ଷ ବନ୍ୟା ସମୟରେ ଲୋକେ ନାନା ହଇରାଣ ହୋଇଥାନ୍ତି। ଏଣୁ ଏହି ଅଞ୍ଚଳରୁ ବନ୍ୟା ସମସ୍ୟା ଦୂର ଦିଗରେ ଯେଉଁ ପ୍ରାର୍ଥୀ ଗୁରୁତ୍ୱ ଦେବେ, ତାଙ୍କୁ ମୁଁ ମୋର ମତଦାନ କରିବି।

- କୁମାରେଶ ଆନ୍ଦିଆ, ଆନନ୍ଦପୁର, ଭଣ୍ଡାରିପୋଖରୀ

## ବେକାରି ସମସ୍ୟା ଉତ୍କଟ



ମୁଁ ଚଳିତ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ନିଜର ମତଦାନ ସାବ୍ୟସ୍ତ କରିବାକୁ ଯାଉଛି। ଆମ ଜିଲାରେ ଯେଉଁ ପ୍ରାର୍ଥୀ ଏମ୍‌ପି ଓ ବିଧାୟକ ଭାବେ ନିର୍ବାଚିତ ହେବେ, ସେ ପ୍ରଥମେ ଅଞ୍ଚଳର ସାମଗ୍ରିକ ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଜିଲାରେ ବେକାରି ସମସ୍ୟା ଉତ୍କଟ ହୋଇଥିବାରୁ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇବା ଜରୁରୀ।

- ଡି. ଧନଞ୍ଜୟ, ପାରଳାଖେମୁଣ୍ଡି

## 'ବେକାର' ଦେଶର ବଡ଼ ସମସ୍ୟା



ଶିକ୍ଷା, ବେକାର ସମସ୍ୟା ଏବେ କେବଳ ଓଡ଼ିଶାର ନୁହେଁ, ଦେଶର ଏକ ବଡ଼ ସମସ୍ୟା ପାଲଟିଛି। ଉଚ୍ଚଶିକ୍ଷା ଓ ଏକାଧିକ ଡିଗ୍ରୀ ପାଇବା ପରେ ବି ବହୁ ଯୁବପିଢ଼ି ବେରୋଜଗାର ହୋଇ ଘରେ ବସୁଛନ୍ତି। ନିଶ୍ଚିତଭାବେ ଏହା ଏଥର ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ରହିବ। ଯିଏ ଶିକ୍ଷା ଏବଂ ନିଯୁକ୍ତି ସମସ୍ୟାର ସମାଧାନ କରିପାରିବ ଓ ଦେଶ ତଥା ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିପାରିବ ମୁଁ ତାଙ୍କୁ ଭୋଟ୍ ଦେବି। କେବଳ ମୁଁ ନୁହେଁ, ପ୍ରତ୍ୟେକ ଯୁବପିଢ଼ି ଏବଂ ପ୍ରଥମଥର ପାଇଁ ଭୋଟ୍ ଦେଉଥିବା ଭୋଟର୍‌ଙ୍କ ଏହା ହିଁ ପ୍ରସଙ୍ଗ ରହିବ।

- ଶୁଭାଶିଷ ବରାଳ, ଭୁବନେଶ୍ୱର

## ସ୍ଥାନୀୟ ସମସ୍ୟାର ସମାଧାନ ଚାହିଁବି



ପ୍ରଥମ ଥର ଭୋଟ ଦେବି। ନିଶ୍ଚିତ ଭାବେ ଖୁସି ଲାଗୁଛି। ପିଲା ଦିନରୁ କଟକ ସହରର ବହୁ ଅବ୍ୟବସ୍ଥାକୁ ଅଙ୍ଗେ ନିଭାଇଛି। ତେଣୁ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ଚାହିଁବି। ବିଶୁଦ୍ଧ ପାନୀୟ ଜଳ, ରାସ୍ତା ପ୍ରଶସ୍ତୀକରଣ, ସ୍ଥାନୀୟ ଯୁବତୀଯୁବକଙ୍କୁ ନିଜ ଅଞ୍ଚଳରେ ନିଯୁକ୍ତି ଏବେକାର ଆବଶ୍ୟକତା। ଏସବୁକୁ ପୂରଣ କରିପାରିବା ଭଳି ଦକ୍ଷତାସମ୍ପନ୍ନ ନେତାଙ୍କୁ ବାଛି ଭୋଟ ଦେବି।

- ସୋନାଲି ସାହୁ, ଜଗନ୍ନାଥବିହାର, କଟକ

## ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା



ଏବେ ବିଭିନ୍ନ ରାଜ୍ୟରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି। ହେଲେ ଆମ ରାଜ୍ୟରେ ସେପରି କୌଣସି ଉନ୍ନତି ହୋଇନାହିଁ। କେଉଁଠି ଭଲ ସ୍କୁଲଟିଏ ନାହିଁ ତ ଅନ୍ୟ କେଉଁଠି ସ୍କୁଲ ଅଛି ହେଲେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅଭାବ ରହିଛି। ପରୀକ୍ଷା କ୍ଷେତ୍ରରେ ଶୃଙ୍ଖଳା ଆସିନାହିଁ। ବାରମ୍ବାର ପ୍ରଶ୍ନପତ୍ର ଭାଇରାଲ ହେବା, ବ୍ୟାପକ କପି ଶିକ୍ଷା ବିଭାଗକୁ ହରଡ଼ଘଣାରେ ପକାଇଛି। ଏଥିପ୍ରତି ରାଜନୈତିକ ଦଳ ଗୁରୁତ୍ୱାରୋପ କରିବା କଥା। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ଭାବେ ମୁଁ ପ୍ରଥମ କରି ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଯାଉଛି। ଏହା ମୋ ପାଇଁ ଗର୍ବର ବିଷୟ। ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅନେକ ଉତ୍କଣ୍ଠା ଓ ଉତ୍ସାହ ରହିଛି। ମୁଁ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବି ସେ ଓ ତାଙ୍କ ଦଳ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଦରକାର।

- ଶିଲବ ସୁମନ ବହିଦାର, ଯୁକ୍ତ୨ ଛାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ, ସୁନ୍ଦରଗଡ଼

## ନାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ



ନାରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଦଳ ବଡ଼ ବଡ଼ କଥା କହୁଛନ୍ତି। କିଏ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟ କେଉଁ ଦଳ ନାରୀ ସଶକ୍ତୀକରଣ ଉପରେ ମତ ଦେଉଛନ୍ତି। ହେଲେ ପ୍ରକୃତରେ କହିବାକୁ ଗଲେ ଆଜି ଜଣେ ନାରୀ କୌଣସି କ୍ଷେତ୍ରରେ ସୁରକ୍ଷିତ ନୁହନ୍ତି। ଜଣେ ମହିଳା ବିଭିନ୍ନ ସ୍ଥାନରେ ନିର୍ଯାତନାର ଶିକାର ହେଉଛନ୍ତି। ତାଙ୍କୁ ଉପଯୁକ୍ତ ନ୍ୟାୟ ମିଳୁନି। ଏପରି କ୍ଷେତ୍ରରେ ମୁଁ ଜଣେ ନୂତନ ଭୋଟର ଭାବେ ଏଥିପ୍ରତି ବହୁତ କିଛି ଆଶା କରୁଛି। ଆମ ରାଜ୍ୟ ତଥା ଦେଶରେ ଏମିତି ଏକ ସରକାର ଗଠନ ହେଉ ଯେ ଦେଶର ନାରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେବ, ଉନ୍ନତ ଶିକ୍ଷା ବ୍ୟବସ୍ଥା ଯୋଗାଇ ପାରିବ, ବେକାର ସମସ୍ୟା ହଟାଇପାରିବ। ମୁଁ ଯାହାଙ୍କୁ ଭୋଟ ଦେବି ସେ ଏ ବିଷୟକୁ ଗମ୍ଭୀରତାର ସହ ବିଚାର କରି କାମ କରିବେ ବୋଲି ଭାବୁଛି।

- ପ୍ରିୟାଞ୍ଜୁ ତ୍ରିପାଠୀ, ଛାତ୍ରୀ, ରାମେଶ୍ୱର ନଗର, ବଲାଙ୍ଗୀର

## ମହିଳାଙ୍କ ସୁରକ୍ଷା ପ୍ରାଥମିକତା ହେଉ



ମହିଳାମାନଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ। କେବଳ ଅଗ୍ରାଧିକାର ନୁହେଁ, ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଦରକାର। ଓଡ଼ିଶାରେ ଏବେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପ୍ରତିଦିନ ଗଣମାଧ୍ୟମରେ ବଳାତ୍କାର, ଅପହରଣ ଓ ହତ୍ୟା ମାମଲା ନଜରକୁ ଆସୁଛି, ଯାହାକି ପ୍ରତିଦିନ ବଢୁଛି ପଛେ କମୁନି। ତେଣୁ ଏହି ପ୍ରସଙ୍ଗ ଉପରେ ଯିଏ ପ୍ରାଥମିକତା ଦେବ କିମ୍ବା ଦେଇପାରିବ ମୁଁ ତାଙ୍କୁ ଭୋଟ୍ ଦେବି।

- ଗୌପ୍ୟା ସୁଚରିତା ରାଉତରାୟ, ଭୁବନେଶ୍ୱର

## ବେକାରି ସମସ୍ୟାର ସମାଧାନ ହେଉ



ସରକାର ବଦଳୁଛନ୍ତି। ହେଲେ ଲୋକଙ୍କ ସମସ୍ୟା କମୁନି। ବେକାରି ସମସ୍ୟାକୁ ଉଦାହରଣ ଭାବେ ନିଆଯାଇପାରେ। ଦିନକୁ ଦିନ ବେକାରି ସମସ୍ୟା ବଢ଼ି ଚାଲିଛି। ଶିକ୍ଷିତ ବେକାରମାନେ କାମ କରିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ନିଯୁକ୍ତି ପାଇଁ ରାଜନେତାମାନେ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ସେମାନଙ୍କ ପ୍ରତିଶ୍ରୁତି ପାଳନ ହେଉନି। ଜଣେ ନୂତନ ମତଦାତା ଭାବେ ଏ ବିଷୟରେ ଗୁରୁତ୍ୱ ଆରୋପ କରୁଛି। ଶିକ୍ଷିତ ବେକାରଙ୍କୁ ଯେଉଁ ଦଳ କର୍ମସଂସ୍ଥାନ ଯୋଗାଇବ ସେହି ଦଳ ପ୍ରାର୍ଥୀଙ୍କୁ ମୁଁ ସ୍ୱାଗତ କରିବି।

- ଶେଖ ମହମ୍ମଦ ଇଜହାର, ରାଉରକେଲା

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ପଛରେ



ଆମ ନିର୍ବାଚନମଣ୍ଡଳୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛରେ ପଡିଛି। ଏହା କେବଳ ଏଠାକାର ସମସ୍ୟା ନୁହେଁ। ବିଭିନ୍ନ ସ୍ଥାନରେ ଏହି ସମସ୍ୟା ଲାଗି ରହିଛି। ଲୋକଙ୍କ ଏହି ମୌଳିକ ସମସ୍ୟାର ସମାଧାନ ସରକାର କରିପାରିନାହାନ୍ତି। ଗାଁ ଗହଳି କଥା ନ କହିବା ଭଲ। ସହରାଞ୍ଚଳରେ ବି ଡାକ୍ତରଖାନାରେ ଠିକ୍ ସେବା ମିଳୁନି। ମାଗଣା ସ୍ୱାସ୍ଥ୍ୟସେବା ପ୍ରହସନରେ ପରିଣତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନା କେବଳ ଲୋକଦେଖାଣିଆ ହୋଇଛି। ଗରିବ, ଆଦିବାସୀଙ୍କୁ ବି ସ୍ୱାସ୍ଥ୍ୟ ସେବା ମିଳୁନି। ଯେଉଁ ପ୍ରାର୍ଥୀ ଏହି ପ୍ରତି ଗୁରୁତ୍ୱ ଦେବ ତାଙ୍କୁ ହିଁ ମୁଁ ସମର୍ଥନ କରିବି।

- ବିକାଶ ରଞ୍ଜନ ସାହୁ, ସମ୍ବଲପୁର

# କଂଗ୍ରେସରେ ବଢୁଛି ଟିକେଟ ବଣ୍ଟନ କଳି

- ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା
- ରାଉରକେଲା, ହିଞ୍ଜିଳି ପ୍ରାର୍ଥୀଙ୍କୁ ପରିବର୍ତ୍ତନ
- କଟିଲା ବିଧାୟକ ଜାକବ୍ ପ୍ରଧାନଙ୍କ ଟିକେଟ
- ପୁରୀ ଆସନରେ ଦଳ ବାହାର ଲୋକଙ୍କୁ ଟିକେଟ ଦେବାକୁ ଷଡ଼ଯନ୍ତ୍ର

**ଭୁବନେଶ୍ୱର,୨୫।୩ (ବ୍ୟୁରୋ):**

ଟିକେଟବଣ୍ଟନକୁନେଇପ୍ରଦେଶକଂଗ୍ରେସକମିଟି(ପିସିସି)ନାକେଦମ ହେଲାଣି। ଦଳର ମାଳମାଳ ନେତା ବର୍ତ୍ତମାନ ଟିକେଟ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଖୋଲାଖୋଲି ଅଭିଯୋଗ କରିବାକୁ ଲାଗିଲେଣି। ପିସିସି ସଭାପତି ଦାୟିତ୍ୱ ନେବାପରେ ନିରଞ୍ଜନ ପଟ୍ଟନାୟକ ଯାହା କହିଥିଲେ ସେସବୁରେ ବର୍ତ୍ତମାନ ବ୍ୟତିକ୍ରମ ପରିଲକ୍ଷିତ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

ଦୁଇଟି ପର୍ଯ୍ୟାୟରେ କଂଗ୍ରେସ ୮ ଲୋକ ସଭା ଏବଂ ୯୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା। ସୋମବାର ଆଉ ୪ ଆସନ ପାଇଁ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେଥିରୁ ୨ଟି ଆସନର ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯାଇ ନୂଆ ନାଁ ଘୋଷଣା କରାଯାଇଛି। ହିଞ୍ଜିଳି ଏବଂ ରାଉରକେଲା ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତନ କରିଛି। ରାଉରକେଲା ଆସନ ପାଇଁ ଦଳ ମୁକ୍ତିକାନ୍ତ ବିଶ୍ୱାଳଙ୍କୁ ଟିକେଟ ଦେଇଥିଲା। ଦୀର୍ଘଦିନ ଧରି ଦଳର ବିଭିନ୍ନ କାର୍ଯ୍ୟକ୍ରମ ସହ ଜଡିତ ଥିବା ଅନେକ ଆଶାୟୀଙ୍କୁ ବାଦ୍ ଦିଆଯାଇ ମୁକ୍ତିକାନ୍ତ ଟିକେଟ ପାଇଥିଲେ। ହେଲେ ଟିକେଟ ପାଇବା ପରେ ଖୋଦ୍ ମୁକ୍ତିକାନ୍ତ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢିବେନି ବୋଲି ସିଧାସଳଖ ଜଣାଇଦେଲେ। ଏଥିରୁ ଅନୁମାନ ଲଗାଯାଉଛି ଯେ, ସ୍ପଷ୍ଟ ଅନୁମେୟ ମୁକ୍ତିକାନ୍ତ ଦଳୀୟ ପଦ୍ଧତିରେ ଯେଉଁ ହିସାବ ନିକାଶ ହୋଇ ଟିକେଟ ଦିଆଯିବାର କାର୍ଯ୍ୟକ୍ରମ ଥିଲା ସେଥିରେ ସାମିଲ ନ ଥିଲେ। ଏହାସହ ସେ ଟିକେଟ ପାଇଁ ମଧ୍ୟ ଆବେଦନ କରି ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଯଦି ଦଳରେ ରହି କାମ କରୁଥିବା ନେତାଙ୍କୁ ବାଦ୍ ଦିଆଯାଇ ଏଭଳି ଶୂନ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବାର ଥିଲା ତେବେ ସ୍କ୍ରିନିଂ କମିଟି ସଦସ୍ୟ ଓଡିଶା ଆସି ଆଶାୟୀଙ୍କୁ ଭେଟିବା ବେଳେ କାହିଁକି ରାଉରକେଲା ଆସନକୁ ବାଦ୍ ଦିଆଯାଇ ନ ଥିଲା ବୋଲି ଅନେକେ ପ୍ରଶ୍ନ ଉଠାଇଲେଣି। ଅନ୍ୟପଟେ ବିଗତ ଦିନରେ ଦଳର ସବୁ ବିଧାୟକଙ୍କୁ ଟିକେଟ ମିଳିବ ବୋଲି ପିସିସି ସଭାପତି କହିଥିଲେ। ଏବେ ପରିବର୍ତ୍ତିତ ତାଲିକାରେ ମୁକ୍ତିକାନ୍ତ ବିଶ୍ୱାଳଙ୍କ ଟିକେଟ କଟାଯାଇ ତାଙ୍କ ସ୍ଥାନରେ ଦଳ ବୀରେନ ସେନାପତିଙ୍କୁ ପ୍ରାର୍ଥୀ କରିଛି। ମାତ୍ର ପ୍ରକାଶ ପାଇଥିବା ୪ ଆସନ ତାଲିକାରେ ଜି. ଉଦୟଗିରି ବିଧାୟକ ଜାକବ ପ୍ରଧାନଙ୍କୁ ଦଳ ଟିକେଟ ଦେଇ ନାହିଁ। ଏନେଇ ମଧ୍ୟ ଜାକବ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପ୍ରଦୀପ ଜାଣିଶୁଣି ତାଙ୍କ ବିରୋଧରେ ମିଛ ରିପୋର୍ଟ ଦେଇଥିବା ଜାକବ ଅଭିଯୋଗ କରିଛନ୍ତି। ଆସନ୍ତା ନିର୍ବାଚନ ଲଢିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହେଉଛି। କର୍ମୀମାନେ ଯାହା ନିଷ୍ପତ୍ତି ନେବେ ତାହା କରିବି। କଂଗ୍ରେସ ସହ ରହିଛି ଏବଂ ରହିବି ବୋଲି ସେ କହିଛନ୍ତି। ଜି. ଉଦୟଗିରିରେ ଦଳ ଶ୍ୟାମଘନ ପ୍ରଧାନଙ୍କୁ ଏଥର ପ୍ରାର୍ଥୀ କରିଛି। ସେହିପରି ଦଳ ହିଞ୍ଜିଳିରେ ରାମକୃଷ୍ଣ ପଣ୍ଡାଙ୍କୁ ପ୍ରଥମେ ଟିକେଟ ଦେଇଥିଲା। ପରେ ତାଙ୍କୁ ପରିବର୍ତ୍ତନ କରି ସେଠାରେ ଦଳ ଶମ୍ଭୁନାଥ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଛି। ପାଟଣାଗଡରୁ ଦଳ ରମେଶ ପୁରୋହିତଙ୍କୁ ପ୍ରାର୍ଥୀ କରିଛି। ଟିକେଟ ବଣ୍ଟନକୁ ନେଇ ଦଳରେ ଏଭଳି ତ୍ରୁଟି ଦେଖାଦେବା ପରେ ନିରଞ୍ଜନଙ୍କ ଭୂମିକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଖୋଦ୍ ରାଜ୍ୟ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ମଧ୍ୟ ଟିକେଟ ବଣ୍ଟନକୁ ନେଇ ବାରମ୍ବାର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଦଳ ଯେତିକି ମହିଳାଙ୍କୁ ପ୍ରାର୍ଥୀ କରିବା କଥା ତାହା କରୁନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ମହିଳାଙ୍କୁ ଅଣଦେଖା କରାଯାଇଥିବା ସେ କହିଛନ୍ତି। ଏପରି କି ମହିଳା କଂଗ୍ରେସ ସଭାପତି ଯେଉଁ ଆସନରୁ ଟିକେଟ ଚାହୁଁଛନ୍ତି ନିରଞ୍ଜନ ନିଜର ଜଣେ ବ୍ୟବସାୟିକ ବନ୍ଧୁଙ୍କୁ କୁଆଡେ ସେଠାରୁ ପ୍ରାର୍ଥୀ କରୁଥିବା ଜଣାପଡିଛି। ଆଗକୁ ଏହି କଳି ଚରମସୀମାରେ ପହଞ୍ଚିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଲାଣି। ସେହିପରି ବ୍ରହ୍ମଗିରୀ ଆସନରୁ ଟିକେଟ ପାଇଁ ଦୀର୍ଘଦିନ ଧରି ଲବି କରି ଆସୁଥିବା ଯୁବ କଂଗ୍ରେସର ସଫିକ୍ ଉଦ୍ଦିନଙ୍କୁ ଟିକେଟ ନ ମିଳିବାରୁ ସେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ନିଜ ସମର୍ଥକଙ୍କ ସହ ପହଞ୍ଚି ହୋହଲ୍ଲା କରିଥିବା ଜଣାପଡିଛି। ସେହିପରି ପୁରୀ ବିଧାନସଭା ଆସନ ପାଇଁ ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଏଠାରୁ ୩ରୁ ୪ଜଣ ଆଶାୟୀ ଅଛନ୍ତି। ହେଲେ ଦଳ ବାହାରୁ ପ୍ରାର୍ଥୀ ଆଣି ଟିକେଟ ଦେବାକୁ ଯୋଜନା ଚଳାଇଛି। ପିସିସି ସଭାପତି ଜଣେ ନିର୍ଦ୍ଦଳୀୟଙ୍କୁ ଟିକେଟ ଦେବା ପାଇଁ ଦାବି କରିଥିବା ଦଳର ଜଣେ ନେତା ଭିତିରି ସୂଚନା ଦେଇଛନ୍ତି। ଏପରି ହେଲେ ଆଗାମୀ ଦିନରେ ନିରଞ୍ଜନଙ୍କୁ ଜବାବ୍ ଦେବାକୁ ପଡିବ ବୋଲି ଉକ୍ତ ନେତା ଜଣକ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

# ଭଣ୍ଡାରିପୋଖରୀରୁ ବଦ୍ରିନାରାୟଣ, ଭଦ୍ରକରୁ ପ୍ରଦୀପ ଭାଜପା ପ୍ରାର୍ଥୀ

**ଭଦ୍ରକ ଅଫିସ, ୨୫।୩**

ସୋମବାର ଭାଜପା ପକ୍ଷରୁ ଭଦ୍ରକର ୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସେଥିମଧ୍ୟରୁ ଭଦ୍ରକ ବିଧାନସଭା ଆସନ ପାଇଁ ଡା. ପ୍ରଦୀପ ନାୟକ ଓ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ପାଇଁ ବଦ୍ରିନାରାୟଣ ଧଳଙ୍କ ନାମ ଘୋଷଣା ହୋଇଛି। ଏହି ନାମ ଘୋଷଣା ପରେ ଭଦ୍ରକ ଜିଲାର ୫ ବିଧାନସଭା କ୍ଷେତ୍ର ଲାଗି ସମସ୍ତ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇସାରିଛି। ପୂର୍ବରୁ ଚାନ୍ଦବାଲି ପାଇଁ ମନମୋହନ ସାମଲ, ବାସୁଦେବପୁର ମାଧବାନନ୍ଦ ମଲିକ ଓ ଧାମନଗର ଲାଗି ବିଷ୍ଣୁ ସେଠୀଙ୍କ ନାମ ଘୋଷଣା ହୋଇସାରିଥିଲା। ଜିଲାର ସମସ୍ତ ବିଧାନସଭା କ୍ଷେତ୍ର ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। କିନ୍ତୁ ଭଦ୍ରକ ଲୋକ ସଭା ପାଇଁ ବର୍ତ୍ତମାନ ସୁଦ୍ଧା ଭାଜପା ପକ୍ଷରୁ କୌଣସି ନାମ ଘୋଷଣା କରାଯାଇନାହିଁ। ଏହି ଲୋକ ସଭା ଆସନ ଗୁରୁତ୍ୱ ବହନ କରୁଥିବାରୁ ଭାଜପା ବିଳମ୍ବରେ ତା'ର ପ୍ରାର୍ଥୀ ଘୋଷଣା କରିବ ବୋଲି ସୂଚନା ମିଳିଛି।

ସୋମବାର ଡା. ପ୍ରଦୀପ ନାୟକ ଓ ବଦ୍ରିନାରାୟଣ ଧଳଙ୍କ ନାମ ଘୋଷଣା ହେବା ପରେ ଏହି ୨ ବିଧାନସଭା କ୍ଷେତ୍ରରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ବଦ୍ରିନାରାୟଣ କଂଗ୍ରେସରୁ ଟିକେଟ ନ ପାଇ ଭାଜପାରେ ୨୦୧୪ରେ ସାମିଲ ହୋଇ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ଭାଜପା ୩ୟ ସ୍ଥାନରେ ରହିଥିଲା। ବଦ୍ରିନାରାୟଣ ୨୮,୮୦୯ ଭୋଟ ପାଇଥିଲେ। ଏବେ ସେ ଜିଲା ଭାଜପା ସଭାପତି ଦାୟିତ୍ୱ ତୁଲାଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ସେହିଭଳି ଡା. ପ୍ରଦୀପ ନାୟକ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାଙ୍ଗକୁ ଭଦ୍ରକରେ ଜଣେ ଚକ୍ଷୁ ଡାକ୍ତର ହିସାବରେ ଲୋକପ୍ରିୟତା ହାସଲ କରିଛନ୍ତି। ଏହି କାରଣରୁ ସେ ଭଦ୍ରକ ବିଧାନସଭା ଆସନ ହାତେଇବେ ବୋଲି ଆଶାବାଦୀ ଅଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଭଦ୍ରକ ଆସନରୁ ନିର୍ବାଚନ ଲଢ଼ି ସେ ୩ୟ ସ୍ଥାନରେ ରହି ୧୯,୩୮୪ ଭୋଟ ପାଇଥିଲେ। ଭଦ୍ରକ ଜିଲାରେ ଶାସକ ବିଜେଡି ଓ କଂଗ୍ରେସର ଗୋଷ୍ଠୀ କନ୍ଦଳରୁ ଭାଜପା ଫାଇଦା ନେବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ବଦ୍ରିନାରାୟଣ ଧଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟତଃ ଭଣ୍ଡାରିପୋଖରୀ ଓ ଧାମନଗର ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଯୋଜନାକୁ ପ୍ରାଥମିକତା ଦେବି। ଧାମନଗର ଓ ଭଣ୍ଡାରିପୋଖରୀ ଅଞ୍ଚଳର ଦୁଃଖ କୁହାଯାଉଥିବା କଣ୍ଟିଘାଇର ଉନ୍ନତୀକରଣ କରି ପ୍ରତିବର୍ଷ ହେଉଥିବା ବନ୍ୟା ଦାଉରୁ ଲୋକଙ୍କୁ ରକ୍ଷା କରିବା ମୋର ପ୍ରଥମ ଲକ୍ଷ୍ୟ। ସେହିପରି ଡ. ପ୍ରଦୀପ ନାୟକ କହିଛନ୍ତି, ଭଦ୍ରକରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବି। ଜିଲାବାସୀଙ୍କ ମୁଖ୍ୟ ଦାବି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା, ଭଦ୍ରକ ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, ଚରମ୍ପାରେ ଫ୍ଲାଏଓଭର ବ୍ରିଜ ଏବଂ ଭଦ୍ରକ ନେହେରୁ ଷ୍ଟାଡିୟମର ଉନ୍ନତୀକରଣ ପ୍ରତି ଗୁରୁତ୍ୱ ଦେବି।

## ଲୋକ ସଭା ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା



ଡା. ପ୍ରଦୀପ ନାୟକ



ବଦ୍ରିନାରାୟଣ ଧଳ

# ରମେଶ, ବଳଭଦ୍ରଙ୍କ ପ୍ରାର୍ଥିପତ୍ର ଦାଖଲ

## ମନୋହର ରନ୍ଧାରୀଙ୍କ ନାମରେ ୨ ପ୍ରାର୍ଥୀ

**ନବରଙ୍ଗପୁର,୨୫।୩(ବି.ପ୍ର.)**

ନବରଙ୍ଗପୁର ଲୋକସଭା ଓ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସରେ ମୋଟ ୨୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନବରଙ୍ଗପୁର ସହର ମାଝିଗୁଡା ଛକଠାରୁ ଭାଜପା, କଂଗ୍ରେସ, ବିଜେଡି ପ୍ରାର୍ଥୀମାନେ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ଓ ବିଏସପିର ଚନ୍ଦ୍ରଧ୍ୱଜ ମାଝି ନବରଙ୍ଗପୁର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ ପରେ ଏକ ରୋମାଞ୍ଚକର ଘଟଣା ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥୀ ଭାବେ ମନୋହର ରନ୍ଧାରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ମନୋହର ରନ୍ଧାରୀ ନାମକ ଅନ୍ୟ ଜଣେ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସମାନ ନାମରେ ୨ ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବାରୁ ଭୋଟର ଦ୍ୱନ୍ଦ୍ୱରେ ପଡିବାର ସମ୍ଭାବନା ରହିଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସରୁ ଭୁଜବଳ ମାଝି, ଭାଜପାରୁ ପଦ୍ମନ ନାୟକ, ବିଏସପିରୁ ଡମ୍ବୁସିଂ ମାଝି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

# ସବୁ ଦଳଙ୍କ ଫୋକସରେ କେନ୍ଦ୍ରାପଡ଼ା

**କେନ୍ଦ୍ରାପଡା ଅଫିସ, ୨୫।୩**

ରେଳ ନାହିଁ କି କଳ ନାହିଁ । ହେଲେ ରାଜ୍ୟ ରାଜନୀତିରେ ଏହି ଜିଲା ବେଶ ଚର୍ଚ୍ଚିତ । ସମାଜବାଦୀ ନେତା ସୁରେନ୍ଦ୍ର ଦ୍ୱିବେଦୀ, ବିଜୁ ପଟ୍ଟନାୟକ, ଭାଗବତ ପ୍ରସାଦ ମହାନ୍ତି, ବିଜୟ ମହାପାତ୍ର, ନଳିନୀକାନ୍ତ ମହାନ୍ତି, ଶରତ ଦେବ, ରବିରାୟ, ବେଦପ୍ରକାଶ ଅଗ୍ରୱାଲ, ଶରତ କର ଓ ପ୍ରହଲ୍ଲାଦ ମଲ୍ଲିକଙ୍କ ଭଳି ପ୍ରମୁଖ ନେତାଙ୍କ ରାଜ୍ୟ ଓ ଜାତୀୟ ରାଜନୀତିରେ ସ୍ୱତନ୍ତ୍ର ଛାପ ରହିଛି।

ଏକଦା ମନ୍ତ୍ରୀପଡ଼ାର ଆଖ୍ୟା ପାଇଥିବା ଏହି ଜିଲା ଆଗାମୀ ନିର୍ବାଚନରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ଫୋକସରେ ରହିଛି। ରାଜନେତାଙ୍କ ବାରମ୍ବାର ଜିଲା ଗସ୍ତ ଓ ଦଳ ବଦଳ ନୀତି ଜିଲା ରାଜନୀତିକୁ ସରଗରମ କରିଛି । ନିକଟରେ ବିଜେଡିର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଦଳରୁ ବହିଷ୍କୃତ ହେବା ପରେ ଭାଜପାରେ ଯୋଗଦେଇ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି । ଏଥିସହ ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ଭାଜପା ପକ୍ଷରୁ ଲୋକ ସଭା ପ୍ରାର୍ଥୀ ଘୋଷଣା କରାଯାଇଛି । ସେହିପରି ପୂର୍ବତନ ବିଧାୟକ ଅଲେଖ ଜେନା ଓ ଦୋଳଗୋବିନ୍ଦ ନାୟକଙ୍କୁ ଯଥାକ୍ରମେ ରାଜନଗର ଓ ଆଳିରୁ ଭାଜପାର ବିଧାୟକ ପ୍ରାର୍ଥୀ କରାଯାଇଛି।

ଅପରପକ୍ଷେ ଗତ ୨୦୧୪ରେ ରାଜନଗରରୁ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ଜ୍ଞାନଦେବ ବେହୁରା ଏବେ କଂଗ୍ରେସର ହାତ ଧରିଛନ୍ତି। ସେହିପରି ସେତେବେଳର ସ୍ୱାଧୀନ ଏମ୍‌ପି ପ୍ରାର୍ଥୀ ପ୍ରମୋଦ ସାହୁ ଇତିମଧ୍ୟରେ ବିଜେଡିରେ ଯୋଗଦେଇ ରାଜ୍ୟ ସାଧାରଣ ସମ୍ପାଦକ ପଦବୀ ପାଇଛନ୍ତି। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଳି ପାଇଁ ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ପାଇଁ ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ତେବେ ପାଟକୁରା ଓ ମହାକାଳପଡାର ପ୍ରାର୍ଥୀଙ୍କ ନାମ ଅଦ୍ୟାବଧି ପ୍ରକାଶ କରାଯାଇନାହିଁ। ଏପର୍ଯ୍ୟନ୍ତ ବିଜେଡି ପକ୍ଷରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ । ତେବେ ଜିଲା ରାଜନୀତିରେ ବିଜୟ ମହାପାତ୍ର ଅଦ୍ୟାବଧି ନିରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଜିଲା ଭାଜପାକୁ ଚଳଚଞ୍ଚଳ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଏଠାକାର ବିଭିନ୍ନ ସ୍ଥାନକୁ ଗସ୍ତ କରୁଛନ୍ତି । ଇଚ୍ଛାପୁର, ଆଳି, ରାଜକନିକା, ଡେରାବିଶ ଆଦି ସ୍ଥାନରେ ସଭା କରି ସଂଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଅନୁରୂପ ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମାର୍ଶାଘାଇ ବ୍ଲକର କରିଲୋପାଟଣାରେ ଏକ ସଭା କରିଛନ୍ତି । ସେହିପରି ଆଳିଠାରେ ଯୁବଗର୍ଜନ ସଭା, ଜିଲାର ଦୁଇ ଯୁବ ବିଧାୟକଙ୍କ କାର୍ଯ୍ୟକ୍ରମ କରି କର୍ମୀଙ୍କ ମନୋବଳ ବଢ଼ାଇଛନ୍ତି ନିରଞ୍ଜନ । ତେବେ ଏହି ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ କରିବାରେ ବିଜେଡି ଆଗରେ ରହିଛି । ମହାକାଳପଡା ଓ ମାର୍ଶାଘାଇ ବ୍ଲକର ଲୁଣାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ୨୪୧ କୋଟିର ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଗତ ୨୦୧୮ ଡିସେମ୍ବର ୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାକାଳପଡାର ପେଟଛେଲାରେ ଏହାର ଶିଳାନ୍ୟାସ କରିଛନ୍ତି। ଏହା ବ୍ୟତୀତ ଗତ ମାସକ ମଧ୍ୟରେ ମୁଖ୍ୟମନ୍ତ୍ରୀ ୨ ଥର କେନ୍ଦ୍ରାପଡା ଗସ୍ତରେ ଆସି କାଳିଆ ଓ ମହିଳା ସମାବେଶରେ ଯୋଗଦେଇଛନ୍ତି । ଲୋକସଭା ପାଇଁ ୩୩ ପ୍ରତିଶତ ମହିଳାଙ୍କ ସ୍ଥାନ ସଂରକ୍ଷଣ କରି ମହିଳା ଭୋଟ ହାସଲ ପାଇଁ ମଧ୍ୟ କାର୍ଡ ଖେଳିଛନ୍ତି ।

ଜିଲା ରାଜନୀତି ସମ୍ପର୍କରେ ବିଶ୍ଳେଷକମାନେ କହିଛନ୍ତି ଯେ, ଚଳିତ ନିର୍ବାଚନରେ ଆଞ୍ଚଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯିବ । ବିଶେଷକରି ବରୁଣେଇ ବନ୍ଦର ନିର୍ମାଣ, ପାୱାର ପ୍ଲାଣ୍ଟ ଓ ଶିଳ୍ପ ସ୍ଥାପନ, ସବୁ ଗ୍ରାମକୁ ଗମନାଗମନ ସୁବିଧା, ପାନୀୟ ଜଳ ଆଦି ସମସ୍ୟା ଏଥିରେ ସ୍ଥାନ ପାଇବ ବୋଲି ସେମାନେ କହିଛନ୍ତି।

# ମିଳିଲାନି ଭାଜପା ଟିକେଟ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ଅଖିଳ

**ପାଟଣା,୨୫।୩(ସ୍ୱ.ପ୍ର.)**

ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଖିଳ ନାଏକ ଚାକିରିରୁ ଅବସର ଗ୍ରହଣ କରିବା ପରେ ଭାଜପାରେ ଯୋଗ ଦେଇଥିଲେ। ପାଟଣା ବିଧାନସଭା ଆସନରେ ଏଥର ନିର୍ବାଚନ ଲଢିବା ପାଇଁ ଟିକେଟ ଆଶାୟୀଙ୍କ ଦୌଡ଼ରେ ରହିଥିଲେ। ଶେଷମୁହୂର୍ତ୍ତରେ ତାଙ୍କୁ ଭାଜପା ଉପେକ୍ଷା କରିବା କାରଣରୁ ଅଖିଳଙ୍କ ସମର୍ଥକଙ୍କ ଶିବିରରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଏନେଇ ଅଖିଳ ତାଙ୍କ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ନେଇ ତୁରୁମୁଙ୍ଗା ପଞ୍ଚାୟତ ଡୁମୁରିଗୋଡା ସ୍ଥିତ ଫାର୍ମ ହାଉସରେ ଏକ ବୈଠକ କରିଥିଲେ। ଅଖିଳଙ୍କ ଟିକେଟକୁ ଅନ୍ୟାୟ ଭାବେ କଟାଯାଇଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ପାଟଣା ନିର୍ବାଚନମଣ୍ଡଳୀରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ ହେବାକୁ ଯାଉଛନ୍ତି ବୋଲି ବୈଠକରେ କୁହାଯାଇଥିଲା। ଏ ସମ୍ପର୍କରେ ଅଖିଳଙ୍କୁ ପଚାରିବାରୁ ଭାଜପା ତାଙ୍କ ପ୍ରତି ଅନ୍ୟାୟ କରିଛି, ଏଣୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପାଟଣାର ବିକାଶ ଧାରାରେ ସାମିଲ ହୋଇ ଲୋକଙ୍କ ସେବା କରିବାକୁ ସେ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ନୀଳଗିରି କଂଗ୍ରେସରେ ବିଦ୍ରୋହ

## କୁଶପୁତ୍ତଳିକା ଦାହ କଲେ ଅସନ୍ତୁଷ୍ଟ ଗୋଷ୍ଠୀ



ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ଦଳୀୟ ପ୍ରାର୍ଥୀଙ୍କ କୁଶପୁତ୍ତଳିକା ଦାହ କରି ବିରୋଧ ପ୍ରଦର୍ଶନ କରୁଛନ୍ତି।

**ସଜନାଗଡ଼, ୨୫।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ଭାବେ ମନୋଜା ମଞ୍ଜରୀ ଦେବୀଙ୍କ ନାମ ଘୋଷଣା କରିବା ପରେ ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ବିରୋଧ ପ୍ରଦର୍ଶନ କରିଛନ୍ତି। ସେମାନେ ସୋମବାର ମଧ୍ୟାହ୍ନରେ ନୀଳଗିରି କଂଗ୍ରେସ ଭବନଠାରେ ବିଧାୟିକା ପ୍ରାର୍ଥିନୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦାବି କରିଛନ୍ତି। ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ମୀମାନେ ଏହି ବିକ୍ଷୋଭ ଓ ବିରୋଧ ପ୍ରଦର୍ଶନ କରି ଦଳୀୟ ନେତୃତ୍ୱଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ପ୍ରାର୍ଥିପତ୍ର ଘୋଷଣା ହେବା ପରେ ପ୍ରଥମେ ଆଶାୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ଏକ ବୈଠକ କରୁଥିବା ବେଳେ ଦଳର ଦୁଇ ଗୋଷ୍ଠୀ ସେଠାରେ ମୁହାଁମୁହିଁ ହୋଇଥିଲେ। ଏହାପରେ ସୋମବାର ଏହି ବିରୋଧ ପ୍ରଦର୍ଶନ କଂଗ୍ରେସର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି।

ଅସନ୍ତୁଷ୍ଟ ଗୋଷ୍ଠୀ କହିଛନ୍ତି ଯେ, ଦୁଇ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦୀର୍ଘଦିନ ଧରି ତୃଣମୂଳ ସ୍ତରରେ ସଙ୍ଗଠନ କରି ଦଳୀୟ କର୍ମକର୍ତ୍ତା ଓ ଭୋଟରଙ୍କ ଦୁଃଖସୁଖରେ ଭାଗିଦାର ହୋଇଆସୁଥିଲେ। କିନ୍ତୁ ରାଜ୍ୟ ନେତୃତ୍ୱ ନୀଳଗିରିରେ ଦଳ ସହିତ ସାମିଲ ହେଉଥିବା କର୍ମକର୍ତ୍ତାଙ୍କୁ ଉପେକ୍ଷା କରିବା ଗ୍ରହଣୀୟ ନୁହେଁ। ଦଳୀୟ ପ୍ରାର୍ଥୀ ଘୋଷଣାର ପୁନର୍ବିଚାର କରାଯାଉ ବୋଲି ପୂର୍ବତନ ବିଧାୟକ ଷଡ଼ଙ୍ଗୀ, ରାଜକୁମାର ସିଂ, ଅଭିଷେକ ବେହେରା, ପ୍ରୀତଶଙ୍କର ମହାପାତ୍ର, ଜଶବନ୍ତ ରାଉତ, ସମ୍ବିତ ରାଉତ, ସତ୍ୟଜିତ୍ ପ୍ରଧାନ, ଲିଟୁନ ଷଡ଼ଙ୍ଗୀ, ଆଦର୍ଶ ଗୌରବ ଦାସ ଓ ଆଶିଷ ସାହୁ ପ୍ରମୁଖ ଦାବି କରିଛନ୍ତି।

## ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ତ୍ରିଭୁବନେଶ୍ୱର ଶରଣ ସିଂଦେଓଙ୍କ ଦୃଢ଼ୋକ୍ତି

# ଓଡ଼ିଶାରେ କଂଗ୍ରେସ ୭୫ ସିଟ୍‌ରେ ଜିତିବ

**ବଲାଙ୍ଗୀର ଅଫିସ,୨୫।୩**

୨୦୧୯ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ୭୫ ବିଧାନସଭା ଆସନ ଓ ୧୨ ଲୋକ ସଭା ଆସନ ଜିତିବ । ଦୀର୍ଘ ୧୯ ବର୍ଷ ହେଲା ଓଡ଼ିଶାରେ ଗୋଟିଏ ସ୍ଥିର ସରକାର ରହିଛି । ମାତ୍ର ଏଠି ବିକାଶ ହୋଇନାହିଁ ବୋଲି ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଭାରୀ ତ୍ରିଭୁବନେଶ୍ୱର ଶରଣ ସିଂଦେଓ କହିଛନ୍ତି । ବଲାଙ୍ଗୀରକୁ ପ୍ରଚାର କରିବାକୁ ଆସିଥିବା ଅବସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଲେ, ଛତିଶଗଡ଼ ଭଳି ଛୋଟ ଓ ନୂଆ ପ୍ରଦେଶରେ ୩୬ ପ୍ରତିଶତ ଜମିରେ ଜଳସେଚନ ସୁବିଧା ଥିବାବେଳେ ଓଡ଼ିଶା ଭଳି ବଡ ଓ ପୁରୁଣା ରାଜ୍ୟରେ ମାତ୍ର ୨୩ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଛି । ଏଠାରେ ବଳକା ବିଦ୍ୟୁତ୍ ଥିବାବେଳେ ବିଦ୍ୟୁତ୍ କାଟ୍ କରାଯାଉଛି । ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ହୋଇପାରିବ। ଆପୋଷ ଆଲୋଚନା ମାଧ୍ୟମରେ ଦୁଇ ରାଜ୍ୟର ସରକାର ଏହାର ସମାଧାନ କରିପାରିବେ । ମହାନଦୀ ଜଳ ଉପରେ ଛତିଶଗଡ ରାଜ୍ୟବାସୀଙ୍କ ଯେତିକି ଅଧିକାର ଅଛି ଓଡିଶାବାସୀଙ୍କ ମଧ୍ୟ ସେତିକି ଅଧିକାର ରହିଛି । ଛତିଶଗଡ଼ ସରକାର ମହାନଦୀ ଜଳ ବିବାଦରେ ଛତିଶଗଡ଼ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା କରିବା ସହ ଓଡିଶା ରାଜ୍ୟବାସୀଙ୍କ ଅଧିକାରର ସୁରକ୍ଷା କରିବ ବୋଲି ସେ କହିଥିଲେ । ଓଡିଶାରେ କଂଗ୍ରେସ ସରକାର ଗଠନ ହେଲେ ଏହି ସମସ୍ୟାର ସହଜ ରାସ୍ତା ବାହାରିବ ବୋଲି ସେ କହିଥିଲେ । ଛତିଶଗଡରେ ବ୍ୟାରେଜ ନିର୍ମାଣ ସମୟରେ ଓଡ଼ିଶା ସରକାର କୌଣସି ଆପତ୍ତି ନ ଉଠାଇବାରୁ ଏଭଳି ଅସୁବିଧା ହୋଇଥିବା ମନ୍ତ୍ରୀ ସିଂଦେଓ ସୂଚନା ଦେଇଥିଲେ ।

ଆଦିବାସୀଙ୍କ ପାଇଁ ଜଳ, ଜମି ଓ ଜଙ୍ଗଲ ହେଉ କି କୃଷକଙ୍କ ପାଇଁ ଜଳସେଚନ ଏଠାରେ ସବୁଥିରେ ସରକାର ଫେଲ ମାରିଛନ୍ତି। ଶିକ୍ଷା ନାଁରେ କେବଳ ଭୁଆଁ ବୁଲା ଚାଲିଛି। ଏହି ସରକାର ଆରମ୍ଭରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଆଜି ବେକାର ହୋଇ ବୁଲୁଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶାକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏଠାକାର ସାଧାରଣ ଜନତା କୃଷକ, ଛାତ୍ର, ଯୁବକ ଏବଂ ଆଦିବାସୀମାନଙ୍କ ପାଇଁ କଂଗ୍ରେସର ଅଧ୍ୟକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଆମ ସରକାର ଆସିଲେ କୃଷକ ଏବଂ ଆଦିବାସୀମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ର, ଏମ୍‌ପି ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର କହିଥିଲେ । ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଏହି ଦୁଇ ନେତା କହିଥିଲେ । ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ କରିବାକୁ ଦାବି କରୁଥିବା ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଓ ଥଇଥାନ କରାଯାଇ ନ ଥିବାରୁ ପ୍ରକଳ୍ପ ହୋଇପାରୁ ନ ଥିବା ମିଶ୍ର କହିଥିଲେ । କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୬୦୦ ଟଙ୍କା, ଚାଷୀଙ୍କୁ ୨ ଲକ୍ଷ ପର୍ଯ୍ୟନ୍ତ କୃଷିଋଣ ଛାଡ, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ, ୫ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ବାର୍ଦ୍ଧକ୍ୟ ଭତ୍ତା ୧୫୦୦ ଟଙ୍କା ଓ ବିଧବା ଭତ୍ତା ମାସିକ ୨ ହଜାର ଟଙ୍କା ଓ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ବିଧାୟକ ମିଶ୍ର ଘୋଷଣା କରିଥିଲେ ।



ମଦ୍ୟପାନ ଯେକୌଣସି ଦୁଷ୍କର୍ମ ପାଇଁ ପଥ ପରିଷ୍କାର କରିଦିଏ।

- ଫ୍ରାନ୍ସିସ୍ କ୍ୱାର୍ଲସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଲାବନ୍ୟ ଥିଏଟର ପକ୍ଷରୁ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଓଡ଼ିଶା ଏନଭାଇରନମେଣ୍ଟାଲ ସୋସାଇଟି ପକ୍ଷରୁ ସ୍ୱଚ୍ଛ ଏବଂ ସୁବଜ ଭୁବନେଶ୍ୱରର ପ୍ରଚାର, ଖଣ୍ଡଗିରି-ଉଦୟଗିରି ପର୍ବତ, ସକାଳ ୭ଟା।

**କଟକ**

- ବୈଶ୍ୟ ତିଲି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

**ପୁରୀ**

- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର, ଶ୍ରୀବିହାର ପରିସର, ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୪ଟା।
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଘାଟିତ୍, ଗଡଚଉପାଢ଼ି ପ୍ରାଙ୍ଗଣ, ନିଜିଗଡ ତାପଙ୍ଗ, ପୂର୍ବାହ୍ନ ୬ଟା।

**ବାଲିଅନ୍ତା**

- ପଞ୍ଚବଟୀ ଦୋଳ ମେଳନ, ତ୍ରିନାଥ ବଜାର ଛକ, ସକାଳ ୯ଟା।

# ଓଡ଼ିଶା ରାଜନୀତିରେ କିନ୍ନର

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୨୫।୩**

ଓଡ଼ିଶାରେ ରାତାରାତି ନିର୍ବାଚନ ସମୀକରଣ ବଦଳୁଥିବା ବେଳେ ଏଥର ଏକ ଭିନ୍ନ ଧାରା ଦେଖିବାକୁ ମିଳିଛି। ଡାକ୍ତର, ଇଞ୍ଜିନିୟର, ଆଇଏଏସ୍ ଅଫିସରଙ୍କଠାରୁ ଆରମ୍ଭ କରି ଫିଲ୍ମ ଓ ଟେଲିଭିଜନ ଜଗତର ସେଲିବ୍ରିଟି ରାଜନୀତି ମଇଦାନକୁ ଓହ୍ଲାଉଛନ୍ତି। ଏହା ଭିତରେ ଓଡ଼ିଶାରେ ପ୍ରଥମଥର ପାଇଁ ଏକାଧିକ କିନ୍ନର ସାଧାରଣ ନିର୍ବାଚନରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ନିର୍ବାଚନ ମଇଦାନରେ କିନ୍ନରଙ୍କ ଆବିର୍ଭାବ ଏକ ଭିନ୍ନ ପରିବେଶ ସୃଷ୍ଟି କରିଛି।

ବିଭିନ୍ନ କିନ୍ନର ଗୋଷ୍ଠୀ ମୁଖ୍ୟ ଏବେ ରାଜନୀତିରେ ସାମିଲ ହେଉଛନ୍ତି। ବିଭିନ୍ନ ଦଳରେ ମିଶି ଟିକେଟ ପାଇଁ ଆଶାୟୀ ସାଜିଛନ୍ତି। ଇତିମଧ୍ୟରେ କାଜଲ କିନ୍ନର ବହୁଜନ ସମାଜ ପାର୍ଟି(ବିଏସ୍‌ପି)ରୁ ଯାଜପୁର ଜିଲା କୋରେଇ ବିଧାନସଭା ଆସନରୁ ଲଢ଼ିବା ପାଇଁ ଟିକଟ ହାସଲ କରିସାରିଲେଣି। ଏହା ଭିତରେ ସେ ପ୍ରଚାର ମଇଦାନକୁ ମଧ୍ୟ ଓହ୍ଲାଇଛନ୍ତି। କିନ୍ନରମାନଙ୍କୁ ସାଙ୍ଗରେ ଧରି ସେ ଲୋକଙ୍କ ନିକଟକୁ ଯାଉଛନ୍ତି। ବିଜୟୀ ହେଲେ ଅଞ୍ଚଳର ବିକାଶ କରିବେ ବୋଲି କହୁଛନ୍ତି। ସେହିଭଳି ବେଗୁନିଆ ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ଆଶାୟୀ ଥିବା ମୀରା କିନ୍ନର କିଛିଦିନ ତଳେ ସମର୍ଥକଙ୍କ ସହ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ, ସେ ତାହାକୁ ନିଷ୍ଠାପର ଭାବେ ତୁଲାଇବେ ବୋଲି କହିଥିଲେ। ମୀରାଙ୍କ ପ୍ରଭାବ ଓଡ଼ିଶା କିନ୍ନର ସଂଘରେ ରହିଥିବା ବେଳେ ତାଙ୍କ ସହ ଏକ ବଡ଼ କିନ୍ନର ଗୋଷ୍ଠୀ ରହିଛନ୍ତି। ତେଣୁ ଯଦି ସେ ପ୍ରାର୍ଥୀ ହୁଅନ୍ତି, ତା' ହେଲେ ବିଜୟୀ ହେବା ସମ୍ଭାବନା ଅଛି ବୋଲି ତାଙ୍କ ସମର୍ଥକମାନେ ଯୁକ୍ତି ବାଢ଼ିଛନ୍ତି।



ମେନକା କିନ୍ନର।



ମୀରା କିନ୍ନର।

ଅନ୍ୟପକ୍ଷରେ କିନ୍ନର ମହାସଂଘର ଆଉ ଜଣେ ଜଣାଶୁଣା ଚେହେରା ମେନକା କିନ୍ନର ବି ଏଥର ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ଗତ ସପ୍ତାହରେ ସେ ଭାଜପାରେ ସାମିଲ ହୋଇଛନ୍ତି। ମେନକାଙ୍କ ମୁଖ୍ୟତଃ ରାଜଧାନୀରେ ଅଧିକ ପ୍ରଭାବ ରହିଛି। ଏଠାକାର ଅଧିକାଂଶ କିନ୍ନର ତାଙ୍କ ସହ ରହିଥିବା ସେ ଦାବି କରିଛନ୍ତି। ଟିକେଟ ପାଇଁ ଆଶାୟୀ ଥିବା ନେଇ ସେ ଏ ପର୍ଯ୍ୟନ୍ତ କିଛି କହିନାହାନ୍ତି। ହେଲେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ ହେଉଥିବାରୁ ତାଙ୍କ ସମର୍ଥନରେ ବାହାରିଛନ୍ତି ମେନକା ଓ ତାଙ୍କ ସମର୍ଥକ। ତେବେ 'କିନ୍ନର ବଞ୍ଚାଅ, କିନ୍ନର ପଢ଼ାଅ' ଏବଂ କିନ୍ନର ସଶକ୍ତୀକରଣ ଉପରେ ଅଧିକ ଫୋକସ୍ କରିବେ ବୋଲି ମେନକା କହିଛନ୍ତି। ନିର୍ବାଚନରେ କିନ୍ନରମାନଙ୍କ ପାଇଁ ୩% ଆସନ ସଂରକ୍ଷଣ ରହିବା ଉଚିତ। ଏଥର ନିର୍ବାଚନରେ ଶିକ୍ଷା, ସ୍ୱାସ୍ଥ୍ୟ ସହ ଭୂମିହୀନଙ୍କ ସମସ୍ୟା ମୁଖ୍ୟ ପ୍ରସଙ୍ଗ ରହିବ। ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ମେନକାଙ୍କୁ ଏବେ ଘର ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଏହି ତିନି କିନ୍ନର ମୁଖ୍ୟଙ୍କ ବ୍ୟତୀତ ଆଉ କେତେଜଣ କିନ୍ନର ନେତା ଏବେ ମୁଣ୍ଡ ଟେକିଲେଣି। ସେମାନେ ମଧ୍ୟ ନିଜ ସମର୍ଥକଙ୍କ ସହ କୌଣସି ଏକ ରାଜନୈତିକ ଦଳରେ ସାମିଲ ହୋଇ ଭୋଟ୍ ହାତେଇବା ପାଇଁ ଲାଗିପଡ଼ିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଗତ ବର୍ଷଗୁଡ଼ିକ ଅପେକ୍ଷା ଏଥର ନିର୍ବାଚନରେ କିନ୍ନରମାନଙ୍କ ସକ୍ରିୟ ଉପସ୍ଥିତି ଦେଖିବାକୁ ମିଳିଛି।



କାଜଲ କିନ୍ନରଙ୍କ ସହ ଅନ୍ୟମାନେ।

ଓଡ଼ିଶାରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ କିନ୍ନର ରହିଥିବା ବେଳେ ଏଲ୍‌ଜିବିଟି କମ୍ୟୁନିଟି ଭୋଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ କେତେକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀରେ ସେମାନଙ୍କ ପ୍ରଭାବ ଦେଖିବାକୁ ମିଳିବ। ଯାଜପୁର, ଖୋର୍ଦ୍ଧା ଜିଲାରେ କିନ୍ନରଙ୍କ ସଂଖ୍ୟା ଅଧିକ ରହିଥିବାରୁ ଭୋଟ ବିଭାଜନରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି।

ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘ ସଭାପତି ଥିବା ମୀରା ପରିଡ଼ା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବେ। ତାଙ୍କ ଘର ବେଗୁନିଆ ବୋଲି ସେ ସେଠାରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ହେଲେ ତାହା କେବଳ ଏକ ଚର୍ଚ୍ଚା। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ନିଷ୍ଠାର ସହ ସମ୍ପନ୍ନ କରିବେ। ଆଗାମୀ ଦିନରେ ଓଡ଼ିଶାରେ କିନ୍ନରମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ। ସେହିଭଳି କାଜଲ କିନ୍ନର କହିଛନ୍ତି ଯେ, ସମାଜର ବିକାଶ ପ୍ରକ୍ରିୟାରେ ସହାଭାଗୀ ହେବେ। ଏହାସହ କିନ୍ନରମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

## କଟକର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବି: ପ୍ରକାଶ ମିଶ୍ର

**କଟକ ଅଫିସ,୨୫।୩:** ମୁଁ ପୋଲିସ ଚାକିରିରେ ଥିଲି। ଏହି ଚାକିରିରେ ୫ ମିନିଟ୍‌ରେ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ତେଣୁ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ମୋତେ ବେଶୀ ସମୟ ଲାଗିବ ନାହିଁ। ସୋମବାର ସନ୍ଧ୍ୟାରେ ସିଡିଏ ସେକ୍ଟର-୯ସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳର ଏମ୍‌ପି ପ୍ରାର୍ଥୀ ତଥା ଅବସରପ୍ରାପ୍ତ ଡିଜି ପ୍ରକାଶ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ଏହି କଥା କହିଛନ୍ତି। ମିଶ୍ର ଆଗାମୀ ନିର୍ବାଚନରେ ନିଜର ଆଭିମୁଖ୍ୟ ନେଇ ମୁହଁ ଖୋଲିଛନ୍ତି। କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ କହିଥିଲେ। ଏହାଛଡ଼ା କଟକର ସମସ୍ତ ସ୍ଥାନ ସମ୍ପର୍କରେ ସେ ଭଲ ଭାବେ ଅବଗତ। କଟକ ଜିଲାର ବିକାଶ କିପରି ହୋଇଛି ତାହା ଜଳଜଳ ଦେଖାଯାଉଛି ବୋଲି ପ୍ରକାଶ ବ୍ୟଙ୍ଗାତ୍ମକ ଛଳରେ କହିବା ସହ ବିକାଶ କରିବାର ସୁଯୋଗ ମିଳିଲେ ତାହା କାର୍ଯ୍ୟରେ ପରିଣତ ହେବ ବୋଲି କହିଥିଲେ।



## ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଇସ୍ତଫା

**ଜଟଣୀ,୨୫।୩ (ଡି.ଏନ୍.ଏ.):** ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ପ୍ରାର୍ଥୀଭାବେ ଦଳ ଘୋଷଣା କଲା ପରେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ସନ୍ତୋଷ ଜେନା ସୋମବାର ସନ୍ଧ୍ୟାରେ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରକୁ ଦଳର ରାଜ୍ୟ ସଭାପତିଙ୍କ ପାଖକୁ ପଠାଇଛନ୍ତି। ୩୫ ବର୍ଷ ହେବ ଭାଜପାରେ ରହି ନିଷ୍ଠାପର ଭାବେ ଦଳ ପ୍ରଦାନ କରିଥିବା ସମସ୍ତ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ଗତ ଦୁଇଟି ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ସହଯୋଗ କରିଥିଲେ। ୨୦୧୯ ନିର୍ବାଚନ ପାଇଁ ତାଙ୍କୁ ପ୍ରାର୍ଥୀ କରିବାକୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦଳ ତାଙ୍କୁ ପ୍ରାର୍ଥୀ କଲା ନାହିଁ। ତେଣୁ ସେ ଇସ୍ତଫା ଦେଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ,୨୫।୩:** ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୯ ଅଞ୍ଚଳର ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ କାଇରି ଅଞ୍ଚଳର ଶ୍ରୀମୟ ବାରିକ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଶ୍ରୀମୟ ପ୍ରେମ ବ୍ୟାପାରକୁ ନେଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଥିବାବେଳେ ଏ ନେଇ ଏକ ଅପମୃତ୍ୟୁ ମାମଲା(୧୯/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀମୟ ଗତ ୧ ବର୍ଷ ହେବ ସେକ୍ଟର-୯ ଅଞ୍ଚଳର ଏକ ପାଉରୁଟି ଦୋକାନରେ କାର୍ଯ୍ୟ କରୁଥିଲେ। ରବିବାର ରାତିରେ ସେ ଦୋକାନ ପଛପଟେ ଥିବା ଏକ ଘରେ ଶୋଇଥିଲେ। ସକାଳୁ ଦୋକାନ ଖୋଲିବା ପାଇଁ ମାଲିକ ଆସି ଶ୍ରୀମୟଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ପରେ ସ୍ଥାନୀୟ ଲୋକେ କବାଟ ଭାଙ୍ଗିବା ପରେ ଶ୍ରୀମୟଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା।




## ନିଆରା କଣ୍ଢେଇ ନାଟ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

କଣ୍ଢେଇ ନାଟ ବର୍ତ୍ତମାନ ସମୟର ଏକ ଲୁପ୍ତପ୍ରାୟ ଲୋକକଳା ମଧ୍ୟରୁ ଅନ୍ୟତମ। ଓଡ଼ିଶାର ବହୁ ପୁରାତନ ଏହି ଲୋକକଳା ଯେତିକି ଉପଭୋଗ୍ୟ, ସେତିକି ଶିକ୍ଷଣୀୟ। ଦକ୍ଷିଣାଞ୍ଚଳର ଲୋକକଥା କାଞ୍ଚି ଉପାଖ୍ୟାନ ଉପରେ ଆଧାରିତ ଏହି ନୃତ୍ୟ ଦର୍ଶକୀୟ ସ୍ୱୀକୃତି ଲାଭ କରିଛି। ଏଭଳି ଏକ ଲୁଚିଯାଉଥିବା ଲୋକକଳାକୁ ରାଜଧାନୀର ଦର୍ଶକଙ୍କୁ ଭେଟି ଦେଇଥିଲା ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ। ସୋମବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହ ୨୦୧୮-୧୯ର ୬୯ତମ ସନ୍ଧ୍ୟାରେ କଣ୍ଢେଇ ନୃତ୍ୟ ସହିତ ପଶୁମୁଖା ନୃତ୍ୟ ଏବଂ ଚମ୍ପୁ ଓ ଛାନ୍ଦ ଆଧାରିତ କେତେକ ସୁମଧୁର ଲୋକସଙ୍ଗୀତ ଶୁଣିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଭାରତୀୟ ବିଦ୍ୟାଭବନ କେନ୍ଦ୍ର ଏବଂ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ମୁଖ୍ୟ ଆଲୋକ ସାହୁଙ୍କ ନେତୃତ୍ୱରେ ପରିବେଷିତ କଣ୍ଢେଇ ନାଟ ଅନ୍ୟ କଣ୍ଢେଇ ନାଟଠାରୁ ଟିକେ ଭିନ୍ନଶୈଳୀର ରହିଥିଲା। କାର୍ଯ୍ୟକ୍ରମର ସହଯୋଗୀ ନିର୍ଦ୍ଦେଶକ ମନ୍ମଥ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ଥାୟୀ କୁଳପତି ଦାବି ଧାରଣାରେ ବସିଲେ ଓୟୁଏଟି ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଛାତ୍ରୀଛାତ୍ର ନିଜର ସ୍ୱାଭିମାନ ଏବଂ ସ୍ଥାୟୀ କୁଳପତି ଦାବିରେ ସୋମବାର ଶିରିପୁର ଛକରେ ଧାରଣାରେ ବସିଥିଲେ। ସେମାନଙ୍କ କହିବାନୁଯାୟୀ, ଓୟୁଏଟି ଭଳି ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ନିଜ ବ୍ୟକ୍ତିଗତ କାରଣ ଯୋଗୁ ପଦଚ୍ୟୁତ ହେଲେ, କିନ୍ତୁ ଏଥିରେ ଓୟୁଏଟି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏତଦ୍‌ବ୍ୟତୀତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ ଏବଂ ଅଧିକାରୀଙ୍କ ସମ୍ମାନ ତଥା ସାମଗ୍ରିକ ଭାବେ ବିଶ୍ୱବିଦ୍ୟାଳୟର ସମ୍ମାନ ପଦାରେ ପଡ଼ିଛି। ଏହାଦ୍ୱାରା ଛାତ୍ରୀଛାତ୍ର ମର୍ମାହତ ହୋଇଛନ୍ତି। ତେଣୁ ନିଜର ସ୍ୱାଭିମାନ ଏବଂ ସ୍ଥାୟୀ କୁଳପତି ଚୟନ ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏହି ଧାରଣା କାର୍ଯ୍ୟକ୍ରମକୁ ଅଲ୍ ଇଣ୍ଡିଆ ଏଗ୍ରିକଲ୍‌ଚରାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନର ରାଜ୍ୟ ସଭାପତି ଭବାନୀ ପ୍ରସାଦ ନନ୍ଦ ପରିଚାଳନା କରିଥିଲେ।

## ସମୟ ମାଗିଲେ, ଥାନାରେ ହାଜର ହେଲେନି ସମୀର

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢିଲେ ହାରିଯିବା ନେଇ ଗୋଇନ୍ଦା ରିପୋର୍ଟ ଦେଇଥିବା ଭାଜପା ଖବରଦାତା ସମ୍ମିଳନୀ କରି ଶାସକ ଦଳକୁ ଟାର୍ଗେଟ କରିଥିଲା। ଡିଜିପି ଏହି ରିପୋର୍ଟକୁ ଜାଲ କହିବା ପରେ ଆରମ୍ଭ ହୋଇଥିଲା ଦୁଇ ଦଳ ମଧ୍ୟରେ ବାକ୍‌ଯୁଦ୍ଧ। ଏନେଇ ଖାରବେଳନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସିଆରପିସି ଧାରା ୯୧ରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଗୋଲକ ମହାପାତ୍ର ଓ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କୁ ଥାନାରେ ହାଜର ହେବା ପାଇଁ ନୋଟିସ କରିଥିଲା। ପୋଲିସ ନୋଟିସ ଅନୁଯାୟୀ ୩ ନେତା ବ୍ୟକ୍ତିଗତ ଭାବେ ଥାନାରେ ହାଜର ନ ହୋଇ ନିଜ ଓକିଲ ମାଧ୍ୟମରେ ପକ୍ଷ ରଖିଥିଲେ।

**ଗୋଇନ୍ଦା ରିପୋର୍ଟ ମାମଲା**



ତେଣୁ ପୋଲିସ ରବିବାର ସେମାନଙ୍କୁ ସିଆରପିସି ଧାରା ୧୬୦ରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ପୁଣି ନୋଟିସ କରିଥିଲା। ସୋମବାର ସମୀର ମହାନ୍ତିଙ୍କୁ ହାଜର ହେବାକୁ କୁହାଯାଇଥିଲା। ହେଲେ ସେ ଥାନାରେ ହାଜର ନ ହୋଇ ପୂର୍ବଭଳି ନିଜ ଓକିଲ ମାଧ୍ୟମରେ ପକ୍ଷ ରଖିଛନ୍ତି। ଏପରି କି ନିର୍ବାଚନ ଆଳ ଦେଖାଇ ସେ ସମୟ ମାଗିଛନ୍ତି। ହେଲେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଯେଉଁ ସମୟ ମାଗିଛନ୍ତି ତାହା ସମ୍ଭବ ନୁହେଁ ବୋଲି ପୋଲିସ ରୋକ୍‌ଠୋକ ଜଣାଇ ଦେଇଛି।

ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ସୋମବାର ସମୀର ହାଜର ହୋଇନାହାନ୍ତି। ଅନ୍ୟ ଦୁଇ ନେତା ନିଜର ପକ୍ଷ ରଖିବା ପରେ କେତେଦିନ ସମୟ ଦିଆଯିବ ତାହା ସ୍ଥିର କରାଯିବ।

## କଟକ ବାର ଆସୋସିଏଶନ ନିର୍ବାଚନ ରାମକୃଷ୍ଣ ରଥ ନିର୍ବାଚନ ଅଧିକାରୀ

**କଟକ ଅଫିସ, ୨୫।୩**

କଟକ ବାର ଆସୋସିଏଶନର ବରିଷ୍ଠ ସଦସ୍ୟମାନଙ୍କ ପକ୍ଷରୁ ଏକ ଜରୁରିକାଳୀନ ସାଧାରଣ ବୈଠକ ସୋମବାର ସ୍ଥାନୀୟ ବାର ଆସୋସିଏଶନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ରାମକୃଷ୍ଣ ରଥଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ରଥଙ୍କୁ ଆସନ୍ତା ୩୦ ତାରିଖରେ ନିର୍ବାଚନ କରାଇବାକୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ଅର୍ପଣ କରାଯାଇଛି। କଟକ ବାର୍ ଆସୋସିଏଶନର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉକ୍ତ ବୈଠକରେ ଉପସ୍ଥିତ ରହି ଏହି ନିଷ୍ପତ୍ତିକୁ ମାନି ନେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମନୋଜ



ଅପର୍ଣ୍ଣା



ବିଜୟଲକ୍ଷ୍ମୀ



ବିନୋଦ



ଦିଲ୍ଲୀପ ସେନାପତି



ଦିଲ୍ଲୀପ



ଦୀପ୍ତିମୟୀ



ଶୁଭଶ୍ରୀ



ସତ୍ୟବ୍ରତ



ମୋନାଲିସା



ମନୁଷ୍ୟ ଖିଅର ହୋଇସାରିବା ପରେ, ତୈଳ ଲଗାଇବା ପରେ, ସ୍ତ୍ରୀ ସହବାସ କଲାପରେ ଓ ଶବଦାହ କରିବା ପରେ ସେ ଚାଣ୍ଡାଳ ହୋଇଯାଏ। ସ୍ନାନ ପରେ ସେ ଦୋଷ ଦୂର ହୁଏ।

- ଚାଣକ୍ୟ

# ଘରୋଇ ବିଦ୍ୟାଳୟ ମାନୁନାହାନ୍ତି ନିର୍ଦ୍ଦେଶାବଳୀ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

- ଘରୋଇ ପ୍ରକାଶନ ପୁସ୍ତକ କିଣିବାକୁ କୁହାଯାଉଛି
- ସିବିଏସ୍ଇ କର୍ତ୍ତୃପକ୍ଷ ନେଉନାହାନ୍ତି କାର୍ଯ୍ୟାନୁଷ୍ଠାନ
- ଅଭିଯୋଗ ଆଣିଲା ଓଡ଼ିଶା ଅଭିଭାବକ ମହାସଂଘ

ସମସ୍ତ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏନ୍ସିଇଆର୍ଟି ପୁସ୍ତକ ପ୍ରଚଳନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ କୌଣସି ହୋମ୍ୱର୍କ ନ ଦେବାକୁ ନିୟମ ରହିଛି। ଏ ନେଇ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ୨୦୧୮ରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବଂ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍ଇ) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଶିକ୍ଷାବର୍ଷ ଅର୍ଥାତ୍ ୨୦୧୯-୨୦ରେ ନିୟମ ଲାଗୁ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଭିତ୍ତି କରି ସିବିଏସ୍ଇ କର୍ତ୍ତୃପକ୍ଷ ୨୦୧୮ ଅଗଷ୍ଟ ୧୩ରେ ସମସ୍ତ ଆଞ୍ଚଳିକ ଅଧିକାରୀଙ୍କୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ତରଫରୁ ମଧ ସେହି ବର୍ଷ ଅକ୍ଟୋବର ୫ରେ ସମସ୍ତ ରାଜ୍ୟ ଶିକ୍ଷା ବିଭାଗ ସଚିବଙ୍କୁ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା। ଏଥିନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବା ଏବଂ ଏହାକୁ ପାଳନ କରୁ ନ ଥିବା ବିଦ୍ୟାଳୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପରିତାପର ବିଷୟ, କୌଣସି ଘରୋଇ ବିଦ୍ୟାଳୟ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିନାହାନ୍ତି। ଘରୋଇ ପ୍ରକାଶନ ପୁସ୍ତକ କିଣିବା ପାଇଁ ଅଭିଭାବକଙ୍କୁ ବାଧ କରାଯାଉଛି। କେତେକ ବିଦ୍ୟାଳୟ ମଧ ପୁସ୍ତକ ନ କିଣିଲେ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରୋଶମୂଳକ ମନୋଭାବ ରଖୁଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ଏ ଦିଗରେ ଅବଗତ ଥାଇ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରାଯାଇଛି। ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ଏହି ଆଦେଶକୁ ପାଳନ କରିବା ପାଇଁ ମହାସଂଘ ତରଫରୁ ୨୦୧୮ ଡିସେମ୍ବରରେ ଆଞ୍ଚଳିକ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଅନୁରୋଧ କରାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କୁ ମଧ ଅନୁରୋଧ କରିଥିଲୁ। ଚଳିତ ମାସରେ ପୁନର୍ବାର ସରକାରଙ୍କୁ ଅନୁରୋଧ କରିଛୁ। ହେଲେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ସିବିଏସ୍ଇ କର୍ତ୍ତୃପକ୍ଷ ନା ରାଜ୍ୟ ସରକାର କେହି ବି ଗୁରୁତ୍ୱ ଦେଲେ ନାହିଁ ବୋଲି ସେ କହିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ ପୁସ୍ତକ କିଣାବିକାରେ କୋଟି କୋଟି ଟଙ୍କାର କାରବାର ହେଉଛି। ଏହା ଏକ ସ୍କିମ୍ରେ ପରିଣତ ହୋଇଛି। ରାଜ୍ୟ ସରକାର କି ସିବିଏସ୍ଇ କର୍ତ୍ତୃପକ୍ଷ ଯଦି ଏହାର ସ୍ପଷ୍ଟୀକରଣ ନ ଦିଅନ୍ତି, ତେବେ ଆଗାମୀ ଦିନରେ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଭିଭାବକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘ ଉପାଧକ୍ଷ ପ୍ରସନ୍ନ ବିଶୋୟୀ, ଭୂମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜା, ସମୀର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ଗର୍ଭଗୃହରେ ଝୁଲି ରହିଛି ଚାନ୍ଦୁଆ

### ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲେ ସେବାୟତ

**ପୁରୀ ଅଫିସ,୨୫।୩**



ଶ୍ରୀମନ୍ଦିର ଗର୍ଭଗୃହରେ ଟଙ୍ଗାଯାଇଥିବା ଚାନ୍ଦୁଆ ଝୁଲି ରହିଛି। ଗର୍ଭଗୃହରେ ଅଖଣ୍ଡ ଦୀପ ଜଳୁଥିବାରୁ ଅଘଟଣ ଆଶଙ୍କା କରିଛନ୍ତି ସେବାୟତ ଶମ୍ଭୁନାଥ ଖୁଣ୍ଟିଆ। ଏ ନେଇ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତ କିଛିଦିନ ହେବ ଝୁଲି ରହିଥିବା ଏହି ଚାନ୍ଦୁଆକୁ ବାନ୍ଧିବା ଲାଗି ସେ ଚିଠିରେ ଦର୍ଶାଇଥିବା କହିଛନ୍ତି।

ରତ୍ନ ସିଂହାସନ ଉପରେ ଥିବା କନକମୁଣ୍ଡି ଚାନ୍ଦୁଆ ବ୍ୟତୀତ ଅନ୍ୟ ଏକ ଚାନ୍ଦୁଆ ଗର୍ଭଗୃହରେ ବନ୍ଧା ଯାଇଛି। କଳାହାଟ ଦ୍ୱାର ପରଠାରୁ ଗର୍ଭଗୃହ ଭିତରକୁ ଏହା ରହିଛି। ହେଲେ ଗତ କିଛିଦିନ ହେବ ଏହି ଚାନ୍ଦୁଆର ଗୋଟିଏ ପାର୍ଶ୍ୱ ଖସିଯାଇଥିବା ବେଳେ ଏହା ଝୁଲନ୍ତା ଅବସ୍ଥାରେ ରହୁଛି। ତେବେ ଗର୍ଭଗୃହରେ ସର୍ବଦା ଜଳୁଥିବା ଅଖଣ୍ଡ ଦୀପ ଉକ୍ତ ଚାନ୍ଦୁଆ ତଳେ ରହିଛି। କୌଣସି କାରଣରୁ ଯଦି ଚାନ୍ଦୁଆଟି ତଳକୁ ଖସିପଡେ ତେବେ ଅଖଣ୍ଡ ଦୀପରେ ପଡିବ। ଏହାଦ୍ୱାରା ଅଘଟଣ ଘଟିବା ସମ୍ଭାବନା ରହିଛି ବୋଲି ଶମ୍ଭୁନାଥ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ଏହା ଖୁବ୍ଶୀଘ୍ର ବନ୍ଧାଯିବ ବୋଲି ଶ୍ରୀମନ୍ଦିର ଗାରଦର ଜଣେ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ଲାଞ୍ଚ: କିରାଣି ଗିରଫ

**କଟକ ଅଫିସ, ୨୫।୩:** ୪ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଏସ୍. ଶଙ୍କର ରେଡ୍ଡୀ। ସେ ଉକ୍ତ କାର୍ଯ୍ୟାଳୟରେ ବିଲ୍ କ୍ଲର୍କ ଭାବେ କାର୍ଯ୍ୟ କରନ୍ତି। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରି ୨୦୧୭ ଡିସେମ୍ବରରେ ଅବସର ନେଇଥିବା ପରିସଂଖ୍ୟାନ କର୍ମଚାରୀ ମଧୁସୂଦନ ମାଝିଙ୍କଠାରୁ କିରାଣି ରେଡ୍ଡୀ ଲାଞ୍ଚ ଦାବି କରିଥିଲେ। ମାଝିଙ୍କର ଅସୁସ୍ଥତା ସମୟର ୮୩ ଦିନର ଦରମା ମଞ୍ଜୁର କରିବା ନିମନ୍ତେ ରେଡ୍ଡୀ ଏହି ଲାଞ୍ଚ ଦାବି କରିଥିଲେ। ତଦନୁଯାୟୀ ସୋମବାର ସମ୍ବଲପୁର ଟ୍ରେଜେରି କାର୍ଯ୍ୟାଳୟ ସମ୍ମୁଖରେ କିରାଣି ରେଡ୍ଡୀ ମାଝିଙ୍କଠାରୁ ଲାଞ୍ଚ ବାବଦ ୪୦୦୦ ଟଙ୍କା ଗ୍ରହଣ କରିଥିଲେ। ଏହାପରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ରେଡ୍ଡୀଙ୍କୁ କାବୁ କରିଥିଲେ। ପରେ ଗଞ୍ଜାମ ଜିଲା ଛତ୍ରପୁରଠାରେ ଥିବା ତାଙ୍କ ଘର ଓ ସମ୍ବଲପୁରଠାରେ ଥିବା ସରକାରୀ କ୍ୱାର୍ଟର୍ସକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୮/୧୯) ରୁଜୁ କରାଯାଇ ରେଡ୍ଡୀଙ୍କୁ ଗିରଫ କରାଯାଇଛି।

### ଦୋଳମୁଣ୍ଡାଇରୁ ନାବାଳିକା ଉଦ୍ଧାର

**କଟକ ଅଫିସ,୨୫।୩:** ବାଦାମବାଡ଼ି ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଛକରୁ ସୋମବାର ଜଣେ ୪ ବର୍ଷର ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ବାଲେଶ୍ୱର ଜିଲା କୃଷ୍ଣ ଘଡ଼େଇଙ୍କ ଝିଅ ବଣିଆ ଘଡ଼େଇ ବୋଲି କହୁଛନ୍ତି। ବାଲେଶ୍ୱର ଜିଲା ପିଞ୍ଛ ବଣିଆ ଅଞ୍ଚଳରେ ତାଙ୍କ ଘର ବୋଲି ସେ କହିଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି କଟକସ୍ଥିତ ବସୁନ୍ଧରା ସାମାଜିକ ଅନୁଷ୍ଠାନରେ ଛାଡିଛି। ସେ ସୋମବାର ଦୋଳମୁଣ୍ଡାଇ ଛକରେ ବୁଲୁଥିବା ଦେଖି ଜଣେ ପୋଲିସ କର୍ମଚାରୀ ତାଙ୍କୁ ଥାନାକୁ ଆଣିଥିଲେ। ନାବାଳିକାଙ୍କ କହିବା ଅନୁଯାୟୀ, ପିଞ୍ଛ ବଣିଆ ଅଞ୍ଚଳରେ ଗତ ଶୁକ୍ରବାର ହୋଲି ଉତ୍ସବ ପାଳନ ହେଉଥିବା ବେଳେ ସେ ତାଙ୍କ ବାପାଙ୍କ ସହ ସେଠାକୁ ଆସିଥିଲେ। ହେଲେ ସେଠାରେ ସେ ତାଙ୍କ ବାପାଙ୍କୁ ଆଉ ପାଇ ନ ଥିଲେ। ପରେ ଜଣେ ବ୍ୟକ୍ତି ତାଙ୍କୁ ସେଠାରୁ ତାଙ୍କ ଘରକୁ ନେଇଯିବେ ବୋଲି କହି ସାଙ୍ଗରେ ଆଣିଥିଲେ। ପରେ ସେ ଏଠାକୁ କେମିତି ଆସିଲେ ଜାଣି ନ ଥିବା କହିଛନ୍ତି। ତେବେ ସେ କିପରି ଏବଂ କିଏ ତାଙ୍କୁ କଟକ ଆଣିଲା ତାହା ଉପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ପଥରଖଣିରୁ ଗଳିତ ମୃତଦେହ ଜବତ

**ଜଟଣୀ,୨୫।୩ (ଡି.ଏନ୍.ଏ.):** ଜଟଣୀ ଥାନା ଅଧୀନ ଗୋପୀନାଥପୁର ଗ୍ରାମ ନିକଟରେ ଥିବା ମାଙ୍କଡ଼ାପଥର ଖଣିରେ ପଡ଼ିଥିବା ଏକ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ ପଥରଖଣିରେ ମୃତଦେହ ପଡିଥିବା ସୋମବାର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଜଟଣୀ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତବ୍ୟକ୍ତିଙ୍କ ଶରୀରରେ କୌଣସି ବସ୍ତ୍ର ନ ଥିବା ଦେଖିବାକୁ ମିଳିଥିଲା। କିଛିଦୂରରେ ପଡ଼ିଥିବା ଏକ ଗାମୁଛାକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୬/୧୯)ରୁଜୁ ହୋଇଛି।

### ଦୀପୁ, ଓମ୍ ହତ୍ୟା ମାମଲା
### ଫାର୍ମହାଉସ କର୍ମଚାରୀଙ୍କ ସାକ୍ଷ୍ୟ ପ୍ରଦାନ

**କଟକ ଅଫିସ, ୨୫।୩:** କଟକର ବହୁଚର୍ଚ୍ଚିତ ଦୀପୁ ଓରଫ ମନୋଜ ମଲ୍ଲିକ ଏବଂ ଓମ୍ ପ୍ରକାଶ ସ୍ୱାଇଁ ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ ସୋମବାର ଜିଲା ଦୌରାଜଜ୍ଙ୍କ ଅଦାଲତରେ ହୋଇଥିଲା। ଉକ୍ତ ମାମଲାରେ ଆଠଗଡ଼ ଫାର୍ମ ହାଉସର ସୁପରଭାଇଜର ଶରତ ରାଉତ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ଦେଇଥିଲେ। ସାକ୍ଷ୍ୟ ପ୍ରଦାନ ସମୟରେ ସେ କିଛି ଜାଣି ନ ଥିବା କହିଥିଲେ। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କୁ ଶରତ ଜାଣି ନ ଥିବା କଥା କୋର୍ଟଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ଉକ୍ତ ହତ୍ୟାକାଣ୍ଡରେ ପୋଲିସ ଶରତ ରାଉତଙ୍କର ବୟାନକୁ ପୂର୍ବରୁ ରେକର୍ଡ କରିଥିଲା। ମାତ୍ର ପୋଲିସର ବାଧବାଧକତାରେ ସେ ସମୟରେ ସେ ଏଭଳି ବୟାନ ଦେଇଥିବା ଶରତ କୋର୍ଟଙ୍କୁ କହିଥିଲେ। ଏହି ମାମଲାର ଶୁଣାଣି ସମୟରେ ଉଭୟ ଧଳସାମନ୍ତ ଭ୍ରାତା କୋର୍ଟରେ ହାଜର ହୋଇଥିଲେ।



ପ୍ରବଳ ତାତି: ଭୁବନେଶ୍ୱର କଳ୍ପନା ଛକରେ ଏକ ତରଭୁଜ ଦୋକାନରେ ଲୋକଙ୍କ ଭିଡ଼।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ଏହି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଖୋର୍ଦ୍ଧା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୧ମାସ ତଳେ ଉକ୍ତ ଯୁବକ ଜଣକ ଅପହରଣ କରି ନେଇଥିଲେ। କିଛିଦିନ ପାଖରେ ରଖି ବାରମ୍ବାର ବଳାତ୍କାର କରିବା ପରେ ଛାଡ଼ି ଚାଲିଯାଇଥିଲେ। ପରେ ଘଟଣା ବିଷୟରେ ଝିଅ ପରିବାର ଲୋକେ ଜାଣି ଝିଅକୁ ଉଦ୍ଧାର କରିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୯୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତ ଜଣକ ଚନ୍ଦକା ଅଞ୍ଚଳରେ ଥିବା ଜାଣି ପୋଲିସ ଚଡ଼ାଉ କରି ଗିରଫ କରିଥିଲା। ସୋମବାର ଅଭିଯୁକ୍ତ ଓ ପୀଡ଼ିତାଙ୍କୁ ନେଇ ଡାକ୍ତରୀ ମାଇନା କରିଥିଲେ। ପରେ ଅଭିଯୁକ୍ତଙ୍କୁ ୧୪ଦିନ ପାଇଁ ଭୁବନେଶ୍ୱର ସ୍ପେଶାଲ ଜେଲକୁ ପଠାଯାଇଛି। ଅପରପକ୍ଷେ ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ମାମଲା
## ମରାମତି ଅଗ୍ରଗତି ଉପରେ ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୨୫।୩**



କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ହାଇକୋର୍ଟଙ୍କୁ ୬ ମାସ ସମୟ ମାଗିଥିଲା। ଏହି ୬ ମାସ ମଧରେ ଦୁଇଟି ପର୍ଯ୍ୟାୟରେ ସୂର୍ଯ୍ୟମନ୍ଦିରର ମରାମତି କାର୍ଯ୍ୟ କିପରି କରାଯିବ ତାହାର ସବିଶେଷ ତଥ୍ୟ ଏଏସ୍ଆଇ ପକ୍ଷରୁ ପୂର୍ବରୁ ସତ୍ୟପାଠ ଆକାରରେ ହାଇକୋର୍ଟରେ ଦାଖଲ କରାଯାଇଥିଲା। ତେବେ ଏହି ମରାମତି କାର୍ଯ୍ୟ କେତେଦୂର ଅଗ୍ରଗତି କରିଛି, ସେ ସମ୍ପର୍କରେ ହାଇକୋର୍ଟ ଏଏସ୍ଆଇ ନିକଟରୁ ରିପୋର୍ଟ ମାଗିଛନ୍ତି। ଆସନ୍ତା ମେ' ୬ ତାରିଖରେ ହେବାକୁ ଥିବା ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏଏସ୍ଆଇ ପକ୍ଷରୁ ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ହୋଇପଡ଼ିଥିବା ନେଇ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଆବେଦନକାରୀ ମହାପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ଟେଷ୍ଟ ଡ୍ରାଇଭ ଆଳରେ ଲୁଟୁଥିଲେ ଦାମୀ ବାଇକ୍
## ଦୁଇ ଲୁଟେରାଙ୍କୁ କାବୁ କଲେ ଛାତ୍ର

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**

ଟେଷ୍ଟ ଡ୍ରାଇଭ ଆଳରେ ଦାମୀ ବାଇକ୍ ଲୁଟୁଥିବା ଦୁଇ ଲୁଟେରାଙ୍କୁ କାବୁ କରି ଜଣେ ଛାତ୍ର ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ସୋନପୁର ଜିଲାର ରଜତ ପାତ୍ର ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି ଟେକ୍ ପଢିବା ସହ ନୟାପଲ୍ଲୀରେ ରୁହନ୍ତି। ତାଙ୍କ କେଟିଏମ ବାଇକ୍ ବିକ୍ରି କରିବା ପାଇଁ ସେ ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ପୁରୀ ଅଞ୍ଚଳର ପରିଚୟ ଦେଇ ଦୁଇ ଜଣ ଯୁବକ ଉକ୍ତ ବାଇକ୍ କିଣିବା ପାଇଁ ତାଙ୍କ ସହ ଯୋଗାଯୋଗ କରିଥିଲେ। ୫ ଦିନ ତଳେ ଦୁଇ ଯୁବକ ମଞ୍ଚେଶ୍ୱର ଅଞ୍ଚଳରେ ପହଞ୍ଚି ଟେଷ୍ଟ ଡ୍ରାଇଭ କରିବା ବାହାନାରେ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଖୋଜା ଖୋଜି ପରେ ଗାଡି ନ ପାଇବାରୁ ନିରାଶ ହୋଇ ରଜତ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ସୋମବାର ଉକ୍ତ ଯୁବକଦ୍ୱୟ ରଜତଙ୍କୁ ଫୋନ କରି ଗାଡି ଫେରାଇ ଦେବା ପାଇଁ ୧୦ ହଜାର ଟଙ୍କା ମାଗିଥିଲେ। ଏନେଇ ପୋଲିସକୁ ଜଣାଇଲେ ଗାଡି ମିଳିବନି ବୋଲି ତାଙ୍କୁ ଧମକ ଦେଇଥିଲେ। ବାଧ ହୋଇ ରଜତ ୧୦ ହଜାର ଟଙ୍କା ଧରି ଲୁଟେରା ଦେଇଥିବା ଠିକଣା ମୁତାବକ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ପହଞ୍ଚିଥିଲେ। ଦୁଇ ଯୁବକ ତାଙ୍କୁ ବାଇକ୍ ମଝିରେ ବସାଇ ମାଷ୍ଟର କ୍ୟାଣ୍ଟିନରୁ ଲୋୟର ପିଏମଜି ରାସ୍ତାରେ ନେଇ ଯାଇଥିଲେ। ଉକ୍ତ ରାସ୍ତାରେ ଯିବାବେଳେ ବାମପଟେ ରଜତଙ୍କ ବାଇକ୍ ପାର୍କିଂ ହୋଇଥିବା ଦେଖାଇଥିଲେ। ୧୦ ହଜାର ଟଙ୍କା ଦେଇ ବାଇକ୍ ନେବାକୁ କହିଥିଲେ। ସେହି ସମୟରେ ରଜତ ପିଏମଜି ଆଉଟପୋଷ୍ଟ ନିକଟରେ ଗାଡି ଚଳାଉଥିବା ଯୁବକଙ୍କ ବେକକୁ ଚାପି ଧରି ଓହ୍ଲାଇବାକୁ ଚେଷ୍ଟା କରିଥିଲେ। ନିୟନ୍ତ୍ରଣ ହରାଇ ଯୁବକଦ୍ୱୟ ତଳେ ପଡିଯିବାରୁ ସେଠାରେ ଉପସ୍ଥିତ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏହାପରେ ବାଇକ୍ ସହ ଦୁଇ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜତୀନ୍ଦ୍ର ନାଥ ସେଠୀ କହିଛନ୍ତି, ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିବା ସହ ଏହି ର୍ୟାକେଟରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତ କରୁଛି।

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ବାଲିଅନ୍ତା,୨୫।୩(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଟଳାଗଡ଼ା ନିକଟ ପୁରୀ ମୁଖ୍ୟ କେନାଲ ବାମ ପାର୍ଶ୍ୱରେ ଥିବା ଏକ ପାନଦୋକାନରେ ରବିବାର କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଉକ୍ତ ପାନ ଓ ଚା'ଦୋକାନଟି ସ୍ଥାନୀୟ ଅଣ୍ଡିଲୋ ଗ୍ରାମର ଭଜନୀ ମହାକୁଡ଼ଙ୍କର। ସେ ରବିବାର ରାତି ୧୦ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ସୋମବାର ଭୋର ୫ଟାରେ ଦୋକାନ ଖୋଲିବାକୁ ଯିବା ବେଳେ କ୍ୟାବିନ ପୋଡ଼ିଯାଇଥିବା ଦେଖିବାକୁ ପାଇଥିଲେ। କ୍ୟାବିନରେ ଥିବା ପ୍ରାୟ ୫ହଜାର ଟଙ୍କାର ପାନ ମସଲା ପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ଭଜନୀ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି।

## ୬ହଜାର ଟଙ୍କା ଲାଞ୍ଚ ନେଇ ପୋଲିସ ଏଏସ୍ଆଇ ଗିରଫ

**କଟକ ଅଫିସ, ୨୫।୩**

୬ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମାଲକାନଗିରି ଜିଲା ଓରକେଲ ଥାନା ଅଧୀନ କୁଡୁମୁଲୁଗୁମ୍ମା ଫାଣ୍ଡିର ଏଏସ୍ଆଇ ବାଲାଜୀ କୁମାର ନାୟକ। ସେ ସୋମବାର ଏହି ଲାଞ୍ଚ କୁଡୁମୁଲୁଗୁମ୍ମା ଗ୍ରାମର ଜିତେନ୍ଦ୍ର ଖିଲାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଜିତେନ୍ଦ୍ରଙ୍କ ନାମରେ ଫାଣ୍ଡିରେ ଏକ ଅଭିଯୋଗ ଦାଖଲ ହୋଇଥିଲା। ଜିତେନ୍ଦ୍ରଙ୍କ ବିରୋଧରେ କୌଣସି ମାମଲା ନ କରିବା ପାଇଁ ଏଏସ୍ଆଇ ନାୟକ ଏହି ଲାଞ୍ଚ ଦାବି କରିଥିଲେ। ଫାଣ୍ଡିରେ ବସି ଏଏସ୍ଆଇ ନାୟକ ଜିତେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ କୋରାପୁଟ ଜିଲାର ଜୟପୁରଠାରେ ଥିବା ଏଏସ୍ଆଇ ନାୟକଙ୍କ ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କୋରାପୁଟ ଥାନାରେ ଏକ ମାମଲା(ନଂ.୭/୧୯) ରୁଜୁ କରାଯାଇ ନାୟକଙ୍କୁ ଗିରଫ କରାଯାଇଛି।

## ଦୁଇ ଯୁବତୀଙ୍କଠାରୁ ଲୁଟିଲେ ମୋବାଇଲ, ଚେନ୍

**ଭୁବନେଶ୍ୱର,୨୫।୩ (ବ୍ୟୁରୋ)**

ରାଜଧାନୀରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢୁଛି। ଦିନ ଦ୍ୱିପ୍ରହରରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟ୍ପାଟ କରୁଛନ୍ତି। ସୋମବାର ଅପରାହ୍ନରେ କ୍ୟାପିଟାଲ ଥାନା ବାପୁଜୀ ନଗରରେ ଜଣେ ଯୁବତୀଙ୍କଠାରୁ ଲୁଟ୍ ହୋଇଥିବା ବେଳେ ଶହୀଦନଗର ଥାନା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଲୁଟ୍ ହୋଇଛି। ଏନେଇ ଦୁଇଟି ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଲୁଟେରାଙ୍କ ଟେର ପାଇ ପାରିନାହିଁ। ଅଭିଯୋଗ ଅନୁଯାୟୀ, ୟୁନିଟ୍-୬ ଅଞ୍ଚଳର ସରିତା ବେହେରା କୌଣସି କାମରେ ବାପୁଜୀ ନଗର ସ୍କୁଟି ନେଇ ଯାଇଥିଲେ। ସେ ଫେରିବା ସମୟରେ ଦୁଇ ଜଣ ଲୁଟେରା ବାଇକ୍ରେ ଶିଶୁଭବନ ଛକପଟୁ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସୈନିକ ସ୍କୁଲ ଅଞ୍ଚଳରେ ରହୁଥିବା ସୁନୀତା ବେହେରା ନାମକ ଯୁବତୀ ଚାଲି ଚାଲି ଯାଉଥିବା ବେଳେ ଦୁଇ ଲୁଟେରା ବାଇକ୍ରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ। ସେଥିରେ ତାଙ୍କର ମୋବାଇଲ, ୬ହଜାର ଟଙ୍କା ଓ ଏଟିଏମ୍ କାର୍ଡ ଥିଲା।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ୧.୭ ଲକ୍ଷ ଟଙ୍କା ଲୁଟ୍

**ବାଲିଅନ୍ତା,୨୫।୩(ଡି.ଏନ୍.ଏ.)**

ବାଲିଅନ୍ତା ନିକଟରେ ସୋମବାର ରାତିରେ ଘରୋଇ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଲୁଟର ଶିକାର ହୋଇଛନ୍ତି। କର୍ମଚାରୀ ଜଣକ ଟଙ୍କା ସଂଗ୍ରହ କରି ଭୁବନେଶ୍ୱର ଅଭିମୁଖେ ଫେରୁଥିବାବେଳେ ରଙ୍ଗବଜାର ନିକଟ ଟଙ୍କପାଣି-ବାଲିଘାଟ ରାସ୍ତାରେ କେତେଜଣ ଦୁର୍ବୃତ୍ତ ଏକ ପଲସରରେ ଆସି ତାଙ୍କୁ ଆକ୍ରମଣ କରି ପ୍ରାୟ ୧ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଥିଲେ। ଆକ୍ରମଣରେ ସେ ଆହତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବାଲିଅନ୍ତା ଥାନାରେ ଅଭିଯୋଗ ପରେ ପୋଲିସ ୭୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନେତୋତ୍ସବରୁ ଆରମ୍ଭ ହେବ ମା'ମଙ୍ଗଳାଙ୍କ ଝାମୁଯାତ୍ରା
## ଅବ୍ୟବସ୍ଥା ସୁଧାରି ପାରିଲାନି ପ୍ରଶାସନ



**କାକଟପୁର, ୨୫।୩(ଡି.ଏନ୍.ଏ.)**

ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଏକମାସ ବ୍ୟାପୀ ଝାମୁଯାତ୍ରା ଆରମ୍ଭ ହେବ। ପ୍ରଥମ ପାଳି ଯାତ୍ରାରେ ଗୋପାଳକଙ୍କ ଦ୍ୱାରା ମନ୍ଦିର ବେଢ଼ାରେ ଲଉଡ଼ିଖେଳ ସାଙ୍ଗକୁ ମନ୍ଦିରରେ ଅନୁଷ୍ଠିତ ହେବ ନେତୋତ୍ସବ। ଏପ୍ରିଲ ୨ରେ ଦ୍ୱିତୀୟ ପାଳି ଯାତ୍ରା, ୯ରେ ତୃତୀୟ, ୧୬ ଏପ୍ରିଲରେ ଚତୁର୍ଥ ଏବଂ ଏପ୍ରିଲ ୨୩ରେ ଝାମୁଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ପାଳି ଯାତ୍ରାରେ ଘଣ୍ଟପାଟୁଆମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠରୁ ପାଣି ତୋଳି ମନ୍ଦିର ବେଢ଼ା ଏବଂ ସିଂହଦ୍ୱାର ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିବେ। ଝାମୁଯାତ୍ରା ଦିନ ସେମାନେ ଖାଲିପାଦରେ ନିଆଁପୂର୍ଣ୍ଣ ଗର୍ତ୍ତରେ ଘଟ ଧରି ଚାଲିବେ। ନେତୋତ୍ସବରେ ଆରମ୍ଭ ହେଉଥିବା ଝାମୁଯାତ୍ରା ଝାମୁ ଚାଲିବାପରେ ଶେଷ ହେବ। ପ୍ରଥମ ପାଳି ଯାତ୍ରା ଯେପରି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ, ସେନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଛନ୍ତି ମନ୍ଦିର ଟ୍ରଷ୍ଟି ତଥା କାକଟପୁର ତହସିଲଦାର ରୋଜିନା ଦାଶ। ବ୍ରାହ୍ମ ମୁହୂର୍ତ୍ତରେ ମା'ଙ୍କ ପୂଜାନୀତି ସମ୍ପନ୍ନ ହୋଇ ପ୍ରାତଃ ୪ଟାରେ ମନ୍ଦିର ଦ୍ୱାର ଖୋଲାଯିବ। ମାତୃଭକ୍ତମାନେ ମନ୍ଦିରର ଉତ୍ତର ଦ୍ୱାର ଦେଇ ବାରିକେଡ୍ ମଧରେ ଧାଡ଼ିରେ ମନ୍ଦିରକୁ ପ୍ରବେଶ କରି ମା'ଙ୍କୁ ପୂଜାର୍ଚ୍ଚନା କରିପାରିବେ।

ଝାମୁଯାତ୍ରା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହୁଥିବାବେଳେ ପ୍ରାଚୀନଦୀର ଘଣ୍ଟତୋଳା ତୁଠ ପରିଷ୍କାର ହୋଇନାହିଁ। ଫଳରେ ସେଠାର ଜଳ ମୁଣ୍ଡରେ ଛିଞ୍ଚିବାକୁ ଘଣ୍ଟୁଆମାନେ ନାକ ଟେକୁଛନ୍ତି। ମନ୍ଦିରର ଧର୍ମଶାଳା ଭୂତକୋଠିରେ ପରିଣତ ହୋଇଛି। ଉତ୍ତରପାର୍ଶ୍ୱ ଦ୍ୱାର ଭାଙ୍ଗିଯାଇଥିଲେ ମଧ ତାହା ମରାମତି କରାଯାଇନାହିଁ। ମନ୍ଦିର ନିକଟରେ ଶୌଚାଳୟ ନ ଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ହଇରାଣ ହେଉଥିବା ସାମାଜିକ କର୍ମୀ ସମରେନ୍ଦ୍ର ଦୀକ୍ଷିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦାଶଙ୍କୁ ପଚାରିବାରେ ଅବ୍ୟବସ୍ଥା ଦୂର କରିବା ଦେବୋତ୍ତର ବିଭାଗର କାର୍ଯ୍ୟ। ଶାନ୍ତି ଶୃଙ୍ଖଳାରେ କିପରି ମା'ଙ୍କ ଯାତ୍ରା ଶେଷ ହେବ, ତାହା ଆମେ ତଦାରଖ କରିବୁ ବୋଲି ସେ କହିଥିଲେ।



ପରିତ୍ୟକ୍ତ ଅବସ୍ଥାରେ ଥିବା ପ୍ରାଚୀ ନଦୀର ଘଣ୍ଟତୋଳା ତୁଠ।



ବାଲ୍ୟ, ଯୌବନ, ଜରାବସ୍ଥା ଅତିକ୍ରମ କଲାପରେ ଶେଷରେ ମୃତ୍ୟୁ ହୁଏ। ତେଣୁ ଏଥିପାଇଁ ମୋହଗ୍ରସ୍ତ ହେବା ଅନୁଚିତ।
- ବ୍ୟାସଦେବ



## ସଂକ୍ଷେପରେ

ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

### ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୨୫।୩:** ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ଉପରେ ୪ ମାସ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କ ରିପ୍ରେଜେଣ୍ଟେଶନ ଆଧାରରେ ପଦକ୍ଷେପ ଗ୍ରହଣ କରିବାକୁ ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ଆଡ୍‌ଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ମହାପାତ୍ର ସରକାରଙ୍କୁ ଏକ ରିପ୍ରେଜେଣ୍ଟେଶନ ପ୍ରଦାନ କରିଥିଲେ। ସେଥିରେ ସେ ଦର୍ଶାଇଥିଲେ, ଦେଶର ଅନେକ ରାଜ୍ୟରେ ଯୁବ ଆଇନଜୀବୀଙ୍କୁ ସେଠାକାର ରାଜ୍ୟ ସରକାର ଷ୍ଟାଇପେଣ୍ଡ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବ ଆଇନଜୀବୀ ଅନେକ ସମସ୍ୟାର ସାମ୍ନା କରୁଛନ୍ତି।

### ୮ଦଫା ଦାବିରେ ପ୍ଲାଣ୍ଟ ସମ୍ମୁଖରେ କର୍ମଚାରୀଙ୍କ ଗଣଧାରଣା

**ନିମାପଡ଼ା, ୨୫।୩(ଡି.ଏନ୍.ଏ.):** ସୋମବାର ୮ଦଫା ଦାବିରେ ପ୍ରୁମୁଲ ପ୍ଲାଣ୍ଟର କାର୍ଯ୍ୟରତ କର୍ମଚାରୀ ପ୍ଲାଣ୍ଟ ଫାଟକରେ ତାଲା ପକାଇ ଗଣଧାରଣା ଦେଇଥିଲେ। ଠିକ୍ ସମୟରେ କର୍ମଚାରୀଙ୍କୁ ଦରମା ପ୍ରଦାନ, କର୍ମଚାରୀଙ୍କୁ ବାର୍ଷିକ ବର୍ଦ୍ଧିତ ଇନକ୍ରିମେଣ୍ଟ, ଡିଏ, ଏରିୟର ପ୍ରଦାନ ଆଦି ୮ଦଫା ଦାବି ନେଇ ଏହି ଧାରଣା ଦିଆଯାଇଛି। ରବି ନାରାୟଣ ଦାସ, ରବି ନାୟକ, ସୁକାନ୍ତ ମହାନ୍ତି, ଜିତେନ୍ଦ୍ର ସ୍ୱାଇଁ, ଟୁଲୁ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଧାରଣା ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରୁମୁଲର ସାଧାରଣ ପରିଚାଳକ ସଞ୍ଜୟ ସାହୁ, ସହପରିଚାଳକ ସୋମେନ୍ତ୍ର ମୁଖାର୍ଜୀ, ଡ. ସଞ୍ଜୀବ କୁମାର ପତି, ପ୍ରମୋଦ କୁମାର ପାଣି ପ୍ରମୁଖ ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ବୋନସ ପ୍ରଦାନ, ବର୍ଦ୍ଧିତ ଦରମା ଓ କମନ କ୍ୟାଡର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଯଦି କର୍ତ୍ତୃପକ୍ଷ ପ୍ରତିଶ୍ରୁତିରେ ଅବହେଳା କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି କର୍ମଚାରୀମାନେ କହିଛନ୍ତି।

### ହାତୀ ଆଠଗଡ଼ ଜଙ୍ଗଲମୁହାଁ

**ନରାଜ/କଟକ ଅଫିସ, ୨୫।୩:** ଗତ ଦୁଇଦିନ ଧରି ନରାଜ ଏବଂ ମୁଣ୍ଡଲୀ ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଥିଲେ। ରବିବାର ନରାଜରେ ବନ ବିଭାଗ ଅଧିକାରୀଙ୍କ ୨୦ ଜଣିଆ ଟିମ୍ ପହଞ୍ଚି ହାତୀମାନଙ୍କୁ ଘଉଡାଇବା ଫଳରେ ୧୧ଟି ହାତୀ ମହାନଦୀ ପାର ହୋଇ ଆଠଗଡ଼ ଅଭିମୁଖେ ଚାଲିଯାଇଥିଲେ। ଗୋଟିଏ ହାତୀ ନରାଜ ସିଦ୍ଧେଶ୍ୱର ଫାୟାରିଙ୍ଗ୍ ନିକଟରେ ରହିଥିବା ଜଣାପଡିଛି। ସକାଳ ହୋଇଯିବାରୁ ବନ ବିଭାଗ ଅଧିକାରୀ ସେଠାରୁ ଚାଲିଆସିଥିଲେ। ରାତିହେଲେ ପୁଣି ସେଠାକୁ ଯାଇ ହାତୀକୁ ନଦୀ ପାର କରିବାର ଯୋଜନା ଥିବା ସୂଚନା ମିଳିଛି। ହାତୀପଲ ଡମପଡା ଅଭୟାରଣ୍ୟରୁ ଆଠଗଡ଼ ଜଙ୍ଗଲ ଯିବା ଚଲାପଥରେ ସମସ୍ୟା ହେବାରୁ ସେମାନେ ଗତିପଥ ବଦଳାଇ ବ୍ୟାପକ କ୍ଷତି ଘଟାଉଛନ୍ତି।

## ଟ୍ରେନ୍ ଉପରୁ ନବଜାତ ଶିଶୁପୁତ୍ର ଉଦ୍ଧାର

# ଭେଣ୍ଟିଲେଟର ନ ଥିବା କହି ରେଫର କଲେ ଡାକ୍ତର

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

- ଭେଣ୍ଟିଲେଟର ଆବଶ୍ୟକ ନ ଥିଲା ବୋଲି କହିଲେ ଏସ୍‌ସିବି ଡାକ୍ତର
- କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥାକୁ ନେଇ ଚାଇଲ୍ଡ ଲାଇନ୍‌ର ଅସନ୍ତୋଷ

କ୍ୟାପିଟାଲ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ବସ୍ତିର ଏକ ଟ୍ରେନ ଉପରୁ ସୋମବାର ଭୋର୍ ସମୟରେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ଚିକିତ୍ସା କରିବାରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ଶିଶୁକୁ ଭେଣ୍ଟିଲେଟର ଆବଶ୍ୟକ ଥିବା ଓ ଏହି ଚିକିତ୍ସା ସୁବିଧା କ୍ୟାପିଟାଲ ହସ୍ପିଟାଲ ଏସ୍‌ଏନ୍‌ସିୟୁରେ ଉପଲବ୍ଧ ନ ଥିବା କହି ତାଙ୍କୁ କଟକ ରେଫର କରିଦେଇଥିଲେ ଡାକ୍ତର। ଭୁବନେଶ୍ୱର ଚାଇଲ୍ଡ ଲାଇନ୍ ପକ୍ଷରୁ ତୁରନ୍ତ ଉକ୍ତ ଶିଶୁକୁ କଟକ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା ଆରମ୍ଭ କରିବା ସହ ଶିଶୁଟିର ସ୍ୱାସ୍ଥ୍ୟ ଠିକ୍ ଥିବା ଓ ଭେଣ୍ଟିଲେଟର ଆବଶ୍ୟକତା ନ ଥିବା କହିଥିଲେ। ତେବେ ଦୁଇ ଡାକ୍ତରଙ୍କ ଭିନ୍ନ ମନ୍ତବ୍ୟକୁ ନେଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି ସନ୍ଦେହ ପ୍ରକଟ କରିଛନ୍ତି। ଶିଶୁଟିକୁ କ୍ୟାପିଟାଲ ହସ୍ପିଟାଲର ଡାକ୍ତର କ'ଣ ପାଇଁ ତୁରନ୍ତ ଆବଶ୍ୟକ ଚିକିତ୍ସା ପ୍ରଦାନ ନ କରି ଅନ୍ୟତ୍ର ପଠାଇଲେ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପୁଣି ଭୁବନେଶ୍ୱରରୁ ବାହାରିବାଠାରୁ କଟକ ଶିଶୁଭବନରେ ଚିକିତ୍ସା ଆରମ୍ଭ ହେବା ପର୍ଯ୍ୟନ୍ତ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିବାରୁ ଶିଶୁଟିର ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ଯଦି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଠିକ୍ ଭାବେ ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥାନ୍ତେ ତେବେ ନିଶ୍ଚିତ ଶିଶୁଟି ଆହୁରି ଶୀଘ୍ର ସୁସ୍ଥ ହୋଇଥାନ୍ତେ। ଏଥିପାଇଁ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ବେଣୁଧର କହିଛନ୍ତି।

ଅନ୍ୟପକ୍ଷରେ ଶିଶୁ ଉଦ୍ଧାର ଘଟଣାକୁ ନେଇ ଚାଇଲ୍ଡ ଲାଇନ୍ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। କିଏ କେଉଁ ଉଦ୍ଦେଶ୍ୟରେ ସେଠାରେ ଶିଶୁ ପୁତ୍ରକୁ ବିପଜ୍ଜନକ ଅବସ୍ଥାରେ ଛାଡି ପଳାଇଲେ ତାହାର ତଦନ୍ତ ଆରମ୍ଭ କରିଛି ପୋଲିସ। ଏଥିପାଇଁ ଶାସ୍ତ୍ରୀନଗରରେ ଥିବା ଏକାଧିକ ସିସିଟିଭି ଫୁଟେଜକୁ ଯାଞ୍ଚ ଚାଲିଛି। ତେବେ କେହି ଯୁବତୀ ଅବୈଧ ସମ୍ପର୍କରୁ ଗର୍ଭବତୀ ହୋଇଥିବା ପ୍ରସବ ପରେ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ଶିଶୁପୁତ୍ରଟିକୁ ଟ୍ରେନ୍ ଉପରେ ଏପରି ଅବସ୍ଥାରେ ଛାଡି ଦେଇଥିବା ପୋଲିସ ଅନୁମାନ କରୁଛି। ଶିଶୁଟି ଉପରେ ଜରି ଓ କପଡ଼ା ଘୋଡାଇ ଦିଆଯାଇଥିଲା। ସକାଳେ ଶିଶୁଟିର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚିଥିଲେ ମଧ୍ୟ ବସ୍ତିର ଜଣେ ବ୍ୟକ୍ତି ଉକ୍ତ ନବଜାତ ଶିଶୁପୁତ୍ରକୁ ନେବାକୁ ଜିଦ୍ ଧରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶିଶୁଟିର ତୁରନ୍ତ ଚିକିତ୍ସା ଆବଶ୍ୟକ ଥିଲେ ମଧ୍ୟ ଏଥିପାଇଁ ବହୁ ସମୟ ଅତିବାହିତ ହୋଇଯାଇଥିଲା। ପୋଲିସ ବହୁ ବୁଝାଶୁଝା କରିବା ପରେ ଶିଶୁପୁତ୍ରଟିକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଖବର ପାଇ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ସେଠାରେ ପହଞ୍ଚି ସବୁ ଦାୟିତ୍ୱ ବୁଝିଥିଲେ।

ଏନେଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର କହିଛନ୍ତି, ଶିଶୁଟିର ପରିଚୟ ମିଳିନି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଚାଇଲ୍ଡ ଲାଇନ୍ ପକ୍ଷରୁ ଖବରକାଗଜରେ ଦୁଇଥର ବିଜ୍ଞାପନ ଦିଆଯିବ। କେହି ଦାବିଦାର ନ ଆସିଲେ ତାହାକୁ ଫ୍ରି-ଆଡପ୍‌ଶନ ଭାବେ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ତେବେ ଚିକିତ୍ସା ଅବହେଳା ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନି।

## ସି.ଭି. ରମଣ କଲେଜରେ ହୋଲି ପାଳିଲେ ବିଦେଶୀ ଛାତ୍ରୀଛାତ୍ର



**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ସି.ଭି. ରମଣ କଲେଜ ପରିସରରେ ବିଦେଶୀ ଛାତ୍ରୀଛାତ୍ର ଓ ଅଧ୍ୟାପକ ହୋଲି ଉତ୍ସବକୁ ଆଡ଼ମ୍ବର ସହ ପାଳନ କରିଛନ୍ତି। ସୁଦୂର ସିରିଆ, ବାଂଲାଦେଶ ଓ ନେପାଳରୁ ଆସି ଏଠାରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ହୋଲି ଉତ୍ସବ ରଖାଯାଇଥିଲା। ଏହି ଉତ୍ସବ ଜରିଆରେ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଭାରତୀୟ ସଂସ୍କୃତି, ପରମ୍ପରା, ବିଭିନ୍ନ ଲୋକକଥା, ଭଗବାନ ଶ୍ରୀକୃଷ୍ଣ, ପ୍ରହ୍ଲାଦ ଏବଂ ହୋଲିକା ଦହନ ଭଳି ପୁରାଣ, ଶାସ୍ତ୍ରରେ ବର୍ଣ୍ଣିତ ବ୍ୟାଖ୍ୟା ଆଦି ବିଷୟରେ ଅବଗତ କରାଯାଇଥିଲା। ଦିନଟିକୁ ବିଦେଶୀ ଛାତ୍ରୀଛାତ୍ର ଆନନ୍ଦ, ଉଲ୍ଲାସରେ ବିତାଇଥିଲେ। ଉତ୍ସବରେ କଲେଜ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଶୈଳଜା ରାଉତ, ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଡ. ଦେବଦାସ ମିଶ୍ର ଓ ଡ. ଇନ୍ଦିରା ରାଉତରାୟ ସାମିଲ ହୋଇଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମଇଳା ବୋଳିଲେ ଦୁର୍ବୃତ୍ତ

**ବେଗୁନିଆ, ୨୫।୩ (ଡି.ଏନ୍.ଏ.)**



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବୋଳାହୋଇଥିବା ମଇଳା।

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ କେହି ଦୁର୍ବୃତ୍ତ ମଇଳା ବୋଳିଥିବା ଦେଖିବାକୁ ମିଳିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଇ ନ ଥିବା ଜଣାପଡିଛି। ପ୍ରକାଶଥାଉ କି, ୧୯୪୪ରେ ସ୍ଥାପିତ ଏହି ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ସ୍କୁଲ କର୍ମଚାରୀମାନେ ଏହି ମୂର୍ତ୍ତିକୁ ପୂଜା କରି ଆସୁଥିଲେ। ଏହି ମୂର୍ତ୍ତିକୁ ଗତ ଜାନୁୟାରୀ ୪ରେ ପ୍ଲାଟିନମ ଜୁବ୍‌ଲି ସମୟରେ ମରାମତି କରାଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁନଃ ନିର୍ମାଣ କରାଯାଇଥିବା ନୂତନ ମୂର୍ତ୍ତିକୁ ଅନାବରଣ କରିଥିଲେ। ହେଲେ ରବିବାର ସ୍କୁଲ ଛୁଟି ଥିବା ବେଳେ କେହି ଦୁର୍ବୃତ୍ତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଦାଗ କରିବା ସହ ତାଙ୍କ ଆଖିରେ ମଇଳା ବୋଳି ଥିଲେ। ସୋମବାର ସ୍କୁଲ ଖୋଲିବା ପୂର୍ବରୁ ଉକ୍ତ ବିଦ୍ୟାଳୟର ରାତ୍ର ଜଗୁଆଳି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୂଜା କରିବା ପାଇଁ ଗଲାବେଳକୁ ଏଭଳି ଦୃଶ୍ୟ ଦେଖି ପ୍ରଧାନଶିକ୍ଷକ ନବକିଶୋର ସାମନ୍ତସିଂହାରଙ୍କୁ ଜଣାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସାମନ୍ତସିଂହାର କୁହନ୍ତି, ସୋମବାର ସକାଳୁ ଏଭଳି ଅମାନବିକ କାର୍ଯ୍ୟ ଦେଖି ସ୍କୁଲ କର୍ମଚାରୀ ଓ ଛାତ୍ରୀଛାତ୍ର ସ୍ତବ୍ଧ ହୋଇ ଯାଇଥିଲୁ। ଏ ନେଇ ସ୍କୁଲ ପରିଚାଳନା କମିଟି ଏବଂ ଜୁବ୍‌ଲି ପରିଚାଳନା କମିଟିକୁ ଜଣାଇଛୁ। କମିଟି ଓ ପୋଲିସ ବିଭାଗ ପକ୍ଷରୁ ଅନୁସନ୍ଧାନ କରାଯାଇ ପଦକ୍ଷେପ ନିଆଯିବା ଆବଶ୍ୟକ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡା କୁହନ୍ତି, ପୂଜ୍ୟପୂଜା ଗୋପବନ୍ଧୁଙ୍କ ପ୍ରତି କରାଯାଇଥିବା କୁଠାରାଘାତ ଘଟଣା ମୁଁ ଜାଣି ନ ଥିଲି। ଆପଣଙ୍କଠାରୁ ଖବରପାଇ ମୁଁ ଏହାକୁ ନିନ୍ଦା କରୁଛି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହିତ ଆଲୋଚନା କରିବି ବୋଲି କହିଛନ୍ତି।

## ମୁଣ୍ଡରେ ବନ୍ଧୁକ ଲଗାଇ ଆଇନଜୀବୀଙ୍କୁ ଧମକ ଅଭିଯୋଗ

**ପୁରୁଣା ଭୁବନେଶ୍ୱର, ୨୫।୩(ଡି.ଏନ୍.ଏ.)**

ମୁଣ୍ଡରେ ବନ୍ଧୁକ ଲଗାଇ ଆଇନଜୀବୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ସୋମବାର ଧଉଳି ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଟକ ମର୍କତନଗର ଅଞ୍ଚଳରେ ରହୁଥିବା ଆଇନଜୀବୀ ସଞ୍ଜୀବ ଭଞ୍ଜଦେଓ ଓ ସ୍ତ୍ରୀ ସୋନାଲୀ ପୁରୀରୁ ଘରକୁ ଫେରୁଥିଲେ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଧଉଳି ଛକଠାରେ ୪ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ସଞ୍ଜୀବଙ୍କ ମୁଣ୍ଡରେ ବନ୍ଧୁକ ରଖି ଧମକାଇବା ସହ ପୂର୍ବ ଜମିଜମା ମାମଲାକୁ ଉଠାଇନେବାକୁ କହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସଞ୍ଜୀବ ଧଉଳି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

## ଅପହରଣ ପରେ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ନିମାପଡ଼ା, ୨୫।୩(ଡି.ଏନ୍.ଏ.)**

ଏକ ହତ୍ୟା ମାମଲା ଓ ପ୍ରମାଣକୁ ନଷ୍ଟ କରିବା ଅଭିଯୋଗରେ ଦଫା ନଂ. ୩୦୨, ୨୦୧ରେ ସୋମବାର ନିମାପଡ଼ା କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ତାମଣି ପଣ୍ଡା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ନାଗପୁର ଗ୍ରାମର ଜଗବନ୍ଧୁ ବେହେରା। ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ଅନ୍ତର୍ଗତ ନାଗପୁର ଗ୍ରାମର ସୁରେନ୍ଦ୍ର ରାଉତଙ୍କ ଝିଅ ମିଲିଙ୍କୁ ଉକ୍ତ ଗ୍ରାମର ଜଗବନ୍ଧୁ ୨।୫।୧୦ରେ କେଉଁଆଡେ ଅପହରଣ କରି ନେଇଯାଇଥିବା ନେଇ ବାଲକାଟୀ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ଏକ ମାମଲା (ନଂ.୩/୧୦)ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷରେ ମିଲିଙ୍କୁ ଅଭିଯୁକ୍ତ ଜଗବନ୍ଧୁ ସୁରଟରେ ନେଇ ରଖିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ମିଲିର ବେକ କାଟି ହତ୍ୟା କରି କୋଣାର୍କ ନିକଟସ୍ଥ ସମୁଦ୍ରରେ ପକାଇ ଦେଇଥିଲେ। ଖବରପାଇ କୋଣାର୍କ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୨୯/୧୧)ରୁଜୁ ହୋଇଥିଲା। ପରେ କୋଣାର୍କ ପୋଲିସ ଅଭିଯୁକ୍ତ ଜଗବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାଲକାଟୀ ଫାଣ୍ଡି ମାମଲା(ନଂ.୩/୧୦), କୋଣାର୍କ ଥାନା ମାମଲା(ନଂ.୨୯/୧୧) ଓ କୋର୍ଟର ଏସ୍‌ଟି ମାମଲା ନଂ. ୯/୨୫୫/୨୦୧୬ର ବିଚାରକରି ଅତିରିକ୍ତ ଜିଲା ଦୌରାଜଜ୍ ପଣ୍ଡା ଏହି ରାୟ ଶୁଣାଇଛନ୍ତି। ନିମାପଡ଼ା କୋର୍ଟର ସରକାରୀ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ ଅଭିଯୁକ୍ତଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରିଥିଲେ।

## ୩୫ଜଣଙ୍କୁ ବରିଷ୍ଠ ନାଗରିକ ସମ୍ମାନ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର(ଓଆଇସି) ପକ୍ଷରୁ ସୋମବାର ସ୍ଥାନୀୟ ଆର୍‌ସିଏମ୍ କଲେଜ ଅଡିଟୋରିୟମ୍‌ରେ ବରିଷ୍ଠ ନାଗରିକ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୫ଜଣ ୭୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିତ୍ୱଙ୍କୁ ବରିଷ୍ଠ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ଓ ବାରଙ୍ଗ କାଚ କାରଖାନା ମୁଖ୍ୟ ଯୁଗଳ ପ୍ରସାଦ ଝୁନ୍‌ଝୁନ୍‌ୱାଲାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ଶରତ ଦାସ, ମୁଖ୍ୟବକ୍ତା ଭାବେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଖାଉଟି ଅଦାଲତ ଅଧ୍ୟକ୍ଷ ଦୁର୍ଗାଚରଣ ମିଶ୍ର ଉପସ୍ଥିତ ଥିଲେ।

ଶାରୀରିକ ସୁସ୍ଥତା ମଣିଷକୁ ଯେତିକି ସୁଖ ଦେଇ ନ ଥାଏ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମାନସିକତା ମଣିଷକୁ ବାର୍ଦ୍ଧକ୍ୟ ସମୟରେ ଅଧିକ ଶାନ୍ତି ଦେଇଥାଏ। ବରିଷ୍ଠ ନାଗରିକଙ୍କ ଖୁସି ଦେଖିଲେ ସମାଜର ଖୁସି ଜଣାପଡ଼େ। ଯୁବପିଢ଼ି ବରିଷ୍ଠ ନାଗରିକମାନଙ୍କ ସେବାରେ ନିୟୋଜିତ ହେଲେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତଟ ରେଲୱେର ମୁଖ୍ୟ ସିପିଆର୍‌ଓ ଡ. ପି.ସି. ନାୟକ ଓ ସାମାଜିକ କର୍ମୀ ସତ୍ୟଜିତ୍ ରାୟଚୌଧୁରୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପରେଶ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ବିଗତ ୬ ବର୍ଷ ହେଲା ଏହି ସମ୍ମାନ ଦେଇଆସୁଛି। ଇତିମଧ୍ୟରେ ୧୦୦ଜଣ ୭୦ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ସମ୍ମାନ ପ୍ରଦାନ କରିଥିବା ସେ କହିଥିଲେ। ଶୁଚିସ୍ମିତା ପୃଷ୍ଟି, ଜୟପ୍ରକାଶ ମିଶ୍ର, କୁମୁଦିନୀ ପଣ୍ଡା, ଇନ୍ଦିରା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡକାୟତି ଯୋଜନା, ୪ ଗିରଫ

**କଟକ ରୋଡ, ୨୫।୩(ଡି.ଏନ୍.ଏ.)**



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର(ଇନ୍‌ସେଟ୍)।

- ନକଲି ବନ୍ଧୁକ ସହ ୨ମାରଣାସ୍ତ୍ର ଜବତ
- ଘଟଣାସ୍ଥଳରୁ ଖସିଗଲେ ୨ ଅଭିଯୁକ୍ତ

ରାଜଧାନୀର ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି କମିଶନରେଟ ପୋଲିସ। ଏହି ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଡକାୟତ ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ଗଡ଼ ଥାନା ମହିଁଷାଖାଲ ବସ୍ତିରେ ରହୁଥିବା ସୀମାଞ୍ଚଳ ରାଉତ, ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଅଭିନାଶ ଲେଙ୍କା, ଶ୍ରୀଲିଙ୍ଗରାଜ ଥାନା ଅଧୀନ ନାଗେଶ୍ୱର ଟାଙ୍ଗୀରେ ରହୁଥିବା ମାନସ ନାୟକ ଓ ବଡ଼ଗଡ଼ ଥାନା ଅଦେଇଖାଲ ବସ୍ତିର ସନ୍ତୋଷ ପ୍ରଧାନ। ଏମାନଙ୍କ ନିକଟରୁ ଗୋଟିଏ ନକଲି ବନ୍ଧୁକ, ୨ମାରଣାସ୍ତ୍ର ସହ ଲଙ୍କା ଗୁଣ୍ଡ ପ୍ୟାକେଟ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟାରେ ବଡ଼ଗଡ଼ ଥାନା ଅଧୀନ ଚିଲିପୋଖରୀ ନିକଟରେ ଥିବା ଏକ ପଡ଼ିଆରେ ୬ଜଣ ଏକତ୍ରିତ ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଫଳରେ ଏକ ଟିମ୍ ଅତର୍କିତଭାବେ ସେଠାରେ ଚଢ଼ାଉ କରି ୪ଅଭିଯୁକ୍ତଙ୍କୁ ଧରିଥିବା ବେଳେ ୨ଜଣ ଖସି ପଳାଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣିବା ପରେ ଏହି ଥାନା ଅଧୀନ ଶିବନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ତେବେ ଗିରଫ ଅଭିଯୁକ୍ତଙ୍କ ନାମରେ ବଡ଼ଗଡ଼, ଲକ୍ଷ୍ମୀସାଗର ଓ ଶ୍ରୀଲିଙ୍ଗରାଜ ଥାନାରେ ବହୁ ମାମଲା ରହିଥିବା ପୋଲିସ କହିଛି। ଏନେଇ ବଡ଼ଗଡ଼ ଥାନାରେ ଏକ ମାମଲା(ନଂ.୮୩/୧୯)ରୁଜୁ ହୋଇଛି। ବିଭିନ୍ନ ସମୟରେ ଉକ୍ତ ଅଭିଯୁକ୍ତମାନେ ମର୍ନିଂୱାକରେ ଯାଉଥିବା ନାଗରିକଙ୍କ ସହ ଅନେକ ଲୁଟ୍ ଘଟଣାରେ ସାମିଲ ଥିବା ଥାନାରେ ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।


## ଫଟୋରେ ଖବର



ସୋମବାର ଆରମ୍ଭ ହୋଇଛି ମାଟ୍ରିକ୍ ଖାତାଦେଖା। ରାଜ୍ୟର ଏକ କେନ୍ଦ୍ରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଖାତା ମୂଲ୍ୟାୟନ କରୁଛନ୍ତି।




କଟକ ଗୌରୀଶଙ୍କର ପାର୍କ ନିକଟରୁ ମାଣିକଘୋଷ ବଜାରସ୍ଥିତ ରାଣୀସତୀ ମାତା ମନ୍ଦିର ଅଭିମୁଖେ ବାହାରିଥିବା ରାଣୀସତୀମାତା ଜ୍ୟୋତିଯାତ୍ରା।



ରସୁଲଗଡ଼ ପଞ୍ଚୁଦୋଳ ମେଳଣରେ ଯୋଗଦେଇଥିବା ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
-ସେନେକା



## ସଂକ୍ଷେପରେ

### ନୂତନ ନୌସେନା ଅଧିକାରୀଙ୍କ ଯୋଗଦାନ



**ବାଲୁଗାଁ,୨୫।୩(ଡି.ଏନ.ଏ.):** ଭାରତୀୟ ନୌସେନା ପୋତ ଚିଲିକାର ନୂତନ ଅଧିକାରୀ ତଥା ଓଡ଼ିଶା ନୌସେନା ଅଧିକାରୀ ପ୍ରଭାରୀ ଭାବେ ରୁତୁରାଜ ସାହୁ ସୋମବାର ଯୋଗଦେଇଛନ୍ତି । ସେ ପ୍ରାରମ୍ଭିକ ନାବିକ ପ୍ରଶିକ୍ଷଣ କେନ୍ଦ୍ର ଆଇଏନ୍‌ଏସ୍ ଚିଲିକାରେ ପୂର୍ବରୁ କାର୍ଯ୍ୟରତ ମନୀଷ ମିଶ୍ରଙ୍କଠାରୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଆକର୍ଷଣୀୟ ସାମରିକ ପରେଡ଼ରେ କମୋଡ଼ର ମନୀଷ ମିଶ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇଏନ୍‌ଏସ୍ ଚିଲିକାର ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା କମୋଡ଼ର ମିଶ୍ରଙ୍କୁ ତାଙ୍କ ୩ବର୍ଷ କାର୍ଯ୍ୟକାଳ ସମାପ୍ତି ପାଇଁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ମିଶ୍ର ସମସ୍ତ ଜାହାଜର ସାଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। କମୋଡ଼ର ରୁତୁରାଜ ସାହୁ ୧୯୯୦ ମସିହାରେ ଭାରତୀୟ ନୌସେନାରେ କମିଶନର ଭାବେ ନିଯୁକ୍ତି ପାଇଥିଲେ। ସେ ଜାତୀୟ ସାମରିକ ଏକାଡ଼େମୀରେ ସ୍ନାତକ ହାସଲ କରିବା ସହ ସାମରିକ କଲେଜ ୱେଲିଂଟନରୁ ଷ୍ଟାଫ୍ ଶିକ୍ଷା ଓ ଉଚ୍ଚ କମାନ ଶିକ୍ଷା ସହିତ ଏମ୍.ଫିଲ୍ ଏବଂ ଷ୍ଟ୍ରାଟେଜିକ୍ ଶିକ୍ଷା ଲାଭ କରିଛନ୍ତି। ତାଙ୍କର ୨୯ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ସମୁଦ୍ର ଓ ସ୍ଥଳ ବିଭାଗରେ କାର୍ଯ୍ୟ କରିଛନ୍ତି।

### କାର୍- ବାଇକ୍ ଦୁର୍ଘଟଣା, ୨ ଗୁରୁତର

**ପୁରୁଣା ଭୁବନେଶ୍ୱର,୨୫।୩(ଡି.ଏନ୍.ଏ.)-** ଏୟାରପୋର୍ଟ ଥାନା ଅଧୀନ ପୁନାମା ଗେଟ୍ ଓଭର ବ୍ରିଜଠାରେ ସୋମବାର ଅପରାହ୍ନରେ ଏକ ବାଇକ୍ ଉପରକୁ ଗୋଟିଏ କାର୍ ମାଡ଼ିଯିବାରୁ ଦୁଇଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ପୋଲିସ ସୂଚନା ମୁତାବକ ଓଡ଼ି.୦୨ ଏ.ୱାଇ.୪୯୧୫ ନମ୍ବର ବିଶିଷ୍ଟ ଏକ କାରଟି ନବୀନ ନିବାସ ପଟୁ ଓଭର ବ୍ରିଜ୍‌କୁ ଉଠୁଥିବା ବେଳେ ଅପରପକ୍ଷେ ଆସୁଥିବା ନଂଓଡି୦୫ ଏଚ୍‌୫୬୯୯ ବିଶିଷ୍ଟ ବାଇକ ଉପରେ ମାଡ଼ି ଯାଇଥିଲା। ଫଳରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ପିସିଆର୍ ଭ୍ୟାନ ପହଞ୍ଚି ଆହତଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରିଛି। ଗୁରୁତର ଥିବା ଦୁଇ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନାହିଁ।

### ଲକ୍ଷାଧିକ ଟଙ୍କାର କ୍ୟାମେରା, ଲାପ୍‌ଟପ ଚୋରି

**ଭୁବନେଶ୍ୱର,୨୫।୩(ବ୍ୟୁରୋ)-** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଛାତ୍ରଙ୍କ ରୁମରୁ ଲକ୍ଷାଧିକ ଟଙ୍କାର ଦୁଇଟି କ୍ୟାମେରା ଏବଂ ଗୋଟିଏ ଲ୍ୟାପଟପ ଚୋରି ହେବା ନେଇ ସୋମବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ପଲାଶୁଣୀ ପ୍ରାଚୀ ବିହାରରେ ସୂର୍ଯ୍ୟକାନ୍ତ ସ୍ୱାଇଁ ସାଙ୍ଗମାନଙ୍କ ସହ ଭଡା ଘରେ ରହି ପାଠ ପଢନ୍ତି। ରବିବାର ସୂର୍ଯ୍ୟକାନ୍ତ କିଛି କାମରେ ବାହାରକୁ ଯାଇଥିଲେ। ସୋମବାର ରୁମକୁ ଫେରିଲା ବେଳୁ ତାଙ୍କ ବ୍ୟାଗରୁ ଦୁଇଟି କ୍ୟାମେରା ଏବଂ ଗୋଟିଏ ଦାମୀ ଲ୍ୟାପଟପ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସମସ୍ତ ଖୋଜାଖୋଜି ପରେ ନ ପାଇବାରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଦୋକାନରେ ପଶି ଭଙ୍ଗାରୁଜା

**ଜଟଣୀ,୨୫।୩(ଡି.ଏନ୍.ଏ.):** ସୋମବାର ସନ୍ଧ୍ୟା ପ୍ରାୟ ୯ଟାରେ ମ୍ୟୁନିସିପାଲିଟି ଛକରେ ଥିବା ଏକ ପାର୍ଟସ୍ ଦୋକାନ କର୍ମଚାରୀଙ୍କୁ ୩ଜଣ ଯୁବକ ଗାଳିଗୁଲଜ କରିବା ସହ ଦୋକାନ ସରଞ୍ଜାମ ଭାଙ୍ଗିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ସର୍ଦ୍ଦାରପଟେଲ ମାର୍ଗ ରାସ୍ତାର ମ୍ୟୁନିସିପାଲିଟି ଛକ ନିକଟରେ ଥିବା ବାଲାଜୀ ଅଟୋପାର୍ଟସ ଦୋକାନ ଭିତରେ ୩ଜଣ ଯୁବକ ପଶି ଭଙ୍ଗାରୁଜା କରିଥିଲେ। ଦୋକାନର ଶୋକେସ୍, କମ୍ପ୍ୟୁଟର ଆଦି ଭାଙ୍ଗିଥିଲେ । କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ମାଲିକ ମୁକେଶ ଅଗ୍ରୱାଲଙ୍କୁ ଖୋଜିଥିଲେ। ଏନେଇ ମୁକେଶ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଦୋକାନର ସିସି ଫୁଟେଜକୁ ଆଧାର କରି ଯୁବକମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ରାସ୍ତାପାର୍ଶ୍ୱରେ ପ୍ରେମୀ ଯୁଗଳଙ୍କ ରୋମାନ୍ସ

# ପ୍ରତିବାଦ କରିବାରୁ କ୍ଲବ୍ ଯୁବକଙ୍କୁ ଖଣ୍ଡାରେ ହାଣିଲେ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

- କ୍ଲବ୍ ଘର ଉପରକୁ ୭ ବୋମା ଫିଙ୍ଗିଲେ
- ବାଇକ୍‌କୁ ହାଣିଲେ, କାର ଭାଙ୍ଗିଲେ
- ପିସିଆର ଡ୍ରାଇଭର ପୁଅ ସଂପୃକ୍ତ ଥିବା ଚର୍ଚ୍ଚା

ରାସ୍ତାପାର୍ଶ୍ୱରେ ଚାଲିଥିଲା ପ୍ରେମୀଯୁଗଳଙ୍କ ରୋମାନ୍ସ। ପ୍ରତିବାଦ କରିବାରୁ ଘଟିଛି ଲଙ୍କାକାଣ୍ଡ। ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ନୟାପଲ୍ଲୀ ୟୁନିଟ୍ କ୍ଲବ୍‌ର ୨ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ରବୀନ୍ଦ୍ର କୁମାର ନାୟକ ଓ ଜୟ ପ୍ରକାଶ ମହାନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ବିଳମ୍ବିତ ରାତିରେ ଉକ୍ତ କ୍ଲବ୍ ଉପରକୁ ବୋମା ମାଡ଼ ହୋଇଛି। ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌କୁ ହାଣି ଦେବା ସହ ଏକ କାରକୁ ଭଙ୍ଗାରୁଜା କରିଛନ୍ତି। ଦୁର୍ବୃତ୍ତଙ୍କ ଏପରି ଆତଙ୍କରେ ସ୍ଥାନୀୟ କଲୋନୀବାସୀ ଭୟଭୀତ ହୋଇପଡିଛନ୍ତି। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ନୟାପଲ୍ଲୀ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମା ଜବତ କରିବା ସହ କଟୁରି ଓ ଅନ୍ୟ କେତେକ ମାରଣାସ୍ତ୍ର ଜବତ କରିଛି। ସବୁଠୁ ବଡ଼ କଥା ହେଲା ବୋମାମାଡ଼ ଘଟଣାରେ ଜଣେ ପିସିଆର ଡ୍ରାଇଭରର ପୁଅ ସଂପୃକ୍ତ ଥିବା ଜଣାପଡ଼ିଛି। ତାଙ୍କ ନାମରେ ମଧ୍ୟ ଏକାଧିକ ମାମଲା ରହିଛି। ପୋଲିସ କର୍ମଚାରୀଙ୍କ ପୁଅ ହୋଇଥିବାରୁ ପୂର୍ବ ମାମଲା ପରି ଏହି ଘଟଣାରେ ମଧ୍ୟ ତାଙ୍କୁ ପୋଲିସ ଗିରଫ ବଦଳରେ ସୁରକ୍ଷା ବନ୍ଦୋବସ୍ତ କରିବ ବୋଲି ଚର୍ଚ୍ଚା ହେଉଛି। ଆକ୍ରମଣକାରୀମାନେ ଏକ ଅପରାଧୀ ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି କୁହାଯାଉଛି। ଯଦି ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଆକ୍ରମଣର ଶିକାର ହୋଇଥିବା ଯୁବକମାନେ ନିଶ୍ଚିତ ପ୍ରତିଶୋଧ ନେବେ। କୌଣସି ସମୟରେ ବି ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଅଭିଯୋଗ ଅନୁଯାୟୀ, ପାସ୍‌ପୋର୍ଟ ଅଫିସ ପଛ ଲେନ୍ ଦେଇ ଦେବରାୟ କଲେଜ ଆଡକୁ ଯିବା ରାସ୍ତାର ଡାହାଣ ପାର୍ଶ୍ୱରେ ରହିଛି ୟୁନିଟ୍ କ୍ଲବ୍। ଏହି କ୍ଲବ୍ ସମ୍ମୁଖ ରାସ୍ତା କଡରେ ପ୍ରେମୀ ଯୁଗଳମାନେ ଖୁଲମଖୁଲା ରୋମାନ୍ସ କରୁଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ପ୍ରେମୀ ଯୁଗଳ ବହୁ ସମୟ ଧରି ରୋମାନ୍ସ କରିବା ପରେ ଅସଂଯତ ଅବସ୍ଥାକୁ ଚାଲି ଆସିଥିଲେ। ଉକ୍ତ ବାଟଦେଇ ଯାଉଥିବା ଲୋକେ ଓ କଲୋନୀବାସୀ ଏହାକୁ ଦେଖି ଅସନ୍ତୋଷ ପ୍ରକାଶ କରୁଥିଲେ ମଧ୍ୟ କେହି ମୁହଁ ଖୋଲିବାକୁ ସାହାସ କରି ନ ଥିଲେ। କିନ୍ତୁ ଏହାକୁ କ୍ଲବ୍‌ର କେତେଜଣ ଯୁବକ ବାରଣ କରିବା ସହ ସେଠାରୁ ଚାଲିଯିବାକୁ କହିଥିଲେ। ପ୍ରେମିକ ଜଣକ ଯୁବତୀଙ୍କୁ ପଠାଇଦେବା ପରେ ସହଯୋଗୀମାନଙ୍କୁ ଫୋନ୍ କରି ସେଠାକୁ ଡାକିଥିଲେ। ଏକ ବୋଲେରୋରେ ୭ଜଣ ଯୁବକ ସେଠାରେ ପହଞ୍ଚି କ୍ଲବ୍ ପିଲାଙ୍କୁ ମାଡ଼ ମାରିଥିଲେ। କ୍ଲବ୍‌ର କେତେଜଣ ବ୍ୟକ୍ତି ବୁଝାଶୁଝା କରିବା ପରେ ଆପୋସ ସମାଧାନ ହୋଇଥିଲା। ସମାଧାନ କରିଥିବା ରବୀନ୍ଦ୍ର ନାୟକ କୌଣସି କାମରେ ରବିବାର ରାତି ପ୍ରାୟ ୮ଟାରେ ଆଇଡି ମାର୍କେଟ ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ପିଛା କରି ଇସ୍କନ ମନ୍ଦିର ନିକଟରେ ତାଙ୍କୁ ଘେରି ଯାଇ ବାଇକ ସହ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲେ। ପରେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ତେବେ କୌଶଳକ୍ରମେ ଦୁର୍ବୃତ୍ତଙ୍କ କବଳରୁ ରବୀନ୍ଦ୍ର ଖସିଯାଇ ଏକ ଅନ୍ଧାରୁଆ ସ୍ଥାନରେ ଲୁଚି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଖୋଜାଖୋଜି କରି ନ ପାଇ ତାଙ୍କ ବାଇକୁ ହାଣି ପଳାଇଥିଲେ। ଆହତ ଅବସ୍ଥାରେ ରବୀନ୍ଦ୍ର ପରିବାର ଲୋକଙ୍କ ସହ ରାତି ପ୍ରାୟ ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ବିଳମ୍ବିତ ରାତିରେ ୨୦ଜଣ ଯୁବକ ବାଇକ୍‌ରେ କ୍ଲବ୍ ନିକଟକୁ ଆସିଥିଲେ। କ୍ଲବ୍ ଉପରକୁ ୭ ବୋମା ମାଡ କରିବା ସହ ସେଠାରେ ଥିବା ଏକ ବାଇକକୁ ହାଣିଥିଲେ। ଏହାସହ ନିକଟରେ ପାର୍କିଂ ହୋଇଥିବା କାରକୁ ମଧ୍ୟ ଭାଙ୍ଗିଥିଲେ। ଶେଷରେ କ୍ଲବ କବାଟକୁ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ବୋମା ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିବା ସହ ପୋଲିସକୁ ଜଣାଇଥିଲେ। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କୁହନ୍ତି, ଘଟଣା ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଥିବା ସେ କହିଛନ୍ତି।

## ଦାରୁଠେଙ୍ଗ ଡମ୍ପିୟାର୍ଡରେ ନିଆଁ



ଡମ୍ପିୟାର୍ଡ଼ରେ ନିଆଁ ଲାଗିଥିବା ସମୟର ଦୃଶ୍ୟ।

**ବାରଙ୍ଗ, ୨୫।୩(ଡି.ଏନ୍.ଏ.)**

ଦାରୁଠେଙ୍ଗ ଡମ୍ପିୟାର୍ଡରେ ସୋମବାର ରାତିରେ ନିଆଁ ଲାଗିଛି। ଏହି ନିଆଁ ହୁତୁହୁତୁ ହୋଇ ବଢ଼ିବାରେ ଲାଗିଛି। ସନ୍ଧ୍ୟା ୫ଟାରେ ଡମ୍ପିୟାର୍ଡରେ ନିଆଁ କୁହୁଳୁଥିବାର ଗ୍ରାମବାସୀ ଦେଖିଥିଲେ। ପରେ ତାହା ଧୀରେ ଧୀରେ ରାତି ସୁଦ୍ଧା ନିଆଁ ଯୋରେ ଜଳିବା ନେଇ ଦାରୁଠେଙ୍ଗ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଏହାପୂର୍ବରୁ ଗତମାସ ୨୪,୨୫ ଓ ୨୬ ତାରିଖରେ ଏଠାରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିବାବେଳେ ସେ ସମୟରେ ବର୍ଷା ଥିବାରୁ ଏତେ ପରିମାଣର କ୍ଷୟକ୍ଷତି ହୋଇ ନ ଥିଲା। ଏବେ ଦ୍ୱିତୀୟଥର ପାଇଁ ନିଆଁ ଲାଗିବା ଘଟଣାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ଦାରୁଠେଙ୍ଗ ଗ୍ରାମରେ ପାରମ୍ପରିକ ପର୍ବ ପଞ୍ଚୁଦୋଳ ମହୋତ୍ସବରେ ଗ୍ରାମବାସୀ ବ୍ୟସ୍ତ ଥିବାବେଳେ ଏହି ନିଆଁକୁ ନେଇ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ସେଠାରେ ଦମକଳ ପହଞ୍ଚି ନ ଥିବା ଜଣାପଡ଼ିଛି।

## ଭାଜପା ପ୍ରାର୍ଥୀଙ୍କୁ ବିରୋଧ କରି ସଭା

**ଖୋର୍ଦ୍ଧା ଅଫିସ,୨୫।୩**

ଭାଜପା ପକ୍ଷରୁ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ରିଷଭ ନନ୍ଦଙ୍କୁ ଟିକେଟ ମିଳିଛି। ଏହି ଅବସରରେ ଦଳ ପକ୍ଷରୁ ଏକ ପ୍ରେସ ରିଲିଜ୍ ଜାରି ହୋଇଛି। ତେବେ ରିଷଭ ଭାଜପାରେ ଯୋଗଦେବା ପରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ବିରୋଧ କରାଯାଇଥିଲା। ଦଳ ପକ୍ଷରୁ ରିଷଭଙ୍କୁ ଟିକେଟ ଦେଲେ ଭାଜପାର କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ଦେବେ ବୋଲି ବୋଲଗଡ ବ୍ଲକର ପିଚୁକୁଳିଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ଟିକେଟ ମିଳିବା ପରେ କାର୍ଯ୍ୟକର୍ତ୍ତାମାନେ ସୋମବାର ଏକତ୍ରିତ ହୋଇ ସଭା କରିଛନ୍ତି। ପିଚୁକୁଳିଠାରେ ଅନୁଷ୍ଠିତ ସଭାରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୁଧବାର ନିଷ୍ପତ୍ତି ନିଆଯିବ ବୋଲି ଜଣେ କାର୍ଯ୍ୟକର୍ତ୍ତା ନାମ ଗୋପନ ରଖି କହିଛନ୍ତି। କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଅନୁସାରେ ବେଗୁନିଆ ନିର୍ବାଚନମଣ୍ଡଳୀର ପୁରୁଣା ସଙ୍ଗଠକ ତଥା ଭାଜପାର ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ଦଳୀୟ ସଙ୍ଗଠନକୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ବଞ୍ଚାଇ ରଖିଥିଲେ। ଦଳର ସଙ୍ଗଠନ ନ ଥିବାବେଳେ ଯତୀନ୍ ଘରକୁ ଘର ବୁଲି ସଙ୍ଗଠନ କରିଥିଲେ । ତେବେ ଯତୀନ୍‌ଙ୍କୁ ଅଣଦେଖା କରି ଭାଜପାରେ ଯୋଗଦେଇଥିବା ରିଷଭ ନନ୍ଦଙ୍କୁ ଟିକେଟ ଦେଇ ଠିକ୍ କରି ନାହିଁ ବୋଲି କୁହାଯାଉଛି । ଏ ସମ୍ପର୍କରେ ରିଷଭ ନନ୍ଦଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, ଦଳର ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରୁଥିବା କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ: ୩୨୯ଜଣଙ୍କୁ ପିଏଚ୍‌ଡି ଓ ଡିଲିଟ୍ ଉପାଧି

# ୭୪ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**



ଉତ୍ସବରେ ଜଣଙ୍କୁ ଉପାଧି ପ୍ରଦାନ କରାଯାଉଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୧୬-୧୭ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି, ଡିଲିଟ୍, ଡିଏସ୍‌ସି ଉପାଧି ତଥା ବିଭିନ୍ନ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ବିଭିନ୍ନ ବିଷୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିବା ପିଲାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କୁଳାଧିପତିଙ୍କ ଅନୁମତି କ୍ରମେ ଆୟୋଜିତ ଏହି ଉତ୍ସବରେ ଭାରତ ସରକାରଙ୍କ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବାୟୋରିସୋର୍ସ ଆଣ୍ଡ ସଷ୍ଟେନେବୁଲ ଡେଭେଲପ୍‌ମେଣ୍ଟ ନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରଫେସର ଦୀନବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ୟ ସବୁବେଳେ ସ୍ଥିର କର। ଗୋଟିଏ ଲକ୍ଷ୍ୟ ରଖି ଯଦି ପରିଶ୍ରମ କରିବ, ତେବେ ସଫଳତା ନିଶ୍ଚୟ ମିଳିବ। ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସବୁବେଳେ ମନକୁ ଏକାଗ୍ରତା କରି ରଖ ବୋଲି ପ୍ରଫେସର ସାହୁ ଏହି ଅବସରରେ କହିଥିଲେ। କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ପ୍ରଫେସର ସାହୁ ୭୪ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ପୁରସ୍କାର ଏବଂ ୩୨୯ଜଣଙ୍କୁ ପିଏଚ୍‌ଡି ଓ ଡିଲିଟ୍ ଉପାଧି ପ୍ରଦାନ କରିଥିଲେ। ଉତ୍ସବରେ ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି, ପିଜି କାଉନସିଲ ଚେୟାରମ୍ୟାନ ବ୍ରହ୍ମାନନ୍ଦ ଶତପଥୀ, କୁଳସଚିବ ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ୧୦୮ ଆମ୍ବୁଲାନ୍ସ ଅଚଳ

**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୨ଟି ୧୦୮ ଆମ୍ବୁଲାନ୍ସ ଅଚଳ ହୋଇପଡିଛି। ଗୋଟିଏ ଗତ ସପ୍ତାହରେ ଖରାପ ହୋଇଥିବାବେଳେ ଅନ୍ୟଟି ରବିବାର ଖରାପ ହୋଇଥିବା ଜଣାପଡିଛି। ଫଳରେ ଗୁରୁତର ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ହେଉ କିମ୍ବା ଭୁବନେଶ୍ୱର, କଟକ ସ୍ଥାନାନ୍ତରିତ ହେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସିଡିଏମଓ ଓ ଏଡିଏମଓ ମେଡିକାଲଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନି। ଅନ୍ୟପକ୍ଷରେ ସିଡିଏମଓ ବିଜୟ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ଉଠାଇ ନ ଥିଲେ। ଏଡିଏମଓ ମେଡିକାଲ ଉତ୍କଳ କୁମାର ରଥଙ୍କ ମୋବାଇଲ ନମ୍ବର ଫୋନ ସୁଇଚ୍ ଅଫ ରହିଥିଲା।

## ବିଜେଡିର ପଦଯାତ୍ରା

**ପୁରୁଣା ଭୁବନେଶ୍ୱର, ୨୫।୩(ଡି.ଏନ୍.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ୫୯ ନଂ ୱାର୍ଡ଼ରେ ବିଜେଡିର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଗୁରୁସଂଘ ନିକଟସ୍ଥ ମଠଠାରୁ ପଦଯାତ୍ରାଟି କପିଳେଶ୍ୱର ଗାଁ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ନିର୍ବାଚନ ସମ୍ବନ୍ଧିୟ ନାରାବାଜି ଦିଆଯିବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ସ୍ଲୋଗାନ ଦିଆଯାଇଥିଲା। ପଦଯାତ୍ରାରେ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଅରୁପ ପଟ୍ଟନାୟକ ଏବଂ ବହୁ ଦଳୀୟକର୍ମୀ ଯୋଗ ଦେଇଥିଲେ।

## ରାସ୍ତାରେ ନିର୍ମାଣ ସାମଗ୍ରୀ: ଯାତାୟାତ ବାଧାପ୍ରାପ୍ତ



ରାସ୍ତାରେ ପଡ଼ିଥିବା ନିର୍ମାଣ ସାମଗ୍ରୀ।

**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ସହରର ହଡାଛକଠାରୁ ବରୁଣେଇ ସାହି ରାସ୍ତାର ଗୋପୀନାଥ ମନ୍ଦିର ସମ୍ମୁଖରେ ଗୋଡି ଓ ଲୁହା ରଡ ଗଦା ହୋଇଛି। ଫଳରେ ଲୋକମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋପୀନାଥ ମନ୍ଦିର ଭିତରେ କମ୍ୟୁନିଟି ହଲ କାର୍ଯ୍ୟ ପାଇଁ ଏହି ସାମଗ୍ରୀ ଗଦା ହୋଇଛି। ଠିକାଦାର ମନ୍ଦିର ପରିସରରେ ନିର୍ମାଣ ସାମଗ୍ରୀ ନ ରଖି ରାସ୍ତା ଉପରେ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ତୁରନ୍ତ ରାସ୍ତା ଉପରୁ ହଟାଯିବାକୁ ସାଧାରଣରେ ଦାବି ହେଉଛି।

## ଡ୍ରେନ ଉପରେ ବ୍ୟବସାୟୀଙ୍କ ବେପାର

**ପୁରୁଣା ଭୁବନେଶ୍ୱର, ୨୫।୩(ଡି.ଏନ୍.ଏ.)**

ଅନେକ ସମୟରେ ସହର ବାସିନ୍ଦା ଡ୍ରେନରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ନାପସନ୍ଦ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଏହି ସମସ୍ୟା ପାଇଁ ଦାୟୀ କରିଥାନ୍ତି । ଘର ସମ୍ମୁଖ ଡ୍ରେନ ଉପରେ ଲାଭ ଉଦ୍ଦେଶ୍ୟ ରଖି ସେହି ଜାଗାକୁ ବେପାରୀଙ୍କୁ ଦେଇଦିଅନ୍ତି। ଫଳରେ ଡ୍ରେନର ଜଳ ନିଷ୍କାସନ ବନ୍ଦ ହୋଇ ପଥ ଅବରୋଧ ହେଉଛି। ଏଭଳି ସମସ୍ୟା ରବି ଟକିଜ୍-କେଦାରଗୌରୀ-ବିନ୍ଦୁସାଗର ରାସ୍ତାରେ ଥିବା ଡ୍ରେନରୁ ଦେଖାଦେଇଛି।

କେଦାରଗୌରୀ ମନ୍ଦିର ରାସ୍ତାରେ ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ଏବେ ଆଉ ନାହିଁ। ଡ୍ରେନ ଉପରେ କେତେଜଣ ଘରକୁ ଲାଗି ବିଲ୍ଡିଂ ତିଆରି କରିବା ପରେ ପାର୍ଶ୍ୱରେ ଥିବା ଡ୍ରେନକୁ ବାରଣ୍ଡା ଭାବେ ବ୍ୟବହାର କରିଛନ୍ତି। ସ୍ଥାନୀୟ ବାସିନ୍ଦା ଶରତ ମହାପାତ୍ର କୁହନ୍ତି, କେଦାରଗୌରି ନୁହେଁ ଭୁବନେଶ୍ୱର ଯେତେ ଡ୍ରେନ ଜବରଦଖଲରେ ଅଛି, ସେଗୁଡିକୁ ହଟାଯିବା ଦରକାର। ଯାଜପୁରର ଅର୍ଚ୍ଚନା ବେହେରା କୁହନ୍ତି, ପୁରୀ ଭଳି ଲିଙ୍ଗରାଜଙ୍କ ପୀଠ ଗୁରୁତ୍ୱପୂର୍ଣ୍ଣ। ରାସ୍ତାରୁ ଜବରଦଖଲ ହଟିଲେ ପ୍ରଶସ୍ତୀକରଣ ହେବାସହ ଯାନବାହନ ଯାତାୟାତରେ ସହାୟକ ହେବ।



ବୋଲଗଡ଼ ବ୍ଲକ ସାଗରଗାଁ ତିନିଦୋଳ ପଡିଆରେ ସୋମବାର ଅନୁଷ୍ଠିତ ମେଳଣର ଏକ ଦୃଶ୍ୟ।

## ସାଧନା ଶିଶୁଙ୍କୁ ଶୀର୍ଷରେ ପହଞ୍ଚାଇଥାଏ

**ବାଲିପାଟଣା, ୨୫।୩(ଡି.ଏନ୍.ଏ.)**

ବନମାଳୀପୁରସ୍ଥିତ ଆଦର୍ଶ ଶିଶୁ ନିକେତନର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବାବନ ସାହୁଙ୍କ ପୌରୋହିତ୍ୟରେ ବାଲିପାଟଣା ମଣ୍ଡଳ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷା ଗୁରୁ ଓ ଜନ୍ମଦାତ୍ରୀଙ୍କ ତତ୍ତ୍ୱାବଧାନରେ ଜଣେ ଶିଶୁ ତା'ର ସାଧନା ଅବ୍ୟାହତ ରଖିଲେ ସେ ଭବିଷ୍ୟତରେ ଭଲ ମଣିଷ ହୋଇ ଶୀର୍ଷ ସ୍ଥାନରେ ପହଞ୍ଚିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟ ବକ୍ତାଭାବେ ମା'ଘର ଟ୍ରଷ୍ଟ ଅଧକ୍ଷା ଋତୁପର୍ଣ୍ଣା ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ, ଶିକ୍ଷୟିତ୍ରୀ ସୁଜାତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଧାରଣାରେ ବସିଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**




କଲେଜ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

ଜାତୀୟ ସମାଜ ସେବା ଓ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ (ନିଶ୍ୱାସ)ର ଛାତ୍ରୀଛାତ୍ର କଲେଜରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ କ୍ୟାମ୍ପସ ସମ୍ମୁଖରେ ଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରି କି ନିର୍ବାଚନ ଆଚରଣବିଧି ଲାଗିଥିବା ଆଳ ଦେଖାଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବକ, ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ନିଶ୍ୱାସ କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବା ସହ ପାଠ୍ୟକ୍ରମ ସାରୁଛନ୍ତି। ମାତ୍ର ବିଶ୍ୱବିଦ୍ୟାଳୟ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପାସ କରିଥିବା ୩ଟି ବ୍ୟାଚ ଏବଂ ପାଠ ପଢୁଥିବା ବ୍ୟାଚର ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଲେଜରେ ଅଧାପକଙ୍କ ଅଭାବ ସହ ପାଠ୍ୟକ୍ରମ ଉଚିତ ସମୟରେ ସରୁନାହିଁ। ଏହାସହ ପରୀକ୍ଷା ଠିକ ସମୟରେ ହେଉ ନ ଥିବା ଏବଂ ଫଳାଫଳ ବାହାରିବାରେ ବିଳମ୍ବ ହେଉଛି। ଏପରି କି କଲେଜରୁ ପାସ କରିଥିବା ୪ଟି ବ୍ୟାଚର ଛାତ୍ରୀଛାତ୍ର କର୍ତ୍ତୃପକ୍ଷଙ୍କ ଅବହେଳାରୁ ସେମାନଙ୍କର ସାର୍ଟିଫିକେଟ ପାଇପାରି ନାହାନ୍ତି। ଏ ନେଇ ଛାତ୍ରୀଛାତ୍ର ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ। ତେଣୁ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କଥା ଚିନ୍ତା ନ କଲେ, ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। କଲେଜର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କୁହନ୍ତି, ଘଟଣା ବିଷୟରେ ଆମେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ, ସେମାନେ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ କରି ନ ଥିବାରୁ ଏପରି ସମସ୍ୟା ଦେଖା ଦେଇଛି ବୋଲି ମତବ୍ୟକ୍ତ କରିଛନ୍ତି।

## ସାବତ ମା'ର ଠେଙ୍ଗା ମାଡ଼ରେ ୩ଝିଅ ଗୁରୁତର

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ସୋମବାର ଜଣେ ସାବତ ମା'ଙ୍କ ଠେଙ୍ଗା ମାଡରେ ଦୁଇଜଣ ଝିଅ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଅଚେତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ଉକ୍ତ ପରିବାର ରୁହନ୍ତି। ସ୍ୱାମୀ ରେଲୱେରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ୪ଟି ଝିଅ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସ୍ୱାମୀ କୋଣାର୍କ ଅଞ୍ଚଳରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ଜଣେ ମହିଳାଙ୍କୁ ବିବାହ କରିଥିଲେ। ମାତ୍ର ୪ ଝିଅଙ୍କ ସହ ସାବତ ମା'ଙ୍କ ମତାନ୍ତର ଲାଗି ରହିଥିଲା। ରାତିପ୍ରାୟ ୧୦ଟା ରେ ସାବତମା' ଏବଂ ଝିଅମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମା' ଉତ୍ତ୍ୟକ୍ତ ହୋଇ ଝିଅମାନଙ୍କୁ ମାଡମାରିବା ବେଳେ ବଡ ଝିଅ ଅଚେତ ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଦେହରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଚେତ ହୋଇଥିବା ଝିଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଘଟଣାର ତଦନ୍ତ ଚଳାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ମାର୍ଚ୍ଚ, ୨୦୧୯



# ଖରାଦିନେ ତ୍ୱଚାର ଯତ୍ନ



ଖରାଦିନେ ତ୍ୱଚା ମଳିନ ପଡିବା, ଟ୍ୟାନିଂ, ବ୍ରଣ ଆଦି ସାଧାରଣ ସମସ୍ୟା। ଆପଣ ଚାହିଁଲେ ଘରୋଇ ଉପଚାର ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...

**ଅଏଲି ସ୍କିନ୍**

ଏହି ସ୍କିନ୍‌ରେ ଅଧିକ ବ୍ରଣ ଏବଂ ପିଗ୍‌ମେଣ୍ଟେଶନ୍ ହୋଇଥାଏ। କ୍ଲିନ୍‌ଜିଂ ପାଇଁ ପ୍ରଥମେ ରୋଜ୍ ୱାଟରରେ ମୁହଁକୁ ଭଲଭାବେ ପୋଛନ୍ତୁ। ତା'ପରେ ଗୋଟିଏ ଟମାଟୋର ଅଧା ଅଂଶ ନେଇ ମୁହଁରେ ଘଷନ୍ତୁ। ଏହା ମୁହଁର ପୋର୍ସକୁ ଖୋଲିବା ସହ ତ୍ୱଚାକୁ ପରିଷ୍କାର ରଖିଥାଏ।

**ସ୍କ୍ରବ :** ଦହି ଏକ ଚାମଚ, ଅରୁଆ ଚାଉଳ ଗୁଣ୍ଡ ୧ ଚାମଚ, ଚିନି ୧ ଚାମଚର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ସ୍କ୍ରବ୍ କରି କଟନରେ ପୋଛି ଦିଅନ୍ତୁ। ଏହା ସ୍କ୍ରବିଂ ସହିତ ମସାଜର ବି କାମ କରିଥାଏ।

**ଫେସ୍‌ମାସ୍କ:** ପ୍ରାୟ ପ୍ରତିଟି ଘରେ ଲାଗିଥାଏ ଘିକୁଆଁରୀ ଗଛ। କିନ୍ତୁ ତା'ର ଉପକାରିତା ବହୁତ କମ୍ ଲୋକ ଜାଣନ୍ତି। ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହା ବେଶ୍ ଲାଭପ୍ରଦ। ମାର୍କେଟରେ ବି ଏଲୋଭେରା ଜେଲ୍ ମିଳୁଛି।

- ଏଲୋଭେରା ଜେଲ୍ ୨ ଚାମଚ, ଚନ୍ଦନ ପାଉଡର ୧ ଚାମଚକୁ ମିଶାଇ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ମାସରେ ଅନ୍ତତଃ ୩ଥର ଏପରି କରନ୍ତୁ। ମୁହଁରୁ ବ୍ରଣ କମିବା ସହ ତ୍ୱଚାରେ ଚମକ ବି ଆସିବ।
- ୨/୩ ଚାମଚ ଏଲୋଭେରା ଜେଲ୍, ୨ଟି ଆଲ୍‌ମଣ୍ଡ ଏବଂ ୧/୨ ପାଚିଲା କଦଳୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଭଲଭାବେ ମସାଜ୍ କରି ଧୋଇ ଦିଅନ୍ତୁ। ଦେଖିବେ ଟ୍ୟାନିଂ ଛାଡ଼ିବା ସହିତ ତ୍ୱଚାରେ ଚମକ ଆସିବ।

**ଡ୍ରାଏ ସ୍କିନ୍**

କ୍ଲିନ୍‌ଜିଂ ପାଇଁ ଗୋଟିଏ ଟମାଟୋ ଜୁସ୍ ସହିତ କିଛି ଚିନି ମିଶାଇ ମୁହଁରେ ଲଗାନ୍ତୁ। ୫ ମିନିଟ୍ ପରେ ହାଲ୍‌କା ମସାଜ୍ କରି ମୁହଁକୁ ଧୋଇ ଦିଅନ୍ତୁ।

**ସ୍କ୍ରବ୍ :** ଗୋଟିଏ ଆଳୁ ରସ, ବେସନ ୧ ଚାମଚ, ଅଟା ୧ ଚାମଚ, ଲେମ୍ବୁ ରସ ୧/୨ ଚାମଚର ମିଶ୍ରଣକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ। ପରେ ସ୍କ୍ରବ କରି ମୁହଁକୁ ଧୋଇ ଦିଅନ୍ତୁ। ଏହା ଟ୍ୟାନିଂ ଏବଂ କଳା ଦାଗ ଦୂର କରିଥାଏ।

**ଫେସ୍‌ମାସ୍କ :** ୧ ଚାମଚ ଅରୁଆ ଚାଉଳ ଗୁଣ୍ଡ, ୧ ଚାମଚ ଏଲୋଭେରା ଜେଲ୍, ବେସନ ୧ ଚାମଚ, ୨/୩ ଚାମଚ କ୍ଷୀରକୁ ମିଶାଇ ମୁହଁରେ ମାସ୍କ ଭାବେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

- ବେସନ ୨/୩ ଚାମଚ, ହଳଦୀ ୧ ଚାମଚ, ଟମାଟୋ ରସ ୧ ଚାମଚ, ୧ ଚାମଚ ମହୁ, ଏକ ଚାମଚ ଲେମ୍ବୁ ରସର ମିଶ୍ରଣରେ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ମାସରେ ଅନ୍ତତଃ ୩ ଥର ଏପରି କରନ୍ତୁ। ଫରକ୍ ଅନୁଭବ କରିପାରିବେ।

**ନର୍ମାଲ ସ୍କିନ୍ :** କ୍ଲିନ୍‌ଜିଂ ପାଇଁ ୨/୩ ଚାମଚ କ୍ଷୀର ଏବଂ ଅଟାର ମିଶ୍ରଣକୁ ମୁହଁରେ ଲଗାଇ ମସାଜ୍ କରନ୍ତୁ। ୫ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ।

**ସ୍କ୍ରବ୍ :** ବେସନ ୧ ଚାମଚ, ଆଳୁ ରସ ୨/୩ ଚାମଚ, ଅରୁଆ ଚାଉଳ ଗୁଣ୍ଡ ୧ ଚାମଚ, ଦହି ୧ ଚାମଚର ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ସ୍କ୍ରବିଂ କରି ଧୋଇ ଦିଅନ୍ତୁ।

**ଫେସ୍‌ମାସ୍କ :** କଫି ୧/୨ ଚାମଚ, ୧/୨ ଚାମଚ ଲେମ୍ବୁ ରସ, ମହୁ ୨ ଚାମଚ, ଚିନି ୧ ଚାମଚର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ନର୍ମାଲ ସ୍କିନ୍ ପାଇଁ ଏହା ବେଶ୍ ଉପକାରୀ। ତ୍ୱଚାରୁ ପିଗ୍‌ମେଣ୍ଟେଶନ୍, କଳାଦାଗ ଦୂର ହେବା ସହ ଚମକ ଆଣିଥାଏ ଏହି ମାସ୍କ।

- ୨ ଚାମଚ ଆଳୁ ରସ, ୨ ଚାମଚ ଦହି, ୨ ଚାମଚ କର୍ନଫ୍ଲୋର, ୨ ଚାମଚ କମଳା ରସର ମିଶ୍ରଣକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ତ୍ୱଚା ପାଇଁ ଏହା ବେଶ୍ ଉପକାରୀ।
- ୧/୨ ପାଚିଲା କଦଳୀ, ଅଟା ୧ ଚାମଚ, ମହୁ ୧ ଚାମଚ, ଏଲୋଭେରା ଜେଲ୍ ୧ ଚାମଚର ମିଶ୍ରଣକୁ ନେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁ ଏବଂ ବେକରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। କିଛି ଦିନ ଏପରି କରନ୍ତୁ। ଦେଖିବେ ତ୍ୱଚାରେ କିପରି ପରିବର୍ତ୍ତନ ଆସୁଛି।

– ଶୁଭ୍ରସୀମା ନାୟକ
ମନୁସ୍ ମିଡାସ୍ ଟଚ୍
ସହିଦ ନଗର
ମୋ – ୯୪୩୭୫୨୧୬୫୯

# ସମର ଫ୍ୟାଶନ୍

ଖରାଦିନେ ଫ୍ୟାଶନ୍ କୁଲ୍ ହେବା ଦରକାର। ଏପରି ଡ୍ରେସ୍ ବାଛନ୍ତୁ ଯାହାକି ଆପଣଙ୍କୁ ହାଲ୍‌କା ଏବଂ କମ୍ଫର୍ଟେବୁଲ ଲାଗିବ। ଗେଟ୍ ଅପ୍ ୟୁନିକ୍ ହେବା ସହ ଟ୍ରେଣ୍ଡି ବି ଲାଗିବେ...

**କଲର ପ୍ରତି ଧ୍ୟାନ ରଖନ୍ତୁ**

ଖରାଦିନେ ଡ୍ରେସ୍ ମ୍ୟାଟେରିଆଲ ସହ କଲର ପ୍ରତି ଧ୍ୟାନ ଦିଅନ୍ତୁ। କଟନ୍ ମିକ୍ସ ସିଲ୍କ, ସିଫନ୍, ନାଇଲନ୍, ଜର୍‌ଜେଟ୍ କିମ୍ବା ହ୍ୟାଣ୍ଡଲୁମ୍ ଡ୍ରେସ୍ ଆପଣାନ୍ତୁ। ଏହିଦିନେ ଗରମରୁ ବର୍ତ୍ତିବା ପାଇଁ ଅନେକେ ସ୍ଲିଭ୍‌ଲେସ୍ ଡ୍ରେସ୍ ପିନ୍ଧିଥାନ୍ତି। ହେଲେ ଏହାଦ୍ୱାରା ତ୍ୱଚାରେ ଟ୍ୟାନିଂ ହୋଇଥାଏ। ତେଣୁ ଖରାରେ ବାହାରକୁ ଯିବାବେଳେ କଟନ୍ ଏବଂ ଫୁଲ୍ ସ୍ଲିଭ୍ ଡ୍ରେସ୍ ପିନ୍ଧନ୍ତୁ। ରାତିରେ ଆପଣ ଚାହିଁଲେ ସ୍ଲିଭ୍‌ଲେସ୍ ଡ୍ରେସ୍ ପିନ୍ଧିପାରିବେ।

**ହେଭି ୱାର୍କ ଡ୍ରେସ୍ ପିନ୍ଧନ୍ତୁ ନାହିଁ**

କଟନ୍ ଏବଂ ସିଫନ୍‌ର ଡ୍ରେସ୍ ଫର୍ମାଲ୍ ଲୁକ୍ ପାଇଁ ପିନ୍ଧନ୍ତୁ। ଏହିଦିନେ ନାଇଲନ୍ ଏବଂ ଜର୍‌ଜେଟ୍‌ର ଲଙ୍ଗ୍ ସ୍କର୍ଟ ପିନ୍ଧନ୍ତୁ। ଷ୍ଟାଇଲିଶ୍ ଖଦିର ଢିଲା କୁର୍ତ୍ତା ସହ ଚୁଡ଼ିଦାର ସାଲ୍‌ୱାର ବି ପିନ୍ଧିପାରିବେ।

**ଏହି କପଡ଼ାଠାରୁ ଦୂରରେ ରୁହନ୍ତୁ**

ସିଲ୍କ, ସାଟିନ୍, ସିନ୍ଥେଟିକ୍, ନାଇଲନ୍, ଭେଲ୍‌ଭେଟ୍ କପଡ଼ା ଏହିଦିନେ ପିନ୍ଧିବା ଦ୍ୱାରା ତ୍ୱଚାରେ ବେଳେବେଳେ ଇନ୍‌ଫେକ୍ସନ୍ ହୋଇଥାଏ। ହେଭି ଫ୍ୟାବ୍ରିକ୍‌ର କପଡ଼ା ପିନ୍ଧନ୍ତୁ ନାହିଁ, ଯାହାକୁ ସମ୍ଭାଳିବା କଷ୍ଟକର ହୋଇଥାଏ।

- ଖରାଦିନେ ଘେର ଥିବା କୁର୍ତ୍ତା, ଜର୍‌ଜେଟ୍ କିମ୍ବା ସିଫନ୍ କପଡ଼ାରେ ଥିବା ଫ୍ଲୋରାଲ ପ୍ରିଣ୍ଟ, କଟନ୍ ସିଲ୍କ, ଟସରର ବ୍ୟବହାର ଅଧିକ ହୋଇଥାଏ।
- ଅଧିକ ବ୍ରାଇଟ୍ କଲର ଥିବା ଡ୍ରେସ୍ ପିନ୍ଧନ୍ତୁ ନାହିଁ। ନାଇଲନ୍ ଏବଂ କଟନ୍ କପଡ଼ାର ବ୍ୟବହାର କରନ୍ତୁ। ବ୍ରସ୍ ପେଣ୍ଟିଂ, ଡାଇ ପେଣ୍ଟିଂର ଡ୍ରେସ୍ ଆପଣନ୍ତୁ।
- ଟାଇଟ୍ ଫିଟିଂ ଡ୍ରେସ୍ ଆପଣଙ୍କ ଗେଟ୍ ଅପ୍‌କୁ ସୁନ୍ଦର ଲାଗିଥାଇପାରେ, କିନ୍ତୁ ଖରାଦିନେ ଏହା ଆପଣଙ୍କୁ କମ୍ଫର୍ଟେବୁଲ ଲାଗିବ ନାହିଁ। ବରଂ ଶରୀରରୁ ଅଧିକ ଝାଳ ବାହାରିବ।
- କ୍ୟାପ୍ରି ସହିତ କୁର୍ତ୍ତା କିମ୍ବା ଢିଲା ପ୍ୟାଣ୍ଟ ସହ କଟନ୍ ଶାର୍ଟ ଆପଣଙ୍କୁ ବେଶ୍ ଭଲ ଲାଗିବ।





# ସ୍ତନ୍ୟପାନ ସମୟରେ ଖାଦ୍ୟ



ସ୍ତନ୍ୟପାନ କରାଉଥିବା ମହିଳା ନିଜର ଦୈନିକ ଖାଦ୍ୟରେ ଭିଟାମିନ୍, ମିନେରାଲ ଏବଂ ଆଇରନ୍‌ଯୁକ୍ତ ପନିପରିବା ଖାଇବା ଦରକାର, ଯାହାକି ମା' ଓ ପିଲା ଉଭୟଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ। ତେଲଯୁକ୍ତ ଖାଦ୍ୟପଦାର୍ଥ ଏବଂ ଜଙ୍କ୍ ଫୁଡ୍ ସେବନ କଲେ ପିଲାର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ। ସୁସ୍ଥ ଆହାର ଏବଂ ସୁସ୍ଥ ପାନୀୟ ସେବନ କରୁଥିବା ମା' ହିଁ ପିଲାକୁ ସୁସ୍ଥ ରଖିପାରେ।

**ଟମାଟୋ**

ଟମାଟୋରେ ରହିଛି ପୋଟାସିୟମ୍ ଏବଂ ଭିଟାମିନ୍ 'ସି'। ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଏହା ଅତ୍ୟନ୍ତ ଲାଭପ୍ରଦ। ଏଥିରେ ଥିବା ପୋଷକତତ୍ତ୍ୱ ଶରୀରକୁ ଶକ୍ତି ପ୍ରଦାନ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିଥାଏ।

**ଆଳୁ**

ଆଳୁରେ ପ୍ରଚୁର ମାତ୍ରାରେ ଭିଟାମିନ୍ 'ସି', ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହା ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର କରିଥାଏ। ମା' ଏବଂ ପିଲା ଉଭୟଙ୍କ ପାଇଁ ଏହା ସ୍ୱାସ୍ଥ୍ୟପ୍ରଦ।

**ବ୍ରୋକୋଲି**

ଏଥିରେ ଥିବା ଆଇରନ, ପୋଟାସିୟମ୍, ଜିଙ୍କ୍ ଏବଂ ଭିଟାମିନ୍ ପିଲାଙ୍କୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ। ଏହାବ୍ୟତୀତ ଏଥିରେ କମ୍ କ୍ୟାଲୋରି ମଧ୍ୟ ରହିଛି।

**ଭେଣ୍ଡି**

ଭେଣ୍ଡିରେ ରହିଛି କ୍ୟାଲ୍‌ସିୟମ୍ ଏବଂ ଫୋଲେଟ୍, ଯାହାକି ମା'ର ହାଡ଼କୁ ଶକ୍ତ ରଖିଥାଏ। ଏହା ପିଲାକୁ ବି ସୁସ୍ଥ ରଖିଥାଏ।



# ସଜାନ୍ତୁ ବାଲ୍‌କୋନି



ଖରାଦିନେ କିମ୍ବା ପାୱାର କଟ୍ ସମୟରେ ବାଲ୍‌କୋନିର ଥଣ୍ଡା ପରିବେଶ ମନକୁ ବେଶ୍ ଆରାମ ଦେଇଥାଏ। ଏବେ ତ ଖରାଦିନ। ତେବେ ଏହିଦିନେ ବାଲ୍‌କୋନିକୁ କିପରି ସଜାଇବେ ଜାଣନ୍ତୁ ସେ ସମ୍ପର୍କରେ...

**ବେତରେ ପ୍ରସ୍ତୁତ ସ୍କିନ୍ –** ବାଲ୍‌କୋନିରେ ବେତ କିମ୍ବା ଅନ୍ୟ ମୋଟା ଫ୍ୟାବ୍ରିକ୍‌ରେ ତିଆରି ହୋଇଥିବା ସ୍କିନ୍ ଲଗାନ୍ତୁ। ଏହାଦ୍ୱାରା ସୂର୍ଯ୍ୟକିରଣ ଅଧିକ ପଡ଼ି ନ ଥାଏ। ପରିବେଶ ଥଣ୍ଡା ରହେ। ଆପଣ ଚାହିଁଲେ ଦ୍ୱିପ୍ରହରରେ କିଛି ସମୟ ସେଠାରେ ବସି ପାଠପଢ଼ାରେ ସମୟ କାଟିପାରିବେ। ସନ୍ଧ୍ୟା ସମୟରେ ସ୍କିନ୍‌କୁ ଫୋଲ୍ଡ କରିଦିଅନ୍ତୁ।

**ଡାର୍କ ଗ୍ଲାସ୍ –** ଯଦି ଆପଣ ରେଲିଂକୁ କଭର କରିବାକୁ ଚାହୁଁଛନ୍ତି ତେବେ ଏହାକୁ ଡାର୍କ ଗ୍ଲାସରେ କଭର କରନ୍ତୁ। ଏହାଦ୍ୱାରା ସୂର୍ଯ୍ୟଙ୍କର ପ୍ରଖର କିରଣରୁ ରକ୍ଷା ମିଳିଥାଏ। ଘରେ ଛୋଟ ପିଲା ଥିଲେ ସେମାନଙ୍କ ପାଇଁ ବି ଏହା ବେଶ୍ ସୁରକ୍ଷିତ।

**ବେତରେ ପ୍ରସ୍ତୁତ ଚେୟାର –** ଆପଣଙ୍କ ବାଲ୍‌କୋନି କେବଳ କପଡ଼ା ଶୁଖାଇବାର ସ୍ଥାନ ନୁହେଁ। ବସିବା, ଚା' ପିଇବାଠାରୁ ଆରମ୍ଭକରି ଅନେକ ସମୟ ଆପଣ ଏଠାରେ ବିତାଇପାରିବେ। ବେତରେ ପ୍ରସ୍ତୁତ ଷ୍ଟୁଲ୍ ଏବଂ ଚେୟାର ବାଲ୍‌କୋନିର ଶୋଭା ବଢ଼ାଇଥାଏ। ଏହାକୁ ବାଲ୍‌କୋନିରେ ରଖି ସନ୍ଧ୍ୟାରେ ଉକ୍ତ ସ୍ଥାନର ମଜା ନିଅନ୍ତୁ।

**ସବୁଜ ରଖନ୍ତୁ ପରିବେଶ –** ଖରାଦିନେ ସବୁଜ ପରିବେଶ ଢେର ଶାନ୍ତି ଆଣିଥାଏ। ଗଛଟିଏ ଲଗାଇଲେ ଗରମ ବାତାବରଣ ଥଣ୍ଡା ହୋଇଥାଏ। ତେଣୁ ବାଲ୍‌କୋନିରେ ଗଛ ଲଗାନ୍ତୁ।

**ପାଣିର ଝରଣା –** ବାଲ୍‌କୋନିରେ ଝରଣା ତିଆରି କରିବା ତ ସମ୍ଭବ ନୁହେଁ। କିନ୍ତୁ ଆପଣ ଚାହିଁଲେ ମାର୍କେଟରେ ମିଳୁଥିବା ଇଲେକ୍ଟ୍ରୋନିକ୍ ପାଣିର ଝରଣା ଆଣି ସଜାଇପାରିବେ। ଏହା ସହିତ କିଛି ପାଣିରେ ଭାସୁଥିବା ଫୁଲ ଓ ପଥର ରଖିପାରିବେ।

**ଖା ଦ୍ୟ ରୁ ଚି**

# ପଣସ ଭରତା

**ଆବଶ୍ୟକ ସାମଗ୍ରୀ:** ପଣସ – ୫୦୦ ଗ୍ରାମ୍, ଟମାଟୋ – ୪ଟି, ତେଲ – ୨ଚାମଚ, ଜିରା – ଅଧା ଚାମଚ, ସୋରିଷ – ଅଧା ଚାମଚ, ହେଙ୍ଗୁ – ୧/୨ ଅଂଶ, ହଳଦୀଗୁଣ୍ଡ – ଅଧା ଚାମଚ, ଧନିଆ ପାଉଡର – ୧ଚାମଚ, କଞ୍ଚା ଲଙ୍କା – ୨ଗୁଣ୍ଟି, ଅଦା – ଏକ ଇଞ୍ଚ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ – ୧/୪ ଭାଗ, ଗରମ ମସଲା – ୧/୪ ଚାମଚ, କଟା ଧନିଆପତ୍ର –୧/୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ହାତରେ ତେଲ ଲଗାଇ କଞ୍ଚା ପଣସକୁ ଧୋଇ ଖଣ୍ଡ ଖଣ୍ଡ କରି କାଟନ୍ତୁ। ପଣସ ଖଣ୍ଡଗୁଡ଼ିକୁ ପ୍ରେସରକୁକରରେ ରଖି ଅଳ୍ପ ପାଣି, ହଳଦୀ ଏବଂ ଲୁଣ ଦେଇ ଗ୍ୟାସକୁ ଧୀମା ରଖି ୫ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଏବେ ଟମାଟୋ, କଞ୍ଚାଲଙ୍କା, ଅଦାକୁ ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ। କଡ଼େଇରେ ତେଲ ଗରମକରି ହେଙ୍ଗୁ, ଜିରା, ସୋରିଷ ପକାନ୍ତୁ। ଏବେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ପାଉଡର, କଞ୍ଚାଲଙ୍କା, ଅଦା, ଟମାଟୋ ଓ ଲୁଣ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଭାଜୁଥିବା ଦିଅନ୍ତୁ। ପ୍ରେସରକୁକରରୁ ବାମ୍ଫ ଯିବା ପରେ ପଣସକୁ ଭଲଭାବେ ଛାଣି ଏକ ପ୍ଲେଟ୍‌ରେ ରଖି ଚକଟନ୍ତୁ। କଷାଯାଇଥିବା ମସଲାରେ ଏହି ପଣସକୁ ମିଶାଇ ଭଲଭାବେ ଗୋଳାନ୍ତୁ। ଏବେ ଗରମ ମସଲା ପକାନ୍ତୁ। ୨–୩ ମିନିଟ୍ ପର୍ଯ୍ୟନ୍ତ ଗ୍ୟାସକୁ ଧୀମାରେ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ପଣସ ଭରତା। ଗାର୍ନିସିଂ ହୋଇଥିବା ଧନିଆପତ୍ର ପକାଇ ଗରମ ଗରମ ରୁଟି ସହ ପରଷନ୍ତୁ।



Dollar 68.96 (↑ 1) | Sensex 37,808.91 (↓ 355.70) | Nifty 11,354.25 (↓ 102.65) | Gold 33,220.00 (↑ ₹170) | Silver 39,200.00 (↓ ₹70)



"ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଲୋକଙ୍କ ସ୍ୱାର୍ଥକୁ ସବୁବେଳେ ଧ୍ୟାନରେ ରଖିଛନ୍ତି।

– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ




"ଫିନ୍‌ଟେକ ବ୍ୟବସ୍ଥାରେ ନୂତନତ୍ୱକୁ ପ୍ରୋତ୍ସାହିତ କରିବା ଲାଗି ଶୀଘ୍ର ନୂଆ ନିୟମ ଆସିବ।

– ଶକ୍ତିକାନ୍ତ ଦାସ, ଆରବିଆଇ ଗଭର୍ନର

## ସଂକ୍ଷେପରେ

### ଆଇବିସି ପରେ ୧୨ହଜାର ମାମଲା ଦାଏର




ନୂଆଦିଲ୍ଲୀ,୨୫-୩: ଦେଶରେ ଦେବାଳିଆ ଆଇନ(ଆଇବିସି) ଲାଗୁ ହେବା ଏବଂ ରାଷ୍ଟ୍ରୀୟ କମ୍ପାନୀ ବିଧି ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି) ଗଠନ ହେବା ପରେ ୧୨ ହଜାର ମାମଲା ଦାଏର କରାଯାଇଛି ବୋଲି ସୋମବାର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି ଯେ, ଏନ୍‌ସିଏଲ୍‌ଟି ଦେବାଳିଆ ସମ୍ପର୍କିତ ମାମଲାର ସମାଧାନ ତ୍ୱରାନ୍ୱିତ କରିଛନ୍ତି। ତେବେ ଦେବାଳିଆ ପ୍ରକ୍ରିୟାରେ ଋଣ ସମାଧାନ କରିବା ଶେଷ ରାସ୍ତା ହେବା ଉଚିତ୍ ବୋଲି ସେ ଜୋର୍ ଦେଇଛନ୍ତି। ସେ କହିଛନ୍ତି ଯେ, ଯେତେ ସଂଖ୍ୟାରେ ମାମଲା ଦାଏର ହେଉଛି ସେହି ଅନୁପାତରେ ଏହାର ସମାଧାନ ମଧ କରାଯାଉଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଅଣ-ଖାଦ୍ୟ ବାବଦରେ ବକେୟା ଋଣ ପରିମାଣ ୭୭ ଲକ୍ଷ କୋଟି ଟଙ୍କା ହୋଇଛି। ଏଥିରେ ଉଦ୍ୟୋଗ ଜଗତର ୨୬ ଲକ୍ଷ କୋଟି ଓ ସେବା କ୍ଷେତ୍ରର ୨୧ ଲକ୍ଷ କୋଟି ଟଙ୍କା ରହିଛି। ଉଭୟକୁ ମିଶାଇଲେ ଏହା ୪୭ କୋଟି ଟଙ୍କା ହେବ।

### ହ୍ୟୁଣ୍ଡାଇ ପକ୍ଷରୁ ସର୍ଭିସ କ୍ୟାମ୍ପ

ଭୁବନେଶ୍ୱର,୨୫-୩
ପ୍ରମୁଖ କାର ନିର୍ମାତା ହ୍ୟୁଣ୍ଡାଇ ପକ୍ଷରୁ ଏହାର ଅଧିକୃତ ଡିଲର ଆଦିତ୍ୟ ହ୍ୟୁଣ୍ଡାଇର ଉତ୍ତରାସ୍ଥିତ ଶୋ'ରୁମରେ ସର୍ଭିସ କ୍ୟାମ୍ପ 'ଏକ୍ସପେରିଏନ୍ସ ହ୍ୟୁଣ୍ଡାଇ' ଆୟୋଜିତ ହୋଇଯାଇଛି। କମ୍ପାନୀର ଏଭିପି ହର୍‌ମୋହନ ମହାନ୍ତି ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଏବଂ ଗ୍ରାହକମାନେ ଉପସ୍ଥିତ ଥିଲେ। ୩୮ ଗ୍ରାହକ ସେମାନଙ୍କ ଯାନକୁ ପରୀକ୍ଷଣ କରିବାକୁ ଏଠାରେ ସୁଯୋଗ ପାଇଥିଲେ। ଭାଲ୍ୟୁଡ କଷ୍ଟମରଙ୍କ ପାଇଁ ନୂଆ ଏବଂ ଏକ୍ସଚେଞ୍ଜ କାରଗୁଡ଼ିକ ମଧ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ କମ୍ପାନୀ ପକ୍ଷରୁ ଲେବର ଚାର୍ଜ ତଥା ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ କରାଯାଇଥିଲା।

■କମ୍ପାନୀ ଆଇନରେ ହେବ ସଂଶୋଧନ

### ସରକାରଙ୍କ ହାତକୁ ଯିବ ବିନା ଦାବିର ଶେୟାର



ନୂଆଦିଲ୍ଲୀ,୨୫-୩: ବିନା ଦାବିର ଶେୟାରକୁ କେନ୍ଦ୍ର ସରକାର ନିଜ ହାତକୁ ନେବା ଲାଗି ଏବେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। କମ୍ପାନୀ ଆଇନରେ ସଂଶୋଧନ ଜରିଆରେ ଏଭଳି ବ୍ୟବସ୍ଥା ଆପଣାଇବାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଉଦ୍ୟମ ଚଳାଇଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଆଇନରେ ସଂଶୋଧନ ଦ୍ୱାରା ଶେୟାର ହସ୍ତାନ୍ତର ପ୍ରକ୍ରିୟା କେନ୍ଦ୍ରୀକୃତ ଓ ସୁଗମ ହେବ ଏବଂ ବିନା ଦାବିର ଲାଭାଂଶକୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ ହୋଇଯିବ। ବର୍ତ୍ତମାନ ସୁଦ୍ଧା ବିନା ଦାବିର ଶେୟାର ଉପରେ ପ୍ରାୟ ୨ହଜାର କୋଟି ଟଙ୍କାର ଲାଭାଂଶ କମ୍ପାନୀଙ୍କ ନିକଟରେ ପଡିରହିଛି। କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, କମ୍ପାନୀ ଆଇନରେ ସଂଶୋଧନ ହେବା ପରେ ଶେୟାର ଉପରେ ଦାବି କରୁଥିବା ବ୍ୟକ୍ତିଙ୍କୁ ଏହାକୁ ନିଜ ନାମରେ ହସ୍ତାନ୍ତର କରିବା ଲାଗି ସରକାରଙ୍କ ସହ ଯୋଗାଯୋଗ କରିବାକୁ ହେବ। ବର୍ତ୍ତମାନ ଶେୟାର ହସ୍ତାନ୍ତର କାର୍ଯ୍ୟ କମ୍ପାନୀ କରିଥାଏ। ଶେୟାରଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ ତାଙ୍କର ଆଇନଗତ ଉତ୍ତରାଧିକାରୀଙ୍କ ନାମରେ କମ୍ପାନୀ ଶେୟାର ହସ୍ତାନ୍ତର କରାଯାଏ। କିନ୍ତୁ ଆଗାମୀ ଦିନରେ ସରକାର ଏହି କାର୍ଯ୍ୟ ନିଜ ହାତକୁ ନେବାକୁ ଯାଉଛନ୍ତି। ଏବେ ବିନା ଦାବିର ଶେୟାର ଲାଭାଂଶ ନିବେଶ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ ନିକଟରେ ଜମା କରାଯାଇଥାଏ। ଏହି ଅର୍ଥକୁ ବିନିଯୋଗ କରି ସେବି ଷ୍ଟକ ମାର୍କେଟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ନିବେଶକଙ୍କୁ ନିବେଶ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାଏ।

# ଜେଟ୍ ଏୟାରୱେଜ ଛାଡ଼ିଲେ ଗୋୟଲ

- ■ଅଧ୍ୟକ୍ଷ ପଦ, ବୋର୍ଡରୁ ଇସ୍ତଫା
- ■ସ୍ତ୍ରୀ ଅନୀତା ଗୋୟଲ ବୋର୍ଡରୁ ଦୂରେଇଲେ
- ■ଋଣପ୍ରଦାନକାରୀ ବ୍ୟାଙ୍କରୁ ମିଳିବ ୧୫୦୦ କୋଟି ତତ୍କାଳ ସହାୟତା
- ■ଏକ ଅନ୍ତରୀଣ ମ୍ୟାନେଜମେଣ୍ଟ କମିଟି ଗଠନ କରାଯିବ



ନୂଆଦିଲ୍ଲୀ,୨୫-୩

ଋଣରେ ବୁଡ଼ି ଯାଇଥିବା ଜେଟ୍ ଏୟାରୱେଜକୁ ସଙ୍କଟରୁ ରକ୍ଷା କରିବା ଲାଗି ପ୍ରମୋଟର ନରେଶ ଗୋୟଲ ଦୀର୍ଘ ୨୬ ବର୍ଷ ପରେ ସୋମବାର ବୋର୍ଡ ତଥା ଅଧ୍ୟକ୍ଷ ପଦରୁ ହଟିଯାଇଛନ୍ତି। ତାଙ୍କ ସ୍ତ୍ରୀ ଅନୀତା ମଧ ବୋର୍ଡରୁ ଇସ୍ତଫା ଦେଇଛନ୍ତି। ଏହି ଦୁଇଜଣଙ୍କ ସହ ବୋର୍ଡରେ ଥିବା କମ୍ପାନୀର ଅନ୍ୟତମ ଅଂଶୀଦାର ଏଟିହାଦର ଜଣେ ସଦସ୍ୟ ମଧ ଓହରି ଯାଇଛନ୍ତି। ଏଥିପୂର୍ବରୁ ଗୋୟଲ ନିଜ ଆଡୁ ଇସ୍ତଫା ଦେବାର ପ୍ରସ୍ତାବ ଦେଇଥିଲେ। ୫୧% ଅଂଶଧନ ରଖିଥିବା ନରେଶ କମ୍ପାନୀର ସଙ୍କଟ ସମୟରେ କର୍ମଚାରୀମାନଙ୍କୁ ଏକ ଭାବବିହ୍ୱଳ ପତ୍ର ଲେଖି ସେମାନଙ୍କ ସହାୟତା ମାଗିବା ସହ କମ୍ପାନୀକୁ ବଞ୍ଚାଇବା ଲାଗି ଯେକୌଣସି ବଳିଦାନ ଦେବାକୁ ପ୍ରସ୍ତୁତ ଥିବା କହିଛନ୍ତି।

ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦେଇ ଜେଟ୍ ଏୟାରୱେଜ କହିଛି ଯେ, ରିଜଲ୍ୟୁଶନ ଯୋଜନାନୁଯାୟୀ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ନେତୃତ୍ୱରେ କମ୍ପାନୀର ଋଣପ୍ରଦାନକାରୀମାନେ ଏହାର ପରିଚାଳନା ଭାର ନିଜ ହାତକୁ ନେବା ସହ ଡେଟ୍ ଇନଷ୍ଟ୍ରୁମେଣ୍ଟସ ଜରିଆରେ ତତ୍କାଳ ୧୫୦୦ କୋଟି ଟଙ୍କା ସହାୟତା ପ୍ରଦାନ କରିବେ। ଋଣପ୍ରଦାନକାରୀଙ୍କ ନେତୃତ୍ୱରେ ଏକ 'ଅନ୍ତରୀଣ ମ୍ୟାନେଜମେଣ୍ଟ କମିଟି' ଗଠନ କରାଯିବ,ଯାହା ମାଧ୍ୟମରେ କମ୍ପାନୀର ଦୈନନ୍ଦିନ କାର୍ଯ୍ୟକଳାପ ଏବଂ ଆର୍ଥିକ ବ୍ୟାପାର ପରିଚାଳନା କରାଯିବ। କମ୍ପାନୀ ପାଇଁ ଏକ ନୂଆ ରଣନୈତିକ ପାର୍ଟନର ଖୋଜିବା ଲାଗି ଖୁବଶୀଘ୍ର ଏକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଜଣେ ଅଧିକାରୀ କହିଛନ୍ତି ଯେ, ଏବେ ଋଣପ୍ରଦାନକାରୀମାନେ ଜେଟ୍‌ର ୫୦.୫% ଅଂଶଧନ ପାଇବେ। ଅନ୍ୟପକ୍ଷରେ ଗୋୟଲଙ୍କ ଅଂଶଧନ ୫୦.୧ପ୍ରତିଶତରୁ ୨୫.୫%କୁ ହ୍ରାସ ପାଇବ। ତାଙ୍କ ଇସ୍ତଫା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଜେଟ୍ ଏୟାରୱେଜ ଶେୟାର ମୂଲ୍ୟ ସୋମବାର ୧୨.୬୯% ବୃଦ୍ଧି ପାଇ ୨୫୪.୫୦ରେ ବନ୍ଦ ହୋଇଛି। ଉଲ୍ଲେଖଥାଉ କି, ବିଭିନ୍ନ କାରଣରୁ ଜେଟ୍ ଏୟାରୱେଜ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା। କମ୍ପାନୀକୁ ବିମାନ ଲିଜ୍‌ରେ ଦେଇଥିବା କମ୍ପାନୀମାନେ ବକେୟା ନ ପାଇବାରୁ ବହୁ ସଂଖ୍ୟାରେ ବିମାନ ଉଡ଼ାଣ ରଦ୍ଦ କରିଛନ୍ତି। କର୍ମଚାରୀଙ୍କୁ ଦରମା ମିଳୁ ନାହିଁ। ଗୋୟଲଙ୍କ ଇସ୍ତଫା ପରେ ଋଣପ୍ରଦାନକାରୀମାନେ ଆଗାମୀ ଦିନରେ ନୂଆ କ୍ରେତା ଖୋଜିବା ଆରମ୍ଭ କରିବେ। ନରେଶଙ୍କ ଅନୁପସ୍ଥିତିରେ ସିଇଓ ବିନୟ ଦୁବେ କମ୍ପାନୀକୁ ସଙ୍କଟମୁକ୍ତ କରିବା ଲାଗି ଯଥାସମ୍ଭବ ପ୍ରୟାସ କରିବେ ବୋଲି କହିଛନ୍ତି। ଅନ୍ୟ ଏକ ସୂଚନାରୁ ଜଣାପଡିଛି ଯେ, ଜେଟ୍‌କୁ ଜରୁରିକାଳୀନ ଫଣ୍ଡ ମିଳିବା ଏବେ ସମ୍ଭବ ହେବ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଓ ଏସ୍‌ବିଆଇ ୨୬ ବର୍ଷ ପୁରୁଣା ଏହି ଏୟାରଲାଇନ୍ସକୁ ପ୍ରାଥମିକତା ଭିତ୍ତିରେ ଜରୁରିକାଳୀନ ଫଣ୍ଡ ଦେବାକୁ ରାଜି ହୋଇଛି। କମ୍ପାନୀକୁ ବଞ୍ଚାଇବା ଲାଗି ନୂଆ ଯୋଜନା ହାତକୁ ନିଆଯିବା ପର୍ଯ୍ୟନ୍ତ ଏଭଳି ବ୍ୟବସ୍ଥା ଜାରି ରହିବ। ପୂର୍ବରୁ ଏସ୍‌ବିଆଇ ଏଭଳି ଫଣ୍ଡ ଦେବାକୁ ବିରୋଧ କରିଆସୁଥିଲା। ବ୍ୟାଙ୍କ ଏହି ସମସ୍ୟାର ଉଚିତ୍ ସମାଧାନ ଚାହୁଁଥିଲା। ଜେଟ୍ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ ହୋଇଗଲେ ବ୍ୟାଙ୍କକୁ ଏଥିରୁ ଫାଇଦା ମିଳିବ ନାହିଁ ବୋଲି ଏସ୍‌ବିଆଇ ଅନୁଭବ କରି ଫଣ୍ଡ ଦେବାକୁ ଏବେ ରାଜି ହୋଇଛି। ସୂଚନାଥାଉ କି, ଜେଟ୍ ଏୟାରୱେଜ ଉପରେ ଏବେ ମୋଟ ୨୬ ବ୍ୟାଙ୍କର ଋଣ ରହିଛି। ଏଥିରେ କେତେକ ଘରୋଇ ଓ ବିଦେଶୀ ବ୍ୟାଙ୍କ ରହିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଭିତରେ କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଣ୍ଡିକେଟ ବ୍ୟାଙ୍କ,ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଆଲ୍ଲାହାବାଦ ବ୍ୟାଙ୍କ ରହିଛି। ଏବେ ଏହି ତାଲିକାରେ ଏସ୍‌ବିଆଇ ଓ ପିଏନ୍‌ବି ସାମିଲ ହୋଇଛନ୍ତି। ଏହି ଘରୋଇ ଏୟାରଲାଇନ୍ସ ଉପରେ ଏବେ ୮,୨୦୦ କୋଟି ଟଙ୍କାର ଋଣ ରହିଛି ଏବଂ ମାର୍ଚ୍ଚ ସୁଦ୍ଧା ୧୭୦୦ କୋଟି ଟଙ୍କା ବକେୟା ବାବଦରେ ଦେବାକୁ ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜେଟ୍ ଏୟାରୱେଜକୁ ବଞ୍ଚାଇବା ଲାଗି କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବା ପରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ନୃପେନ୍ଦ୍ର ମିଶ୍ର, ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲାଙ୍କୁ ଭେଟିଥିଲେ।

**ନୀତି ନିର୍ଦ୍ଧାରକଙ୍କ ଲାଗି ସତର୍କଘଣ୍ଟି: ସ୍ପାଇସଜେଟ ମୁଖ୍ୟ**

ଜେଟ୍ ଏୟାରୱେଜ ବୋର୍ଡରୁ ପ୍ରମୋଟର ନରେଶ ଗୋୟଲଙ୍କ ଇସ୍ତଫା ଖବର ପ୍ରଚାରିତ ହେବା ପରେ ସ୍ପାଇସଜେଟ ମୁଖ୍ୟ ଅଜୟ ସିଂହ ଏହାକୁ ଭାରତୀୟ ବିମାନ କ୍ଷେତ୍ର ଲାଗି ଏକ ଦୁଃଖଦ ଦିନ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଗୋୟଲଙ୍କ ଇସ୍ତଫା ନୀତି ନିର୍ଦ୍ଧାରକଙ୍କ ଲାଗି ଏକ ସତର୍କଘଣ୍ଟି କୁହାଯାଇପାରେ। ଘରୋଇ ବିମାନ କମ୍ପାନୀଙ୍କ ମଧ୍ୟରେ ପ୍ରତିଯୋଗିତା କମାଇବାକୁ ହେଲେ ଢାଞ୍ଚାଗତ ଆହ୍ୱାନକୁ ଦୂର କରିବାକୁ ହେବ। ନୀତି ନିର୍ଦ୍ଧାରକଙ୍କୁ ଏଥିପାଇଁ ସଜାଗ ହେବାକୁ ପଡିବ। ନରେଶ ଓ ଅନୀତା ଗୋୟଲ ବିଶ୍ୱସ୍ତରୀୟ ବିମାନ କମ୍ପାନୀ ଆରମ୍ଭ କରି ଦେଶକୁ ଗୌରବାନ୍ୱିତ କରିଥିଲେ ବୋଲି ସେ କହିଛନ୍ତି।

**୩୧ ମେ ସୁଦ୍ଧା ନୂଆ କ୍ରେତା ମିଳିଯିବେ: ରଜନୀଶ କୁମାର**

ଜେଟ୍ ଏୟାରୱେଜରୁ ପ୍ରମୋଟର ନରେଶ ଗୋୟଲ ଓ ତାଙ୍କ ସ୍ତ୍ରୀ ହଟିଯିବା ପରେ ନିଜ ପ୍ରତିକ୍ରିୟାରେ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତ ଯେ, ଏହି ଏୟାରଲାଇନ୍ସ କମ୍ପାନୀ ପାଇଁ ଆସନ୍ତା ମେ' ୩୧ ସୁଦ୍ଧା ନୂଆ କ୍ରେତା ମିଳିଯିବେ ବୋଲି ତାଙ୍କର ଆଶା। ଯେକୌଣସି ବ୍ୟକ୍ତି ଏଥିପାଇଁ ଆଗେଇ ଆସିପାରିବେ। ଏଥିପାଇଁ ବିଡ୍ ଆହ୍ୱାନ କରାଯିବ। କମ୍ପାନୀର ନିୟନ୍ତ୍ରଣ ପାଇବା ଲାଗି କୌଣସି କଟକଣା ନାହିଁ।

### ମୋଦି,ରୁପାନୀଙ୍କ ଫଟୋ ଥିବା ବୋର୍ଡିଂ ପାସ୍ ପ୍ରତ୍ୟାହାର କଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୫-୩

ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ଫଟୋ ଥିବା ବୋର୍ଡିଂ ପାସ୍‌କୁ ପ୍ରତ୍ୟାହାର କରିନେଇଛି। ଏସଂକ୍ରାନ୍ତରେ କମ୍ପାନୀ ମୁଖପାତ୍ର ଧନଞ୍ଜୟ କୁମାର ସୂଚନା ଦେଇଛନ୍ତି। ଆଚରଣ ବିଧି ଉଲ୍ଲଂଘନ ହେଉଥିବା ଅଭିଯୋଗ ମିଳିଲେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲାଗିଥିବା ବୋର୍ଡିଂ ପାସ୍‌କୁ ପ୍ରତ୍ୟାହାର କରାଯିବ ବୋଲି ପୂର୍ବରୁ ଏୟାର ଇଣ୍ଡିଆ ଘୋଷଣା କରିଥିଲା। ତୃତୀୟ ପକ୍ଷରୁ ଦିଆଯାଇଥିବା ବିଜ୍ଞାପନ ବାବଦରେ ଏହି ବୋର୍ଡିଂ ପାସ୍ ଛପାଯାଇଥିଲା। ପୂର୍ବତନ ପଞ୍ଜାବ ଡିଜିପି ଶଶିକାନ୍ତ ନୂଆଦିଲ୍ଲୀ ବିମାନ ବନ୍ଦରରୁ ଜାରି କରାଯାଇଥିବା ବୋର୍ଡିଂ ପାସ୍‌ରେ ଉକ୍ତ ଦୁଇଜଣଙ୍କ ଫଟୋ ରହିଥିବା ଦର୍ଶାଇ ସୋମବାର ନିଜ ଟୁଇଟର ହ୍ୟାଣ୍ଡଲରେ ଅପ୍‌ଲୋଡ କରିଥିଲେ ଏବଂ ଏହା କିପରି ସମ୍ଭବ ହେଲା ବୋଲି ପ୍ରଶ୍ନ କରିଥିଲେ। ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି ଯେ, ଏବେ ଜାରି କରାଯାଇଥିବା ବୋର୍ଡିଂ ପାସ୍ ଗୁଜରାଟରେ ଅନୁଷ୍ଠିତ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀ ବେଳେ ସମ୍ଭବତଃ ଛପା ଯାଇଥିଲା। ଏୟାର ଇଣ୍ଡିଆର ଏଥିରେ କୌଣସି ସମ୍ପୃକ୍ତି ନାହିଁ। ଏହା କେବଳ ଗୁଜରାଟ ପାଇଁ ନୁହେଁ ବରଂ ସାରା ଦେଶ ପାଇଁ ବ୍ୟବହାର କରାଯାଇଥିଲା। ସୂଚନାଥାଉ କି, ତୃଣମୂଳ କଂଗ୍ରେସ ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବା ପରେ ଗତ ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ଟିକେଟକୁ ରେଲୱେ ପ୍ରତ୍ୟାହାର କରିନେଇଛି।

## ନଅ ଦିନ ଆଂଶିକ ବାତିଲ ହେବ ପ୍ରଶାନ୍ତି ଏକ୍ସପ୍ରେସ

ଭୁବନେଶ୍ୱର,୨୫-୩



ପୁରୀ-ଯଶୋବନ୍ତପୁର ଗରିବ ରଥ ଏକ୍ସପ୍ରେସ ଦିନକ ପାଇଁ ବାତିଲ ହେବ। ସେହିଭଳି ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସକୁ ନଅ ଦିନ ପାଇଁ ଆଂଶିକ ବାତିଲ କରାଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଦକ୍ଷିଣ ପଶ୍ଚିମ ରେଳପଥର ବାଙ୍ଗାଲୋର ରେଳମଣ୍ଡଳ ଅନ୍ତର୍ଗତ ୟେଲହଂକା ଓ ଧର୍ମାବରମ ରେଳ ସେକ୍ସନରେ ନିରାପତ୍ତା ସଂକ୍ରାନ୍ତ ଆଧୁନିକୀକରଣ ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ଏହି ଟ୍ରେନଗୁଡ଼ିକର ଚଳାଚଳ ନେଇ ଏଭଳି ନିଷ୍ପତ୍ତି ହୋଇଛି। ପୁରୀଠାରୁ ଛାଡିବାକୁ ଥିବା ପୁରୀ-ଯଶୋବନ୍ତପୁର ଗରିବ ରଥ ଏକ୍ସପ୍ରେସ ମାର୍ଚ୍ଚ ୨୯ରେ ଏବଂ ଯଶୋବନ୍ତପୁରଠାରୁ ଛାଡିବାକୁ ଥିବା ଯଶୋବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ ମାର୍ଚ୍ଚ ୩୦ରେ ବାତିଲ ରହିବ ବୋଲି ଜଣାପଡିଛି। ସେହିପରି ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଭୁବନେଶ୍ୱରଠାରୁ ମାର୍ଚ୍ଚ ୨୭ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଏବଂ ବାଙ୍ଗାଲୋରଠାରୁ ମାର୍ଚ୍ଚ ୨୮ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଉଭୟ ଦିଗରୁ ଭୁବନେଶ୍ୱର ଓ ସତ୍ୟସାଇ ପ୍ରଶାନ୍ତି ନିଳୟମ (ଏସଏସନ୍‌ପିଏନ) ମଧ୍ୟରେ ଚଳାଚଳ କରିବ । ଏହା ଏସ୍‌ଏସ୍‌ପିଏନ ଓ ବାଙ୍ଗାଲୋର ମଧ୍ୟରେ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଏସ୍‌ବିଆଇ ଲାଇଫ୍‌ର ଥାଙ୍କସ୍ ଏ ଡଟ୍ ଅଭିଯାନ

ଭୁବନେଶ୍ୱର,୨୫-୩

SBI Life INSURANCE With Us. You're Sure

ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ସ୍ତନ କର୍କଟ ସଂକ୍ରାନ୍ତ ସଚେତନତା ସୃଷ୍ଟି କରିବା ପାଇଁ 'ଥାଙ୍କସ୍ ଏ ଡଟ୍' ନାମକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟାଟା ମେମୋରିଆଲ ହସ୍ପିଟାଲ୍‌ର ଓମେନ୍ କ୍ୟାନସର ଇନିସିଏଟିଭ୍ ସହଯୋଗରେ ଏହି ଅଭିଯାନ ଉନ୍ମୋଚନ ହୋଇଛି। ଅତି ସାଧାରଣ ପରୀକ୍ଷା ଜରିଆରେ ସ୍ତନ କର୍କଟକୁ ଆଗୁଆ ଚିହ୍ନଟ କରିବା ଏହି ଅଭିଯାନରେ ପ୍ରମୁଖ ଲକ୍ଷ୍ୟ। ମହିଳାମାନେ ଏସ୍‌ବିଆଇ ଲାଇଫ୍‌ର କର୍ପୋରେଟ୍ ୱେବସାଇଟ୍‌ରୁ ମାଗଣାରେ ସହଜରେ ବ୍ୟବହାର ହେଉଥିବା ସ୍ତନ କର୍କଟ ଚିହ୍ନଟ ମୋଡ୍ୟୁଲ ମଗାଇପାରିବେ। ଅଭିଯାନ ସମ୍ପର୍କରେ କମ୍ପାନୀର ବ୍ରାଣ୍ଡ ଓ କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, ଥାଙ୍କସ୍ ଏ ଡଟ୍ ଅଭିଯାନ ମହିଳାମାନଙ୍କୁ ସ୍ତନ କର୍କଟ ଚିହ୍ନଟ ନେଇ ସଚେତନ କରିବା ଦିଗରେ ସହାୟକ ହେବ।

### ଅଜୀମ୍ ପ୍ରେମଜୀଙ୍କ ବଦାନ୍ୟତାରେ ଗେଟ୍‌ସ ମୁଗ୍ଧ

ନୂଆଦିଲ୍ଲୀ,୨୫-୩

ନିକଟରେ ୱିପ୍ରୋ ପ୍ରତିଷ୍ଠାତା ଅଜୀମ ପ୍ରେମଜୀ କମ୍ପାନୀରେ ଥିବା ନିଜର ୩୪ ପ୍ରତିଶତ ଅର୍ଥାତ୍ ୫୨,୭୫୦ କୋଟି ଟଙ୍କାର ଶେୟାରକୁ ଅଜୀମ ପ୍ରେମଜୀ ଫାଉଣ୍ଡେଶନକୁ ଦାନ କରିଦେଇଛନ୍ତି। ତାଙ୍କର ଏହି ବଦାନ୍ୟତାରେ ବେଶ୍ ପ୍ରଭାବିତ ହୋଇଛନ୍ତି ବିଶ୍ୱର ଦ୍ୱିତୀୟ ସର୍ବବୃହତ ଧନୀ ବିଲ୍ ଗେଟ୍‌ସ। ସେ ଏ ସମ୍ପର୍କରେ ନିଜର ଟୁଇଟ୍‌ରେ ଉଲ୍ଲେଖ କରି କହିଛନ୍ତି ଯେ, ପ୍ରେମଜୀଙ୍କ ଏହି ନିଷ୍ପତ୍ତିରେ ସେ ବିଶେଷଭାବେ ମୁଗ୍ଧ ହୋଇଛନ୍ତି। ତାଙ୍କର ଯୋଗଦାନ ଅତ୍ୟନ୍ତ ପ୍ରଭାବ ପକାଇବ। ପରୋପକାର ଲାଗି ଅଜୀମ ପ୍ରେମଜୀ ଅଦ୍ୟାବଧି ୧,୪୫,୦୦୦ କୋଟି ଟଙ୍କା ଦାନ କରିସାରିଛନ୍ତି। ୱିପ୍ରୋରେ ତାଙ୍କର ୬୭ ପ୍ରତିଶତ ଅଂଶଧନ ରହିଛି। ଫୋର୍ବ୍ସ ପତ୍ରିକା ରିପୋର୍ଟ ଅନୁଯାୟୀ ତାଙ୍କ ସମ୍ପତ୍ତିର ପରିମାଣ ୨୧.୮ ବିଲିୟନ ଡଲାର ଏବଂ ସେ ଏସିଆରେ ଶୀର୍ଷ ଧନୀଙ୍କ ମଧ୍ୟରେ ଅନ୍ୟତମ। ଅଜୀମ ପ୍ରେମଜୀଙ୍କ ଫାଉଣ୍ଡେଶନ ଶିକ୍ଷା କ୍ଷେତ୍ରରେ କାମ କରୁଛି। ସରକାରୀ ସ୍କୁଲ ବ୍ୟବସ୍ଥାକୁ ଉନ୍ନତ କରିବା ତାଙ୍କର ଲକ୍ଷ୍ୟ ରହିଛି।

## ଭେଙ୍କଟରାମ ମାମିଲାପାଲି ରେନୋ ଇଣ୍ଡିଆ ଏମ୍‌ଡି

ନୂଆଦିଲ୍ଲୀ,୨୫-୩

ପ୍ରମୁଖ ଅଟୋ ନିର୍ମାତା ରେନୋ ଇଣ୍ଡିଆ ଭେଙ୍କଟରାମ ମାମିଲାପାଲିଙ୍କୁ ନୂତନ ଦେଶୀୟ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ସିଇଓ ଅବସ୍ଥାପିତ କରିଛି । ଅଟୋମୋଟିଭ୍ କ୍ଷେତ୍ରରେ ୨୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କର ଅଭିଜ୍ଞତା ରହିଛି। ସେ ଭାରତ ଓ ସାର୍କ ଦେଶମାନଙ୍କରେ ରେନୋର ପରିଚାଳନା ସମ୍ଭାଳିବେ। ଏହା ପୂର୍ବରୁ ଭେଙ୍କଟରାମ ରୁଷିଆରେ ରେନୋ-ନିଶାନ-ଆଭ୍‌ଟୋବାଜ୍ ମୁଖ୍ୟ ଥିଲେ। ଗ୍ରୁପ ରେନୋରେ ଯୋଗ ଦେବା ପୂର୍ବରୁ, ଭେଙ୍କଟରାମ ଭାରତୀୟ ଓ ବିଶ୍ୱସ୍ତରୀୟ ଓଇଏମ୍‌ଗୁଡ଼ିକରେ ପ୍ରମୁଖ ପଦପଦବୀରେ କାର୍ଯ୍ୟ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭାରତୀୟ ଅଟୋମୋବାଇଲ ବଜାରରେ ନୂତନ ପ୍ରବେଶ ଭାବେ ରେନୋ ଇଣ୍ଡିଆ ଗତବର୍ଷ ୫,୦୦,୦୦୦ ଯାନ ବିକ୍ରି ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଏହି ଲକ୍ଷ୍ୟ ହାସଲ କରିବାରେ ଭାରତରେ ଦ୍ରୁତତମ ଅଟୋମୋବାଇଲ୍ ବ୍ରାଣ୍ଡମାନଙ୍କ ମଧ୍ୟରେ କମ୍ପାନୀ ଅନ୍ୟତମ। ଭାରତ ହେଉଛି ଗ୍ରୁପ୍ ରେନୋ ପାଇଁ ଏକ ରଣନୀତିଭିତ୍ତିକ ବଜାର। ରେନୋର ମିଡିଅମ୍-ଟର୍ମ ଯୋଜନାର ସଫଳତା ପାଇଁ କମ୍ପାନୀର ଏକ ସ୍ପଷ୍ଟ 'ଭାରତୀୟ ନୀତି' ରହିଛି ବୋଲି କମ୍ପାନୀ ସୂଚନା ଦେଇଛି।

RENAULT Passion for life

## ମୁଦ୍ରାନୀତି ଘୋଷଣା ପୂର୍ବରୁ ଜେଟ୍‌ଲୀଙ୍କୁ ଭେଟିଲେ ଗଭର୍ନର

ନୂଆଦିଲ୍ଲୀ,୨୫-୩

ଆସନ୍ତା ଆର୍ଥିକ ବର୍ଷ ଲାଗି ଏପ୍ରିଲ ୨ରୁ ୪ ଯାଏ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ବୈଠକ ବସିବାକୁ ଯାଉଛି। ଏହାପୂର୍ବରୁ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟିଛନ୍ତି। ଦୁହିଁଙ୍କ ମଧ୍ୟରେ ବର୍ତ୍ତମାନର ଆର୍ଥିକ ପରିସ୍ଥିତି ନେଇ ଆଲୋଚନା ହୋଇଥିବା ମନେ କରାଯାଉଛି। ବୈଠକ ଶେଷରେ ଦାସ କହିଛନ୍ତି ଯେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। ମୁଦ୍ରାନୀତି ଘୋଷଣା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିବାର ଏକ ପରମ୍ପରା ରହିଛି, ଏହା ତା'ର ଏକ ଅଂଶବିଶେଷ କୁହାଯାଇପାରେ। ସୂଚନାଥାଉ କି, ଏପ୍ରିଲ ୧୧ରୁ ଦେଶରେ ସାଧାରଣ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ମୁଦ୍ରାନୀତି ଘୋଷଣା ବିଶେଷ ଗୁରୁତ୍ୱ ବହନ କରୁଛି। ସୂଚନାଥାଉ କି, ଦୀର୍ଘ ୧୮ ମାସ ପରେ ଆର୍‌ବିଆଇ ଏହାର ଫେବୃୟାରୀ ମୁଦ୍ରାନୀତିରେ ରେପୋ ରେଟ ହ୍ରାସ କରିଥିଲା।

### ପେମେଣ୍ଟ ବ୍ୟାଙ୍କ ପ୍ରମୁଖଙ୍କୁ ଭେଟିବେ

**ମୁମ୍ବାଇ,୨୫-୩:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଚଳିତ ସପ୍ତାହରେ ଦେଶର ଭିନ୍ନ ଭିନ୍ନ ପେମେଣ୍ଟ ବ୍ୟାଙ୍କ ପ୍ରମୁଖଙ୍କୁ ସାକ୍ଷାତ କରିବେ। ପେମେଣ୍ଟ ବ୍ୟାଙ୍କଗୁଡ଼ିକର ଅସୁବିଧା ଓ ସେମାନଙ୍କ ସମସ୍ୟାକୁ ବୁଝି ସମାଧାନ ପନ୍ଥା ବାହାର କରିବା ଲାଗି ଆର୍‌ବିଆଇ ଉଦ୍ୟମ କରୁଛି। ଏ ସମ୍ପର୍କରେ ଦାସ ସୂଚନା ଦେଇଛନ୍ତି। କ୍ଷୁଦ୍ର କମ୍ପାନୀଙ୍କୁ ରେଗୁଲେଟୋରୀ ସ୍ୟାଣ୍ଡବକ୍ସ ସୁବିଧା ଦେବା ଲାଗି ଆର୍‌ବିଆଇ ଆସନ୍ତା ୨ ମାସ ମଧ୍ୟରେ ଗାଇଡଲାଇନ ଜାରି କରିବ ବୋଲି ଦାସ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ସ୍ୟାଣ୍ଡବକ୍ସ ପ୍ରଣାଳୀ ଏଭଳି ଏକ ମାଧ୍ୟମ ଯାହା କୌଣସି ନୂଆ ଟେକ୍ନୋଲୋଜି ଆପଣାଇବା ପୂର୍ବରୁ ଏହାର ପ୍ରୟୋଗ ଶିଖିବାର ସୁଯୋଗ ଦେଇଥାଏ। ଅଦ୍ୟାବଧି ୭ ପେମେଣ୍ଟ ବ୍ୟାଙ୍କ ସ୍ୟାଣ୍ଡବକ୍ସ ପ୍ରଣାଳୀ ଆରମ୍ଭ କରିସାରିଛନ୍ତି। ଘରେ ଘରେ ବ୍ୟାଙ୍କିଙ୍ଗ ସେବାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଆର୍‌ବିଆଇ ପେମେଣ୍ଟ ବ୍ୟାଙ୍କଗୁଡ଼ିକୁ କାରବାର କରିବାର ଅନୁମତି ଦେଇଛି।

## ପେଣ୍ଟିଂ ନିଲାମ ରୋକିବାକୁ ନୋଟିସ ଦେଲେ ନୀରବ ମୋଦି

ନୂଆଦିଲ୍ଲୀ,୨୫-୩

ମୁମ୍ବାଇର ସ୍ୱତନ୍ତ୍ର ଅଦାଲତ ଆୟକର ବିଭାଗକୁ ନୀରବ ମୋଦି ଓ ତାଙ୍କ ଭୁତ କମ୍ପାନୀ କେମ୍‌ଲଟ ଏଣ୍ଟରପ୍ରାଇଜେସର ୬୮ ପେଣ୍ଟିଂ ନିଲାମ କରିବାକୁ ଅନୁମତି ଦେଇଛନ୍ତି। ତିନି ଦିନିଆ ନିଲାମୀ ରୋକିବା ଲାଗି ନୀରବଙ୍କ କମ୍ପାନୀ ଆୟକର ବିଭାଗକୁ ଆଇନଗତ ନୋଟିସ ପଠାଇ ଏହି ପ୍ରକ୍ରିୟାକୁ ବେଆଇନ ଦର୍ଶାଇଛି। ଏହି ପେଣ୍ଟିଂଗୁଡ଼ିକର ବଜାର ମୂଲ୍ୟ ପ୍ରାୟ ୫୭.୭୨ କୋଟି ଟଙ୍କା ହେବ ଯାହାର ନିଲାମ ମଙ୍ଗଳବାର କରାଯିବ। ଉଲ୍ଲେଖଥାଉ କି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ଲଣ୍ଡନ ଜେଲ୍‌ରେ ବନ୍ଦୀ ଥିବା ନୀରବଙ୍କଠାରୁ ପ୍ରାୟ ୯୫.୯୧ କୋଟି ଟଙ୍କା ହାସଲ କରିବା ଲାଗି ଆୟକର ବିଭାଗ ତାଙ୍କର ୧୭୩ ପେଣ୍ଟିଂ ଜବତ କରିଥିଲା। ବ୍ରିଟେନର କ୍ୟାମଲେଟସ୍ଥିତ ଆଇନ ପରାମର୍ଶଦାତା କମ୍ପାନୀ ଲ'ଫାର୍ମ ଇଣ୍ଡିଆ ଲ'ଆଲାଏନ୍ସ ଆଡ୍‌ଭୋକେଟ୍ସ ନିଜର ଲିଗାଲ ନୋଟିସରେ ଦର୍ଶାଇଛି ଯେ, ଅନ୍‌ଲାଇନ ଆର୍ଟ କ୍ୟାଟେଲଗ ସେଫର୍ନଆର୍ଟ ଅନ୍‌ଲାଇନରେ ନିଲାମ ପାଇଁ ୬୮ ପେଣ୍ଟି ଦର୍ଶାଯାଇଛି। ଏଥିରୁ ମାତ୍ର ୧୯ଟି କମ୍ପାନୀର ହୋଇଥିବା ବେଳେ ନିଲାମ ପ୍ରକ୍ରିୟା ବେଆଇନ ଓ ଏହାକୁ ତୁରନ୍ତ ରୋକାଯିବା ଆବଶ୍ୟକ। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ, ମୋଦି ଓ ତାଙ୍କ କମ୍ପାନୀ ଉଭୟ ଏହି ପେଣ୍ଟିଂର ଲାଭାର୍ଥୀ। ଏଣୁ ଏହାର ନିଲାମ ଲାଗି ଅଦାଲତଙ୍କ ଅନୁମତି ନିଆଯାଇଥିଲା।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidders for Supply of **Portable DG set & Battery charger.** The last date and time of submission of the tender is **17.15 Hours** on **Dt.11/04/2019.** For details, log on to website : **https://eprocure.gov.in/eprocure/app**
**Sr. Dy. Materials Manager**
**PPT/PR/699/18-19 Dt-21.03.19**

**THE ASKA CO-OPERATIVE SUGAR INDUSTRIES LTD.**
**P.O.: Nuagam, (Aska) 761111, Dist. Ganjam, Odisha State**
**Ph:06822-273464, 273465, 273737, Fax:06822-273023**
**e-mail: askasugar@yahoo.co.in GSTIN:21AAAAT5989L1Z0**
No.PUR./3891/date.20.03.2019
SHORT QUOTATION CALL NOTICE
The Aska Cooperative Sugar Industries Ltd., Aska invites sealed Quotations from Manufacturer having GSTIN for supply of Corrugated Boxes for its bottling unit. Manufacturer are requested to give their offer with detail terms & conditions on or before 05:00 PM. on 27.03.2019 & visit our website **www.askasugar.com** for details of the short Quotation Call Notice.
**Sd./- Managing Director**

"ଦଳର ଆବଶ୍ୟକତା ଅନୁସାରେ ବ୍ୟାଟିଂ ଅର୍ଡରରେ ଯେକୌଣସି ସ୍ଥାନରେ ମୁଁ ବ୍ୟାଟିଂ କରିବାକୁ ପ୍ରସ୍ତୁତ ।
–ରିଷଭ ପନ୍ତ, ଉଇକେଟକିପର ବ୍ୟାଟ୍ସମ୍ୟାନ



"ବିଶ୍ୱ ଚାମ୍ପିୟନଶିପ୍ ଏବଂ ଅଲିମ୍ପିକ୍ସରେ ପଦକ ଜିତିବାକୁ ହେଲେ ଜଣେ ଖେଳାଳିଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ହେବାକୁ ପଡ଼ିବ ।
–କୀଡ଼ାମ୍ବି ଶ୍ରୀକାନ୍ତ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ସେମିରେ ଯାଦବପୁର

**ଭୁବନେଶ୍ୱର, ୨୫।୩(କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ (ପୁରୁଷ) ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଖେଳ ସୋମବାର ଶେଷ ହୋଇଛି। ଉନ୍ନତ ପ୍ରଦର୍ଶନ ସହ ଯାଦବପୁର ବିଶ୍ୱବିଦ୍ୟାଳୟ ଦଳ ଉଭୟ ଟ୍ୟାକ୍‌ଲ ଓ ଫ୍ଲାଗ୍ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଟ୍ୟାକ୍‌ଲ ଫୁଟବଲରେ ଯାଦବପୁର ସହିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ପାଇଛି। ସେହିପରି ଫ୍ଲାଗ୍ ଫୁଟବଲରେ ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ମନିପାଲ, ପୂର୍ଣ୍ଣିମା ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ଓ ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ।

### ପ୍ରୋ କବାଡ଼ି ଲିଗ୍: ୨୯ ଖେଳାଳି ଅପରିବର୍ତ୍ତିତ

**ମୁମ୍ବାଇ, ୨୫।୩ (ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଆଗାମୀ ୭ମ ସଂସ୍କରଣ ଲାଗି ସୋମବାର ୨୯ ଜଣ ଖେଳାଳିଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ ପକ୍ଷରୁ ଦଳରେ ଅପରିବର୍ତ୍ତିତ (ରିଟେନ୍) ରଖାଯାଇଛି। ଏହି ଖେଳାଳିମାନେ 'ଏଲିଟ୍ ରିଟେନ୍ ପ୍ଲେୟାର' କାଟାଗୋରୀରେ ରହିଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଗତ ସିଜନ ଅପେକ୍ଷା ଚଳିତ ବର୍ଷ ରିଟେନ ଖେଳାଳିଙ୍କ ତାଲିକା ବୃଦ୍ଧି ପାଇଛି। ୨୦୧୮ ସଂସ୍କରଣରେ ମୋଟ୍ ୨୧ ଜଣ ଖେଳାଳି ରିଟେନ ରହିଥିଲେ। ଦଳ ରିଟେନ୍ କରି ନ ଥିବା ଖେଳାଳି ଏପ୍ରିଲ ୮ ଓ ୯ରେ ଦୁଇଦିନ ଧରି ହେବାକୁ ଥିବା ନିଲାମୀରେ ସାମିଲ ହେବେ ବୋଲି ଜଣାପଡ଼ିଛି। ପିକେଏଲ୍‌ର ଆଗାମୀ ସଂସ୍କରଣ ଆସନ୍ତା ଜୁଲାଇ ୧୯ରୁ ଆରମ୍ଭ ହେବ। ଚଳିତ ବର୍ଷ ଲାଗି ରିଟେନ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ଗୋଟିଏ ଫ୍ରାଞ୍ଚାଇଜ ୪ ପରିବର୍ତ୍ତେ ସର୍ବାଧିକ ୬ ଖେଳାଳିଙ୍କୁ ଦଳରେ ରିଟେନ୍ ରଖିପାରିବ। ଚଳିତ ବର୍ଷ ମଧ୍ୟ 'ରିଟେନ୍ ୟଙ୍ଗ୍ ପ୍ଲେୟାର' ଭାବେ ଏକ ନୂତନ କାଟାଗୋରୀ ରଖାଯାଇଛି। ରିଟେନ୍ ରହିଥିବା ୨୯ ଜଣ ଖେଳାଳିଙ୍କ ମଧ୍ୟରେ ତାମିଲ ଥଲାଇଭାସ ଲଗାତର ୨ୟ ବର୍ଷ ପାଇଁ ଅଭିଜ୍ଞ ଅଜୟ ଠାକୁର ଓ ମନଜିତ୍ ଚିଲ୍ଲରଙ୍କୁ ଦଳରେ ରଖିଛି। ସେହିଭଳି ରୋହିତ୍ କୁମାର, ପୱନ ସେରାୱତ୍ (ଉଭୟ ବେଙ୍ଗାଲୁରୁ ବୁଲ୍ସ), ଫଜେଲ ଅତ୍ରାଚଲି (ୟୁ ମୁମ୍ବା), ପ୍ରଦୀପ ନରୱାଲ (ପାଟନା ପାଇରେଟ୍ସ), ଦୀପକ ହୁଡା, ସନ୍ଦୀପ ଧୁଲ (ଉଭୟ ଜୟପୁର ପିଙ୍କ ପାନ୍ଥର୍ସ), ଯୋଗୀନ୍ଦର ନରୱାଲ (ଦବଙ୍ଗ ଦିଲ୍ଲୀ), ମନିନ୍ଦର ସିଂ (ବେଙ୍ଗଲ ୱାରିୟର୍ସ), ବିକାଶ ଖଣ୍ଡୋଲା (ହରିୟାଣା ଷ୍ଟିଲର୍ସ), ସଚିନ (ଗୁଜରାଟ ଫରଚ୍ୟୁନ ଜିଆଣ୍ଟ୍ସ) ପ୍ରମୁଖ ସେମାନଙ୍କ ନିଜ ନିଜ ଫ୍ରାଞ୍ଚାଇଜ ଦ୍ୱାରା ରିଟେନ୍ ରହିଛନ୍ତି।

### ରିକି ସ୍କେରିଟ ସିଡବ୍ଲ୍ୟୁଆଇ ସଭାପତି

**କିଙ୍ଗଷ୍ଟନ, ୨୫।୩:** କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)ର ବିବାଦୀୟ ସଭାପତି ଡେଭ କେମରୁନ ଭୋଟ ପ୍ରକ୍ରିୟାରେ ହାରି ଯାଇଛନ୍ତି। ତାଙ୍କୁ ୮ ଖଣ୍ଡ ଭୋଟରେ ହରାଇ ୱେଷ୍ଟ ଇଣ୍ଡିଜ ଦଳର ପୂର୍ବତନ ମ୍ୟାନେଜର ରିକି ସ୍କେରିଟ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସ୍କେରିଟଙ୍କ ସାଥୀ କିଶୋର ଶାଲୋ ଉପସଭାପତି ପଦ ପାଇଁ ସମାନ ସଂଖ୍ୟକ ଭୋଟରେ ବିଜୟୀ ହୋଇଛନ୍ତି। କେମରୁନଙ୍କ ୬ ବର୍ଷ କାର୍ଯ୍ୟକାଳରେ ବହୁ ବିବାଦ ଦେଖାଦେଇଥିଲା। ଇଣ୍ଡିଜ ଦଳର ସିନିୟର ଖେଳାଳି ଡାରେନ ସାମି ଓ କ୍ରିସ୍ ଗେଲ୍‌ଙ୍କ ସହ ମଧ୍ୟ ତାଙ୍କର ମତଭେଦ ହୋଇଥିଲା। ଏହାବାଦ୍ ୪୭ ବର୍ଷୀୟ ଜାମାଇକାନ ପ୍ରଶାସକ ୨୦୧୬ରେ ଜାତୀୟ ଦଳର ମୁଖ୍ୟ କୋଚ୍ ଫିଲ ସିମନ୍ସଙ୍କୁ ବିଦା କରିଥିଲେ। ପୂର୍ବତନ ଇଣ୍ଡିଜ ଦଳର ବ୍ୟାଟ୍ସମ୍ୟାନ ସିମନ୍ସ ଏବେ ଆଫଗାନିସ୍ତାନ ଦଳର କୋଚ୍ ପଦରେ ଅଛନ୍ତି। ୪ ବର୍ଷ ପୂର୍ବେ ବୋର୍ଡ ସହ ଆର୍ଥିକ ବିବାଦ ନେଇ ୨୦୧୬ ଭାରତ ଗସ୍ତ ମଝିରୁ ସ୍ୱଦେଶ ଫେରିଯାଇଥିଲେ। ଏହାଦ୍ୱାରା ବୋର୍ଡର ମାନହାନି ହେବା ସହ କ୍ଷତିପୂରଣ ଭରିବାକୁ ପଡ଼ିଥିଲା।

# ଭାରତ–ମାଲେସିଆ ମ୍ୟାଚ ଆଜି

**ଇପୋ (ମାଲେସିଆ), ୨୫।୩(ପି.ଟି.)**



**ସୁଲତାନ ଆଜଲାନଶାହ କପ୍ ହକି**

ଏଠାରେ ଚାଲିଥିବା ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟରେ ଭାରତର ତୃତୀୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି ମାଲେସିଆ। ପ୍ରଥମ ମ୍ୟାଚରେ ଜାପାନକୁ ହରାଇବା ପରେ ଦ୍ୱିତୀୟ ମ୍ୟାଚକୁ ଦକ୍ଷିଣ କୋରିଆ ସହିତ ଡ୍ର ରଖିଥିବା ଭାରତ ମଙ୍ଗଳବାର ତୃତୀୟ ଲିଗ୍ ମ୍ୟାଚରେ ମାଲେସିଆକୁ ଭେଟିବାକୁ ଯାଉଛି। ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନକୁ ୨–୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା ଭାରତ। ଦ୍ୱିତୀୟ ମ୍ୟାଚରେ ଅନେକ ସମୟ ପର୍ଯ୍ୟନ୍ତ ୧–୦ ଗୋଲରେ ଅଗ୍ରଣୀ ରହିଥିଲେ ହେଁ ଶେଷ ମୁହୂର୍ତ୍ତ ଗୋଲ ବରଣ ଦଳପାଇଁ ମହଙ୍ଗା ପଡ଼ିଥିଲା ଏବଂ ୧–୧ ଗୋଲରେ ମ୍ୟାଚ ଡ୍ର ରଖିବାକୁ ବାଧ୍ୟ ହୋଇଥିଲା। ଏହାକୁ ମନରେ ରଖି ଭାରତୀୟ ଦଳ ମାଲେସିଆ ବିପକ୍ଷ ମ୍ୟାଚରେ ପଡ଼ିଆକୁ ଓହ୍ଲାଇବ। କାରଣ ନିକଟ ଅତୀତରେ ମାଲେସିଆ ଭାରତର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଛି। ୬ ଦଳ ବିଶିଷ୍ଟ ପ୍ରତିଯୋଗିତାର ଷ୍ଟାଣ୍ଡିଂରେ ଭାରତ ତୃତୀୟ ସ୍ଥାନରେ ରହିଛି। ଗୋଟିଏ ବିଜୟ ଓ ଗୋଟିଏ ଡ୍ର ସହ ଦଳ ୪ ପଏଣ୍ଟ ପାଇଛି। ମାଲେସିଆ ଏହି ତାଲିକାର ଶୀର୍ଷରେ ରହିଛି। ଦଳ ପ୍ରଥମ ମ୍ୟାଚରେ ପୋଲାଣ୍ଡକୁ ୫–୧ ଓ ଦ୍ୱିତୀୟ ମ୍ୟାଚରେ ଜାପାନକୁ ୪–୩ ଗୋଲରେ ପରାସ୍ତ କରିଛି। କୋରିଆ ୪ ପଏଣ୍ଟ ପାଇଥିଲେ ହେଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗୋଲ ବ୍ୟବଧାନରେ ଏହି ଦଳ ଭାରତକୁ ପଛରେ ପକାଇ ଦେଇଛି। ଗତ ରବିବାର ମ୍ୟାଚରେ ଭାରତ ୨୮ତମ ମିନିଟରେ ଗୋଲ ଦେଇ କ୍ରମାଗତ ଦ୍ୱିତୀୟ ବିଜୟର ନିକଟତର ହୋଇଥିଲା। ମାତ୍ର ଶେଷ ହ୍ୱିସିଲ ବାଜିବାକୁ ମାତ୍ର ୨୨ ସେକେଣ୍ଡ ସମୟ ବାକିଥିବାବେଳେ ପେନାଲ୍ଟି କର୍ନରରୁ ଗୋଲ ବରଣ କରି ବଡ଼ ସୁଯୋଗ ହାତଛଡ଼ା କରିଥିଲା। ମନପ୍ରୀତ ସିଂଙ୍କ ଦଳ ମାଲେସିଆ ବିପକ୍ଷ ମ୍ୟାଚରେ ସେହି ଭୁଲକୁ ଦୋହରାଇବାକୁ ଚାହିଁବ ନାହିଁ ନିଶ୍ଚିତ। ଗତ କିଛି ମ୍ୟାଚରେ ଭାରତର ଦୁର୍ବଳତାରୁ ମାଲେସିଆ ଫାଇଦା ଉଠାଇଛି। ଏସିଆନ ହକିରେ ଡାର୍କ ହର୍ସଭାବେ ପରିଚିତ ହେଉଥିବା ମାଲେସିଆ ମହାଦେଶୀୟ ସ୍ତରରେ ଅନେକ ବଡ଼ ଦଳକୁ ଧୂଳି ଚଟାଇବାରେ ସକ୍ଷମ ହୋଇଛି।

ଅତୀତ ରେକର୍ଡ ଦେଖିଲେ ୨୦୧୦ ଗୁଆଙ୍ଗଝୋଉ ଏସିଆନ ଗେମ୍ସର ସେମିଫାଇନାଲରେ ଭାରତ ଶେଷ ମୁହୂର୍ତ୍ତ ଗୋଲ ବରଣ ଯୋଗୁ ମାଲେସିଆଠାରୁ ୩–୪ ଗୋଲରେ ପରାସ୍ତ ହୋଇଥିଲା। ଏହାର ୮ ବର୍ଷ ପରେ ସମାନ ପରିସ୍ଥିତିରେ ଭାରତ ପ୍ରତିପକ୍ଷ ମାଲେସିଆଠାରୁ ହାରିଥିଲା। ଜାକର୍ତ୍ତା ଏସିଆନ ଗେମ୍ସର ସେମିଫାଇନାଲରେ ଶେଷ ମୁହୂର୍ତ୍ତ ଗୋଲ ବରଣ ଯୋଗୁ ମ୍ୟାଚକୁ ୨–୨ରେ ଡ୍ର ରଖିବାକୁ ବାଧ୍ୟ ହୋଇଥିଲା ଭାରତ। ଏହାପରେ ଅନୁଷ୍ଠିତ ପେନାଲ୍ଟି ଶୁଟ୍ ଆଉଟ୍‌ରେ ମାଲେସିଆ ୭–୬ ଗୋଲରେ ଭାରତକୁ ପରାସ୍ତ କରିଥିଲା। ମାଲେସିଆ ଦଳର ସବୁଠାରୁ ବଡ଼ ଶକ୍ତି ହେଲେ ରୋଲାଣ୍ଟ ଓଲ୍ଟମାନ୍ସ। ଓଲ୍ଟମାନ୍ସ ଦୀର୍ଘଦିନଧରି ଭାରତୀୟ ଦଳର ହାଇପରଫରମାନ୍ସ ଡାଇରେକ୍ଟର ଓ କୋଚ୍ ଥିଲେ। ତେଣୁ ସେ ଭାରତୀୟ ହକି ଓ ଏହି ଦଳର କୌଶଳକୁ ଭଲଭାବେ ଜାଣିଛନ୍ତି। ଓଲ୍ଟମାନ୍ସ ଏବେ ମାଲେସିଆ ଦଳର ମୁଖ୍ୟ କୋଚ୍। ତେଣୁ ଭାରତ ବିପକ୍ଷ ମ୍ୟାଚରେ ଏହି ଦଳକୁ ଏହାର ସୁଫଳ ମିଳୁଛି।

ମାଲେସିଆ ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ମହମ୍ମଦ ରାଜିଏ ରହିମଙ୍କ ଉପରେ ଭାରତର ନଜର ରହିବ। ଏହି ୩୧ ବର୍ଷୀୟ ଖେଳାଳି ଜାକର୍ତ୍ତା ଏସିଆନ ଗେମ୍ସ ସମେତ ଭାରତକୁ ଏକାଧିକଥର ପରାଜୟ ସ୍ୱାଦ ଚଖାଇଛନ୍ତି। ଚଳିତ ଟୁର୍ନାମେଣ୍ଟରେ ରହିମ ଯଦିଓ ମାତ୍ର ଗୋଟିଏ ଗୋଲ ଦେଇଛନ୍ତି ତେବେ ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ରକ୍ଷଣଭାଗ ଏବଂ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ସତର୍କତାର ସହ ତାଙ୍କ ମୁକାବିଲା କରିବାକୁ ହେବ। ଏହା ବ୍ୟତୀତ ସାରି ବ୍ରଦର୍ସ(ଫିଟ୍ରି ଓ ଫୈଜଲ)ଙ୍କ ଉପରେ ମଧ୍ୟ ଭାରତୀୟ ଡିଫେନ୍ସ ବିଭାଗକୁ ନଜର ରଖିବାକୁ ହେବ। ଫୈଜଲ ଚଳିତ ଟୁର୍ନାମେଣ୍ଟରେ ଏକ ହ୍ୟାଟ୍ରିକ ଅର୍ଜନ ସହ ୫ ଗୋଲ ଦେଇ ଟପ୍ ସ୍କୋରର ରହିଛନ୍ତି। ୨୦୧୮ ଟୁର୍ନାମେଣ୍ଟରେ ଏହି ଭେନ୍ୟୁରେ ଭାରତ ୫–୧ ଗୋଲରେ ମାଲେସିଆକୁ ହରାଇଥିଲା। ଏବେ ସମାନ ଦଳକୁ ଭେଟିବାକୁ ଯାଉଥିବାରୁ ଭାରତ ବିଜୟୀ ହେବାନେଇ ଆଶାବାଦୀ ଅଛି। ମାଲେସିଆ ବିପକ୍ଷରେ ବଡ଼ ବିଜୟ ସମ୍ଭବ ହୋଇ ପାରିଲେ ଭାରତୀୟ ଦଳ ମାନସିକସ୍ତରରେ ଦୃଢ଼ ହେବା ସହ ପଏଣ୍ଟ ଟେବୁଲରେ ଉପରକୁ ଉଠି ପାରିବ। ମଙ୍ଗଳବାର ଅନ୍ୟ ମ୍ୟାଚ ଗୁଡ଼ିକରେ ଜାପାନ–କାନାଡ଼ା ଏବଂ ଦକ୍ଷିଣ ଆଫ୍ରିକା–କୋରିଆ ପରସ୍ପରର ସମ୍ମୁଖୀନ ହେବେ।

# ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଆଲାମଙ୍କ ପରଲୋକ

**କଟକ ଅଫିସ, ୨୫।୩**


ଏମ.ଏ. ଆଲାମ

ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଓଏ)ର ସମ୍ପାଦକ ଏମ.ଏ. ଆଲାମଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶା କ୍ରୀଡ଼ା ଜଗତରେ ଆଲାମ ଜଣେ ପରିଚିତ ଚେହେରା। ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କ୍ଲବକୁ ଆସିଥିବା ବେଳେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ରାତି ପ୍ରାୟ ୧୨ଟା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୨୦୧୬ ମସିହା ଅକ୍ଟୋବର ୧ ରୁ ଆଲାମ ଓଓଏର ସମ୍ପାଦକ ପଦବୀରେ ରହିଆସିଥିଲେ। ଏହାଛଡ଼ା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର କୋଷାଧ୍ୟକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟ କରୁଥିଲେ। ଜଣେ କ୍ରୀଡ଼ାପ୍ରେମୀ ଓ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ଆଲାମ ସମସ୍ତଙ୍କ ନିକଟରେ ପରିଚିତ। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ। କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଆଲାମ ସୟଦ ସେମିନାରୀ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। କଟକ ଆଜାଦ ହିନ୍ଦ୍ କ୍ଲବର ସେ ସମ୍ପାଦକ ମଧ୍ୟ ଥିଲେ। ଆଲାମଙ୍କ ମୃତ୍ୟୁ ଖବର ପାଇ ବହୁ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ା ସଂଗଠକ ମେଡ଼ିକାଲରେ ପହଞ୍ଚିଥିଲେ। ମଙ୍ଗଳବାର ଆଲାମଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

# ବିଜେନ୍ଦରଙ୍କ ୟୁଏସ୍ ଲଢ଼େଇ ସ୍ଥଗିତ

**ନୂଆଦିଲ୍ଲୀ, ୨୫।୩**

ଭାରତୀୟ ଷ୍ଟାର ବକ୍ସର ବିଜେନ୍ଦର ସିଂ ଆମେରିକାରେ ଟ୍ରେନିଂ ବେଳେ ଆହତ ହୋଇଛନ୍ତି। ଏଥିଯୋଗୁ ତାଙ୍କର ବହୁ ପ୍ରତୀକ୍ଷିତ ୟୁଏସ୍‌ଏ ପ୍ରୋ ପଦାର୍ପଣ ଲଢ଼େଇ ସ୍ଥଗିତ କରିଦିଆଯାଇଛି। ଆସନ୍ତା ଏପ୍ରିଲ ୧୨ ତାରିଖରେ ସେ ପଦାର୍ପଣ ଲଢ଼େଇ କରିଥାନ୍ତେ। ଏହାକୁ ସୋମବାର ବାତିଲ କରାଯାଇଛି। ଲସ୍ ଏଞ୍ଜେଲ୍ସଠାରେ ଚାଲିଥିବା ଟ୍ରେନିଂ ସେସନରେ ଆହତ ହୋଇଛନ୍ତି। ଦେଶର ପ୍ରଥମ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ ପଦକଧାରୀ ୩୩ ବର୍ଷୀୟ ବିଜେନ୍ଦରଙ୍କ ପ୍ରତିଦ୍ୱନ୍ଦ୍ୱୀ ଧାର୍ଯ୍ୟ ହୋଇ ନ ଥିଲା। ମୁଁ ଶୁକ୍ରବାର ବକ୍ସିଂ ଅଭ୍ୟାସ କରୁଥିବାବେଳେ ଆହତ ହୋଇଥିଲି। ମୋ ବାମ ଆଖି ଉପରେ ଦୁଇଟି ଷ୍ଟିଚ୍ ପଡ଼ିଛି। ଆସନ୍ତା ଶୁକ୍ରବାର ଷ୍ଟିଚ୍ କଢ଼ାଯିବ ବୋଲି ଡାକ୍ତର କହିଛନ୍ତି। ମୁଁ ଯେଉଁ ବକ୍ସରଙ୍କ ସହ ଅଭ୍ୟାସ କରୁଥିଲି ତାଙ୍କ ନାମ ମନେ ନାହିଁ। ତାଙ୍କ କହୁଣି ମୋ ଆଖି ଉପରେ ବାଜିଥିଲା। କିନ୍ତୁ ଭଗବାନ ଯାହା କରନ୍ତି, ତାହା ଭଲ ପାଇଁ କରନ୍ତି ବୋଲି ବିଜେନ୍ଦର କହିଛନ୍ତି। ୧୦ ଲଢ଼ିଥିଲେ ମଧ୍ୟ ବିଜେନ୍ଦର ଏପର୍ଯ୍ୟନ୍ତ ଅପରାଜେୟ ହୋଇ ରହିଛନ୍ତି।

# ଫ୍ୟୁରି–ସ୍ପାର୍ଜ ମୁକାବିଲା ଜୁନ୍‌ରେ

**ଲସ୍‌ଏଞ୍ଜେଲ୍ସ, ୨୫।୩ (ଏଏଫ୍‌ପି)**


ଟାଇସନ ଫ୍ୟୁରି ଓ ଟମ୍ ସ୍ପାର୍ଜ।

ଅପରାଜେୟ ବ୍ରିଟିଶ ହେଭିୱେଟ୍ ଟାଇସନ ଫ୍ୟୁରି ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିବେ। ପ୍ରମୋଟର ଟପ୍ ର୍ୟାଙ୍କ୍ ଏ ବିଷୟରେ ସ୍ପଷ୍ଟ ସୂଚନା ଦେଇଛନ୍ତି। ବକ୍ସିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ ଅବସରରେ ସେ ପ୍ରଥମେ ଜୁନ୍ ୧୫ରେ ଜର୍ମାନୀର ଟମ୍ ସ୍ପାର୍ଜଙ୍କ ସହିତ ମୁକାବିଲା କରିବେ। ଏହି ଲଢେଇ ଲାସ୍‌ଭେଗାସ୍‌ଠାରେ ହେବ। ବକ୍ସିଂରେ ଫ୍ୟୁରିଙ୍କ ରେକର୍ଡ ଖୁବ୍ ଭଲ ରହିଛି। ଫ୍ୟୁରୀ ତାଙ୍କର ୨୭ଟି ମୁକାବିଲାରେ ଅପରାଜେୟ ରହିଛନ୍ତି। ତନ୍ମଧ୍ୟରେ ଗୋଟିଏ ଡ୍ର' ଓ ୧୯ ନକ୍‌ଆଉଟ୍ ସାମିଲ। ୪ବର୍ଷ ପୂର୍ବେ ଭ୍ଲାଡିମିର କ୍ଲିଟ୍‌କୋଙ୍କ ବିପକ୍ଷରେ ବିଜୟ ସହ ହେଭିୱେଟ୍ ବିଶ୍ୱ ଟାଇଟଲ ଜିତିବା ତାଙ୍କ କ୍ୟାରିୟରର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ଡିସେମ୍ବରରେ ଲସ୍‌ଏଞ୍ଜେଲ୍ସଠାରେ ଆମେରିକାର ଡେନଟଏ ୱାଇଲ୍ଡରଙ୍କ ବିପକ୍ଷ ଲଢେଇ ପରେ ପ୍ରଥମ ଥର ସେ ରିଙ୍ଗ୍‌କୁ ଓହ୍ଲାଇବାକୁ ଯାଉଛନ୍ତି। ଜଜ୍‌ମାନଙ୍କ ବିବାଦୀୟ ନିଷ୍ପତ୍ତି କ୍ରମେ ଏହି ମୁକାବିଲାକୁ ଡ୍ର ଘୋଷଣା କରାଯାଇଥିଲା। ଯାହାଫଳରେ ୱାଇଲ୍ଡର ତାଙ୍କ ୱାର୍ଲ୍ଡ ବକ୍ସିଂ କାଉନ୍‌ସିଲ ବେଲ୍ଟ ବଜାୟ ରଖିପାରିଥିଲେ। ଜର୍ମାନୀ ବକ୍ସର ସ୍ପାର୍ଜଙ୍କ ରେକର୍ଡ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ସେ ତାଙ୍କର ସମସ୍ତ ୨୪ଟି ଲଢେଇରେ ବିଜୟ ହାସଲ କରିଛନ୍ତି। ତନ୍ମଧ୍ୟରେ ୧୬ ନକ୍ ଆଉଟ ସାମିଲ। ୨୪୦ ପାଉଣ୍ଡ ଓଜନ ବିଶିଷ୍ଟ ଏହି ଡେଙ୍ଗା ବକ୍ସର ଅବଶ୍ୟ ଜର୍ମାନୀ ବାହାରେ ଦୁଇ ଥର ଲଢେଇ କରିଛନ୍ତି, ତାହାପୁଣି ଚେକ୍ ରିପବ୍ଲିକ୍‌ରେ।

# କୁଲି, ଗ୍ରିଫିଥ ଅଷ୍ଟ୍ରେଲିଆ ବୋଲିଂ କୋଚ୍

**ସିଡ୍‌ନୀ, ୨୫।୩ (ଏଏଫ୍‌ପି):** ଆଶେସ ସିରିଜ ପାଇଁ ଅଷ୍ଟ୍ରେଲିଆ ସୋମବାର ଇଂଲଣ୍ଡର ପୂର୍ବତନ ବୋଲିଂ କୋଚ୍ ଟ୍ରଏ କୁଲିଙ୍କୁ ନିଯୁକ୍ତି ଦେଇଛି। ଦଳ ୧୮ବର୍ଷରେ ପ୍ରଥମ ଥର ନିଜ ଦେଶ ବାହାରେ ଆଶେସ ଜିତିବା ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଇଂଲଣ୍ଡରେ ବିଶ୍ୱକପ୍ ଅଭିଯାନ ଲାଗି ଆଡାମ ଗ୍ରିଫିଥ୍‌ଙ୍କୁ ଦଳର ବୋଲରମାନଙ୍କ ଦାୟିତ୍ୱରେ ରଖାଯାଇଛି। ଗ୍ରିଫିଥ୍ ପୂର୍ବରୁ ଟାସ୍‌ମାନିଆର ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଏବେ ସେ ୱେଷ୍ଟର୍ନ ୱାରିୟର୍ସ ଦଳ ଦାୟିତ୍ୱରେ ଥିବା ଜାତୀୟ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ସହକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଫେବୃୟାରୀରେ ଇଂଲଣ୍ଡର ଅନ୍ୟ ଜଣେ ବୋଲିଂ କୋଚ୍ ଡେଭିଡ ସାକର୍ ପଦ ତ୍ୟାଗ କରିବା ପରେ କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ଏହି ନିଯୁକ୍ତି ହୋଇଛି। ୨୦୦୫ରେ ଇଂଲଣ୍ଡକୁ ତା'ର ନିଜ ମାଟିରେ ଆଶେସ ଜିତାଇବାରେ କୁଲିଙ୍କର ବିଶେଷ ଭୂମିକା ରହିଥିଲା।

# ଆର୍‌ବିଆଇ ଫାଇନାଲରେ

**ଭୁବନେଶ୍ୱର, ୨୫।୩(କ୍ରୀଡ଼ା ପ୍ରତିନିଧି)**

ପୋଖରୀପୁଟ ଖେଳପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଆରବିଆଇ ଦଳ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଆରବିଆଇ ପେନାଲ୍ଟି ଶୁଟ୍ ଆଉଟ୍ ୪–୨ ଗୋଲରେ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧–୧ ଗୋଲରେ ବରାବର ରହିଥିଲା। ଫ୍ରେଣ୍ଡ୍ସ ପାରାଡାଇଜ୍ ପକ୍ଷରୁ ବିକାଶ ନାୟକ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ଆରବିଆଇ ପକ୍ଷରୁ ସେକ୍ ଜାହିର ଗୋଲଟିକୁ ପରିଶୋଧ କରିଦେବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଫଳାଫଳ ନ ମିଳିବାରୁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଆରବିଆଇ ଦଳ ବିଜୟୀ ହୋଇ ପ୍ରଥମଦଳ ଭାବେ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛି। ମ୍ୟାଚ ପରିଚାଳନା କରିଥିଲେ ସରୋଜ ମହାରଣା, ସୁଦୀପ ଦାସ ଓ ରାଜୁ ବାରିକ। ଜ୍ୟୋତି ରଞ୍ଜନ ଜେନା, ତୁଷାର ପାତ୍ର, ରଣଜିତ ସାମନ୍ତରାୟ, ବିଜୟ ସେଠୀ ଓ ମନୋଜ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ ଆୟୋଜିତ ହୋଇଥିଲା। ମଙ୍ଗଳବାର ଖୋର୍ଦ୍ଧାର ମର୍ନିଂ କ୍ଲବ ଓ ଭୁବନେଶ୍ୱର–୧୧ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଉଦ୍‌ଯାପିତ



ଭୌମିକା ରେଡ୍ଡୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


**ପୁରୀ ଅଫିସ, ୨୫।୩**

ରାଜ୍ୟ ଜିମ୍ନାଷ୍ଟିକ ଆସୋସିଏଶନ ଆନୁକୂଲ୍ୟରେ ପୁରୀଠାରେ ଚାଲିଥିବା ରାଜ୍ୟସ୍ତରୀୟ ୪୧ତମ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଜୁନିୟର ବାଳକ ବିଭାଗରେ ପୁରୀର ତପନ ମହାନ୍ତି, ବାଳିକାରେ ପ୍ରୀତି ରେଡ୍ଡୀ, ସବ୍‌ଜୁନିୟର ବାଳକରେ ପୁରୀର ମୃତ୍ୟୁଞ୍ଜୟ ପଟ୍ଟନାୟକ, ବାଳିକାରେ ରିମା ଭାରତୀ ଦାସ, ୧୨ବର୍ଷରୁ କମ୍ ବାଳକ ବିଭାଗରେ ଦେବାଶିଷ ରେଡ୍ଡୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୧୦ବର୍ଷରୁ କମ୍ ବାଳକ ବିଭାଗରେ ଅଂଶୁମାନ ସୁନ୍ଦରାୟ, ବାଳିକାରେ ଭୌମିକା ରେଡ୍ଡୀ ପ୍ରମୁଖ ପ୍ରଥମ ସ୍ଥାନରେ ରହିଛନ୍ତି। ଉଦ୍‌ଯାପନୀ ଦିବସରେ ପ୍ରଫେସର ହରେକୃଷ୍ଣ ଶତପଥୀ, ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଜିମ୍ନାଷ୍ଟିକ ଆସୋସିଏଶନର ଉପସଭାପତି ଦ୍ୱାରିକା ନାଥ ମିଶ୍ର. ସାଧାରଣ ସମ୍ପାଦକ ଅଶୋକ ସାହୁ, ସବ୍ୟସାଚୀ ରଥ, ଲଲାଟେନ୍ଦୁ ସାହୁ, ଡି.ପଣ୍ଡା, ଉମାକାନ୍ତ ପଟ୍ଟନାୟକ, ଗାୟତ୍ରୀ ଜେନା ଓ ଦ୍ୟୁତିକୃଷ୍ଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୋଚ୍ ପ୍ରଦୀପ କୁମାର ସାହୁ ଚାମ୍ପିୟନଶିପ୍ ପରିଚାଳନା କରିଥିଲେ।

## ଶାରଜା ମାଷ୍ଟର୍ସ ଅନ୍ତର୍ଜାତୀୟ ଚେସ୍

# ଡବଲ ବିଜୟ ସହ ଦେବାଶିଷଙ୍କ ଅଭିଯାନ

**ଭୁବନେଶ୍ୱର, ୨୫।୩(କ୍ରୀଡ଼ା ପ୍ରତିନିଧି)**


ଦେବାଶିଷ ଦାସ

ଶାରଜାଠାରେ ଆରମ୍ଭ ହୋଇଛି ୩ୟ ଶାରଜା ମାଷ୍ଟର୍ସ ଅନ୍ତର୍ଜାତୀୟ ଚେସ୍ ଚାମ୍ପିୟନଶିପ୍। ଏଥିରେ ୩୫ ଗ୍ରାଣ୍ଡମାଷ୍ଟର, ୨ ମହିଳା ଗ୍ରାଣ୍ଡମାଷ୍ଟର, ୩୫ ଅନ୍ତର୍ଜାତୀୟ ମାଷ୍ଟର, ୭ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୬ କ୍ୟାଣ୍ଡିଂଡେଟ ମାଷ୍ଟର ଓ ୪ ମହିଳା କ୍ୟାଣ୍ଡିଂଡେଟ ମାଷ୍ଟରଙ୍କୁ ମିଶାଇ ୧୧୧ ଟାଇଟଲଧାରୀଙ୍କ ସହ ମୋଟ ୧୭୮ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଏକମାତ୍ର ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସମ୍ପ୍ରତି ୨୫୩୨ ର୍ୟାଙ୍କିଙ୍ଗ୍‌ରେ ଥିବା ଦେବାଶିଷ ପ୍ରଥମ ରାଉଣ୍ଡରେ ଭାରତର ମହିଳା କ୍ୟାଣ୍ଡିଡେଟ ମାଷ୍ଟର ମୃଦାଲ ଦେହଙ୍କର(୨୦୭୮) ଓ ଦ୍ୱିତୀୟ ରାଉଣ୍ଡରେ ଆମେରିକା ଅନ୍ତର୍ଜାତୀୟ ମାଷ୍ଟର ଓମାନ ନୋଆମାନ(୨୩୫୬)ଙ୍କୁ ପରାସ୍ତ କରିଛନ୍ତି। ତୃତୀୟ ରାଉଣ୍ଡରେ ଏହି ଚେସ୍ ତାରକା ଭାରତର କୁନାଲ ଏମ.(୨୨୫୮)ଙ୍କ ସହ ମ୍ୟାଚ ଡ୍ର ରଖି ଆଗକୁ ବଢ଼ିଛନ୍ତି। ୪ର୍ଥ ରାଉଣ୍ଡରେ ସେ ରୁଷିଆର ସୁପର ଗ୍ରାଣ୍ଡମାଷ୍ଟର ଭ୍ଲାଡିମିର ଫେଡୋସିଭ୍(୨୭୧୫)ଙ୍କୁ ଭେଟୁଛନ୍ତି। ଟୁର୍ନାମେଣ୍ଟରେ ଚାଇନା ଗ୍ରାଣ୍ଡମାଷ୍ଟର ୱାଙ୍ଗ ହାଓ(୨୭୧୮) ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ୩୦ ତାରିଖରେ ଉଦ୍‌ଯାପିତ ହେବ। ଏହାପରେ ଦେବାଶିଷ ୨୧ତମ ଦୁବାଇ ଓପନ ଚେସ୍‌ରେ ଅଂଶଗ୍ରହଣ କରିବେ। ଏହା ଏପ୍ରିଲ ୧ରୁ ୯ ପର୍ଯ୍ୟନ୍ତ ଚାଲିବ। ଶାରଜା ମାଷ୍ଟର୍ସ ଅନ୍ତର୍ଜାତୀୟ ଚେସ୍‌ରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ଅନ୍ତର୍ଜାତୀୟ ମାଷ୍ଟର ସିଦ୍ଧାନ୍ତ ମହାପାତ୍ର (୨୩୪୮) ପ୍ରଥମ ରାଉଣ୍ଡରେ ଆମେରିକାର ଲାଢ଼ା ଶୁଭ୍ ଜୟେଶ(୧୫୬୫)ଙ୍କୁ ହରାଇଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ଇଣ୍ଡୋନେସିଆ ଗ୍ରାଣ୍ଡମାଷ୍ଟର ମେଗାରାନ୍ତୋ ସୁଶାନ୍ତୋ(୨୫୨୬)ଙ୍କ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଛନ୍ତି। ତେବେ ସେ ତୃତୀୟ ରାଉଣ୍ଡରେ ଉଜବେକିସ୍ତାନ ଅନ୍ତର୍ଜାତୀୟ ମାଷ୍ଟର ସିଣ୍ଡାରୋଭ ଜାଭୋଖିର(୨୫୦୫)ଙ୍କଠାରୁ ହାରି ଯାଇଛନ୍ତି। ୪ର୍ଥ ରାଉଣ୍ଡରେ ସେ ରୁଷିଆ ଗ୍ରାଣ୍ଡମାଷ୍ଟର ମାଟଲାକୋଭ ମାକ୍ସିମ(୨୬୯୨)ଙ୍କୁ ଭେଟୁଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ସମ୍ବିତ ପଣ୍ଡା (୨୨୧୮) ପ୍ରଥମ ରାଉଣ୍ଡରେ ରୁଷିଆ ଗ୍ରାଣ୍ଡମାଷ୍ଟର ଇନାରକେଭ ଏର୍ନେଷ୍ଟୋ(୨୬୯୨)ଙ୍କଠାରୁ ହାରି ଯାଇଥିଲେ ହେଁ ଦ୍ୱିତୀୟ ରାଉଣ୍ଡରେ ଭାରତର ରକ୍ଷିତ ଶ୍ରୀନିବାସନ(୧୯୨୩)ଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଆର୍ଜେଣ୍ଟିନା ଗ୍ରାଣ୍ଡମାଷ୍ଟର ମାର୍କୋ ସାଣ୍ଡ୍ରୋ(୨୬୬୬)ଙ୍କ ବିପକ୍ଷ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ୪ର୍ଥ ରାଉଣ୍ଡରେ ସେ ଆୟର୍ଲାଣ୍ଡ ଅନ୍ତର୍ଜାତୀୟ ମାଷ୍ଟର ଅସଗରିଜାଦେ ଅହମଦ(୨୪୩୪)ଙ୍କୁ ଭେଟୁଛନ୍ତି। ୩ ରାଉଣ୍ଡ ଶେଷରେ ଦେବାଶିଷ ୨.୫ ଏବଂ ସିଦ୍ଧାନ୍ତ ଓ ସମ୍ବିତ ୧.୫ ପଏଣ୍ଟ ଲେଖାଏ ପାଇଛନ୍ତି।

“ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବିଶ୍ୱକପ୍ ଦଳରେ ସ୍ଥାନ ପକ୍କା କରିବା ମୋର ଲକ୍ଷ୍ୟ ।
–ଜୋଏ ଡେନ୍‌ଲି, ଇଂଲଣ୍ଡ ଅଲରାଉଣ୍ଡର



“ଆସନ୍ତା ସାଧାରଣ ନିର୍ବାଚନରେ ଆଇପିଏଲ ଖେଳୁଥିବା ଭାରତୀୟ କ୍ରିକେଟରମାନେ ଯେଉଁ ସହରରେ ଥିଲେ ମଧ୍ୟ ମତଦାନ ସୁଯୋଗ ପାଇବା ଉଚିତ ।
–ରବିଚନ୍ଦ୍ରନ ଅଶ୍ୱିନ, ସିନିୟର ଅଫ୍‌ସ୍ପିନର



## ସଂକ୍ଷେପରେ

### ୪ ହଜାର ରନ୍ କରିବାରେ ଗେଲ୍ ଦ୍ରୁତତମ

**ଜୟପୁର, ୨୫।୩:** ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର ବ୍ୟାଟ୍ସମ୍ୟାନ କ୍ରିସ ଗେଲ୍ ଆଇପିଏଲ୍‌ରେ ୪ ହଜାର ରନ୍ ସଂଗ୍ରହ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଛନ୍ତି। ସୋମବାର ଏଠାରେ ଘରୋଇ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅବସରରେ ଗେଲ୍ ଏହି ରେକର୍ଡ କରିଛନ୍ତି। ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିବାକୁ ଆଉ ୬ ରନ୍ ଆବଶ୍ୟକ କରୁଥିଲେ। ଏହି ମ୍ୟାଚରେ ଗେଲ୍ ୪୭ ବଲରୁ ୭୯ ରନର (୮ ଚୌକା ଓ ୪ ଛକା) ଦ୍ରୁତ ଇନିଂସ ଖେଳିବା ଅବସରରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଥିଲେ। ଏହି ମାଇଲଷ୍ଟୋନ ଅତିକ୍ରମ କରିବାକୁ ଗେଲ୍ ୧୧୨ଟି ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନରଙ୍କୁ ପଛରେ ପକାଇଛନ୍ତି। ୱାର୍ନର ୧୧୪ଟି ଇନିଂସରୁ ୪ ହଜାର ଆଇପିଏଲ୍ ରନ୍ କରିଥିଲେ। ଆଇପିଏଲ୍‌ରେ ଗେଲ୍ ୧୧୨ ମ୍ୟାଚ୍‌ରୁ ୪,୦୭୩ ରନ କରିଛନ୍ତି। ଏହା ମଧ୍ୟରେ ୬ ଶତକ ଓ ୨୫ ଅର୍ଦ୍ଧଶତକ ସାମିଲ ରହିଛି।

### ମାଲିଙ୍ଗା ଖେଳିବେ



**ନୂଆଦିଲ୍ଲୀ, ୨୫।୩ (ପି.ଟି.):** କ୍ରିକେଟ ଶ୍ରୀଲଙ୍କା (ଏସ୍‌ଏଲ୍‌ସି) ଲସିଥ ମାଲିଙ୍ଗାଙ୍କ ପ୍ରତି କୋହଳ ନୀତି ଅବଲମ୍ବନ କରିଛି। ଫଳରେ ଏହି ଭେଟେରାନ ପେସ୍ ବୋଲର ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଖେଳିପାରିବେ। ଏସଏଲସି ପୂର୍ବରୁ ଘୋଷଣା କରିଥିଲା ଯେ, ଯେଉଁ ଖେଳାଳିମାନେ ବିଶ୍ୱକପ୍ ଦଳ ମନୋନୟନ ପାଇଁ ଯୋଗ୍ୟ ସେମାନଙ୍କୁ ଘରୋଇ ସୁପର ପ୍ରୋଭିନ୍‌ସିଆଲ ଦିନିକିଆ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏହା ଏପ୍ରିଲ ୪ରୁ ୧୧ ପର୍ଯ୍ୟନ୍ତ ହେବ। ଏସ୍‌ଏଲ୍‌ସିର ଏହି ନିର୍ଦ୍ଦେଶନାମା ଯୋଗୁ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ୬ଟି ମ୍ୟାଚ ପାଇଁ ଉପଲବ୍ଧ ନ ଥିଲେ। ଖବର ଅନୁସାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ହସ୍ତକ୍ଷେପ ଯୋଗୁ ଏସଏଲସି ଏହାର ଆଭିମୁଖ୍ୟକୁ ବଦଳାଇଥିଲା। ବିଶ୍ୱକପ୍ ଦଳରେ ମାଲିଙ୍ଗାଙ୍କ ସ୍ଥାନ ପକ୍କା ଏବଂ ଆଇପିଏଲରେ ଖେଳିବାକୁ ଲାଗି ତାଙ୍କୁ ଅନୁମତି ଦିଆଗଲା ବୋଲି ଏସଏଲସିର ମୁଖ୍ୟ ଚୟନକର୍ତ୍ତା ଅଶାନ୍ତ ଡି’ ମେଲ୍ କହିଛନ୍ତି। ଦିନିକିଆ ଫର୍ମାଟରେ ମାଲିଙ୍ଗା ହେଉଛନ୍ତି ଜଣେ ଅନ୍ୟତମ ଶ୍ରେଷ୍ଠ ବୋଲର। ତେଣୁ ତାଙ୍କୁ ଦଳରୁ ବାଦ୍ ଦେବା ପ୍ରଶ୍ନ ଉଠୁନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ ହାରିଯାଇଛି।

### ଆଇପିଏଲ୍‌ର ପ୍ରତ୍ୟେକ ବଲ ପିଛା ଖର୍ଚ୍ଚ ୨୫ ଲକ୍ଷ

**ନୂଆଦିଲ୍ଲୀ, ୨୫।୩:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବିଶ୍ୱର ସବୁଠାରୁ ବିତ୍ତଶାଳୀ ଲିଗ୍। ଏହାର ପ୍ରତ୍ୟେକ ବଲ ପିଛା ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ଇଣ୍ଡିଆକୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ୨୦୧୭ରେ ଷ୍ଟାର ଇଣ୍ଡିଆ ୫ ବର୍ଷ ପାଇଁ ଆଇପିଏଲ ପ୍ରସାରଣ ଅଧିକାରକୁ ୧୬,୪୩୭.୫ କୋଟି ଟଙ୍କାରେ କିଣିଥିଲା। ଏହି ସଂଖ୍ୟାକୁ ହିସାବ କଲେ ପ୍ରତ୍ୟେକ ବଲକୁ ଟିଭିରେ ଦେଖାଇବା ପାଇଁ ଷ୍ଟାର ଇଣ୍ଡିଆ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ପ୍ରତ୍ୟେକ ଓଭର ପିଛା ୧.୫ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ରତ୍ୟେକ ମ୍ୟାଚ୍‌କୁ ପ୍ରସାରଣ କରିବା ପାଇଁ ୬୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

# କିଙ୍ଗ୍ସ ଇଲେଭେନର ବିଜୟ ଅଭିଯାନ

**ଜୟପୁର, ୨୫।୩**

କ୍ରିସ୍ ଗେଲ୍ ଓ ସର୍ଫରାଜ ଖାଁଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଡେଥ୍ ଓଭରରେ ବୋଲରଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ଯୋଗୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ–୧୨)ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୧୪ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। କିଙ୍ଗ୍ସ ଇଲେଭେନ ପକ୍ଷରୁ ଧାର୍ଯ୍ୟ ୧୮୫ ରନ ବିଜୟ ଲକ୍ଷ୍ୟର ପିଛା କରି ରାଜସ୍ଥାନ ଏକଦା ଦୃଢ଼ ସ୍ଥିତିରେ ଥିଲେ ହେଁ ୨୦ ଓଭରରେ ୯ ଉଇକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଗେଲ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇପିଏଲରେ ରାଜସ୍ଥାନଠାରୁ କ୍ରମାଗତ ୫ ପରାଜୟ ପରେ ପଞ୍ଜାବର ଏହାଥିଲା ପ୍ରଥମ ବିଜୟ।

ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଜୋସ ବଟଲର ଓପନିଂ ଯୋଡ଼ିରେ ୭୮ ରନ ଭାଗୀଦାରି ଗଢ଼ି ଦଳର ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। କେତୋଟି ଦର୍ଶନୀୟ ଷ୍ଟ୍ରୋକ୍ ସହ ଆଗକୁ ବଢୁଥିବାବେଳେ ରାହାନେ ବ୍ୟକ୍ତିଗତ ୨୭(୨୦ ବଲ, ୪ ଚୌକା) ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ କିଙ୍ଗ୍ସ ଇଲେଭେନକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ଅନ୍ୟତମ ଓପନର ବଟଲର ଆକ୍ରମଣାତ୍ମକ ବ୍ୟାଟିଂ କରି ପଞ୍ଜାବ ବୋଲରଙ୍କୁ ନିରାଶ କରିଥିଲେ। ୪୩ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୬୯ ରନ କରିଥିବାବେଳେ ବଟଲର ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ତେବେ ସେତେବେଳକୁ ରାଜସ୍ଥାନ ସ୍କୋର ୧୩ ଓଭରରେ

### ଗେଲଙ୍କ ଷ୍ଟ୍ରୋକପୂର୍ଣ୍ଣ ଅର୍ଦ୍ଧଶତକ

୧୦୮ରେ ପହଞ୍ଚି ଯାଇଥିଲା। ସାମ୍ କୁରାନ ନିଜର ୪ର୍ଥ ଏବଂ ଦଳର ୧୭ତମ ଓଭରରେ ଷ୍ଟିଭେନ ସ୍ମିଥ ଓ ସଞ୍ଜୁ ସାମସନଙ୍କୁ ଆଉଟ କରି ମ୍ୟାଚର ମୋଡ଼ ପରିବର୍ତ୍ତନ କରି ଦେଇଥିଲେ। ଏହି ଓଭର ମ୍ୟାଚର ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ବାସନ୍ଦ ପରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ମିଥ ୧୬ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୨୦ ରନ ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ସାମସନ ୨୫ ବଲ୍‌ରୁ ୩୦(୧ ଛକା) ରନ ସ୍କୋର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ କ୍ରିସ୍ ଗେଲ୍।

ମୁଜିବ ଉର ରହମାନ ମଧ୍ୟ ନିଜ ଅନ୍ତିମ ଓଭରରେ ୨ଟି ଉଇକେଟ ନେଇ ରାଜସ୍ଥାନ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ସେ ମ୍ୟାଚର ୧୮ତମ ଓଭର ୩ୟ ବଲ୍‌ରେ ବେନ୍ ଷ୍ଟୋକ୍ସ (୬ ରନ)ଙ୍କୁ ଏବଂ ଅନ୍ତିମ ବଲ୍‌ରେ ରାହୁଲ ତ୍ରିପାଠୀ(୧)ଙ୍କୁ ଆଉଟ କରି ପ୍ୟାଭିଲିୟନ ଫେରାଇଥିଲେ। ୨ ଓଭର ବ୍ୟବଧାନରେ ୪ ଉଇକେଟ ହରାଇବା ରାଜସ୍ଥାନ ପାଇଁ ମହଙ୍ଗା ପଡ଼ିଥିଲା। ଶେଷ ୫ ଓଭରରେ ରାଜସ୍ଥାନ ୩୫ ରନ ବିନିମୟରେ ୭ଟି ଉଇକେଟ ହରାଇଥିଲା। ପଞ୍ଜାବ ପକ୍ଷରୁ ସାମ୍ କୁରାନ, ମୁଜିବ ଉର୍ ରହମାନ ଓ ଅଙ୍କିତ ରାଜପୁତ ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରରେ ପଞ୍ଜାବ ଓପନର ଲୋକେଶ ରାହୁଲ(୪)ଙ୍କୁ ଆଉଟ କରି ଧାୱଲ କୁଲକର୍ଣ୍ଣୀ ଦଳୀୟ ଶିବିରରେ ଉତ୍ସାହ ଭରିଥିଲେ। ମାତ୍ର କ୍ରିସ୍ ଗେଲ୍ ଓ ମୟଙ୍କ ଅଗ୍ରୱାଲ ଦ୍ୱିତୀୟ ଉଇକେଟରେ ୫୪ ରନର ଭାଗୀଦାରି ଗଢ଼ିବା ସହ କିଙ୍ଗ୍ସ ଇଲେଭେନ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମୟଙ୍କ ୨୪ ବଲ୍‌ରୁ ୨୨ (୧ ଚୌକା, ୨ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଗେଲ କିନ୍ତୁ ଖେଳିଥିଲେ ଧୂଆଁଧାର ଇନିଂସ। ସେ ପ୍ରତିପକ୍ଷ ବୋଲରମାନଙ୍କୁ ଧୂଲେଇ କରି ୪୭ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୭୯ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମିଡ୍‌ଲ ଅର୍ଡରରେ ଉଇକେଟ କିପର ନିକୋଲାସ ପୁରନ(୧୨ ରନ) ବିଫଳ ହୋଇଥିଲେ ହେଁ ସର୍ଫରାଜ ଖାଁ ୨୯ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୪୬ ରନରେ ଅପରାଜିତ ରହି ଦଳକୁ ୧୮୪ ରନର ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ତାଙ୍କ ସହ ମନଦୀପ ସିଂ ୫ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ବେନ୍ ଷ୍ଟୋକ୍ସ ୨ଟି ଏବଂ ଧାୱଲ କୁଲକର୍ଣ୍ଣୀ, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୪/୪(ଗେଲ-୭୯, ସର୍ଫରାଜ-୪୬*, ମୟଙ୍କ-୨୨, ଷ୍ଟୋକ୍ସ-୨/୪୮, ଧାୱଲ-୧/୩୦, ଗୋଥାମ-୧/୩୨)
- ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୦/୯(ବଟଲର-୬୯, ସାମସନ-୩୦, ରାହାନେ-୨୭, କୁରାନ-୨/୫୨, ରହମନ-୨/୩୧, ରାଜପୁତ-୨/୩୩,ଅଶ୍ୱିନ-୧/୨୦)

## ବଟ୍‌ଲର ଆଇପିଏଲ୍‌ର ପ୍ରଥମ ‘ମଙ୍କଡିଙ୍ଗ୍’ ଆଉଟ୍ ବ୍ୟାଟ୍ସମ୍ୟାନ




ଜୋସ୍ ବଟ୍‌ଲରଙ୍କୁ ଆଉଟ୍ କରୁଛନ୍ତି ରବିଚନ୍ଦ୍ରନ ଅଶ୍ୱିନ।

**ଜୟପୁର, ୨୫।୩ (ପି.ଟି.):** ଆଇପିଏଲ୍ କ୍ରିକେଟ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ରାଜସ୍ଥାନ ରୟାଲ୍ସର ଓପନର୍ ଜୋସ୍ ବଟଲର ‘ମଙ୍କଡିଙ୍ଗ୍’ ଆଉଟ୍‌ର ଶିକାର ହୋଇଛନ୍ତି। ସୋମବାର ରାଜସ୍ଥାନ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଅନୁଷ୍ଠିତ ମ୍ୟାଚ୍ ଅବସରରେ ବଟ୍‌ଲର ଦୁର୍ଭାଗ୍ୟଜନକ ଭାବେ ଏହି ‘ମଙ୍କଡିଙ୍ଗ୍’ ଆଉଟ୍‌ର ଶିକାର ହୋଇଥିଲେ। ବଟ୍‌ଲରଙ୍କୁ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଆଉଟ୍ କରି ବେଶ୍ ବିବାଦୀୟ ହୋଇଛନ୍ତି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୧୮୫ ଟାର୍ଗେଟ୍‌କୁ ପିଛା କରୁଥିବା ରାଜସ୍ଥାନ ରୟାଲ୍ସ ଇନିଂସର ୧୩ତମ ଓଭରରେ ଏହି ବିବାଦୀୟ ଘଟଣା ଦେଖିବାକୁ ମିଳିଥିଲା। ଅଶ୍ୱିନ ଏହି ଓଭର ବୋଲିଂ କରୁଥିବାବେଳେ ବଟ୍‌ଲର ୪୩ ବଲରୁ ୬୯ ରନ (୧୦ ଚୌକା, ୨ ଛକା) କରି ନନ୍-ଷ୍ଟ୍ରାଇକରେ ରହିଥିଲେ। ଓଭରର ୫ମ ବଲ ବୋଲିଂ କରୁଥିବାବେଳେ ଅଶ୍ୱିନ ବଲ୍‌କୁ ହାତରୁ ରିଲିଜ ନ କରି ଅମ୍ପାୟର ପଟ୍ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ସେତେବେଳକୁ ବଟଲର କ୍ରିଜ ବାହାରେ ରହିଥିଲେ। ଏହାପରେ ୩ୟ ଅମ୍ପାୟରଙ୍କ ନିଷ୍ପତ୍ତିକ୍ରମେ ବଟ୍‌ଲରଙ୍କୁ ଆଉଟ୍ ଘୋଷିତ କରାଯାଇଥିଲା। ତେବେ ଏହିଭଳି ଆଉଟ୍ ପୂର୍ବରୁ କୌଣସି ଚେତାବନୀ ଦେଇ ନ ଥିବାରୁ ଅଶ୍ୱିନଙ୍କୁ ଏବେ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏପରିକି ଏହାକୁ ଅଶ୍ୱିନଙ୍କ ଅଣଖେଳୁଆଡ଼ ମନୋଭାବ ବୋଲି ଅନେକ କ୍ରିକେଟର ମତ ଦେଇଛନ୍ତି। ଏହିଭଳି ଆଉଟ୍‌ର ଶିକାର ହୋଇ କ୍ରିଜ ଛାଡ଼ିବା ପୂର୍ବରୁ ବଟ୍‌ଲର ଓ ଅଶ୍ୱିନଙ୍କ ମଧ୍ୟରେ କିଛି ସମୟ ବାକ୍ୟ ବିନିମୟ ହୋଇଥିବାର ଦେଖିବାକୁ ମିଳିଥିଲା। ଆଇପିଏଲ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଏହା ସବୁଠାରୁ ବଡ଼ ବିବାଦୀୟ ଘଟଣା ହେବାକୁ ଯାଉଛି। ପ୍ରକାଶଯୋଗ୍ୟ, କ୍ରିକେଟରେ ‘ମଙ୍କଡିଙ୍ଗ୍’ ଆଉଟ୍‌ର ଇତିହାସରେ ବେଶ୍ ପୁରୁଣା। ୧୯୯୨–୯୩ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଭାରତର କପିଳ ଦେବ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ ପିଟର କର୍ଷ୍ଟେନଙ୍କୁ ଏହିଭଳି ଆଉଟ୍ କରି ଚର୍ଚ୍ଚାକୁ ଆସିଥିଲେ।

### ରିଷଭ ଏବେ ପରିପକ୍ୱ: ପଣ୍ଟିଂ

**ନୂଆଦିଲ୍ଲୀ, ୨୫।୩(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇ ଯାଇଥିବାବେଳେ ଭାରତୀୟ ଯୁବ ଉଇକେଟ କିପର ରିଷଭ ପନ୍ତଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ତଥା ଏବେକାର ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ। କେବଳ ଜଣେ ଖେଳାଳି ଭାବେ ନୁହେଁ, ଜଣେ ବ୍ୟକ୍ତି ଭାବେ ମଧ୍ୟ ପନ୍ତ ପରିପକ୍ୱ ହୋଇଛନ୍ତି। ନିକଟ ଅତୀତରେ ସେ ଖେଳିଥିବା ଆକର୍ଷଣୀୟ ଇନିଂସ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଇନିଂସ ଅନ୍ୟତମ ବୋଲି ପଣ୍ଟିଂ କହିଛନ୍ତି। ଗତ ସିଜନରେ ଦିଲ୍ଲୀ ଡେୟାରଡେଭିଲ୍ସର ଟପ୍ ସ୍କୋରର ବିବେଚିତ ହୋଇଥିବା ପନ୍ତ ଏଥର ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭ ବଲ୍‌ରୁ ୭୮ ରନର ଇନିଂସ ଖେଳି ଧମାକାଦାର ଆରମ୍ଭ କରିଛନ୍ତି। ତାଙ୍କର ଏହି ଧୂଆଁଧାର ଇନିଂସ ଦିଲ୍ଲୀ କ୍ୟାପିଟାଲ୍ସକୁ ୩୭ ରନରେ ବିଜୟୀ ହେବାରେ ବେଶ୍ ସହାୟକ ହୋଇଥିଲା।

## ‘ସମୟ ଆସିଲେ ଅବସର ନେବି’

**ମୁମ୍ବାଇ,୨୫।୩(ଏଏଫ୍‌ପି)**

ଯୁବରାଜ ସିଂ (ଯୁବି)ଙ୍କ କ୍ରିକେଟ ଭବିଷ୍ୟତକୁ ନେଇ କିଛି ବର୍ଷ ହେଲା ଆଲୋଚନା ଜାରି ରହିଛି। କିନ୍ତୁ ସମୟ ଆସିଲେ ନିଜେ ଅବସର ନେବେ ବୋଲି ଯୁବି କହିଛନ୍ତି। ଜାତୀୟ ଦଳରୁ ଦୀର୍ଘ ଦୁଇ ବର୍ଷ ହେଲା ସେ ବାଦ୍ ପଡ଼ିଛନ୍ତି। ଆଇପିଏଲରେ ଯୁବିଙ୍କ ଟ୍ରାକ ରେକର୍ଡ ମଧ୍ୟ ଭଲ ନାହିଁ। ହେଲେ ଅର୍ଦ୍ଧଶତକ ସହ ନୂଆ ସିଜନ ଆରମ୍ଭ କରିଛନ୍ତି। ସମୟ ଆସିଲେ, ମୁଁ ଅବସର ନେବି। ଗତ ଦୁଇ ବର୍ଷ ମୋ ପାଇଁ ଭଲ ନ ଥିଲା। ମୁଁ କ’ଣ କରିବି ଚିନ୍ତା କରିପାରି ନ ଥିଲି ବୋଲି ୩୭ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି। କ୍ରିକେଟର ଭାବେ କ୍ୟାରିୟରର ଆରମ୍ଭ କଲାବେଳେ ମୁଁ କ’ଣ ପାଇଁ ଖେଳୁଥିଲି, ତାହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଁ କ୍ରିକେଟ ଉପଭୋଗ କରେ। କେବଳ ଜାତୀୟ ଦଳ ପାଇଁ ଖେଳୁଥିବାବେଳେ ନୁହେଁ। ମୁଁ ୧୪ ଓ ୧୬ ବର୍ଷରୁ କମ୍ ବୟସ ବର୍ଗରେ ଖେଳିବାବେଳେ ମଧ୍ୟ କ୍ରିକେଟ ଖେଳିବାକୁ ମୋତେ ମଜା ଲାଗୁଥିଲା। ଏଣୁ କ୍ରିକେଟକୁ ଉପଭୋଗ କଲା ପର୍ଯ୍ୟନ୍ତ ମୁଁ ଖେଳିବା ଜାରି ରଖିବି ବୋଲି ଯୁବି କହିଛନ୍ତି।

## ଫେରାରିରେ ଫର୍ମୁଲା ୱାନ୍ ପଦାର୍ପଣ କରିବେ ମିକ୍ ସୁମାକର

**ବର୍ଲିନ, ୨୫।୩ (ଏ.ଏଫ୍.ପି)**

ମାଇକେଲ ସୁମାକରଙ୍କ ପୁତ୍ର ମିକ୍ ଫେରାରି ତରଫରୁ ଫର୍ମୁଲା ୱାନରେ ପଦାର୍ପଣ କରିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଅଟୋ ବାଇଲ୍ଡ ରିପୋର୍ଟରେ ଏ ବିଷୟ ପ୍ରକାଶ ପାଇଛି। ୭ଥର ବିଶ୍ୱଚାମ୍ପିୟନ ସୁମାକରଙ୍କ ୨୦ବର୍ଷୀୟ ପୁତ୍ର ଆସନ୍ତା ମାସ୍‌ରେ ଯୁବ ଡ୍ରାଇଭରମାନଙ୍କ ଏକ ଟେଷ୍ଟରେ ଅଂଶଗ୍ରହଣ କରିବେ। ବାହାରିନ୍‌ରେ ଏପ୍ରିଲ ୨ ଓ ୩ରେ ଏହା ଅନୁଷ୍ଠିତ ହେବ। ଅଟୋସ୍ପୋର୍ଟ୍ସ ଡଟ୍‌କମ୍ ରିପୋର୍ଟ ଅନୁସାରେ ମିକ୍ ପ୍ରଥମେ ଫେରାରି ଏସ୍‌ଏଫ୍ ୯୦ ଏବଂ ପରଦିନ ଆଲ୍‌ଫା ରୋମିଓ ତରଫରୁ ଟେଷ୍ଟରେ ଭାଗ ନେବେ। ଆଲ୍‌ଫା ରୋମିଓ ସହିତ ଫେରାରିର ଅତି ଘନିଷ୍ଠ ସମ୍ପର୍କ ରହିଛି। ଏହି ଟିମ୍ ଜାନୁୟାରୀରେ ମିକ୍‌ଙ୍କୁ ଜଣେ ଏକାଡେମିକ୍ ଡ୍ରାଇଭର ଭାବେ ଅନୁବନ୍ଧିତ କରିଛି। ସୂଚନାଯୋଗ୍ୟ, ମିକ୍ ଗତବର୍ଷ ପ୍ରେମା ସହିତ ଫର୍ମୁଲା ୱାନ ଥ୍ରି ଲେଭଲରେ ୟୁରୋପିଆନ ଚାମ୍ପିୟନ ହୋଇଛନ୍ତି। ଏହି ସିଜନରେ ସେ ଫର୍ମୁଲା ଟୁ’ରେ ପାଦ ଦେବେ।




## ସିଏସ୍‌କେ ସାମ୍ନାରେ କ୍ୟାପିଟାଲ୍ସ ଟେଷ୍ଟ

**ନୂଆଦିଲ୍ଲୀ, ୨୫।୩(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱାଦଶ ସଂସ୍କରଣର ୫ମ ମୁକାବିଲାରେ ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ)କୁ ଭେଟିବ। ଉଭୟ ଦଳ ଚଳିତ ସିଜନରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ଉଦ୍‌ଘାଟନୀରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୭ ଉଇକେଟ୍‌ରେ ହରାଇଥିଲା। ସେହିଭଳି ରବିବାର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୩୭ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ମାତ୍ ଦେଇଥିଲା। ଫଳରେ ମଙ୍ଗଳବାର ସ୍ଥାନୀୟ ଫିରୋଜ ଶାହ କୋଟଲା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

ମୁଖ୍ୟତଃ ଏକ ଅଭିଜ୍ଞ ଓ ଯୁବ ଦଳ ମଧ୍ୟରେ ଲଢ଼େଇ ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିବ। ଅଧିନାୟକ ଧୋନୀଙ୍କ ସମେତ ସୁରେଶ ରାଇନା, ଶେନ ୱାଟ୍‌ସନ, ଫାଫ୍ ଡୁ ପ୍ଲେସିସ୍, ହରଭଜନ ସିଂଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ନେଇ ଚେନ୍ନାଇ ବେଶ୍ ଶକ୍ତିଶାଳୀ ମନେ ହେଉଛି। ଅପରପକ୍ଷରେ ଦିଲ୍ଲୀ ଦଳରେ ରିଷଭ ପନ୍ତ, ପୃଥ୍ୱୀ ଶ, କଲିନ ଇନଗ୍ରାମ, ଶ୍ରେୟାସ ଆୟାର, କଲିନ୍ ମୁନ୍‌ରୋ, ଅକ୍ଷର ପଟେଲଙ୍କ ପରି ଯୁବ ଖେଳାଳି ରହିଛନ୍ତି। ତେବେ ଏହି ମ୍ୟାଚ୍‌ରେ ଘରୋଇ ଦଳର ଯୁବ ଉଇକେଟକିପର ପନ୍ତଙ୍କ ଫର୍ମକୁ ନେଇ ସିଏସ୍‌କେ ଚିନ୍ତାରେ ରହିଛି। ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ପନ୍ତ ୭ ଚୌକା ଓ ୭ଛକା ସହାୟତାରେ ୨୭ ବଲରୁ ୭୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ପନ୍ତଙ୍କ ରେକର୍ଡକୁ ନଜର ପକାଇଲେ ସ୍ଲୋ ବୋଲରମାନେ ହିଁ ତାଙ୍କୁ ଅଡୁଆରେ ପକାଇ ଆସିଛନ୍ତି। ତେଣୁ କୋଟଲା ଟ୍ରାକ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଧୋନୀଙ୍କୁ ଏହା କିଛି ପରିମାଣରେ ଆଶ୍ୱସ୍ତି କରିଛି। ହରଭଜନଙ୍କ ସମେତ ଇମ୍ରାନ ତାହିର ଓ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ଗଠିତ ଚେନ୍ନାଇ ସ୍ପିନ ବାହିନୀଙ୍କୁ ସାମ୍ନା କରିବା ପନ୍ତଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ହରଭଜନ ବାଙ୍ଗାଲୋର ବିପକ୍ଷ ଉଦ୍‌ଘାଟନୀ ମୁକାବିଲାରେ ବିରାଟ କୋହଲି ଓ ଏବି ଡି ଭିଲର୍ସଙ୍କ ସମେତ ୩ଟି ଉଇକେଟ୍ ନେଇ ଦଳକୁ ଜିତାଇବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାତେଇଥିଲେ। ତେଣୁ ଏହି ମ୍ୟାଚ୍‌ରେ ମଧ୍ୟ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ।

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ



ସ୍ଥାନ : ନୂଆଦିଲ୍ଲୀ
ସମୟ : ରାତି ୮ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ନେଟ୍ ସେସନ୍ ଅବସରରେ ରବୀନ୍ଦ୍ର ଜାଡ଼େଜା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୬/୨୦୧୯ Bhubaneswar, Tuesday, March 26/ 2019




# ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣା
# ସିସିଟିଭି ଫୁଟେଜ ମାଗିଲା ଜିଆର୍‌ପି



**ପୁରୀ ଅଫିସ,୨୫।୩**

ପୁରୀ ଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ତିନିଦିନ ବିତିଯାଇଛି। ହେଲେ ଏହା ପଛର ପ୍ରକୃତ କାରଣ କ'ଣ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଏ ନେଇ ଖୋଳତାଡ଼ ଜାରି ରଖିଥିବା ଜିଆର୍‌ପି ସୋମବାର ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଘଟଣା ଦିନର ସିସିଟିଭି ଫୁଟେଜ ମାଗିଛି।

ଗତ ଶୁକ୍ରବାର ସକାଳ ୭ଟା ୩୫ରେ ହାଟିଆ–ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ଟ୍ରେନ ଷ୍ଟେଶନରେ ପହଞ୍ଚିଥିଲା। ମଧ୍ୟାହ୍ନ ୧୨ଟା ୫୦ରେ ଟ୍ରେନ୍‌ରେ ନିଆଁ ଲାଗିଥିଲା। ଏଥିରେ କେହି ନିଆଁ ଲଗାଇ ଦେଇଛନ୍ତି ନା ଶର୍ଟସର୍କିଟରୁ ଏପରି ହୋଇଛି ତାହାର ତଦନ୍ତ କରୁଛି ଜିଆର୍‌ପି। ସେଦିନ କେଉଁ ସଫେଇ କର୍ମଚାରୀ ଏବଂ ବିଦ୍ୟୁତ୍ କର୍ମଚାରୀ ଥିଲେ ତାହାର ମଧ୍ୟ ତାଲିକା ମାଗିଛି। ଏହି ଘଟଣାରେ ୫ ଜଣଙ୍କୁ ଧରି ପଚରାଉଚୁରା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଛାଡି ଦିଆଯାଇଥିବା ବେଳେ ଏବେ ବି ଜଣଙ୍କୁ ଜିଆର୍‌ପି ଅଟକ ରଖିଥିବା ସୂଚନା ମିଳିଛି। ଏ ନେଇ ମଙ୍ଗଳବାର ଷ୍ଟେଶନ କର୍ତ୍ତୃପକ୍ଷ ଏକ ବୈଠକ ଡାକିଥିବା ଜଣାପଡିଛି। ଏଥିରେ ତଦନ୍ତ କିପରି ଆଗକୁ ବଢିବ ଏବଂ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହେବ ସେ ନେଇ ଅଧିକ ଆଲୋଚନା କରାଯିବ।




## ଡାକ୍ତରଙ୍କ ଚୁମ୍ବନ
# ଚାକିରି ଛାଡ଼ି ପଳାଇଲେ ଯୁବତୀ

**କଟକ ଅଫିସ, ୨୫।୩**

ଡାକ୍ତରଙ୍କ ଜୋରଜବରଦସ୍ତ ଚୁମ୍ବନ ଜଣେ ଯୁବତୀଙ୍କୁ ଚାକିରି ଛାଡ଼ିବା ପାଇଁ ବାଧ କରିଛି। ଯୁବତୀ ଜଣକ ଚାକିରି ଛାଡ଼ି ପଳାଇବା ପରେ ଡେପୁଟେଶନରେ ଆସିଥିବା ଡାକ୍ତର ଜଣକ ମଧ୍ୟ ଅନ୍ୟତ୍ର ବଦଳି ହୋଇ ପଳାଇଛନ୍ତି। ଘଟଣାଟି ନିକଟରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରରେ ଘଟିଛି। ସୂଚନା ଅନୁଯାୟୀ, ଉକ୍ତ କେନ୍ଦ୍ରରେ ସେବିକା ଏବଂ ସାମାଜିକ କାର୍ଯ୍ୟ ନିମନ୍ତେ ଏକ ଘରୋଇ ସଂସ୍ଥା କର୍ମଚାରୀ ନିଯୁକ୍ତି କରିଥାଏ। ଉକ୍ତ ଘରୋଇ ସଂସ୍ଥାର ସମ୍ପୃକ୍ତ ଯୁବତୀ ଜଣକ ଏଠାରେ କାର୍ଯ୍ୟ କରୁଥିଲେ। ହେଲେ କେନ୍ଦ୍ରକୁ ଡେପୁଟେଶନରେ ଆସିଥିବା ଜଣେ ଡାକ୍ତର ଏକାନ୍ତରେ ଯୁବତୀଙ୍କୁ ପାଖକୁ ଡାକି ତାଙ୍କ ଗାଲରେ ଏକ ଚୁମ୍ବନ ଦେଇଥିଲେ। ଘଟଣା ସମ୍ପର୍କରେ ଯୁବତୀ ଜଣକ ନିଜ ସଂସ୍ଥାର ମୁଖ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ କୌଣସିମତେ ଏହି ଘଟଣାକୁ ଚପାଇ ଦିଆଯିବା ପରେ ଯୁବତୀ ଜଣକ ଚାକିରି ଛାଡ଼ି ଚାଲିଯିବାକୁ ବାଧ ହୋଇଥିଲେ। ଏ ସମ୍ପର୍କରେ କର୍କଟ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରୁଦ୍ର ନାରାୟଣ ଦାସ କୁହନ୍ତି, ସେଭଳି କୌଣସି ଅଭିଯୋଗ ଆମ ପାଖକୁ ଆସିନାହିଁ। ତେବେ ଏମିତି କିଛି ଗୋଟେ ଘଟିଥିବା ଶୁଣିଥିଲି। ଯୁବତୀ ଜଣକ କାମ କରୁଥିବା ସଂସ୍ଥା ନିକଟରେ ଅଭିଯୋଗ କରିଥିଲେ। ଅଧିକ କ'ଣ ହୋଇଛି ମୁଁ ଜାଣିନାହିଁ ବୋଲି ଦାସ କହିଥିଲେ।


# କଟକ ରୋଡ୍‌ରେ ବଡ଼ଧରଣର ଅଗ୍ନିକାଣ୍ଡ

## ଜଳିଗଲା ଭେରାଇଟି ଷ୍ଟୋର, ବହି ଗୋଦାମ



**କଟକ ରୋଡ୍,୨୫।୩ (ଡି.ଏନ୍.ଏ.)**

ସୋମବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅଧୀନ କଟକ ରୋଡରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୁଇ ବ୍ୟବସାୟିକ ପ୍ରତିଷ୍ଠାନ ଜଳି ଛାରଖାର ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟା ୩୦ରେ ଚିନ୍ତାମଣିଶ୍ୱର ଛକ ନିକଟରେ ଥିବା ଏକ ଭେରାଇଟି ଷ୍ଟୋରରୁ ହଠାତ୍ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ କଳ୍ପନା ଅଗ୍ନିଶମ କେନ୍ଦ୍ରଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ଟିମ୍ ପହଞ୍ଚିଥିଲେ। ସେତେବେଳକୁ ଭେରାଇଟି ଷ୍ଟୋର ନିକଟରେ ଥିବା ଅନ୍ୟ ଏକ ବହି ଗୋଦାମକୁ ନିଆଁ ବ୍ୟାପି ଯାଇଥିଲା। ଦୁଇ ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା ପଡ଼ିଥିବାରୁ ଅଗ୍ନିଶମ କର୍ମଚାରୀମାନେ ଶଟର୍ ଭାଙ୍ଗି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ରିପୋର୍ଟ ଲେଖା ହେଲାବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରି ନ ଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
-ସେନେକା



## ସଂକ୍ଷେପରେ

### ପଥର, ବାଲି ବୋଝେଇ ଗାଡ଼ି ଜବତ

**ମାହାଙ୍ଗା,୨୫।୩(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭ଟି ବେଆଇନ ପଥର ଓ ବାଲିବୋଝେଇ ଗାଡି ଜବତ କରାଯାଇଛି। ଏଥିସହ ୮୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଦିଲୀପ ମହାରଣା ଓ ଅତିରିକ୍ତ ତହସିଲଦାର ଦିଲୀପ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସାଲେପୁର-ଛତିଆ ପୂର୍ତ୍ତରାସ୍ତାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ବିଶେଷ କରି ଏହି ରାସ୍ତାର ଜୟପୁର ପୋଲ ନିକଟରେ ବେଆଇନଭାବେ ପଥର ବୋଝେଇ ଗାଡି ଏବଂ ଅନ୍ୟ କେତେକ ସ୍ଥାନରୁ ବେଆଇନ ବାଲି ବୋଝେଇ ଗାଡିଗୁଡିକ ଜବତ କରି ଜରିମାନା ଆଦାୟ କରାଯାଇଥିଲା।

### ଅବକାରୀ ଚଢ଼ାଉ: ୨ ଗିରଫ

**ଆଠଗଡ଼,୨୫।୩(ସ୍ୱ.ପ୍ର.):** ସୋମବାର କଟକ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶମତେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା, ଭ୍ରାମ୍ୟମାଣ ନିରୀକ୍ଷକ ପ୍ରବୀର ସାମଲ, ଉପନିରୀକ୍ଷକ ବିଜୟ ଭଞ୍ଜ ଓ ଅନ୍ୟ କର୍ମଚାରୀ ଆଠଗଡ ଏବଂ ତିଗିରିଆ ଅଞ୍ଚଳରେ ଚଢ଼ାଉ କରିଥିଲେ। ତିଗିରିଆ ଥାନା ଅଧୀନ ଭିରୁଡା ଗ୍ରାମରେ ଚଢାଉବେଳେ ପ୍ରସ୍ତୁତ ହୋଇ ଗଚ୍ଛିତ ଥିବା ୪୨୦ ଲିଟର ରନ୍ଧାମଦ ଜବତ କରାଯାଇଥିଲା। ସେହିପରି ମଦ ପ୍ରସ୍ତୁତ ନିମନ୍ତେ ଗଚ୍ଛିତ ଥିବା ୫ ହଜାର ଲିଟର ମହୁଲ ଗୁଡମିଶା ପୋଚ ନଷ୍ଟ କରାଯାଇଥିଲା। ଚୋରାମଦ କାରବାର ଅଭିଯୋଗରେ ଭିରୁଡା ଗ୍ରାମର ପ୍ରଶାନ୍ତ ପାତ୍ର ଓ ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଦୁଇ ଫେରାର ଅଭିଯୁକ୍ତ ଗିରଫ

**ନିଶ୍ଚିନ୍ତକୋଇଲି,୨୫।୩(ସ୍ୱ.ପ୍ର.):** ନେମାଳ ଥାନା ପୋଲିସ ରବିବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନେମାଳ ଥାନା ବନ୍ଧକାଟିଆ ପଞ୍ଚାୟତ ଦାନପୁର ଅଞ୍ଚଳର ଗୌରାଙ୍ଗ ଚରଣ ଦାସ(୬୧) ଓ ନଗସପୁର ଗ୍ରାମର ପ୍ରକାଶ ମଲିକ(୨୧)। ଉଭୟଙ୍କ ନାମରେ ଯଥାକ୍ରମେ ଜିଆର କେଶ ନଂ ୭୦୫/୯୭ ଓ ୧୨୭/୧୮ ରହିଥିଲା। ସେମାନଙ୍କୁ ଗିରଫ କରିବା ପାଇଁ ସାଲେପୁର କୋର୍ଟରୁ ଗିରଫ ପରୱାନା ଜାରି କରାଯାଇଥିଲା।

### କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

**ତିଗିରିଆ,୨୫।୩(ଡି.ଏନ.ଏ.):** ତିଗିରିଆ କଂଗ୍ରେସର ଏକ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଶଙ୍କରେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପଞ୍ଚାନନ କାନୁନ୍‌ଗୋ ଓ ମୁଖ୍ୟବକ୍ତା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥ ଯୋଗ ଦେଇଥିଲେ। ସୁବାସ ମହାନ୍ତି ସଭାପତିତ୍ୱ କରିଥିଲେ। ଆଠଗଡ଼ ମାଟିର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ବୋଲି ଅତିଥି କହିବା ସହ ବିଭିନ୍ନ କ୍ଷେତ୍ରରେ ଆଠଗଡ଼ ଏବେବି ଅବହେଳିତ। ତେଣୁ କଂଗ୍ରେସକୁ ନିର୍ବାଚନରେ ବିଜୟୀ କରି ଏକ ସ୍ୱଚ୍ଛ ସରକାର ଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ସରୋଜ ଦାଶ, ସଦାନନ୍ଦ ପଟ୍ଟନାୟକ, ମନୋରଞ୍ଜନ ଦାଶ, ପ୍ରସନ୍ନ ନାୟକ, ଅନୁପମା ସ୍ୱାଇଁ, ଅଭିଷେକ ପଟ୍ଟନାୟକ, ବିଭୂତି ଭୂଷଣ ବେହେରା, ସଂସାରୀ ବେହେରା, ମହେବୁବ ଅହେମ୍ମଦ ଖାଁ ଏବଂ ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ■ ଜଳସମ୍ପଦ ବିଭାଗ ଜାଗାରେ ବେଆଇନ ମାଟି ଖନନ

# ଅଭିଯୋଗ ସତ୍ତ୍ୱେ ହେଉନି ସମାଧାନ

**ଲଳିତଗିରି,୨୫।୩(ସ୍ୱ.ପ୍ର.)**

ଜଗତ୍‌ପୁର ଜଳସମ୍ପଦ ନର୍ଥ ଡିଭିଜନ ଅଧୀନ ଏବଂ ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ କୁସୁପୁରଠାରେ ବେଆଇନଭାବେ ପୂର୍ତ୍ତ ବିଭାଗ ମାଟି ଖନନ କରୁଛି। ଏ ନେଇ ମାହାଙ୍ଗା ଥାନାରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ନାମରେ ଜଳସମ୍ପଦ ବିଭାଗ ପକ୍ଷରୁ ଅଭିଯୋଗ ହୋଇଛି। କିନ୍ତୁ ଅଭିଯୋଗ ହେବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶଯୋଗ୍ୟ, ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ଅଧୀନ ପଟ୍ଟାମୁଣ୍ଡାଇ କେନାଲର କୁସୁପର ନିକଟରେ ୧୦୦ ମିଟରରୁ ଊର୍ଦ୍ଧ୍ୱ କେନାଲର ଏକ ପାର୍ଶ୍ୱକୁ ଜଳସମ୍ପଦ ବିଭାଗକୁ ନ ଜଣାଇ ପୂର୍ତ୍ତ ବିଭାଗ ପକ୍ଷରୁ ଖନନ କରାଯାଇଛି। ଉକ୍ତ ଖନନ ଦ୍ୱାରା ପାଣିର ସ୍ରୋତ କମ ହେବା ସହ ଚାଷ ଜମିର ତଳମୁଣ୍ଡକୁ ଠିକ ଭାବେ ଜଳସେଚିତ ହୋଇପାରିବ ନାହିଁ। ଏପରି କି କୁସୁପୁରର ଅନେକ ସ୍ଥାନରେ ପୂର୍ତ୍ତରାସ୍ତା କଡ ମାଟି ଧସିଲାଣି। ଉକ୍ତ ରାସ୍ତାଟି ଦବିବାର ଆଶଙ୍କା ଥିବାବେଳେ ପିଚୁ ଫାଟିବାର ଆଶଙ୍କା ମଧ୍ୟ ରହିଛି। ରାସ୍ତା ଉପରେ ଦୈନିକ ଶହଶହ ଭାରୀଯାନ ଯାତାୟାତ କରୁଛି। ତେଣୁ ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ପୂର୍ତ୍ତବିଭାଗ ଯନ୍ତ୍ରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଲୋକେ କେତେବେଳେ ଯେ ବିପଦରେ ପଡିବେ ତାହା କହି ହେବନାହିଁ। ପୂର୍ତ୍ତବିଭାଗର ଏହି ଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ଦାସ କହିଛନ୍ତି, ଏନେଇ ଥାନାରେ ଅଭିଯୋଗ ହୋଇଥିବାରୁ ଆମେ କାର୍ଯ୍ୟର ଅଗ୍ରଗତି କରି ପାରୁନାହୁଁ। ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଓଝା କହିଛନ୍ତି, ବର୍ତ୍ତମାନ ଏହି ଖନନ ପାର୍ଶ୍ୱରାସ୍ତାଟି ଧସିଲାଣି। ଯାହାକି ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ତୁରନ୍ତ ପୂର୍ତ୍ତବିଭାଗ ଏହାକୁ ପୋତିଦେବା ଉଚିତ। ମାହାଙ୍ଗା ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ଆମ୍ଭେ ଉଭୟ ପକ୍ଷର ଅଧିକାରୀଙ୍କୁ ଜଣାଇଛୁ। ଶୀଘ୍ର ଏହାର ସମାଧାନ କରାଯିବ।



ପୂର୍ତ୍ତ ବିଭାଗ ପକ୍ଷରୁ କେନାଲ ପାର୍ଶ୍ୱ ଖନନ କରାଯାଇଛି।

- ■ସାଧାରଣରେ ଅସନ୍ତୋଷ
- ■ଅନେକ ସ୍ଥାନରେ ପୂର୍ତ୍ତରାସ୍ତା କଡ ମାଟି ଧସିଲାଣି
- ■ପଥଚାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ଶାଶୁ, ଶ୍ୱଶୁର, ସ୍ତ୍ରୀଙ୍କୁ ପୋଲିସର ପଚରା ଉଚରା

**ତିଗିରିଆ,୨୫।୩(ଡି.ଏନ.ଏ.)**

ତିଗିରିଆ ଥାନା ଅଧୀନ କଳିବିର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହଟି ଫୁଲିଯିବା ସହ ମୁହଁ ବିଦୀର୍ଣ୍ଣ ହୋଇପଡ଼ିଥିବାରୁ ପ୍ରଥମେ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ପରେ ପୋଲିସ ମୃତ ଯୁବକଙ୍କୁ ଚିହ୍ନଟ କରିଥିଲା। ମୃତକ ବଡ଼ମ୍ବା ଥାନା ମଧୁପୁର ଗ୍ରାମର ବ୍ରଜବନ୍ଧୁ ନାଏକ(୩୮)ବୋଲି ଜଣାପଡ଼ିଛି। ଭୋର ସମୟରେ ମୃତଦେହକୁ ତିଗିରିଆ ଦମକଳ ବାହିନୀ ସହାୟତାରେ ଉଦ୍ଧାର କରାଯାଇଥିଲା। ଏହାକୁ ନେଇ ହତ୍ୟା ସନ୍ଦେହ ହେବାରୁ ପୋଲିସ ଯୁବକଙ୍କ ଶାଶୁ, ଶ୍ୱଶୁର ଓ ସ୍ତ୍ରୀଙ୍କୁ ଡାକି ପଚରା ଉଚରା କରିଛି। ହେଲେ ଅଭିଯୋଗ ହୋଇ ନ ଥିବାରୁ କାହାରିକୁ ଗିରଫ କରାଯାଇନାହିଁ।

ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବ୍ରଜବନ୍ଧୁ ନିଜ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ସାଥିରେ ଧରି ନିଜ ଶ୍ୱଶୁର ଘର କଳିବିର ଗ୍ରାମର କ୍ଷେତ୍ରବାସୀ ନାଏକଙ୍କ ଘରେ ପ୍ରାୟ ୫ଦିନ ହେଲା ରହୁଥିଲେ। ଭୋର ସମୟରେ ବ୍ରଜବନ୍ଧୁଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେ ମାନସିକ ବିକୃତ ଥିବା ଏବଂ ନିଜ ଶ୍ୱଶୁର ଘରେ ରହି ଚିକିତ୍ସିତ ହେଉଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ନଂ ୩/୧୯ ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ କହିଛନ୍ତି। ଉଦ୍ଧାର ମୃତଦେହସାରା ଫୋଟକା ହୋଇଯାଇଥିବାବେଳେ ବେକରେ ଏକ ଗାମୁଛା ବନ୍ଧାଯାଇଥିଲା। ଗାମୁଛାର କିଛି ଅଂଶ ପାଟି ଭିତରେ ପଶି ରହିଥିବା ଦେଖିବାକୁ ମିଳିଛି। ସେହିପରି ମୁହଁ କ୍ଷତବିକ୍ଷତ ହୋଇଥିବା ଦେଖିବାକୁ ମିଳିଛି। ମୃତଦେହର ସ୍ଥିତି ଓ ଅନ୍ୟ ପାରିପାର୍ଶ୍ୱିକ ଦିଗକୁ ଦୃଷ୍ଟିରେ ରଖି ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗା ଯାଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବ୍ରଜବନ୍ଧୁଙ୍କ ଶ୍ୱଶୁର ଘର ପକ୍ଷରୁ ଏ ନେଇ କୌଣସି ସୂଚନା ମିଳି ପାରିନାହିଁ।

# ମହିଳା ବିଜେଡିର ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା କର୍ମକର୍ତ୍ତା।

**ତିଗିରିଆ,୨୫।୩(ଡି.ଏନ.ଏ.)**

ତିଗିରିଆ ବ୍ଲକ ମହିଳା ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ମହିଳା ବିଜେଡି ସଭାନେତ୍ରୀ ସବିତା ବେହେରାଙ୍କ ପୌରୋହିତ୍ୟରେ ଶଙ୍କରେଶ୍ୱର ମନ୍ଦିରଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥିଭାବେ କଟକର ପୂର୍ବତନ କାଉନସିଲର ରଞ୍ଜିତା କାହାଳି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ବ୍ଲକ ବିଜେଡି ସଭାପତି ଅଜିତ ଧୀର, ଲଲାଟେନ୍ଦୁ ସେନାପତି, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ସରପଞ୍ଚ ସବିତା କୁଣ୍ଡୁ, ଶର୍ମିଳା ନାୟକ, ବ୍ଲକ ମହିଳା ବିଜେଡି ସଂଯୋଜିକା ସସ୍ମିତା ରାଉତ, ସମ୍ପାଦିକା ସମସୁରା ବେଗମ୍, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ ଏବଂ ନାରୀନେତ୍ରୀ ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ବ୍ଲକର ସମସ୍ତ ପଞ୍ଚାୟତସ୍ତରରେ ଥିବା ମହିଳା ବିଜେଡି ସଭାପତି ଓ ସମ୍ପାଦିକାଙ୍କ ସହ ଥିବା ୭ଜଣିଆ କମିଟି ସଦସ୍ୟଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଦୁର୍ଘଟଣାରେ ଯୁବକ ଗୁରୁତର

**ଆଠଗଡ଼,୨୫।୩(ସ୍ୱ.ପ୍ର.)**

ଭୁବନେଶ୍ୱର-ବଡ଼କେରା ରାସ୍ତାର ପତଣ୍ଡାଠାରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟି ଢେଙ୍କାନାଳ ସଦର ଥାନା ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖର ପ୍ରସାଦ ଗ୍ରାମର ଜନକ ବେହେରାଙ୍କ ପୁଅ ଆଲୋକ ବେହେରା(୨୫)। ଏକ ପଲସର ଯୋଗେ ଆଲୋକ ଆଠଗଡରୁ ନିଜ ଗ୍ରାମକୁ ଫେରୁଥିଲେ। ଆଠଗଡ ଥାନା ଅନ୍ତର୍ଗତ ପତଣ୍ଡା ଛକଠାରେ ଏକ କାର ଅନୁଗୋଳ ଆଡେ ଯାଉଥିଲା। ଏହି ସମୟରେ ଆଲୋକ କାରକୁ ଅତିକ୍ରମ କରିବାରୁ କାରର ଦକ୍ଷିଣ ପଟରେ ପିଟି ହୋଇ ରାସ୍ତାକଡକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଆଠଗଡ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ





ଯକ୍ଷ୍ମା ଦିବସ ପାଳନରେ ସାମିଲ ହୋଇଥିବା ଅତିଥି ଓ ଛାତ୍ରୀଛାତ୍ର।

**ବାଙ୍କୀ,୨୫।୩(ସ୍ୱ.ପ୍ର.)**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ କୁସୁନ୍ଦା ପଞ୍ଚାୟତ ସୁଲେଇ ଛକଠାରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସଭାରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀ, ମହିଳା, ଯୁବଗୋଷ୍ଠୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଅକ୍ଷୟ କୁମାର ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁଜିତ କୁମାର ସାହୁ ଓ ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ■ ଚୌଦ୍ୱାର-କଟକ ବିଜେଡିର ବୈଠକ

# ବିଧାୟକଙ୍କ କାର୍ଯ୍ୟଧାରାକୁ ନିନ୍ଦା

**କଟକ ଅଫିସ, ୨୫।୩**

ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ଯୁବ, ଛାତ୍ର ବିଜେଡିକୁ ଅଣଦେଖା କରାଯାଉଛି। ଅନେକ ଯୁବ, ଛାତ୍ର ରାଜ୍ୟସ୍ତରରେ ନେତୃତ୍ୱ ନେଉଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ପ୍ରଭାତ ବିଶ୍ୱାଳ ସେମାନଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ। ଲୋକଙ୍କୁ ଭ୍ରମିତ କରିବା ପାଇଁ ବିଧାୟକ ନିର୍ବାଚନମଣ୍ଡଳୀରେ ବୁଲି ବୁଲି ମିଥ୍ୟା ଭାଷଣ ଦେଉଛନ୍ତି। ଚୌଦ୍ୱାର-କଟକରେ ପ୍ରାର୍ଥୀ ଚୟନ କରାଯିବ ବୋଲି ବିଧାୟକ ବିଶ୍ୱାଳ କହି ବୁଲୁଛନ୍ତି। ମାତ୍ର ସେଭଳି କୌଣସି ମନ୍ତବ୍ୟ ମୁଖ୍ୟମନ୍ତ୍ରୀ ଦେଇନାହାନ୍ତି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ମନୀଷା ରେସିଡେନ୍ସି ପରିସରରେ ଅନୁଷ୍ଠିତ ଚୌଦ୍ୱାର-କଟକ ବିଜେଡିର ଏକ ଆଲୋଚନାଚକ୍ର ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ବିଧାୟକ ବିଶ୍ୱାଳଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି। ନିର୍ବାଚନ ପ୍ରକ୍ରିୟା ରାଜ୍ୟରେ ଚାଲିଥିବା ବେଳେ ବିଜେଡିର ଏହି ଗୋଷ୍ଠୀକନ୍ଦଳ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ।

ଏହି ବୈଠକରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ହୁସେନ ରବି ଗାନ୍ଧୀ, ବିଜେଡି ନେତା ପ୍ରଦୀପ ପଟ୍ଟନାୟକ, ସିଏମ୍‌ସିର ପୂର୍ବତନ ଡେପୁଟି ମେୟର ଅଜୟ ବାରିକ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ରାଜ୍ୟ ଯୁବ ବିଜେଡି ମହାସଚିବ ଶିଶିର ପରିଜା, ରାଜ୍ୟ ଛାତ୍ର ବିଜେଡି ମହାସଚିବ ହରିଶଙ୍କର ରାଉତ ପ୍ରମୁଖ ବକ୍ତବ୍ୟରେ ଚୌଦ୍ୱାର-କଟକରେ ବିଧାୟକଙ୍କ ଯୁବନେତାଙ୍କୁ ଅଣଦେଖାକୁ ନିନ୍ଦା କରିଥିଲେ। ମୁଖ୍ୟମନ୍ତ୍ରୀ ଚୌଦ୍ୱାର-କଟକରେ ଯାହାକୁ ପ୍ରାର୍ଥୀ କରିବେ ତାଙ୍କୁ ଗ୍ରହଣ କରାଯିବ ବୋଲି ବୈଠକରେ ନେତାମାନେ ପ୍ରକାଶ କରିଥିଲେ। ତେବେ ଏହି ବୈଠକ ସମ୍ପର୍କରେ ବିଧାୟକ ବିଶ୍ୱାଳଙ୍କୁ ପଚାରିବାରୁ କିଏ ବୈଠକ କରିଥିଲେ ମୁଁ ଜାଣିନି କିମ୍ବା ମୁଁ କେଉଁଠି ଶସ୍ତା ମନ୍ତବ୍ୟ ଦେଇନି ବୋଲି କହିଥିଲେ।

### ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୫।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ସେଣ୍ଟ୍ ଜାଭିୟର ହାଇସ୍କୁଲ ଓ ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଦଶମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଡା. ଭାଗ୍ୟଧର ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ଓ ନିଷ୍ଠାର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଜାଭିୟର ସ୍କୁଲ ସମୂହ ଓ ରିସର୍ଚ୍ଚ କେନ୍ଦ୍ର କଟକର ସଭାପତି ଜମାଲ ଖାଁ, ସମ୍ପାଦକ ଏଚ୍. ପରିଡା, ବିଦ୍ୟାଳୟ ପରିଚାଳନା ସଭାପତି ବଲ୍ଲଭ ଚରଣ ପଲେଇ, ଟ୍ରଷ୍ଟ ଅଧ୍ୟକ୍ଷା ପ୍ରମିଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମନମୋହନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସ୍ମୃତିରଞ୍ଜନ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିରଜା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବର୍ଷାଜଳ ଅମଳ ପ୍ରକଳ୍ପ ଉପରେ କର୍ମଶାଳା

**ବାଙ୍କୀ,୨୫।୩(ସ୍ୱ.ପ୍ର.)**

ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କଲେଜ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ସେମିନାର ଗୃହଠାରେ ସୋମବାର ବର୍ଷାଜଳ ଅମଳ ପ୍ରକଳ୍ପ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବର୍ଷା ଜଳକୁ କିପରି ସଂରକ୍ଷିତ ରଖି ଏହାର ବ୍ୟବହାର କରାଯାଇ ପାରିବ ଏବଂ ତାହାର ସୁବିଧା ସୁଯୋଗ କ'ଣ ରହିଛି ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ ଜଳଅମଳ ପ୍ରକଳ୍ପ କିପରି ହୋଇ ପାରିବ ସେ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଆଜିର ଦିନରେ ଜଳ ଏକ ଦୁର୍ମୂଲ୍ୟ ସମ୍ପଦ ହୋଇ ଗଲାଣି, ବିଶେଷ କରି ବର୍ଷା ଜଳକୁ ଅଟକାଇ ତାର ସୁବିନିଯୋଗ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଜଳ କଷ୍ଟକୁ ଦୂର କରାଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଅଧ୍ୟାପିକା ଡ. ରୋଜାଲିନ୍ ଦାସ ଯୋଗଦାନ କରି ଜଳଅମଳ ପ୍ରକଳ୍ପ ଉପରେ ଗବେଷଣାତତ୍ତ୍ୱ ଓ ବର୍ଷା ଜଳ କିପରି ରଖାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ମହିଳା ବିଭାଗ କାର୍ଯ୍ୟକାରିଣୀ ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।





କର୍ମଶାଳାରେ ଉପସ୍ଥିତ ଅତିଥି।

# ହକ୍ ମାଗୁଛି ଓଡ଼ିଶା ଅଭିଯାନ

**ଆଠଗଡ଼,୨୫।୩(ସ୍ୱ.ପ୍ର.)**

ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସୋମବାର ଆଠଗଡ଼ ଏନଏସି ଅଞ୍ଚଳରେ ହକ୍ ମାଗୁଛି ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମୀ କନ୍ତୋଲ ଦକ୍ଷିଣଚଣ୍ଡୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଏନଏସି ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ସେଠାରେ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ନଗର ବିଜେଡି ସଭାପତି ପ୍ରଦୀପ୍ତ ଦାସ, ପ୍ରମଥ ମିଶ୍ର, ରମେଶ ଘଡେଇ, ସୁଚିତ୍ରା ସାହୁ, ପ୍ରକାଶ ରାଉତ, ରାକେଶ ଦାସ, ରଞ୍ଜିତା ଭକ୍ତା, ସୁଷମା ପରିଡା, ଲକ୍ଷ୍ମୀନାରାୟଣ ଭଞ୍ଜ ପ୍ରମୁଖ ଯୋଗଦେଇ କେନ୍ଦ୍ରର ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରିଥିଲେ।





ହକ୍ ମାଗୁଛି ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା।

## ■ ପ୍ରକାଶ ପାଉନି ଚୂଡ଼ାନ୍ତ ଭୋଟର ତାଲିକା

# ଆଶା ଆଶଙ୍କାରେ ନବାଗତ ମତଦାତା

**ନିଶ୍ଚିନ୍ତକୋଇଲି,୨୫।୩(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବାପରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶମତେ ଭୋଟର ତାଲିକା ସଂଶୋଧନ ଓ ନୂତନ ଭୋଟରଙ୍କ ନାମ ଯୋଗ କାର୍ଯ୍ୟ ତ୍ୱରାନିତ ହୋଇଥିଲା। ଉଭୟ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଏ ସମ୍ପର୍କରେ ସ୍ୱତନ୍ତ୍ର ସେଲ ମଧ୍ୟ ଖୋଲାଯାଇଥିଲା। ବିଏଲଓ(ବୁଥ ଲେବୁଲ ଅଫିସର)ମାନେ ଗାଁଗାଁ ବୁଲି ଭୋଟର ତାଲିକା ଯୋଗ ଓ ବିୟୋଗ କାର୍ଯ୍ୟ କରି ଚୂଡାନ୍ତ ତାଲିକା ଦାଖଲ କରିଥିଲେ। ଏହାସତ୍ତ୍ୱେ ଅଦ୍ୟାବଧି ଜିଲା ପ୍ରଶାସନ ପକ୍ଷରୁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇନାହିଁ। ଏପରି କି ନିଜ ନାମ ଭୋଟର ତାଲିକାରେ ସଂଯୋଗ ହୋଇଛିକି ନାହିଁ ତାହା ଜାଣିବା ପାଇଁ ଅନେକ ବ୍ଲକ ଆସି ନିରାଶ ହେଉଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ ନବାଗତ ଭୋଟରଙ୍କ ମନରେ ଭୋଟ ଦେବା ପାଇଁ ଉତ୍କଣ୍ଠା ଦେଖିବାକୁ ମିଳୁଛି। ତେବେ ଚୂଡ଼ାନ୍ତ ତାଲିକାରେ ସେମାନଙ୍କ ନାମ ପ୍ରକାଶ ପାଉଛି କି ନାହିଁ ତା'କୁ ନେଇ ଆଶା ଆଶଙ୍କା ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା କଟକସଦର ଓ ମାହାଙ୍ଗା ରହିଛି। ନିଶ୍ଚିନ୍ତକୋଇଲି ବ୍ଲକରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ୨୭ ପଞ୍ଚାୟତରେ ୧୨୩ ବୁଥ ଥିବାବେଳେ କଟକସଦର ନିର୍ବାଚନମଣ୍ଡଳୀର ୧୪ ପଞ୍ଚାୟତରେ ୬୯ ବୁଥ ରହିଛି। ପ୍ରତ୍ୟେକ ବୁଥରେ ମତଦାନ ପାଇଁ ବିଭିନ୍ନ ଆନୁଷଙ୍ଗିକ ପରିବେଶ ଯଥା ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଓ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ଏବଂ ର୍ୟାମ୍ପ ମଧ୍ୟ ପ୍ରସ୍ତୁତ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ତହସିଲଦାର ଓ ବିଡିଓଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସରକାରୀ ସ୍ଥାନରେ ଲାଗିଥିବା ହୋର୍ଡିଂ ଏବଂ ବ୍ୟାନର ପୋଷ୍ଟର ହଟାଯାଉଛି। ନିର୍ବାଚନକୁ ଶୃଙ୍ଖଳିତ ଓ ଅବାଧ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫେରାର ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯାଉଛି। ତେବେ ନିର୍ବାଚନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ଚାଲିଥିବାବେଳେ ଭୋଟର ଲିଷ୍ଟ ଚୂଡାନ୍ତ ତାଲିକା ପ୍ରକାଶ ନ ପାଇବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ଅଦ୍ୟାବଧି ଆମକୁ ଚୂଡାନ୍ତ ଭୋଟର ତାଲିକା ପ୍ରଦାନ କରିନାହାନ୍ତି। ଯେହେତୁ ଅନ୍‌ଲାଇନରେ ନୂତନ ଭୋଟର କାର୍ଡ ପାଇଁ ଆବେଦନ କାର୍ଯ୍ୟ ଚାଲିଛି, ତେଣୁ ଚୂଡାନ୍ତ ତାଲିକା ପ୍ରକାଶ କରିବା ସମ୍ଭବ ହୋଇପାରୁନାହିଁ। ତେବେ ଖୁବ୍‌ଶୀଘ୍ର ଏହା ପ୍ରକାଶ ପାଇବ।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।

-ସେନେକା



## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ବ୍ଲକ୍ ବିଜେଡି ଉପସଭାପତି

**ନରାଜ/କଟକ ଅଫିସ, ୨୫।୩:** ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନରେ ବାରଙ୍ଗ ବ୍ଲକ ବିଜେଡି ଉପସଭାପତି ଦୀପକ କୁମାର ସ୍ୱାଇଁ ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟ ସମ୍ପାଦକ ନୟନ ମହାନ୍ତିଙ୍କ ଉପସ୍ଥିତିରେ ସେମାନେ ବିଧିବଦ୍ଧ ଭାବେ ଭାଜପାରେ ମିଶିଛନ୍ତି। ଦୀପକଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳର ତ୍ରୈଲୋକ୍ୟ ଜେନା, ସ୍ୱାଧୀନ ପାଣି, ରମାକାନ୍ତ ଜେନା, ରାମଚନ୍ଦ୍ର ରାଉତ, କୈଳାସ ଦାସ, ଆଦିକନ୍ଦ ସାହୁ, ମାନସ ରାଉତ, ନୀଳମଣି ଜେନା, ପ୍ରସନ୍ନ ରାଉତଙ୍କ ସହ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ଯୋଗଦେଇଥିବା ଦୀପକ କହିଛନ୍ତି।

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**କଟକ ସଦର, ୨୫।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ୫ନଂ. ଜିଲା ପରିଷଦ ଜୋନ୍ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ନିମେଇଶାପୁର ପଞ୍ଚାୟତ ନାହାଭଙ୍ଗାଠାରେ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଡିରାଉତପାଟଣା, ପରମହଂସ, ଫକୀରପଡା, ଆୟତ୍ତପୁର, କନ୍ଦରପୁର ପଞ୍ଚାୟତର ଯୁବକମାନେ ଅଂଶଗ୍ରହଣ କରିଥିଲେ। ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବଳରାମ ଷଡ଼ଙ୍ଗୀ, ହିମାଂଶୁ ଦାସ, ସରପଞ୍ଚ ମିନତି ବେହେରା, ଯତୀନ ରାଉଳ, ନିମାଇଁ ମହାପାତ୍ର, କବିତା ଦାସ, ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ସଭ୍ୟା ଝିନୁ ବେହେରା, ଦେବୀ ପ୍ରସାଦ ଦାଶ, ସମିତି ସଭ୍ୟା ଦୀପ୍ତିମୟୀ ରାଉତ ଓ କିଶୋର ସାହୁ ପ୍ରମୁଖ ନିର୍ବାଚନ ପରିପ୍ରେକ୍ଷୀରେ ଯୁବ ଓ ଛାତ୍ର ଜନତା ଦଳର ରଣନୀତି ସମ୍ପର୍କରେ ସୂଚନା ଦେଇଥିଲେ। ସମିତି ସଭ୍ୟ ତପନ ଓଝା ଧନ୍ୟବାଦ ଦେଇଥିଲେ।

### କାରଖାନାରେ ମକ୍‌ଡ୍ରିଲ

**ଚୌଦ୍ୱାର, ୨୫।୩(ଡି.ଏନ.ଏ.):** ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ପରିସରରେ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ବନ ମନୋକ୍ସାଇଡ୍ ଭଳି ବିଶାକ୍ତ ଗ୍ୟାସ୍ ନିର୍ଗତ ସମୟରେ ସେଥିରୁ ରକ୍ଷା ପାଇବା ଲାଗି ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଚିତ୍ତରଞ୍ଜନ ବେହେରା, ଉପନିର୍ଦ୍ଦେଶକ ରମେଶ ଚନ୍ଦ୍ର ବେହେରା, ସ୍ମିତା ରଥ, ଚୌଦ୍ୱାର ଅଗ୍ନି ନିର୍ବାପକ ଅଧିକାରୀ ପୁଲକ ଲେଙ୍କା, ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନ, କଟକ ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର, ଜିଲା କୃଷି ଅଧିକାରୀ ଏସ୍. ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି. ନାୟକ, ଇଏସ୍ଆଇର ଯୁଗ୍ମ ନିର୍ଦ୍ଦେଶକ ଏସ୍.କେ. ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇମ୍ଫା, ଡାଲମିଆ ସିମେଣ୍ଟ, ଆରତି ଷ୍ଟିଲ୍, ଏ.ପି. କାଷ୍ଟିଂ ଓ ସତ୍ୟମ କାଷ୍ଟିଂ କମ୍ପାନୀର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଦୀପକ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁରକ୍ଷା ଅଧିକାରୀ ରାମକୃଷ୍ଣ ତ୍ରିପାଠୀଙ୍କ ନେତୃତ୍ୱରେ ସୁରକ୍ଷା କର୍ମୀମାନେ ଏଥିରେ ସହଯୋଗ କରିଥିଲେ।

### ଗୋଶାଳା ଉଦ୍‌ଘାଟିତ

**ଚୌଦ୍ୱାର, ୨୫।୩ (ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୁଜିବର ଗ୍ରାମରେ ଥିବା ମହାତ୍ମା ସାଧୁସୁନ୍ଦର ସିଦ୍ଧପୀଠ ନିକଟରେ ଏକ ଗୋଶାଳା ଉଦ୍‌ଘାଟିତ ହୋଇଛି। ଏଥିରେ ବିଶ୍ୱ ଗୋ' ସୁରକ୍ଷା ବାହିନୀର ଅଧକ୍ଷ ସୁରେଶ ଚନ୍ଦ୍ର ପଣ୍ଡା, ପାରାଦୀପ ଗୋସେବା ଅଧକ୍ଷ ନାରାୟଣ ସାହୁ, ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ, ସ୍ୱାମୀ ଅସୀମାନନ୍ଦ ମହାରାଜ, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ମହିଳା କମିଶନ ଅଧକ୍ଷା ନମିତା ପଣ୍ଡା, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବରାଳ, ବାୟା ବାବା, ସ୍ୱାମୀ ଚିଦାନନ୍ଦ ମହାରାଜ ଓ କରୁଣାକର ବେହେରା ଅତିଥି ଭାବେ ଯୋଗଦେଇ ଗୋ' ସେବାର ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଖବରଦାତା ରମେଶ ଚନ୍ଦ୍ର ସାମଲ, ମହେନ୍ଦ୍ର କୁମାର ବିଶ୍ୱାଳ, ସନ୍ତୋଷ ଖୁଣ୍ଟିଆ ଓ ବର୍ଷାରାଣୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ରାସ୍ତାପାର୍ଶ୍ୱରେ ପ୍ରେମୀଯୁଗଳଙ୍କ ରୋମାନ୍ସ

# ପ୍ରତିବାଦ କରିବାରୁ କ୍ଲବ୍ ଯୁବକଙ୍କୁ ଖଣ୍ଡାରେ ହାଣିଲେ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

■ କ୍ଲବ୍ ଘର ଉପରକୁ ୭ ବୋମା ଫିଙ୍ଗିଲେ

■ ବାଇକ୍‌କୁ ହାଣିଲେ, କାର ଭାଙ୍ଗିଲେ

■ ପିସିଆର ଡ୍ରାଇଭର ପୁଅ ସଂପୃକ୍ତ ଥିବା ଚର୍ଚ୍ଚା

ରାସ୍ତାପାର୍ଶ୍ୱରେ ଚାଲିଥିଲା ପ୍ରେମୀଯୁଗଳଙ୍କ ରୋମାନ୍ସ। ପ୍ରତିବାଦ କରିବାରୁ ଘଟିଛି ଲଙ୍କାକାଣ୍ଡ। ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ନୟାପଲ୍ଲୀ ୟୁନିଟ୍ କ୍ଲବ୍‌ର ୨ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ରବୀନ୍ଦ୍ର କୁମାର ନାୟକ ଓ ଜୟ ପ୍ରକାଶ ମହାନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ବିଳମ୍ବିତ ରାତିରେ ଉକ୍ତ କ୍ଲବ୍ ଉପରକୁ ବୋମା ମାଡ଼ ହୋଇଛି। ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌କୁ ହାଣି ଦେବା ସହ ଏକ କାରକୁ ଭଙ୍ଗାରୁଜା କରିଛନ୍ତି। ଦୁର୍ବୃତ୍ତଙ୍କ ଏପରି ଆତଙ୍କରେ ସ୍ଥାନୀୟ କଲୋନୀବାସୀ ଭୟଭୀତ ହୋଇପଡିଛନ୍ତି। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ନୟାପଲ୍ଲୀ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମା ଜବତ କରିବା ସହ କଟୁରି ଓ ଅନ୍ୟ କେତେକ ମାରଣାସ୍ତ୍ର ଜବତ କରିଛି। ସବୁଠୁ ବଡ଼ କଥା ହେଲା ବୋମାମାଡ଼ ଘଟଣାରେ ଜଣେ ପିସିଆର ଡ୍ରାଇଭରଙ୍କ ପୁଅ ସଂପୃକ୍ତ ଥିବା ଜଣାପଡ଼ିଛି। ତାଙ୍କ ନାମରେ ମଧ୍ୟ ଏକାଧିକ ମାମଲା ରହିଛି। ପୋଲିସ କର୍ମଚାରୀଙ୍କ ପୁଅ ହୋଇଥିବାରୁ ପୂର୍ବ ମାମଲା ପରି ଏହି ଘଟଣାରେ ମଧ୍ୟ ତାଙ୍କୁ ପୋଲିସ ଗିରଫ ବଦଳରେ ସୁରକ୍ଷା ବନ୍ଦୋବସ୍ତ କରିବ ବୋଲି ଚର୍ଚ୍ଚା ହେଉଛି। ଆକ୍ରମଣକାରୀମାନେ ଏକ ଅପରାଧୀ ଗ୍ୟାଙ୍ଗ୍‌ର ସଦସ୍ୟ ବୋଲି କୁହାଯାଉଛି। ଯଦି ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଆକ୍ରମଣର ଶିକାର ହୋଇଥିବା ଯୁବକମାନେ ନିଶ୍ଚିତ ପ୍ରତିଶୋଧ ନେବେ। କୌଣସି ସମୟରେ ବି ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅଭିଯୋଗ ଅନୁଯାୟୀ, ପାସ୍‌ପୋର୍ଟ ଅଫିସ ପଛ ଲେନ୍ ଦେଇ ଦେବରାୟ କଲେଜ ଆଡକୁ ଯିବା ରାସ୍ତାର ଡାହାଣ ପାର୍ଶ୍ୱରେ ରହିଛି ୟୁନିଟ୍ କ୍ଲବ୍। ଏହି କ୍ଲବ୍ ସମ୍ମୁଖ ରାସ୍ତା କଡରେ ପ୍ରେମୀ ଯୁଗଳମାନେ ଖୁଲମଖୁଲା ରୋମାନ୍ସ କରୁଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ପ୍ରେମୀ ଯୁଗଳ ବହୁ ସମୟ ଧରି ରୋମାନ୍ସ କରିବା ପରେ ଅସଂଯତ ଅବସ୍ଥାକୁ ଚାଲି ଆସିଥିଲେ। ଉକ୍ତ ବାଟଦେଇ ଯାଉଥିବା ଲୋକେ ଓ କଲୋନୀବାସୀ ଏହାକୁ ଦେଖି ଅସନ୍ତୋଷ ପ୍ରକାଶ କରୁଥିଲେ ମଧ୍ୟ କେହି ମୁହଁ ଖୋଲିବାକୁ ସାହସ କରି ନ ଥିଲେ। କିନ୍ତୁ ଏହାକୁ କ୍ଲବ୍‌ର କେତେଜଣ ଯୁବକ ବାରଣ କରିବା ସହ ସେଠାରୁ ଚାଲିଯିବାକୁ କହିଥିଲେ। ପ୍ରେମିକ ଜଣକ ଯୁବତୀଙ୍କୁ ପଠାଇଦେବା ପରେ ସହଯୋଗୀମାନଙ୍କୁ ଫୋନ୍ କରି ସେଠାକୁ ଡାକିଥିଲେ। ଏକ ବୋଲେରୋରେ ୭ଜଣ ଯୁବକ ସେଠାରେ ପହଞ୍ଚି କ୍ଲବ୍ ପିଲାଙ୍କୁ ମାଡ଼ ମାରିଥିଲେ। କ୍ଲବ୍‌ର କେତେଜଣ ବ୍ୟକ୍ତି ବୁଝାଶୁଝା କରିବା ପରେ ଆପୋସ ସମାଧାନ ହୋଇଥିଲା। ସମାଧାନ କରିଥିବା ରବୀନ୍ଦ୍ର ନାୟକ କୌଣସି କାମରେ ରବିବାର ରାତି ପ୍ରାୟ ୮ଟାରେ ଆଇଡି ମାର୍କେଟ ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ପିଛା କରି ଇସ୍କନ ମନ୍ଦିର ନିକଟରେ ତାଙ୍କୁ ଘେରି ଯାଇ ବାଇକ ସହ ତାଙ୍କୁ ଗୋଇଠା ମାରି ତଳେ ପକାଇ ଦେଇଥିଲେ। ପରେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିବା ସହ ନିସ୍ଥୁକ ମାଡ଼ ମାରିଥିଲେ। ତେବେ କୌଶଳକ୍ରମେ ଦୁର୍ବୃତ୍ତଙ୍କ କବଳରୁ ରବୀନ୍ଦ୍ର ଖସିଯାଇ ଏକ ଅନ୍ଧାରୁଆ ସ୍ଥାନରେ ଲୁଚି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଖୋଜାଖୋଜି କରି ନ ପାଇ ତାଙ୍କ ବାଇକୁ ହାଣି ପକାଇଥିଲେ। ଆହତ ଅବସ୍ଥାରେ ରବୀନ୍ଦ୍ର ପରିବାର ଲୋକଙ୍କ ସହ ରାତି ପ୍ରାୟ ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ବିଳମ୍ବିତ ରାତିରେ ୨୦ଜଣ ଯୁବକ ଏକ ବାଇକରେ କ୍ଲବ୍ ନିକଟକୁ ଆସିଥିଲେ। କ୍ଲବ୍ ଉପରକୁ ୭ ବୋମା ମାଡ କରିବା ସହ ସେଠାରେ ଥିବା ଏକ ବାଇକକୁ ହାଣିଥିଲେ। ଏହାସହ ନିକଟରେ ପାର୍କିଂ ହୋଇଥିବା କାରକୁ ମଧ୍ୟ ଭାଙ୍ଗିଥିଲେ। ଶେଷରେ କ୍ଲବ କବାଟକୁ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ବୋମା ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିବା ସହ ପୋଲିସକୁ ଜଣାଇଥିଲେ।

ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କୁହନ୍ତି, ଘଟଣା ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଥିବା ସେ କହିଛନ୍ତି।




କାଠଯୋଡୀ ନଦୀର ପୁରୀଘାଟ ଦେବୀଗଡା ନିକଟ ବାଲୁକାଶଯ୍ୟାରେ ସୋମବାର ଅପରାହ୍ନରେ ପିଲାମାନେ କ୍ରିକେଟ୍ ଖେଳୁଛନ୍ତି।

## ଚୋରି ଅଭିଯୋଗରେ ୨ ଗିରଫ

**ଫୁଲନଖରା, ୨୫।୩ (ଡି.ଏନ.ଏ.)**

ଚୋରି ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବରି ଥାନା ଅଞ୍ଚଳର ସ୍ମୀତରଞ୍ଜନ ଅଧିକାରୀ ଓ ସୌରଭ ଅଧିକାରୀ। ଏହି ଘଟଣାରେ ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍ ଓ ୨୦ଟି ମୋବାଇଲ ଟାୱାର ବ୍ୟାଟେରି ଜବତ କରିଛି। ଏ ନେଇ ଥାନାରେ ମାମଲା(ନଂ.୧୩୫/୧୯) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୨ ତାରିଖ ରାତିରେ ଫୁଲନଖରା-ନିଆଳି ରାସ୍ତାର କୁରାଙ୍ଗ ଶାସନଠାରେ ଥିବା ଏକ ମୋବାଇଲ ଟାୱାରର କବାଟ ତାଲା କାଟି ଭିତରେ ଥିବା ବ୍ୟାଟେରିକୁ ଅଭିଯୁକ୍ତଦ୍ୱୟ ଚୋରି କରୁଥିଲେ। ସେହି ସମୟରେ ସେଠାରେ ଲାଗିଥିବା ସାଇରନ୍ ବାଜିବାରୁ ଆଖପାଖ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖିବା ପରେ ଅଭିଯୁକ୍ତଦ୍ୱୟ ସାଥିରେ ଆଣିଥିବା ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଓ ବ୍ୟାଟେରିକୁ ଜବତ କରିଥିଲା। ଗାଡ଼ି ନମ୍ବରକୁ ଯାଞ୍ଚ କରିବା ପରେ ମାଲିକଙ୍କଠାରୁ ପୋଲିସ ଅଭିଯୁକ୍ତଦ୍ୱୟଙ୍କ ଠିକଣା ପାଇଥିଲା। ପରେ ପୋଲିସ ଖଣ୍ଡଗିରି ଥାନା ଅଧୀନ ମହିମା ପ୍ୟାଲେସ୍ ନିକଟ ବସ୍ତିରେ ରବିବାର ରାତିରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

## ସରିଲା ଦୋପଟି ମେଳଣ



ମେଳଣ ପଡ଼ିଆରେ ଦୋଳବିମାନ।

**ନିଆଳି, ୨୫।୩(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ କସର୍ଦ୍ଦା ମେଳଣ ପଡିଆରେ ଅନୁଷ୍ଠିତ ଦୋପଟି ମେଳଣ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ରବିବାର ମଧ୍ୟରାତ୍ରରେ ଉକ୍ତ ମେଳଣର ଥାନପତି କସର୍ଦ୍ଦାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଛାଡି ମେଳଣ ପଡ଼ିଆକୁ ଆସିଥିଲେ। ଏହାପରେ କ୍ରମାନ୍ୱୟରେ ୬୮ ମୌଜାରୁ ଦୋଳବିମାନ ଆସିଥିଲା। ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ବିଶେଷକରି ବିଳାସୁଣୀ ତରବଣସ୍ଥିତ ଗୋପାଳଜୀଉଙ୍କ ବିମାନ ନିକଟରେ ବହୁ କଦଳୀକାନ୍ଦି ଭୋଗ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଠାକୁରଙ୍କ ନିକଟରେ କଞ୍ଚା କଦଳୀ ଭୋଗ କଲେ ତାହା ପାଚି ଯାଇଥାଏ ବୋଲି କିମ୍ବଦନ୍ତୀରୁ ଜଣାପଡ଼େ। ସୋମବାର ସନ୍ଧ୍ୟାରେ ହରିହର ଭେଟ ପରେ ସମସ୍ତ ବିମାନ ମେଳଣ ପଡିଆ ଛାଡିଥିଲେ। ନିଆଳି ତହସିଲଦାର ରଞ୍ଜନ କୁମାର ଜେନା, ଆଇଆଇସି ବିଜୟ କୁମାର ମଲ୍ଲିକ, କସର୍ଦ୍ଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ, କସର୍ଦ୍ଦା କଲେଜର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଓ ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରମାନେ ବିଭିନ୍ନ ସେବା ଯୋଗାଇଦେବା ସହ ପାନୀୟଜଳର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ, ପାଲା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମେଳଣ ଉଦ୍‌ଯାପିତ ହୋଇଥିଲେ ମଧ୍ୟ ଏହି ଯାତ୍ରା ୭ ଦିନ ଧରି ଚାଲିବ ବୋଲି ଦୋଳ କମିଟିର ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ଶାନ୍ତନୁ ମହାପାତ୍ର ସୂଚନା ଦେଇଛନ୍ତି।

## ଦାରୁଠେଙ୍ଗ ଡମ୍ପିୟାର୍ଡରେ ନିଆଁ

**ବାରଙ୍ଗ, ୨୫।୩(ଡି.ଏନ୍.ଏ.)**

ଦାରୁଠେଙ୍ଗ ଡମ୍ପିୟାର୍ଡରେ ସୋମବାର ରାତିରେ ନିଆଁ ଲାଗିଛି। ସନ୍ଧ୍ୟା ୫ଟାରେ ଡମ୍ପିୟାର୍ଡରେ ନିଆଁ କୁହୁଳୁଥିବାର ଗ୍ରାମବାସୀ ଦେଖିଥିଲେ। ପରେ ତାହା ଧୀରେ ଧୀରେ ରାତି ସୁଦ୍ଧା ନିଆଁ ଯୋରେ ଜଳିବା ନେଇ ଦାରୁଠେଙ୍ଗ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଏହାପୂର୍ବରୁ ଗତମାସ ୨୪,୨୫ ଓ ୨୬ ତାରିଖରେ ଏଠାରେ ନିଆଁ ଲାଗିଥିଲା। ଘଟଣାସ୍ଥଳରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିବାବେଳେ ସେ ସମୟରେ ବର୍ଷା ଥିବାରୁ ଏତେ ପରିମାଣର କ୍ଷୟକ୍ଷତି ହୋଇ ନ ଥିଲା। ଏବେ ଦ୍ୱିତୀୟଥର ପାଇଁ ନିଆଁ ଲାଗିବା ଘଟଣାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ଦାରୁଠେଙ୍ଗ ଗ୍ରାମରେ ପାରମ୍ପରିକ ପର୍ବ ପଞ୍ଚୁଦୋଳ ମହୋତ୍ସବରେ ଗ୍ରାମବାସୀ ବ୍ୟସ୍ତ ଥିବାବେଳେ ଏହି ନିଆଁକୁ ନେଇ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ସେଠାରେ ଦମକଳ ପହଞ୍ଚି ନ ଥିବା ଜଣାପଡ଼ିଛି।

## ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**କଟକ ଅଫିସ, ୨୫।୩**

କଟକ ମହାନଗର ନିଗମ ଅଧୀନ ୪୫ ନମ୍ବର ୱାର୍ଡ ଖାନନଗର ଅଞ୍ଚଳରେ ରବିବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୱାର୍ଡର ବହୁ ଜନସାଧାରଣ ଯୋଗଦେଇ ଏକ ଶୋଭାଯାତ୍ରାରେ ୱାର୍ଡ ପରିକ୍ରମା କରିଥିଲେ। ଏହି ଅବସରରେ ଦଳର ବହୁ ସଂଖ୍ୟକ ମହିଳା କର୍ମୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଦଳ ପକ୍ଷରୁ ଛପା ଯାଇଥିବା ଏକ ଫର୍ମରେ ଘରକୁ ଘର ଯାଇ ମତାମତ ସଂଗ୍ରହ କରିଥିଲେ। ପୂର୍ବତନ ମେୟର ମୀନାକ୍ଷୀ ବେହେରା, ପୂର୍ବତନ କର୍ପୋରେଟର ଅକ୍ଷୟ ବେହେରା, ୱାର୍ଡ ସଭାପତି ରାଜକିଶୋର ସାହୁ, ସେବତୀ ସାହୁ, ସବିତା ସାହୁ, ସରୋଜିନୀ ସାହୁ, କବିତା ସାହୁ, ଆକାଶ ମୁଦୁଲି, କାହ୍ନୁ ସାହୁ, ଅରକ୍ଷିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଚାଉଳିଆଗଞ୍ଜ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ସୋମବାର ଅନୁଷ୍ଠିତ ଶ୍ରୀ ହନୁମନ୍ତ କଥା କାର୍ଯ୍ୟକ୍ରମରେ ପୂଜ୍ୟ ସନ୍ଥ ଶ୍ରୀ ସରୋଜ ଭାଇ ଆଶୀର୍ବଚନ ଦେଉଛନ୍ତି।

## ରାସ୍ତା ନିର୍ମାଣକୁ ବିରୋଧ କରି ଧାରଣା

**ଖୁଣ୍ଟୁଣୀ, ୨୫।୩(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁରଠାରେ ରାସ୍ତା ନିର୍ମାଣକୁ ବିରୋଧ କରି ସୋମବାର ପୂର୍ବାହ୍ନରେ ଧାରଣା ଦିଆଯାଇଥିଲା। ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଧାରଣାରତ ପରିବାର ଲୋକଙ୍କ ପାଖକୁ ଯାଇ ବହୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଅନନ୍ତପୁରଠାରେ ଥିବା ଏକ କାରଖାନା ପାଚେରିକୁ ଲାଗି ଉକ୍ତ ଗ୍ରାମର ବିନୋଦ ଦାସ, ବିଶ୍ୱନାଥ ଦାସ ଓ ବିଦ୍ୟାଧର ଦାସଙ୍କ ପ୍ରାୟ ୩ ଏକର ଜମି ରହିଛି। ଏହି ଜମିରୁ ସର୍ବସାଧାରଣଙ୍କ ଚଳପ୍ରଚଳ ନିମନ୍ତେ ବିନୋଦଙ୍କ ବାପା ଦୋଳଗୋବିନ୍ଦ ବହୁବର୍ଷ ପୂର୍ବେ ୧୦ ଫୁଟିଆ ଅସ୍ଥାୟୀ କଚ୍ଚାରାସ୍ତା ଛାଡ଼ିଥିଲେ। ଏହି ରାସ୍ତାକୁ ସ୍ଥାୟୀ ଭାବେ ନିର୍ମାଣ କରିବାକୁ କାରଖାନା କର୍ତ୍ତୃପକ୍ଷ ଉଦ୍ୟମ କରିବାରୁ ପରିବାର ଲୋକେ ୨୦୧୫ରେ ବିରୋଧ କରିଥିଲେ। ୨୦୧୫ ଏପ୍ରିଲ ୨୯ ତାରିଖରେ ଆଠଗଡ ଉପଜିଲାପାଳ, ସ୍ଥାନୀୟ ବିଧାୟକ, ତହସିଲଦାର, ଧୁଷୁରିଆ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଉକ୍ତ ପରିବାର ସଦସ୍ୟ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏ ନେଇ ଆୟୋଜିତ ଏକ ବୈଠକରେ ସମସ୍ୟା ଉପରେ ଆଲୋଚନା କରାଯିବା ସହ କାରଖାନାରେ ଅସ୍ଥାୟୀ ଭାବେ କାମ କରୁଥିବା ବିଶ୍ୱନାଥ ଓ ବିଦ୍ୟାଧରଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଯେତିକି ଜମିରେ ରାସ୍ତା ନିର୍ମାଣ କରାଯିବ ତାହାର ଉପଯୁକ୍ତ ମୂଲ୍ୟ କାରଖାନା କର୍ତ୍ତୃପକ୍ଷ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହାକୁ କାରଖାନା କର୍ତ୍ତୃପକ୍ଷ ପାଳନ ନ କରି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବାରୁ ସୋମବାର ପୂର୍ବାହ୍ନରୁ ବିଶ୍ୱନାଥ ଓ ତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ଧାରଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅପରାହ୍ନରେ ଆଣି ଆଲୋଚନା କରିଥିଲେ। ଆଗାମୀ ନିର୍ବାଚନ ଶେଷହେବାର ୩ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ବିଶ୍ୱନାଥଙ୍କୁ ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଟିଗିରିଆ, ୨୫।୩(ଡି.ଏନ.ଏ.)**

ଟିଗିରିଆ ଥାନା ଅଧୀନ କଳିବିର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହଟି ଫୁଲିଯିବା ସହ ମୁହଁ ବିଦୀର୍ଣ୍ଣ ହୋଇପଡ଼ିଥିବାରୁ ପ୍ରଥମେ ଚିହ୍ନଟ କରିବା କଷ୍ଟକର ହୋଇଥିଲା। ପରେ ପୋଲିସ ମୃତ ଯୁବକଙ୍କୁ ଚିହ୍ନଟ କରିଥିଲା। ମୃତକ ବଡ଼ମ୍ବା ଥାନା ମଧୁପୁର ଗ୍ରାମର ବ୍ରଜବନ୍ଧୁ ନାଏକ(୩୮)ବୋଲି ଜଣାପଡ଼ିଛି। ଭୋର ସମୟରେ ମୃତଦେହକୁ ଟିଗିରିଆ ଦମକଳ ବାହିନୀ ସହାୟତାରେ ଉଦ୍ଧାର କରାଯାଇଥିଲା। ଏହାକୁ ନେଇ ହତ୍ୟା ସନ୍ଦେହ ହେବାରୁ ପୋଲିସ ଯୁବକଙ୍କ ଶାଶୁ, ଶ୍ୱଶୁର ଓ ସ୍ତ୍ରୀଙ୍କୁ ଡାକି ପଚରା ଉଚରା କରିଛି। ହେଲେ ଅଭିଯୋଗ ହୋଇ ନ ଥିବାରୁ କାହାରିକୁ ଗିରଫ କରାଯାଇନାହିଁ।

ବ୍ରଜବନ୍ଧୁ ନିଜ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ସାଥିରେ ଧରି ନିଜ ଶ୍ୱଶୁର ଘର କଳିବିର ଗ୍ରାମର କ୍ଷେତ୍ରବାସୀ ନାଏକଙ୍କ ଘରେ ପ୍ରାୟ ୫ଦିନ ହେଲା ରହୁଥିଲେ। ଭୋର ସମୟରେ ବ୍ରଜବନ୍ଧୁଙ୍କ ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେ ମାନସିକ ବିକୃତ ଥିବା ଏବଂ ନିଜ ଶ୍ୱଶୁର ଘରେ ରହି ଚିକିତ୍ସିତ ହେଉଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ନଂ ୩/୧୯ ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ କହିଛନ୍ତି। ଉଦ୍ଧାର ମୃତଦେହସାରା ଫୋଟକା ହୋଇଯାଇଥିବାବେଳେ ବେକରେ ଏକ ଗାମୁଛା ବନ୍ଧାଯାଇଥିଲା। ଗାମୁଛାର କିଛି ଅଂଶ ପାଟି ଭିତରେ ପଶି ରହିଥିବା ଦେଖିବାକୁ ମିଳିଛି। ସେହିପରି ମୁହଁ କ୍ଷତବିକ୍ଷତ ହୋଇଥିବା ଦେଖିବାକୁ ମିଳିଛି। ମୃତଦେହର ସ୍ଥିତି ଓ ଅନ୍ୟ ପାରିପାର୍ଶ୍ୱିକ ଦିଗକୁ ଦୃଷ୍ଟିରେ ରଖି ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗା ଯାଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବ୍ରଜବନ୍ଧୁଙ୍କ ଶ୍ୱଶୁର ଘର ପକ୍ଷରୁ ଏ ନେଇ କୌଣସି ସୂଚନା ମିଳି ପାରିନାହିଁ।

■ ଚୌଦ୍ୱାର-କଟକ ବିଜେଡିର ଆଲୋଚନାଚକ୍ର

# ବିଧାୟକଙ୍କ କାର୍ଯ୍ୟଧାରାକୁ ନିନ୍ଦା

**କଟକ ଅଫିସ, ୨୫।୩**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃବୃନ୍ଦ।

ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ଯୁବ, ଛାତ୍ର ବିଜେଡିକୁ ଅଣଦେଖା କରାଯାଉଛି। ଅନେକ ଯୁବ, ଛାତ୍ର ରାଜ୍ୟସ୍ତରରେ ନେତୃତ୍ୱ ନେଉଥିଲେ ମଧ୍ୟ ସ୍ଥାନୀୟ ବିଧାୟକ ପ୍ରଭାତ ବିଶ୍ୱାଳ ସେମାନଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ। ଲୋକଙ୍କୁ ଭ୍ରମିତ କରିବା ପାଇଁ ବିଧାୟକ ନିର୍ବାଚନମଣ୍ଡଳୀରେ ବୁଲି ବୁଲି ମିଥ୍ୟା ଭାଷଣ ଦେଉଛନ୍ତି। ଚୌଦ୍ୱାର-କଟକରେ ପ୍ରାର୍ଥୀ ଚୟନ କରାଯିବ ବୋଲି ବିଧାୟକ ବିଶ୍ୱାଳ କହି ବୁଲୁଛନ୍ତି। ମାତ୍ର ସେଭଳି କୌଣସି ମନ୍ତବ୍ୟ ମୁଖ୍ୟମନ୍ତ୍ରୀ ଦେଇନାହାନ୍ତି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ମନୀଷା ରେସିଡେନ୍ସି ପରିସରରେ ଅନୁଷ୍ଠିତ ଚୌଦ୍ୱାର-କଟକ ବିଜେଡିର ଏକ ଆଲୋଚନାଚକ୍ର ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ବିଧାୟକ ବିଶ୍ୱାଳଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି। ନିର୍ବାଚନ ପ୍ରକ୍ରିୟା ରାଜ୍ୟରେ ଚାଲିଥିବା ବେଳେ ବିଜେଡିର ଏହି ଗୋଷ୍ଠୀକନ୍ଦଳ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ହୁସେନ ରବି ଗାନ୍ଧୀ, ବିଜେଡି ନେତା ପ୍ରଦୀପ ପଟ୍ଟନାୟକ, ସିଏମ୍‌ସିର ପୂର୍ବତନ ଡେପୁଟି ମେୟର ଅଜୟ ବାରିକ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ରାଜ୍ୟ ଯୁବ ବିଜେଡି ମହାସଚିବ ଶିଶିର ପରିଜା, ରାଜ୍ୟ ଛାତ୍ର ବିଜେଡି ମହାସଚିବ ହରିଶଙ୍କର ରାଉତ ପ୍ରମୁଖ ବକ୍ତବ୍ୟରେ ଚୌଦ୍ୱାର-କଟକରେ ବିଧାୟକଙ୍କ ଯୁବନେତାଙ୍କୁ ଅଣଦେଖାକୁ ନିନ୍ଦା କରିଥିଲେ। ମୁଖ୍ୟମନ୍ତ୍ରୀ ଚୌଦ୍ୱାର-କଟକରେ ଯାହାକୁ ପ୍ରାର୍ଥୀ କରିବେ ତାଙ୍କୁ ଗ୍ରହଣ କରାଯିବ ବୋଲି ବୈଠକରେ ନେତାମାନେ ପ୍ରକାଶ କରିଥିଲେ। ତେବେ ଏହି ବୈଠକ ସମ୍ପର୍କରେ ବିଧାୟକ ବିଶ୍ୱାଳଙ୍କୁ ପଚାରିବାରୁ କିଏ ବୈଠକ କରିଥିଲେ ମୁଁ ଜାଣିନି କିମ୍ବା ମୁଁ କେଉଁଠି ଶସ୍ତା ମନ୍ତବ୍ୟ ଦେଇନି ବୋଲି କହିଥିଲେ।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ
-ସେନେକା



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍

ପୁରୀ ଅଫିସ,୨୫।୩: ଶ୍ରୀମନ୍ଦିରରେ ସକ୍ରିୟ ହୋଇଉଠିଛନ୍ତି ଲୁଟେରା। ରବିବାର ଜଣେ ଲୁଟେରାଙ୍କୁ ଗିରଫ କରାଯାଇଥିବାବେଳେ ସୋମବାର ପୁଣି ଜଣଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୋଲିସ। ଲୁଟ୍‌ର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗ ଚବିଶପ୍ରଗଣାର ଇନ୍ଦ୍ରଜିତ ଦାସ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୧/୧୯) ରୁଜୁ କରିବା ସହ ଅଭିଯୁକ୍ତ ବାଲିନୋଳିଆ ସାହିର ଶିବାଜୀ ଭୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ସକାଳ ପ୍ରାୟ ୮ଟା ସମୟରେ ଇନ୍ଦ୍ରଜିତ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେମାନେ ଦର୍ଶନ କରୁଥିବା ବେଳେ ଶିବାଜୀ ଇନ୍ଦ୍ରଜିତଙ୍କ ପକେଟରୁ ମନିପର୍ସ ନେଇ ପଳାଇ ଯାଉଥିଲେ। ସେ ପାଟି କରିବାରୁ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଶିବାଜୀଙ୍କୁ ମାଡି ବସିଥିଲେ। ପରେ ତାଙ୍କୁ ଥାନାକୁ ଅଣାଯାଇଥିଲା। ଯାଞ୍ଚ କରାଯିବାରୁ ତାଙ୍କଠାରୁ ଇନ୍ଦ୍ରଜିତଙ୍କ ମନିପର୍ସ ମିଳିଥିଲା। ସେଥିରେ ୫୯୦ ଟଙ୍କା ଥିଲା।

### ୩୮ ବୋତଲ ମଦ ଜବତ, ୨ ଗିରଫ

କଣାସ, ୨୫।୩(ସ୍ୱ.ପ୍ର.): କଣାସ ଅଞ୍ଚଳରେ ଚୋରା ମଦ କାରବାର ଏକ ନିତିଦିନିଆ ବ୍ୟବସାୟରେ ପରିଣତ ହୋଇଗଲାଣି। ନିର୍ବାଚନ ସମୟରେ ଏହି ମଦ କାରବାରକୁ ରୋକିବା ପାଇଁ ୪ଦିନ ତଳେ କଣାସ ଥାନା ପକ୍ଷରୁ ନୂଆ ଜଗନ୍ନାଥ ସଡ଼କ ଓ ମନ୍ଦାରବସ୍ତ ବଜାରରୁ କଣାସ ଥାନା ପୋଲିସ ମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ପୁରୀ ଅବକାରୀ ବିଭାଗ ପକ୍ଷରୁ ଭାଟପଡା ଗ୍ରାମରେ ଚଢ଼ାଉ କରାଯାଇ ଭାଟପଡା ଗ୍ରାମର ଜିତେନ୍ଦ୍ର ପ୍ରଧାନଙ୍କଠାରୁ ୧୫ ବୋତଲ ଆଷ୍ଟାଫର୍ଟି ଓ କଳାପଦର ଗ୍ରାମର ବୃନ୍ଦାବନ ସାମନ୍ତରାୟଙ୍କଠାରୁ ୧୬ ବୋତଲ ବିଦେଶୀ ମଦ, ୭ ବୋତଲ ବିୟର ଜବତ କରିବା ସହିତ ଜିତେନ୍ଦ୍ର ଓ ବୃନ୍ଦାବନଙ୍କୁ ଗିରଫ କରିଛି। ଏହି ଚଢ଼ାଉରେ ପୁରୀ ଅବକାରୀ ବିଭାଗର ବିକାଶ କୁମାର ନାୟକ, ବନ୍ଦନା ପଟ୍ଟନାୟକ, ରଙ୍କନିଧି ମଲ୍ଲିକ ଭାଗ ନେଇଥିଲେ।

### ଅପରାଧୀଙ୍କ ବିରୋଧରେ ୱାରେଣ୍ଟ ଜାରି

ପୁରୀ ଅଫିସ,୨୫।୩ : ଆଗକୁ ସାଧାରଣ ନିର୍ବାଚନ। ଏ ନେଇ ଜିଲା ପ୍ରଶାସନ ଓ ପୁରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନକୁ ଅପରାଧମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ପୁରୀ ସହରରେ ଘଟିଥିବା ବିଭିନ୍ନ ଆପରାଧିକ କାର୍ଯ୍ୟ ଓ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ଚାଲିଛି। ଅପରାଧୀମାନଙ୍କ ଉପରେ ନଜର ରଖିଛି ପୁରୀ ପୋଲିସ। ଏହି ମର୍ମରେ ପ୍ରଥମ ପର୍ଯ୍ୟାୟରେ ସମୁଦ୍ରକୂଳ ଥାନା ଅଞ୍ଚଳର ୧୮ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଉପଜିଲାପାଳଙ୍କ କୋର୍ଟରେ ହାଜର ହେବା ଲାଗି ପ୍ରଶାସନ ପକ୍ଷରୁ ୱାରେଣ୍ଟ ଜାରି ହୋଇଛି। ସୋମବାର ବିଭିନ୍ନ ଘଟଣାରେ ସମ୍ପୃକ୍ତ ଥିବା ୧୩ ଜଣ କୋର୍ଟରେ ହାଜର ହୋଇଥିଲେ। ୫ଜଣ ନୋଟିସର ଅବମାନନା କରି ହାଜର ହୋଇ ନ ଥିବା ଜଣାପଡିଛି। ସେମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବା ସହ ଆସନ୍ତା ୬ ତାରିଖରେ ଉପଜିଲାପାଳଙ୍କ କୋର୍ଟରେ ହାଜର କରିବା ଲାଗି ସମୁଦ୍ରକୂଳ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି।

### ପଞ୍ଚୁଦୋଳ ପାଇଁ କଣାସ ଚଳଚଞ୍ଚଳ

କଣାସ, ୨୫।୩(ସ୍ୱ.ପ୍ର.): କଣାସ ଅଞ୍ଚଳର ମୁଖ୍ୟ ପର୍ବ ପଞ୍ଚୁଦୋଳ ଯାତ୍ରା ଉତ୍ସବମୁଖର ହେବା ସହ ଚଳଚଞ୍ଚଳ ହୋଇପଡିଛି। କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଗଡ଼ସାହି, ଅଣ୍ଡାଳସିଂହ ଗ୍ରାମଠାରେ ପୃଥକ୍ ପୃଥକ୍ ଭାବେ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହେବ। କଣାସ ମେଳଣର ଆରାଧ ଠାକୁର ବୈଦ୍ୟନାଥ ଦେବ, ଦୋକନ୍ଦା ମେଳଣର ଆରାଧ ଠାକୁର ଗୋପୀନାଥ ଦେବ, ସିରେଇ ମେଳଣର ଆରାଧ ଠାକୁର ଗତିଶ୍ୱର ଦେବ, ଜଙ୍କିଆ ମେଳଣର ଆରାଧ ଠାକୁର କପିଳେଶ୍ୱର ଦେବ, ଅଣ୍ଡାଳସିଂହ ମେଳଣର ଆରାଧ ଠାକୁର ଓଁକାରେଶ୍ୱର ଦେବ ସୁସଜ୍ଜିତ ବିମାନରେ ବାଦ୍ୟ, ଘଣ୍ଟି, ଆତସବାଜି ସହିତ ନାଗାନାଚ, ଘୋଡ଼ାନାଚ ସହିତ ବିଜେ କରିବେ। ଠାକୁରମାନେ ନିଜ ଆସ୍ଥାନରେ ବସିବା ପରେ ଦିନ ଓ ରାତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଖୁଲମ୍‌ଖୁଲା ଚାଲିଛି ପଲିଥିନ ବ୍ୟବହାର

## ■ ବ୍ୟବସାୟୀଙ୍କର ନାହିଁ ଚଢାଉ ଭୟ

ପୁରୀ ଅଫିସ,୨୫।୩:

ରାଜ୍ୟ ସରକାର ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଗତବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଏହି ନିଷେଧାଦେଶ ଜାରି କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୫ ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ସମେତ ଐତିହ୍ୟ ସହର ପୁରୀରେ ଏହା ଲାଗୁ ହୋଇଛି। ଗତ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସଚେତନତା ଲାଗି ସରକାର ସମୟ ଦେଇଥିବା ବେଳେ ନଭେମ୍ବର ପହିଲାରୁ ଏହି କଟକଣା କଡାକଡି ପାଳନ ସହ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପୁରୀ ସହରରେ ଏହି ନିର୍ଦ୍ଦେଶ ପ୍ରାୟ ପାଳନ କରାଯାଉ ନାହିଁ। ଏବେ ବି ମାଲ ମାଲ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କରାଯାଉଛି। ଦୋକାନୀ ପଲିଥିନରେ ସାମଗ୍ରୀ ଦେବା ଏବଂ ଗ୍ରାହକ ଆଣିବାର ଅଭ୍ୟାସ ଏ ପର୍ଯ୍ୟନ୍ତ ବଦଳି ପାରିନାହିଁ। ଫଳରେ ପଲିଥିନ କଟକଣା ଏକପ୍ରକାର ପ୍ରହସନରେ ପରିଣତ ହୋଇଛି।

### ପାଳନ ହେଉନି ନିର୍ଦ୍ଦେଶ

ପୁରୀରେ ବହୁଳ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କରାଯାଉଥିବାରୁ କଟକଣା ଲଗାଯାଇଛି। ପଲିଥିନ ଯୋଗୁ ସହରର ଡ୍ରେନ୍ ଜାମ୍ ହେଉଥିବା ବେଳେ ବେଳାଭୂମି, ବଡ଼ଦାଣ୍ଡ ପ୍ରଭୃତି ସ୍ଥାନରେ ପ୍ଲାଷ୍ଟିକ ବୋତଲ ଏବଂ ପଲିଥିନ ଗଦା ହେଉଥିଲା। ନିଷେଧାଦେଶ ପରେ ପୌରସଂସ୍ଥା ପକ୍ଷରୁ ଧରପଗଡ଼ ହେବାରୁ କିଛିଦିନ ବ୍ୟବସାୟୀମାନେ ସତର୍କ ହୋଇଯାଇଥିଲେ। ବଡ଼ଦାଣ୍ଡ, ସମୁଦ୍ରକୂଳ ସମେତ ବିଭିନ୍ନ ଦୋକାନ ଏବଂ ଉଠାଦୋକାନରେ ଚଢାଉ ଫଳରେ ସେତେବେଳେ ବହୁ ପରିମାଣରେ ପଲିଥିନ ଜବତ କରାଯିବା ସହିତ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ହେଲେ ଧୀରେ ଧୀରେ ଧରପଗଡ଼ କମିଯିବା ପରେ ପଲିଥିନ ବ୍ୟବହାର ବହୁଳ ମାତ୍ରାରେ ଚାଲିଛି। ବଡ଼ ବଡ଼ ଦୋକାନ ସାଙ୍ଗକୁ ପନିପରିବା, ଫଳଠାରୁ ଆରମ୍ଭ କରି ତେଜରାତି ଦୋକାନ, ମାଛ ମାଂସ ଦୋକାନ, ହୋଟେଲ ଆଦି ସ୍ଥାନରେ ଖୁଲମଖୁଲା ପଲିଥିନ କାରବାର ହେଉଛି। ସେହିପରି ବିବାହ ବ୍ରତ ସମୟରେ ହେଉଥିବା ଭୋଜି ବେଳେ ବିପୁଳ ପରିମାଣର ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର କରାଯାଉଛି। ଏ ସବୁ ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ଥିଲେ ମଧ୍ୟ ଆଉ ଆଗଭଳି ଚଢାଉ ହେଉନାହିଁ। ଫଳରେ ବ୍ୟବସାୟୀମାନଙ୍କ ମଧ୍ୟରେ ଜରିମାନାର ଭୟ ନ ଥିବାରୁ ଅବାଧରେ ପଲିଥିନ ବ୍ୟବହାର ଜାରି ରହିଛି।

ଅନ୍ୟପକ୍ଷରେ ବିଘଟନ ହେଉଥିବା ପଲିବ୍ୟାଗ୍ ଦାମ୍ ଅଧିକ ରହୁଥିବାରୁ ବ୍ୟବସାୟୀମାନେ ତାକୁ କିଣି ଗ୍ରାହକଙ୍କୁ ଦେବାକୁ ପସନ୍ଦ କରୁନାହାନ୍ତି। ନିଷେଧ କରାଯାଇଥିବା ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଶସ୍ତା ହୋଇଥିବାରୁ ବ୍ୟବସାୟୀ ଏହାକୁ ଅବାଧରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସହରରେ ପ୍ରଦୂଷଣ ବୃଦ୍ଧି ପାଉଥିବାବେଳେ ଡ୍ରେନ ଜାମ୍‌ହୋଇ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଯେଉଁଥିପାଇଁ ଅସରାଏ ବର୍ଷା ହେଲେ ବଡ଼ଦାଣ୍ଡରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗତ ଜାନୁୟାରୀରେ ଜଙ୍ଗଲ ଓ ପରିବେଶ ବିଭାଗ ପୁରୀ ପୌରପାଳିକାକୁ ଚିଠି ଲେଖିଥିଲା। କଟକଣା ହେବା ପରଠାରୁ କି ପଦକ୍ଷେପ ନିଆଯାଇଛି, କେତେ ପରିମାଣର ପଲିଥିନ ଜବତ ହୋଇଛି, କେତେ ଜରିମାନା ଆଦାୟ ହୋଇଛି ତାହାର ତଥ୍ୟ ଦେବାକୁ କୁହାଯାଇଥିଲା। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ, ହରିଶ୍ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ଚଢାଉ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୬୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଣିକି ନିୟମିତ ବ୍ୟବଧାନରେ ଚଢାଉ କରାଯିବ ବୋଲି କହିଛନ୍ତି।



କେନ୍ଦୁଝର ନରଣପୁରରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସୋମବାର ପୁରୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଛନ୍ତି।

## ■ ପୁସ୍ତକ ମେଳାର ୫ମ ସନ୍ଧ୍ୟା

# ମନମୋହିଲା ଭକ୍ତି ସଙ୍ଗୀତ



ଭଜନ ସନ୍ଧ୍ୟାରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ପୁରୀ ଅଫିସ,୨୫।୩ :

ପ୍ରୟାସ ଓ ପୁରୀ ପୁସ୍ତକ ମେଳା କମିଟିର ମିଳିତ ଆନୁକୂଲ୍ୟରେ ଚାଲିଥିବା ପୁସ୍ତକ ମେଳାରେ ପାଠିକା, ପାଠକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ୫ମ ଦିନରେ ପୁସ୍ତକ ମେଳାର ବିଭିନ୍ନ ଷ୍ଟଲରେ ସ୍କୁଲ, କଲେଜ ବିଦ୍ୟାର୍ଥୀଙ୍କ ଭିଡ ଜମିଛି। ବହି କିଣା ସହିତ ଖାଦ୍ୟ ଓ ବାଣିଜ୍ୟ ମେଳାର ମଜା ନେଉଛନ୍ତି ଛାତ୍ରୀଛାତ୍ର। ସାଂସ୍କୃତିକ ସନ୍ଧ୍ୟାରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଗୁରୁ ପ୍ରକାଶ କୁମାର ରଥ, ବରିଷ୍ଠ ମର୍ଦ୍ଦଳ ବାଦକ ଜଗନ୍ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ କୁନି କଣ୍ଠଶିଳ୍ପୀ ସିପ୍ରା ମିଶ୍ର, ଦୀପ୍ତିରାଣୀ ସେଠୀ, ସଙ୍ଗୀତା ରାଉତ, ଶ୍ରୁତି ଦାଶ, ଲିପିକା ସିଂ, ଆକାଂକ୍ଷା ପ୍ରିୟଦର୍ଶିନୀ ଦଳେଇ, ଲୋପାମୁଦ୍ରା ଷଡ଼ଙ୍ଗୀ, ବସନ୍ତ କୁମାର ଦଳେଇ, ସ୍ୱସ୍ତି ଦୀପନ ମିଶ୍ର, ସିପୁନ ନାୟକ, ଶୁଭଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ ଗୋଟିଏ ପରେ ଗୋଟିଏ ମନଛୁଆଁ ଭଜନ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପରେ ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ କଳାକାରମାନେ ଆଧୁନିକ ନୃତ୍ୟ ପରିବେଷଣକରିଦର୍ଶକଙ୍କମନଜିଣିଥିଲେ।

### ସାହିତ୍ୟ ଆସର ଓ ପୁସ୍ତକ ଉନ୍ମୋଚନ

ପୁରୀ ଅଫିସ,୨୫।୩ :

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସୋମବାର ନାୟକ ପ୍ଲାଜାଠାରେ ସାହିତ୍ୟ ଆସର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏସ୍‌ସିଏସ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଭଗବାନ ଜୟସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ। ସାହିତ୍ୟିକ ସମାଜର ଗଠନମୂଳକ ଦିଗରେ ଲେଖନୀ ଚାଳନା ଲାଗି ପରାମର୍ଶ ଦେଇଥିଲେ।

ଏହି ଅବସରରେ ସୁଦୀପ୍ତା ମିଶ୍ରଙ୍କ ରଚିତ ଇଂଲିଶ ପୁସ୍ତକ ସମ୍ପର୍କ ଏକ୍ସପ୍ରେସକୁ ସାହିତ୍ୟ ଏକାଡେମୀ ସଭାପତି ମିଶ୍ର ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଡ. ବିଶ୍ୱନାଥ ମିଶ୍ର ଯୋଗଦେଇ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରି ଲେଖକଙ୍କ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଆର୍ତ୍ତତ୍ରାଣ ଶତପଥୀ, ଡ. ଉମାକାନ୍ତ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କବି ମଞ୍ଜୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖରାଦିନ ଆରମ୍ଭରୁ ଗୋପରେ ଜଳ ସଙ୍କଟ

## ■ ଟ୍ୟାଙ୍କରରେ ଜଳ ଯୋଗାଣ ପାଇଁ ଦାବି

ଗୋପ, ୨୫।୩(ଡି.ଏନ୍.ଏ.)

ଖରାଦିନ ଆରମ୍ଭରୁ ଗୋପ ବ୍ଲକରେ ଜଳସ୍ତର ଖସିବା ଫଳରେ ବେଦପୁର, ଏରବଙ୍ଗ ଏବଂ ଗୋପ ଆଦି କେତେକ ପଞ୍ଚାୟତରେ ଜଳକଷ୍ଟ ଲାଗି ରହିଛି। ଏହି ସ୍ଥାନମାନଙ୍କରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହିସବୁ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ୍ୟ କେତେକ ଗ୍ରାମକୁ ଏହି ପ୍ରକଳ୍ପ ସଂଯୋଗ ହୋଇ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ସେହିପରି କେତେକ ସ୍ଥାନରେ ପାଇପ୍ ଫାଟିଯାଇଥିବାବେଳେ କିଛି ଷ୍ଟାଣ୍ଡପୋଷ୍ଟରୁ ପାଣି ବାହାରୁ ନ ଥିବା ଅଭିଯୋଗ ହେଉଛି। ବେଦପୁର ଗ୍ରାମପଞ୍ଚାୟତର ଭଇରିପୁର, ବେଦପୁର ଶାସନ, ବାଲିକନ୍ଦଳ, ତିନିତିଅର, ହନ୍ତସୁରା, ବେଗୁନିଆ, ବାଲିସାହି, ମଲ୍ଲିକସାହି ଆଦି ଗ୍ରାମରେ ଜଳକଷ୍ଟ ଲାଗି ରହିଛି। ଫଳରେ ଦିନକୁ ଦିନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ବେଦପୁର ପଞ୍ଚାୟତସ୍ଥିତ ଦକ୍ଷିଣେଶ୍ୱରଠାରେ ନୂତନ ଭାବେ ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉ ନ ଥିବାରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କୁ ପଚାରିବାରେ ସେ କୁହନ୍ତି, ପଞ୍ଚାୟତସ୍ତରରେ ଜଳ ଯୋଗାଣ ପାଇଁ ଗ୍ରାମପଞ୍ଚାୟତକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ଏ ସମ୍ପର୍କରେ ବେଦପୁର ସରପଞ୍ଚ ଶଙ୍ଖଲତା ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ବିଭିନ୍ନ ଗ୍ରାମରୁ ଜଳ ସମସ୍ୟା ନେଇ ଅଭିଯୋଗ ପହଞ୍ଚିଛି। ଖୁବ୍‌ଶୀଘ୍ର ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯିବ।



ଓଡ଼ିଶା ଦିବସ ଅବସରରେ ସୋମବାର ପୁରୀ ପୌରସଦନଠାରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ଗୋପ ବ୍ଲକରେ ୭୦ ପ୍ରତିଶତ ଷ୍ଟ୍ରିଟ୍ ଲାଇଟ୍ ଅଚଳ

ଗୋପ, ୨୫।୩(ଡି.ଏନ୍.ଏ.):

### ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଗୋପ ବ୍ଲକର ୩୧ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ମଧ୍ୟରୁ ୭୦ ପ୍ରତିଶତ ଅଚଳ ହୋଇ ପଡ଼ିଥିବା ଜଣାପଡ଼ିଛି। ଏହାକୁ ସଚଳ କରିବା ଲାଗି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ବିଭିନ୍ନ ଛକ, ବଜାର ଓ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ଲାଗିଥିବାବେଳେ ସେଥିମଧ୍ୟରୁ ୭୦ ପ୍ରତିଶତ ଅଚଳ ହୋଇପଡ଼ିଛି। ଏପରି କି ଗୋପ ଥାନା ଓ ପାଟେଲିଆ ଛକ, ଗୋପ ଦେବୀ ବଜାର, ମା' ଖଡ଼ଗେଶ୍ୱରୀଙ୍କ ମନ୍ଦିର ନିକଟରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଏବଂ ବିଭିନ୍ନ ପଞ୍ଚାୟତରେ ଲାଗିଥିବା ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟରେ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଉଥିଲେ ମଧ୍ୟ ଏହା ପଞ୍ଚାୟତର କାର୍ଯ୍ୟ, ଆମର ଏହା ଉପରେ କିଛି କରିବାର ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଉଥିବାବେଳେ ମରାମତିରେ ପଞ୍ଚାୟତ ଗୋଟିଏ ଟଙ୍କା ଖର୍ଚ୍ଚ କରିପାରିବ ନାହିଁ ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଫଳରେ ଗୋପ ଅଞ୍ଚଳରେ ପଡ଼ିଥିବା ୯୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିରହିଛି। ତାହାକୁ ସଚଳ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ହେଉ ନ ଥିବାବେଳେ କେତେକ ସ୍ଥାନରେ ଗ୍ରାମବାସୀ ଓ କିଛି ଛୋଟ ବ୍ୟବସାୟୀ ଏହି ମରାମତି କାର୍ଯ୍ୟ ହାତକୁ ନେଇଛନ୍ତି। ଏପରି କି କିଛି ସ୍ଥାନରେ ଗ୍ରାମବାସୀ ଓ ବଜାରର କିଛି ଦୋକାନୀ ଟଙ୍କା ଆଦାୟ କରି ଏହି ଷ୍ଟ୍ରିଟ୍ ଲାଇଟ୍‌କୁ ମରାମତି କରୁଥିବା ଦେଖିବାକୁ ମିଳିଛି। ସରକାର ଜନସାଧାରଣଙ୍କ ପାଇଁ ଆରମ୍ଭ କରିଥିବା ଯୋଜନା କେତେକ କର୍ମଚାରୀଙ୍କ ଅବହେଳା ଯୋଗୁ ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଅଭିଯୋଗ ହେଉଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡୁଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ସରକାରୀ ନିୟମ ମୁତାବକ ଯାହା କିଛି ରହିଛି ସେହି ଅନୁସାରେ କାର୍ଯ୍ୟ କରିବି ବୋଲି ସେ କହିଥିଲେ।

# ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣରେ ଦିଅଁ ଜମାଣ

ବ୍ରହ୍ମଗିରି, ୨୫।୩(ଡି.ଏନ୍.ଏ.)

ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ସୋମବାର ମଧ୍ୟ ରାତ୍ରରୁ ଆରମ୍ଭ ହୋଇଛି। ସୋମବାର ମେଳଣ ପଡିଆର ଦୋଳ ବେଦୀରେ ହୋମାଦି ପୂଜାର୍ଚ୍ଚନା କରାଯାଇ ସ୍ଥାନାଧିପତି ଶ୍ରୀ ଗୋପିନାଥ ଦେବଙ୍କ ନିକଟକୁ ଆଜ୍ଞାମାଳ ପଠାଯାଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ଗୋପିନାଥଙ୍କୁ ବିଜେ କରାଯାଇ ମେଳଣ କୁଞ୍ଜରେ ଖୁଣ୍ଟ ଲାଗି ହେବା ପରେ ଗୋପିନାଥଙ୍କ ସମେତ ପଞ୍ଚୁପାଣ୍ଡବ ନିକଟସ୍ଥ ପଞ୍ଚୁଦୋଳ ମେଳଣ କୁଞ୍ଜକୁ ବିଜେ କରିଛନ୍ତି। ସନ୍ଧ୍ୟାରେ ସାହିଯାତ, ଲୋକ ନୃତ୍ୟ, ନାଗା, ମେଢ, ଘୋଡାନାଚ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ଗୋପୀନାଥ ଦେବଙ୍କ ଆଜ୍ଞାମାଳ ପଞ୍ଚୁ ପାଣ୍ଡବଙ୍କୁ ମେଳଣ କୁଞ୍ଜକୁ ପାଛୋଟି ନେଇଥିଲେ। ଆସନ୍ତା ବୁଧବାର ରାତି ୪ଟା ସମୟରେ ପାଣ୍ଡବଙ୍କର ଦୁର୍ଲ୍ଲଭ ମହାମେଳଣ ଓ ଅବିର ବର୍ଷଣ କାର୍ଯ୍ୟକ୍ରମ ହେବାର ସମୟ ନିର୍ଘଣ୍ଟ ହୋଇଛି। ୩ ଦିନ ଧରି ହେଉଥିବା ପଞ୍ଚୁଦୋଳ ମେଳଣର ପ୍ରତ୍ୟେକ ସନ୍ଧ୍ୟାରେ ସାହିଜାତ, ନାଗା, ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପଞ୍ଚୁଦୋଳ ପରିଚାଳନା କମିଟିର ସଭାପତି ଭଗବାନ ନାୟକ ଓ ସମ୍ପାଦକ ନିରଞ୍ଜନ ନାୟକ ଜଣାଇଛନ୍ତି।

# ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଅଭିଯାନ

କଣାସ, ୨୫।୩(ଡି.ଏନ୍.ଏ.):

ବିଜେଡି ପକ୍ଷରୁ ଗତ ୧୯ ତାରିଖଠାରୁ ଡେଲାଙ୍ଗ ବ୍ଲକରେ ଶୁଭାରମ୍ଭ ହୋଇଥିବା ଘରେ ଘରେ ଶଙ୍ଖ ଅଭିଯାନ ସୋମବାର ସନ୍ଧ୍ୟାରେ ସମାପନ ହୋଇଛି। ଅଭୟମୁଖୀ ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଶ୍ରୀପୁରୁଷୋତ୍ତମପୁର ସରପଞ୍ଚ ବାଲୁଙ୍କେଶ୍ୱର ମହାପାତ୍ର, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ମହିଳା ମହାସଂଘ ସଭାନେତ୍ରୀ ବିଦ୍ୟୁଲତା ସ୍ୱାଇଁ, ସମ୍ପାଦିକା ବାସନ୍ତୀ ସାହୁ, ସଂଯୋଜିକା ସ୍ୱର୍ଣ୍ଣମୟୀ ଜେନା, ବନିତା ଦାଶ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଘରେ ଘରେ ପହଞ୍ଚି ସରକାରୀ ଯୋଜନାର ସମୀକ୍ଷା କରିବା ସହ ଆଶ୍ୱାସନା ଦେଇଥିଲେ।

# ପ୍ରଚାର ପାଇଁ ଗାଡ଼ିର ଅନୁମତି ଦରକାର

## ■ ବେଆଇନ ଅର୍ଥ, ମଦ କାରବାର ଅଭିଯୋଗ ଆସିଲେ ଜବତ ହେବ

ପୁରୀ ଅଫିସ,୨୫।୩:

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ଲାଗି ପୁରୀ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ସୋମବାର ସର୍କିଟ ହାଉସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଫ୍ଲାଇଂ ସ୍କ୍ୱାଡ୍ ନିର୍ବାଚନ ଆଚରଣବିଧି ଉଲ୍ଲଂଘନର ତଦାରଖ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବ। ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ସ୍ଥାନରୁ ବେଆଇନ ପୋଷ୍ଟର, ବ୍ୟାନର, ହୋର୍ଡିଂ ହଟାଇ ଦିଆଯାଇଛି। ଏହାବ୍ୟତୀତ ବେଆଇନ ଅର୍ଥ, ମଦ କାରବାର ସମ୍ପର୍କରେ ଅଭିଯୋଗ ଆସିଲେ ସେସବୁ ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ହିସାବ ଯାଞ୍ଚ କରାଯିବ। ପ୍ରଚାର ପାଇଁ ଗାଡ଼ି, ଡାକବାଜି ଯନ୍ତ୍ର ବ୍ୟବହାର ଲାଗି ପୂର୍ବରୁ ଅନୁମତି ନେବା ଆବଶ୍ୟକ। ବିନା ଅନୁମତିରେ ପ୍ରଚାର ପାଇଁ ଗାଡି ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ହେବ। ପ୍ରତି ନିର୍ବାଚନମଣ୍ଡଳୀରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ରହିବ। ନିର୍ବାଚନୀ ସଭା, ରାଲି ଆଦିର ଭିଡିଓ ରେକର୍ଡିଂ କରାଯିବ।

ଏସ୍‌ପି ଉମାଶଙ୍କର ଦାଶ ନିର୍ବାଚନ ଆଚରଣବିଧି ଓ କାର୍ଯ୍ୟାନୁଷ୍ଠାନ ବିଷୟରେ କହିଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଦର୍ଶ ନିର୍ବାଚନ ଆଚରଣବିଧି ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ଜାଗାରୁ ଅର୍ଥ ଜବତ ହେଲେ, ତାହାର ତଦାରଖ ଲାଗି ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ବାଣିଜ୍ୟକରର ଯୁଗ୍ମ କମିଶନର ଏବଂ ଜିଲା କୋଷାଗାର ଅଧିକାରୀ ରହିଛନ୍ତି। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ୍‌ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର, ଅତିରିକ୍ତ ଏସ୍‌ପି ଧୀରେନ୍ଦ୍ର ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏବଂ ଅନ୍ୟମାନେ।

### ଫ୍ଲାଇଂ ସ୍କ୍ୱାଡ୍ ସମନ୍ୱୟ କମିଟି ବୈଠକ